

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିକଶିତ କୃଷି ଅଭିଯାନକୁ ସମ୍ବୋଧନ | ୬

କମାଲ୍ କଲେ ଶେହନାଜ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୯ | Vol. 22 No-59 | 30 MAY 2025 FRIDAY, BHUBANESWAR | ଶୁକ୍ରବାର, ୩୦ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସିବିଆଇ ଜାଲରେ ଇଡି ଡେପୁଟି ଡାଇରେକ୍ଟର

ଭୁବନେଶ୍ୱର,୨୯।୫(ଭାସ୍କର ନ୍ୟୁଜ): ଏକ ଖଣି ମାମଲାର ରଫାଦଫା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଭୁବନେଶ୍ୱର ସିବିଆଇ ଅଫିସକୁ ନିଆଯାଇ ପଚରାଉଚୁରା କରାଯାଉଛି। ଏହି ମାମଲାର ରଫାଦଫା ପାଇଁ ୫୦ଲକ୍ଷ ଟଙ୍କାର ଡିଲ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ନେଉଥିବାବେଳେ ସିବିଆଇ ମାଡ଼ି ବସିଥିଲା।

### ଶୀତଳ ଷଷ୍ଠୀପାଇଁ ୫୦ଲକ୍ଷର ଅନୁଦାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୫ (ଭାସ୍କର ନ୍ୟୁଜ): ପଶ୍ଚିମ ଓଡ଼ିଶାର ଶୀତଳଷଷ୍ଠୀ ପର୍ବକୁ ଅଧିକ ଭବ୍ୟ ତଥା ଏହାର ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ପାଣ୍ଠିରୁ ପ୍ରଦାନ କରାଯିବ। ଫଳରେ ଏହି ପର୍ବ ବେଶ୍ ସରସ ଓ ସୁନ୍ଦର ହୋଇପାରିବ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ

# କୃଷକଙ୍କ ବିକାଶ ପାଇଁ ପ୍ରତିବଦ୍ଧ




- ଭାରତ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ
- ଓଡ଼ିଶାରୁ ଆରମ୍ଭ ହେଲା ଜାତୀୟ କାର୍ଯ୍ୟକ୍ରମ
- ୧୫ଦିନ ଦେଶବ୍ୟାପୀ ଚାଲୁ ରହିବ
- ୧.୫ କୋଟି ଚାଷୀଙ୍କୁ ଭେଟିବେ ସରକାର
- ଚାଷୀଙ୍କୁ ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ ପାଇଁ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ପୁରୀ/ଭୁବନେଶ୍ୱର,୨୯।୫(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆଜି ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ 'ଏକ ପେଡ ମା କେ ନାମ' ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଥିଲେ । ସୂଚନା ଯୋଗ୍ୟ ଯେ, ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନ ରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁବାରଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଅଭିଯାନ ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବ ଏବଂ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ସେମାନଙ୍କୁ ଅବଗତ କରାଇବ। ପ୍ରତ୍ୟେକ ଜିଲ୍ଲା ସ୍ତରରେ ତିନୋଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ● ପୃଷ୍ଠା ୫ ଦେଖନ୍ତୁ

## ମାଓବାଦୀଙ୍କ ବିସ୍ଫୋରକ ଲୁଟ୍ ଘଟଣା

# ସୀମାରେ ହାଇଆଲର୍ଟ

### ଘଟଣାସ୍ଥଳରେ ଏନ୍‌ଆଇଇର ଛାନଭିନ୍

### ସିଆର୍‌ପିଏଫ୍ ଆଇଜି, କମାଣ୍ଡାଣ୍ଟ ଉପସ୍ଥିତ

### ସରଣ୍ଡା ଜଙ୍ଗଲରେ ଅପରେସନ ଜୋରଦାର



ରାଉରକେଲା,୨୯।୫(ଭାସ୍କର ନ୍ୟୁଜ): କୁଆଡ଼େ ଗଲା ଲୁଟ୍ ହୋଇଥିବା ବିସ୍ଫୋରକ। କେଜିଏ କି ଦୁଇକେଜି ନୁହେଁ, ପୁରା ୪ ଟନ୍‌ର ବିସ୍ଫୋରକ। ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ବାଙ୍କୋ ପଥରଖଣିରୁ ଲୁଟ୍ ହୋଇଥିବା ୨୦୦ ପେଟି ବିସ୍ଫୋରକର ଟେର୍ ପାଇବାରେ ପୋଲିସ ସମର୍ଥ ହୋଇନଥିବାବେଳେ ଘଟଣାସ୍ଥଳରେ ଏନଆଇଏ ଟିମ୍ ଓ ସିଆରପିଏଫ ଆଇଜି ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ଏନଆଇଏ ଟିମ୍ ଏ ନେଇ ଖୋଳତାଡ ଆରମ୍ଭ କରିଛି। ଗତ ବୁଧବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୋଲିସ କୌଣସି ସଫଳତା ପାଇବାରେ ସମର୍ଥ ହୋଇପାରି ନାହିଁ । ଏହି ଘଟଣା ପରେ ସୁରକ୍ଷା ଏଜେନ୍ସିମାନେ ତଥ୍ୟ ହାସଲ ପାଇଁ ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି। ଗତ ୨୭ ତାରିଖରେ ଏକ ଟ୍ରକ୍‌କୁ ୩୦ରୁ ୪୦ ମାଓବାଦୀ ଘେରିଯାଇ ଏହି ବିସ୍ଫୋରକ ଲୁଟି ନେଇଥିବାର ଅଭିଯୋଗ ହୋଇଥିଲା। ତେବେ ପ୍ରଶ୍ନ ଉଠୁଛି, ଏତେ ପରିମାଣର ବିସ୍ଫୋରକ ଏକ ଟ୍ରକ୍‌ରେ ଯାଉଥିବାବେଳେ ଏହାକୁ କିପରି ସୁରକ୍ଷା ଦିଆଯାଇ ନଥିଲା। ଏହାପଛରେ କ'ଣ କିଛି ବଡ଼ ଷଡ଼ଯନ୍ତ୍ର ରହିଛି କି? ଏପରି ଏକ ଚିନ୍ତା ସମସ୍ତଙ୍କୁ ଘାରିଛି। ୪୮ଘଣ୍ଟା ପୁରି ଯାଇଥିଲେ ବି ବିସ୍ଫୋରକ କିମ୍ବା ଲୁଟେରାଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ସିଆରପିଏଫ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ଓ ସିଆରପିଏଫ କମାଣ୍ଡାଣ୍ଟ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଦୁଇ ରାଜ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାକୁ ସିଲ୍‌କରି ଜୋରଦାର ଛାନଭିନ ଚଳାଇଛନ୍ତି। ସେହିପରି ରାଜ୍ୟ ପୋଲିସ ମଧ୍ୟ ବିଭିନ୍ନ ସ୍ଥାନରେ ତଦନ୍ତ ଆରମ୍ଭ କରିଛି। ସରଣ୍ଡା ଜଙ୍ଗଲରେ ସିଆରପିଏଫ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପୋଲିସ କହିଛି, ଏହି ଟ୍ରକ୍‌ରେ ୨୦୦ ପେଟି ବିସ୍ଫୋରକ ରହିଥିଲା। ଯଦି ମାଓବାଦୀମାନେ ଏହାକୁ ଲୁଟି ନେଇଥାନ୍ତି, ତେବେ ଆଗକୁ ଏକ ବଡ଼ ଅଘଟଣ ଘଟିବା ସମ୍ଭାବନାକୁ ଆଦୌ ଏଡ଼ାଇ ଦିଆଯାଇ ନପାରେ। ଗୋଟିଏପଟେ ମାଓବାଦୀମାନେ ଶାନ୍ତିପାଇଁ ଅପିଲ କରୁଥିବାବେଳେ ଅନ୍ୟପଟେ ବିସ୍ଫୋରକ ଲୁଟ୍ ଘଟଣା ସେମାନଙ୍କ ମନ୍ଦ ଉଦ୍ଦେଶ୍ୟକୁ ସୂଚାଇ ଦେଉଛି।










କେନ୍ଦୁଝର(ଭାସ୍କର ନ୍ୟୁଜ): ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଗତକାଲି କେନ୍ଦୁଝର ଜିଲ୍ଲା ସ୍ତରୀୟ ଧାନର ଏଫ.ଏ. କ୍ୟୁ. ମାନ ଓ ସାର, ବିହନ, କିଟନାଶକ, କୃଷି ଯନ୍ତ୍ରପାତି ଇତ୍ୟାଦିର ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଦରବାର ହଲ, କେନ୍ଦୁଝର ଠାରେ ଆୟୋଜିତ ହୋଇଥିଲା । ଏହି ସଭାକୁ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଦନଧର ମାହାଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଭାପତି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ କାନନ ବିହାରୀ ପହି, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସି. ଇ.ଓ. ପ୍ରମୋଦ କୁମର ଦାଶ, ଜିଲ୍ଲା କୃଷି ଅଧିକାରୀ ବିସ୍ୱଜୋଇ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ, ଇଫକୋ କ୍ଷେତ୍ର ଅଧିକାରୀ , ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, କେନ୍ଦୁଝର, ଆନନ୍ଦପୁର, ଓ ଚମ୍ପୁଆ ମଣ୍ଡଳ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆନନ୍ଦପୁର ମଣ୍ଡଳ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ସମବାୟ ସମିତିରୁ ସଭ୍ୟ/ସଭ୍ୟା । ଓ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଉପ ନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝର ସ୍ୱାଗତ ଭାଷଣ ଦେଇଥିଲେ ଓ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆନନ୍ଦପୁର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୋମା ଭିଡିବା ବେଳେ ଭୟଙ୍କର ବିସ୍ଫୋରଣ, ଜଣେ ମୃତ

## ୧୨ ଅଫୁଟା ବୋମା, ବାଇକ ଜବତ, ୩ ଅଟକ




ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମପଂଚାୟତ କୁସୁମଣ୍ଡଳଗୋପିନାଥପୁର ମନାନ ଗଡା ନିକଟରେ ବୋମା ଭିଡୁଥିଲା ବେଳେ ଭୟଙ୍କର ଭାବେ ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ଜଣେ ଦୁର୍ଦ୍ଦାନ୍ତ ଅପରାଧିର ଶୋଚନୀୟ ଭାବେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ବିସ୍ଫୋରଣରେ ଏକ କୋଠାଘର ଭାଙ୍ଗି ଚୂରମାର ହୋଇଯାଇଛି । ଏପରିକି ଏହି ଗୃହକୁ ଲାଗି ରହିଥିବା ଏକ ଘରର ଆଜବେଷ୍ଟ ଗୁଡିକ ୫୦ ମିଟର ଦୂରରେ ପଡିଥିବାର ଦେଖିବାକୁ ମିଳିଥିଲା । ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ୧୨ଟି ଅଫୁଟା ବୋମା ଏକ ଗ୍ୟାସ ସିଲିଣ୍ଡର ଓ ଏକ ବାଇକ ଜବତ କରିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଥିଲା ବେଳେ ପୋଲିସ ୪ଜଣଙ୍କୁ ଧରି ନେଇ ଥାନାରେ ଅଟକ ରଖିଥିବାର ଜଣାଯାଇଛି । ସ୍ଥାନୀୟ ଅଂଚଳର ମିର୍ଜା ହସମଦ ବେଗ ତାଙ୍କର ଭିଣୋଇ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଂଚଳର ମିଆଜ ଖାଁଙ୍କୁ ରହିବାକୁ ଏକ ଘର ଭଡାସୂତ୍ରରେ ଦେଇଥିଲେ । ସମ୍ପୃକ୍ତ ବ୍ୟକ୍ତି ଏହି ଘରେ ରହି କପଡା ବ୍ୟବସାୟ କରୁଥିଲେ । ସେହି ଘର ନିକଟରେ ତାଙ୍କର ଗୃହ ନିର୍ମାଣ ଚାଲିଛି । ତେବେ ବର୍ଷା ଯୋଗୁ ଘରକାମ ବନ୍ଦ ଥିବା କାରଣରୁ ତାଙ୍କର ଭିଣୋଇ ମିଆଜ ଖାଁ ୨ଦିନ ହେଲା କୁଜଙ୍ଗସ୍ଥିତ ତାଙ୍କ ବାସ ଭବନକୁ ଚାଲିଯାଇଥିବାର କୁହାଯାଉଛି । ଅପରପକ୍ଷରେ ଗତକାଲି ରାତ୍ରରେ ସ୍ଥାନୀୟ ଲୋକେ ଖାଇ ପିଇ ଘରେ ଶୋଇଥିଲେ । ରାତ୍ରର ବିଳମ୍ବିତ ପ୍ରହରରେ ଏକ ପ୍ରଚଣ୍ଡ ଭୟଙ୍କର ଶବ୍ଦ ହୋଇଥିଲା । ସମଗ୍ର ଅଂଚଳ ଥରି ଉଠିଥିଲା । ଏପରିକି ଚାରିଆଡେ ଧୂଆଁମୟ ହୋଇପଡିଥିଲା ।ସ୍ଥାନୀୟ ଲୋକେ ଏଥିରେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ । ତେବେ ଘଟଣାସ୍ଥଳରେ ଲୋକେ ପହଂଚି ଦେଖିଲା ବେଳକୁ ଭଡା ଦିଆଯାଇଥିବା କୋଠା ଘରଟି ଭାଙ୍ଗି ଚୂରମାର ହୋଇଯାଇଛି । ଏପରିକି ଏହି ଘରକୁ ଲାଗି ରହିଥିବା ଆଜବେଷ୍ଟଗୁଡିକ ଭାଙ୍ଗିରୁଜି ଯାଇ ୫୦ମିଟର ଦୂରରେ ପଡି ରହିଥିଲା । ଘର ମଧ୍ୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ କରୁଣ ଚିତ୍କାର କରୁଥିବାର ଦେଖି ସ୍ଥାନୀୟ ଲୋକେ ନେମାଳ ଥାନା ପୋଲିସକୁ ଖବର ଦେଇଥିଲେ । ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ମୃତ ବ୍ୟକ୍ତି ଜଣକ ହେଉଛନ୍ତି ସ୍ଥାନୀୟ ଦାଉଦପୁର ଗ୍ରାମପଂଚାୟତ ନାହାଳପୁର ଗ୍ରାମର ମିର୍ଜା ବୋରାନ ବେଗଙ୍କ ପୁତ୍ର ମିର୍ଜା ଆକବର ବେଗ ଓରଫ ଦୁଖା(୪୭) ବୋଲି ଜଣାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଦୁଖା ଜଣେ ଦୁର୍ଦ୍ଦାନ୍ତ ଅପରାଧି ରୂପେ ପରିଚିତ । ଓଡିଶାର ବିଭିନ୍ନ ଥାନାରେ ତା ନାମରେ ଏକାଧିକ ମାମଲା ରହିଥିବାର ଜଣାଯାଇଛି । ସେହିପରି ଭାବେ ୨ବର୍ଷ ତଳେ ବୋମା ଭିଡୁଥିଲା ବେଳେ ବିସ୍ଫୋରଣ ହେତୁ ଦୁଖାର ଜଣେ ପୁତୁରା ଅକାଳରେ ମୃତ୍ୟୁ ବରଣ କରିଥିବା ଘଟଣା କାହାରିକୁ ଅଛପା ନାହିଁ । ସକାଳେ ସାଲେପୁର ଏସଡିପିଓ ବିରଂଚି ନାରାୟଣ ପତି, ନେମାଳ ଥାନା ଆଇଆଇସି ସୁଶିଳ କୁମାର ନାୟକ ପ୍ରମୁଖ ପୋଲିସ କର୍ମଚାରୀଙ୍କ ସହାୟତାରେ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ କରିଥିଲେ । ପୋଲିସ ଘଟଣାସ୍ଥଳରୁ ୧୨ଟି ଅଫୁଟା ବୋମା, ଗୋଟିଏ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ବାଇକ୍‌କୁ ଜବତ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ । ଏହି ରହସ୍ୟ ଜନକ ଘଟଣାରେ ପୋଲିସ ୪ଜଣଙ୍କୁ ଧରିନେଇ ଥାନାରେ ଅଟକ ରଖିଥିବାର ଜଣାଯାଇଛି । ତେବେ ପୋଲିସ ପ୍ରଶାସନ ଦ୍ୱାରା ସ୍ଥାନୀୟ ଅଂଚଳରେ ଚଢାଉ କରାଗଲେ ବହୁ ଲୁକାୟିତ ଅପରାଧର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବର୍ଷାପାଣି ଓ ଷଣ୍ଢଗାଈଙ୍କ ଅବସ୍ଥାନ ଯୋଗୁଁ ଯାତାୟାତରେ ବ୍ୟାଘାତ, ପ୍ରଶାସନର ଦୃଷ୍ଟି ପଡୁ



ପାରାଦୀପ(ଭାସ୍କର ନ୍ୟୁଜ): ଲଗାଣ ବର୍ଷା ଯୋଗୁଁ ବନ୍ଦର ସହର ପାରାଦୀପରେ ବିଭିନ୍ନ ମୁଖ୍ୟ ଓ କଲୋନୀ ରାସ୍ତାର ଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଅସରାଏ ବର୍ଷ ରେ ରାସ୍ତାରେ ବର୍ଷା ଜଳ ଜମି ରହି ସାଧାରଣ ଯାତାୟାତ ରେ ଅସୁବିଧା ସୃଷ୍ଟି ହୋଇଛି । ତେବେ ଜନଗହଳି ପୂର୍ଣ୍ଣ ଥାନା ଛକଠାରୁ ବଡ଼ପଡ଼ିଆ ଦେଇ ଜୟଦେବ ସଦନ ମୁଖ୍ୟ ରାସ୍ତାରେ ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ନିଷ୍କାସନ ନହୋଇପାରି ଜାମ ରହୁଥିବାରୁ ସାଧାରଣରେ ଯାତାୟାତ କଷ୍ଟକର ହୋଇପଡ଼ିବା ସହିତ ଦୁଇ ଚକିଆ ଓ ଚାରିଚକିଆ ଯାନ ଯିବା ଆସିବା ଦ୍ୱାରା ପଥଚାରୀଙ୍କ ଉପରେ ପାଣି ଛିଟା ପଡୁଥିବା ଏବଂ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ତେବେ ବର୍ଷା ଦିନ ପୂର୍ବରୁ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଡ୍ରେନ ନିର୍ମାଣ ଓ ମରାମତି ସହିତ ବର୍ଷାଜଳ ସହଜରେ ନିଷ୍କାସନ ପାଇଁ ଡ୍ରେନ ଗୁଡ଼ିକୁ ସଫା କରାଯାଇଛି । ତେବେ ସଠିକ ଭାବେ ରାସ୍ତା ନିର୍ମାଣ ଓ ମରାମତି କରାଯାଇ ନଥିବାରୁ ବର୍ଷା ଜଳ ରାସ୍ତାରେ ଜମା ହୋଇ ରହୁଥିବା ଅଭିଯୋଗ ହୋଇଛି । ସେହିପରି ମୁଖ୍ୟ ରାସ୍ତା ମାନଙ୍କରେ ଗାଈ ଓ ଷଣ୍ଢ ମାନଙ୍କ ବିରାଜମାନ ଯୋଗୁଁ ସାଧାରଣରେ ଯିବାଆସିବା ଓ ଗାଡି ଚଳାଚଳ ରେ ଅସୁବିଧା ସୃଷ୍ଟି ହୋଇଛି । ତେଣୁ ତୁରନ୍ତ ରାସ୍ତା ମାନଙ୍କରୁ ବର୍ଷା ଜଳ ନିଷ୍କାସନ ଓ ଷଣ୍ଢ ଗାଈଙ୍କୁ ରାସ୍ତାରୁ ହଟାଇବା ନିମନ୍ତେ ଉଭୟ ପାରାଦୀପ ବନ୍ଦର ଓ ପୌର ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି ।

# ଓୟୁଏଟିର ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥ କୃଷି ଇଞ୍ଜିନିୟରିଂ କଲେଜର ୫୭ ତମ ବାର୍ଷିକ ଉତ୍ସବ ତଥା ଆନ୍ତର୍ଜାତିକ ଯୋଗ ଉତ୍ସବ ପରିସରରେ ପାଳିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଐତିହ୍ୟ, କୃଷି ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହା ସହିତ କୃଷିର ବିଭିନ୍ନ ଯାନ୍ତ୍ରିକ ଉପକରଣ ବ୍ୟବହାର ସହିତ ବୈଜ୍ଞାନିକ ପ୍ରଣାଳୀରେ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ଆହ୍ୱାନ ଦେଇଥିଲେ । ଉତ୍ସବରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡଃ ଚନ୍ଦ୍ରଶେଖର ପାଢୀ ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରି ବୈଷୟିକ ଜ୍ଞାନ ପ୍ରୟୋଗ ଦ୍ୱାରା କୃଷିକ୍ଷେତ୍ରରେ ଜଳର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଛାତ୍ର ସଂସଦ ଉପଦେଷ୍ଟା ଡଃ ରମାଶଙ୍କର ପାତ୍ର ସ୍ୱାଗତ ଭାଷଣ ରଖିଥିଲେ । ନୂଆଦିଲ୍ଲୀରୁ ଆସୁଥିବା କେନ୍ଦ୍ର କୃଷିମନ୍ତ୍ରୀଙ୍କ ଓଡ଼ିଶାରେ କୃଷି ବିକାଶ ଅଭିଯାନ ସମାରୋହ ପ୍ରସ୍ତୁତି ବୈଠକରେ ଯୋଗଦେବା ପାଇଁ ଯାଇଥିବାରୁ କଲେଜ ଅଧ୍ୟକ୍ଷ ପ୍ରଫେସର ସଂଜୟ କୁମାର ଦାଶ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ଶୁଭେଚ୍ଛା ବାର୍ତ୍ତା ଦେବା ସହିତ କଲେଜର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଇଥିଲେ । ଏହାପରେ ଛାତ୍ର କମିଟି ଅଧ୍ୟକ୍ଷ ସୁମିରନ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହିତ କଲେଜର ବିଭିନ୍ନ ଅସୁବିଧା ଉପସ୍ଥାପନ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର, ଅଧ୍ୟାପକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ବୋଲି ବୈଜ୍ଞାନିକ ଡଃ ଦେବୀପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି ।

# ସୋରୋଡା ତହସିଲରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ସୋରୋଡ(ଭାସ୍କର ନ୍ୟୁଜ): ସୋରଡା ତହସିଲଦାର ଭାବେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କଠାରୁ ନୂତନ ତହସିଲଦାର ଭାବେ ମଧୁସ୍ମିତା ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । କଳାକୃଷ୍ଣ ପ୍ରଧାନ ଅତିରିକ୍ତ କାର୍ଯ୍ୟଭାର ନେଇ ଦାଇତ୍ୱ ହସ୍ତାନ୍ତର କରିଛନ୍ତି । ସୋରୋଡା ତହସିଲଦାର ଭାବେ ବେଲଗୁଣ୍ଠା ତହସିଲଦାର ଉଭୟ କାର୍ଯ୍ୟଭାର ତୁଲାଉଥିଲେ । ବର୍ତ୍ତମାନ ନୂତନ ତହସିଲଦାର ମଧୁସ୍ମିତା ବେହେରା ଏଥିପୂର୍ବରୁ ସେ ରାୟଗଡାରେ ଡେପୁଟି କଲେକ୍ଟର ଭାବେ ଦାୟିତ୍ୱରେ ଥିଲେ । ରାଜ୍ୟ ସରକାରଙ୍କ ରାଜସ୍ୱ କ୍ଷେତ୍ରରେ ଜମି ଓ ମୋଟେସନ, ମାଟିର ଡୋକାଲାଗଣ ବ୍ୟବସ୍ଥାକୁ ସଠିକ ଓ ବ୍ୟବସ୍ଥିତ କରିବା ନେଇ ପ୍ରମୁଖ କାର୍ଯ୍ୟଭାର ଉପରେ ଅଧିକ ଫୋକସ ରହିବ ବୋଲି ନୂତନ ତହସିଲଦାର କହିଛନ୍ତି । ତହସିଲର ଜନସାଧାରଣଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେବା ସମ୍ପର୍କେ କହିଛନ୍ତି । ତହସିଲର ଅତିରିକ୍ତ ତହସିଲଦାର ଦୀନବନ୍ଧୁ ପିଙ୍ଗୁଆ, ସୋରୋଡା ରାଜସ୍ୱ ନିରୀକ୍ଷକ ଜ୍ୟୋତିର୍ମୟୀ ପଟ୍ଟନାୟକ, ଅନ୍ୟ ଷ୍ଟାଫ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନ

ମାଲକାନଗିରି(ଭାସ୍କର ନ୍ୟୁଜ): ସମବାୟ ବିଭାଗର ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ମାଲକାନଗିରି ଡିଆରସିଏସ କାର୍ଯ୍ୟାଳୟ ଏବଂ ଲ୍ୟାମ୍ପ କର୍ମଚାରୀ ପକ୍ଷରୁ ମାଲକାନଗିରି ଚିକିତ୍ସାଳୟ ପରିସରେରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାଲକାନଗିରି ଡିଆରସିଏସ-ଥିଅପିଲା ଶବର, ଏମଆଇ-ଅର୍ଜୁନ ଚରଣ ମହନ୍ତ, ଏସଏଆରସିଏସ-ସଞ୍ଜୀୟ କୁମାର ଦାସ, ଏମଡି-ଅଭିମନ୍ୟୁ ନାୟକ, ବିଆଇସି-ଆଲୋକ ଭୂୟାଁ କାର୍ଯ୍ୟକ୍ରମକୁ ପରିଚୋଳନା କରିଥିଲେ ।

# ଶିକ୍ଷା କ୍ଷେତ୍ରରେ ପଛୁଆ ଛାତ୍ରଙ୍କୁ ବରିଷ୍ଠ ନାଗରିକ ମଞ୍ଚର ଶିକ୍ଷାଦାନର ନିଆରା ପ୍ରୟାସ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଅଜ୍ଞାନତାର ଅମା ଅନ୍ଧକାରରୁ ଯାହା ମାଧ୍ୟମରେ ସମାଜରେ ଜ୍ଞାନର ଆଲୋକ ବିଚ୍ଛୁରିତ ହୁଏ, ତାହାହିଁ ଶିକ୍ଷା ।ଏହି ଶିକ୍ଷା ପଦ୍ଧତିକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କିଛି ଛାତ୍ର ଶିକ୍ଷାଲାଭ କ୍ଷେତ୍ରରେ ପଛୁଆ ହୋଇ ରହି ଯାଉଛନ୍ତି । ସରକାରୀ ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ପଛୁଆ ରହୁଥିବା ଏହି ଛାତ୍ରଛାତ୍ରୀଙ୍କୁ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶିକ୍ଷାଦାନ, ସମସ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମତା ରକ୍ଷାର ନିଆରା ପ୍ରୟାସ ବୋଲି ସଭାପତି ଶିକ୍ଷାବିତ ଡ଼ଃ ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଗାନ୍ଧୀ ସେବାଶ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକ ଓ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ସେବାଶ୍ରମର ଛାତ୍ରଛାତ୍ରୀଙ୍କୁ ଗତ ୧ରୁ ୨୫ରିଖ ପର୍ଯ୍ୟନ୍ତ ଶିକ୍ଷାଦାନର ଏହି ଅଭିନବ ପଦକ୍ଷେପ ଏକ ଆଦର୍ଶ ସୃଷ୍ଟି କରିଛି । ଶିକ୍ଷା କ୍ଷେତ୍ରରେ ପଛୁଆ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ କରି ସମତା ବଜାୟ ରଖିବା ପାଇଁ ବରିଷ୍ଠ ମଞ୍ଚର ଏହି ପ୍ରୟାସ ସମାଜକୁ ଏକ ନୂତନ ବାର୍ତ୍ତା ବହନ କରେ ବୋଲି ସଭାରେ ମତପ୍ରକାଶ ପାଇଥିଲା । ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିଦ୍ଧେଶ୍ୱର ତ୍ରିପାଠୀ, ବିକାଶ କୁମାର ଧର, ବିଶିଷ୍ଟ ଶିକ୍ଷାବିତ ଜିତାରାମ ଦେ, ସମ୍ପାଦକ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଢେଙ୍କାନାଳ ସମାଚାର

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ମେରାମଣ୍ଡଳୀରେ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ମେରାମଣ୍ଡଳୀରେ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଏକ ପିରିୟଡ୍ ଅନୁକୂଳ ଦୁନିଆ ପାଇଁ ଏକତ୍ରୀତ ହେବା' । ଏହି ପରିପ୍ରେକ୍ଷୀରେ ମେରାମଣ୍ଡଳୀ ଅଂଚଳର ପାଇକ ପୁରୁଣାକୋଟ, ଶ୍ରିଦ୍ଧି ଓ କୋରେଇଗାଡ଼ିଆ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଚେତନତା ସୃଷ୍ଟି ସହ ସୁରକ୍ଷିତ ଋତୁସ୍ରାବ ଅଭ୍ୟାସ ଓ ଏ ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂର କରିବା ଲକ୍ଷ୍ୟ ନେଇ ଆୟୋଜନ ଏହି କାର୍ଯ୍ୟକ୍ରମରେ କିଶୋରୀ, ବାଳିକା ଓ ମହିଳା ସାମିଲ ହୋଇଥିଲେ । ପାଇକ ପୁରୁଣାକୋଟ ପଂଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ୟୁନାଇଟେଡ ନେସନ୍ସ ଫଣ୍ଡ ଫର ପପୁଲେସନ (ୟୁଏନ୍ଏଫ୍ପିଏ)ର ପ୍ରଜନନ ଓ କିଶୋରୀସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ଚୟନିକା ମିଶ୍ର ପରିଚାଳନା କରିଥିଲେ । ଏହି ଅଧିବେଶନରେ ସୁରକ୍ଷିତ ଓ ସ୍ୱଚ୍ଛ ଋତୁସ୍ରାବ ଉପକରଣ ବ୍ୟବହାର, ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍ ପ୍ରସ୍ତୁତି ପ୍ରଦର୍ଶନୀ ସହ ଋତୁସ୍ରାବକୁ ନେଇ ରହିଥିବା ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂର କରାଯାଇଥିଲା । ଏହାସହିତ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜନସ୍ୱାସ୍ଥ୍ୟ ଟିମ୍ ଆତ୍ମ-ସ୍ତନ ପରୀକ୍ଷା ଉପରେ ଏକ ଅଧିବେଶନ ଆୟୋଜନ କରାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କ ହିମୋଗ୍ଲୋବିନ୍ ସ୍ତରର ସ୍କ୍ରିନିଂ କରାଯାଇଥିଲା, ଯାହା ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଅଂଶ । ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜନ ସ୍ୱାସ୍ଥ୍ୟ ଟିମ୍ ନେତୃତ୍ୱରେ ଶ୍ରିଦ୍ଧି ଓ କୋରେଇଗାଡ଼ିଆ ଗାଁର ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ସ୍ୱାସ୍ଥ୍ୟକର୍ମୀ ଓ କିଶୋରୀ ବାଳିକାମାନେ ସାମିଲ ହୋଇଥିଲେ । ମହିଳାଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଏବଂ ବାଳିକା ସଶକ୍ତୀକରଣ କ୍ଷେତ୍ରରେଟାଟା ଷ୍ଟିଲ୍ ଫାଉଣ୍ଡେସନଏଭଳି ଅଭିଯାନ ମାଧ୍ୟମରେ କମ୍ପାନୀର ପ୍ରୟାସକୁ ଜାରିରଖିଛି ।

# ସ୍ନାତକ ତୃତୀୟ ବର୍ଷ ପରୀକ୍ଷାରେ ଇ- ଟେକ୍ ଆବାସିକ ଡିଗ୍ରୀ ମହାବିଦ୍ୟାଳୟର ସଫଳତା



ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକ ତୃତୀୟ ବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଢେଙ୍କାନାଳ ଜିଲ୍ଲାର ଗଣେଶ ବଜାରସ୍ଥିତ ଇ- ଟେକ୍ ଆବାସିକ ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ଏହି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଦେଇଥିବା ୧୦୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ଏମାନଙ୍କ ମଧ୍ୟରୁ ଛାତ୍ରୀ ସ୍ମିତା ପ୍ରିୟଦର୍ଶିନୀ ଓ ସୁଚିସ୍ମିତା ବେହେରା ଆଇଆଇଟି ଜେଏଏମ୍ ପରୀକ୍ଷାରେ ସଫଳତା ହାସଲ କରିଥିବାବେଳେ ଚନ୍ଦ୍ରିକା ବେହେରା ଏଇଞ୍ଜର ପରୀକ୍ଷାରେ ସଫଳତା ଲାଭ କରି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ଜିତେନ୍ଦ୍ରପଲେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର କଠୋର ପରିଶ୍ରମ ଏବଂ ଅଧ୍ୟାପକ, ଅଧ୍ୟାପିକାଙ୍କର ଉତ୍ତମ ଶିକ୍ଷାଦାନ ଫଳରେ ମହାବିଦ୍ୟାଳୟ ଏହି ସଫଳତା ପାଇପାରିଛି ବୋଲି ସୂଚନା ଦେଇଛନ୍ତି ।

# ପୂଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଇଙ୍କ ୩୦୦ତମ ଜୟନ୍ତୀ ପାଳିତ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ନାରୀଶକ୍ତିର ଜୀବନ ଗାଥା ଏବଂ ରାଜମାତାରୁ ଲୋକମାତା ସାଜିଥିବା ପୁଣ୍ୟଶ୍ଳୋକ ରାଣୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ଅବସରରେ ଢେଙ୍କାନାଳ ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ କର୍ମଶାଳାରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମାତୃଶକ୍ତିଙ୍କୁ ସମ୍ବୋଧିତ କରି ମାତୃ ଜାତି ପାଇଁ ପ୍ରେରଣାର ଉତ୍ସ ସାଜିଥିବା ତଥା ମହିଳା ସଶକ୍ତିକରଣର ମହାନ ପ୍ରତୀକ ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜୀବନୀ, ସଂସ୍କୃତି ଏବଂ ସାମାଜିକ ଦାଇତ୍ୱବୋଧ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଅନୁଷ୍ଠିତ ଏହି କର୍ମଶାଳାରେ ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ପୌରାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଗଁଦିଆ ପଂଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପରଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ଇତିଶ୍ରୀ ସାହୁ, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଣୀ ଅହଲ୍ୟାବାଇ ନାରୀ ଜାତିର ଏକ ପ୍ରତୀକ ଓ ଆଦର୍ଶ, ତାଙ୍କ ଧୈର୍ଯ୍ୟ, ସାହସ, ସେବାମନୋବୃତି ଓ ସୁଶାସନ ପାଇଁ ୩୦୦ବର୍ଷ ପରେ ବି ଦେଶ ତାଙ୍କୁ ମନେ ରଖିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୁନୁବାଳା ରାଉତ, ରତ୍ନପ୍ରଭା ପଣ୍ଡା, ବ୍ରଜେଶ୍ୱର ଦାସ, ମାମିନା ସ୍ୱାଇଁ, ଯମୁନା ଟୁଡୁ, ନିବେଦିତା ରାଉତ, ଦମୟନ୍ତୀ ପାଣି, ଏଲିନା ଭୁତିଆ, ମାଳବିକା ସ୍ୱାଇଁ, ଲିଜା ପୁହାଣ, ରୀନାରାଣୀ ବେହେରା, ସ୍ୱର୍ଣ୍ଣମୟୀ ରାଉତ, ପ୍ରଶାନ୍ତି ବେହେରା, ଲକ୍ଷ୍ମୀପ୍ରିୟା ଦଳେଇ, ସୁମିତ୍ରା ମଲ୍ଲିକ, ସୋନି ସାହୁ, ଜ୍ୟୋତ୍ସ୍ନା ବିଶ୍ୱାଳ, ରୁନୁବାଳା ସାହୁ, ସସ୍ମିତା ସାହୁଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ନେତ୍ରୀ ସଂଯୁକ୍ତା ହୋତା ଧନ୍ୟବାଦ ପ୍ରଦାନ କରିଥିଲେ ।

## ମହିମାଗାଦିର ବିକାଶ ଓ ଶୂନ୍ୟ ମଣ୍ଡପ ପାଇଁ ୧୭୧ କୋଟି ଟଙ୍କା ମଞ୍ଜୁର

# ମୁଖ୍ୟମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ବିଜେପିର ଧନ୍ୟବାଦ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ମହିମାଗାଦିର ବିକାଶ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ୧୭୧ କୋଟି ଟଙ୍କା ମଞ୍ଜୁର କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମାନ୍ୟବର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଦଳର ବରିଷ୍ଠ ନେତା ତଥା ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ସୁନିଲ୍ ଶର୍ମା, ନଗରପାଳିକା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପରଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳାମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ କୁମାର ମହାନ୍ତି, କୋଦଣ୍ଡଧର ସାହୁ, ସାଂସଦ ଓ ମନ୍ତ୍ରୀଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ରାଉତ, ନିରୋଦ କୁମାର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା । ପ୍ରକାଶଥାଉକି, ଗତ ଫେବୃଆରୀ ୨୫ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋରନ୍ଦାସ୍ଥିତ ମହିମାଗାଦି ଗସ୍ତ କରି ମହିମା ସମାଜର ସାଧୁମାନଙ୍କ ସହ ଆଲୋଚନା କରି ମହିମାଗାଦୀର ସାମଗ୍ରୀକ ଉନ୍ନତିକରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ଢେଙ୍କାନାଳ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ସମବାୟ ବର୍ଷ- ୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଢ଼େଙ୍କାନାଳ ଜିଲ୍ଲା ସ୍ତରୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳରମେଶ ଚନ୍ଦ୍ର ସେଠି ଯୋଗଦେଇ, ସମସ୍ତଙ୍କ ସହଯୋଗରେ ସମବାୟ ଆନ୍ଦୋଳନ ସଫଳ ହୋଇପାରିଛି ଏବଂ ଆମେ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛେ ବୋଲି ମତବ୍ୟକ୍ତ କରିଥିଲେ । ସମବାୟ ସମିତିର ପ୍ରତ୍ୟେକ କାର୍ଯ୍ୟକ୍ରମ ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚିଲେ କୃଷି ଓ ପଶୁପାଳନ ବ୍ୟାପକ ହୋଇପାରିବ ଓ ସମସ୍ତେ ପ୍ରକୃତ ସୁଫଳ ପାଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ସମବାୟ ସମିତି ସହଯୋଗରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀ, ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରମୁଖ ସମବାୟ ସମିତି ମାଧ୍ୟମରେ କରାଯାଉଥିବା ବିଭିନ୍ନ କୃଷି ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ସମବାୟ ସମିତି ସଭାପତି, ସଂପାଦକ ଓ ଅଗ୍ରଣୀ ଚାଷୀ ଭାଇଭଉଣୀଙ୍କୁ ଅବଗତ କରାଇଥିଲେ । ସମବାୟ ସମିତିର ଉପ-ନିବନ୍ଧକ ସରୋଜିନୀ ଜେନା ସ୍ୱାଗତ କରି ସମବାୟ ଓ କୃଷି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ୧୧୬ ପ୍ରାଥମିକ କୃଷି ସମବାୟ କେନ୍ଦ୍ରର ଆଧୁନିକୀକରଣ କରାଯାଇ ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କୁ ଗୋପାଳନ, କୁକୁଡ଼ା ଚାଷ, ମତ୍ସ୍ୟ ଚାଷ ଏବଂ ପନିପରିବା ଓ ଧାନଚାଷରୁ ଅଧିକ ଉତ୍ପାଦନ ହୋଇପାରିବ ସେ ସଂପର୍କରେ ବୁଝାଇ କହିଥିଲେ । ଜିଲ୍ଲା ଶ୍ରେଷ୍ଠ ସମବାୟ ସମିତି ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପରିଚାଳନା କରିଥିଲେ । ହିନ୍ଦୋଳ ସମବାୟ ସମିତି ବରିଷ୍ଠ ସହକାରୀ ନିବନ୍ଧକ ବିରଜାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

MANAPPURAM FINANCE LTD.
CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

**ନିଲାମୀ ସୂଚନା**

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.06.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଅନୁଗୁଳ, ବଅଁରପାଳ, 136160730065175, ବାଇ ପାସ୍ ଛକ, ତାଳଚେର, 133420700037936, 7988, 133420730034839, ବଲାଙ୍ଗିର , ବଲାଙ୍ଗୀର, ଓଡ଼ିଶା, 127480700060689, 0690, 127480730020091, ମେଡିକାଲ୍ କଲେଜ୍ ରୋଡ୍, ବଲାଙ୍ଗୀର, 138790730021302, ଟିଟ୍‌ଲାଗଡ଼, 137970730022452, 2541, ବାଲେଶ୍ୱର, ଜଳେଶ୍ୱର, 134990730048842, 8843, 134990780000241, ମୋତିଗଞ୍ଜ ବଜାର, ବାଲେଶ୍ୱର, 134530700031947, 1954, 2005, 2011, 134530730028831, 8901, ନୀଳଗିରି ସଦର, ଓଡ଼ିଶା, 126810700052224, 126810730048757, 8776, 8785, ପୋଲିସ୍ ଲାଇନ୍ ଛକ, 112340700075506, 5614, 112340730077155, 7178, ସୋରୋ ଷ୍ଟେଶନ୍ ରୋଡ୍, 137580700005771, 5789, 5792, 137580730031906, 2054, ବରଗଡ଼, ବରଗଡ଼, ଓଡ଼ିଶା, 125190700044435, 125190730022547, 2589, ଭାଟଲି ଛକ, ବରଗଡ଼, ଓଡ଼ିଶା, 133440700046832, ପଦ୍ମପୁର, 137710730045003, ଭଦ୍ରକ, ଅଗରପଡ଼ା, ଭଦ୍ରକ, 139330700008028, 8053, ବାସୁଦେବପୁର, 137600700008612, 8643, 137600730050373, 0374, 137600780000213, ଚରମ୍ପା, ଭଦ୍ରକ ଟାଉନ୍, 134600700043766, 134600730083755, କଚେରୀ ବଜାର, 111990700099218, 111990730078042, 8088, କଟକ, ବକ୍ସିବଜାର ରୋଡ୍, 109360700055110, 5156, 109360730051043, ବାଙ୍କି, 137530700008049, 8064, 137530750000180, 137530780000162, ଚଣ୍ଡି ମନ୍ଦିର, ଓଡ଼ିଶା, 119790700046768, 119790730036726, ଚୌଧୁରୀ ବଜାର, 112470700050954, 112470730038376, ଗନ୍ଧରପୁର, ଓଡ଼ିଶା, 124480730031551, 1711, ଜଗତପୁର, ଓଡ଼ିଶା, 116700700058852, 8855, କେନ୍ଦ୍ରାପଡ଼ା, 114570730085868, ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର, 120460700049397, 120460730074800, 120460780001564, ମହାନଦୀ ବିହାର, 131580730040110, ନୟାବଜାର, କଟକ, 118530700040676, 118530730038452, ନିଆଳୀ, 135000700049709, 9730, 135000730140118, 0359, 0505, 0570, ସତୀଚଉରା ଛକ, 110980700053356, 3376, 110980730043772, 4048, 4079, 4080, ଢ଼େଙ୍କାନାଳ, ଭୁବନ, 138880730065627, କାମାକ୍ଷା ନଗର, 138910700007896, 138910730042507, ଗଞ୍ଜାମ, ଆସ୍କା ରୋଡ୍, 110540700051332, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 109090730077136, ଛତ୍ରପୁର, ଓଡ଼ିଶା, 128060700048441, 128060730052652, 2674, 2755, ଜନନ ହସ୍‌ପିଟାଲ୍ ରୋଡ୍ - ବ୍ରହ୍ମପୁର, 122350700040142, ଜଗତସିଂହପୁର, ଦୁର୍ଗା ବଜାର, 111100700096442, 6443, 6445, 6451, 6457, 6458, 6507, 111100730116188, 6365, 6366, 6384, ଜଗମରା, ଓଡ଼ିଶା, 133300700040864, 0865, 133300730045043, ଜଗତସିଂହପୁର ବସ୍ ଷ୍ଟାଣ୍ଡ, 138530730035384, 5467, 5469, 5482, 5543, ଜଗତସିଂହ ପୁର, ଓଡ଼ିଶା, 126530730051100, ପାରାଦୀପ, 137120700009095, 9100, 9131, 137120730087821, 8002, ଯାଜପୁର, ବ୍ରହ୍ମବରଦା, 138780700005369, ଚଣ୍ଡିଖୋଲ, ଓଡ଼ିଶା, 116880700050133, 0145, 0147, 116880730075036, 5051, ଯାଜପୁର ରୋଡ୍, 115520700072491, 2522, 2541, 115520730126123, 6126, 6145, ଯାଜପୁର ଟାଉନ୍, ଓଡ଼ିଶା, 119780730099413, 9513, 9766, ଯାଜପୁର, ହରିପୁର, 138580730038883, 9002, ଝାରସୁଗୁଡ଼ା, ଝାରସୁଗୁଡ଼ା, 119440700089847, କେନ୍ଦ୍ରାପଡ଼ା, କାକଟ ଛକ, କେନ୍ଦ୍ରାପଡ଼ା, 127860700040361, 0371, କେଶପୁର ବଜାର, କେନ୍ଦ୍ରାପଡ଼ା, 138450730035718, ପଟ୍ଟାମୁଣ୍ଡାଇ, ଓଡ଼ିଶା, 128180700048972, 128180730148614, କେନ୍ଦୁଝର, ଆନନ୍ଦପୁର, 138250730050542, 0544, 0549, ଯୋଡ଼ା (ଜୋଡ଼ା), 138380700006515, 6521, 138380730013206, କେନ୍ଦୁଝର, 137430730048241, 8270, ଖୋର୍ଦ୍ଧା, ଅଶୋକ ନଗର, ଓଡ଼ିଶା, 112130700035941, 5969, 5990, 5991, 6001, 112130730039323, 9324, 9570, 9686, 9824, 9835, 9836, 9914, 9919, 9920, 9921, 9922, 9923, ବାଲୁଗାଁ, ଓଡ଼ିଶା, 126000700056669, 126000730105220, ବାପୁଜୀ ନଗର ଭୁବନେଶ୍ୱର, 127030700054079, 4179, 4180, 127030730076428, କଲେଜ୍ ରୋଡ୍, ଜଟଣୀ, 138690730042929, 2930, 2931, 3000, ଜଟଣୀ, ଖୋର୍ଦ୍ଧା, 118650700072081, ଖଣ୍ଡଗିରି ଛକ, ଓଡ଼ିଶା, 128380700062362, 2381, 2388, 128380730089929, 128380730090203, 0307, 0579, 0580, 0616, ଖୋର୍ଦ୍ଧା, 111850730108881, 8895, ଖୋର୍ଦ୍ଧା ମେନ୍ ରୋଡ୍, 138090730063420, 3439, ନୟାପଲ୍ଲୀ, 111050730116361, 6629, 6762, 111050780000632, ପଟିଆ, ଭୁବନେଶ୍ୱର, 138540730022543, 2600, ରସୁଲଗଡ଼ ଛକ, ଭୁବନେଶ୍ୱର, 119030700050873, 0881, 0944, 119030730126449, 6450, 6451, 6466, 6817, 6830, 6831, 6916, ସହୀଦ ନଗର, 111430700065945, 5952, 5953, 111430730079000, 9131, କୋରାପୁଟ, ଜୟପୁର, 138700730028058, କୋରାପୁଟ, 139070730019905, ସୁନାବେଡ଼ା, 138610730029212, 9216, ମୟୂରଭଞ୍ଜ, ଭଞ୍ଜପୁର, ବାରିପଦା, 138970730014837, କରଞ୍ଜିଆ, 138180730025405, କେସି ସର୍କଲ, 111710700038474, 111710730048810, ରାଇରଙ୍ଗପୁର, 137540730013858, ଷ୍ଟେଶନ୍ ରୋଡ୍ ବାରିପଦା, 135290700027831, ଉଦଳା, 137550700009757, ନୟାଗଡ଼, ରାଣପୁରଗଡ଼, 139000700008210, ନୂଆପଡ଼ା, ଖରିଆର ରୋଡ୍, 138320700003983, ଫୁଲବାଣି, ଫୁଲବାଣି, 137890730015140, ପୁରୀ, ଡେଲାଙ୍ଗ, 137720700014727, 4759, 137720730043568, 3682, ନିମାପଡ଼ା, 137570700008687, 8731, ନିମାପଡ଼ା, ପୁରୀ, 129180700078926, 8929, 129180730103456, 3514, 3515, ପିପିଲି, ଓଡ଼ିଶା, 121150700097921, 121150730058526, 8703, ପୁରୀ, ଅଠରନଳା, 137950700009726, 9734, 9738, 9769, 137950730042321, ପୁରୀ, ଓଡ଼ିଶା, 115180700074675, 4713, 4726, 4732, 115180730118060, ରାୟଗଡ଼ା, ନାଲ୍‌କୋ ଛକ, ଅନୁଗୁଳ, 139310730013747, ରାୟଗଡ଼ା, 137870700005597, ଷ୍ଟେଶନ୍ ରୋଡ୍, ଗୁଣୁପୁର, 138900700005557, ସମ୍ବଲପୁର, ଅଇଁଠାପଲ୍ଲୀ, ସମ୍ବଲପୁର, 129150730031225, ଧନୁପାଲି, ସମ୍ବଲପୁର, 128210700046616, 6694, 6707, 128210730021841, କ୍ଷେତ୍ରାଜପୁର, ସମ୍ବଲପୁର, 139450700005910, ସୁନ୍ଦର ଗଡ , ଫର୍ଟିଲାଇଜର୍ ଟାଉନ୍ ରାଉରକେଲା, 138260700010751, 0765, 138260730011929, 1932, 1933, 1963, 2010, 2051, କୋୟେଲ୍ ନଗର, ଓଡ଼ିଶା, 123590700065906, 5933, 123590730050256, ରାଉରକେଲା, ଓଡ଼ିଶା, 122490700079215, 122490730044035, ସୁନ୍ଦରଗଡ଼ - ହସ୍‌ପିଟାଲ୍ ରୋଡ୍, 118860700061611, ଭେଦବ୍ୟାସ, ରାଉରକେଲା, 139460700003209, 139460730006820,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 8089292353 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ସ୍ଥିତ ମହିମାଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବା ପାଇଁ ଓଡ଼ିଶା ସରକାର ରାଜ୍ୟ କ୍ୟାବିନେଟରେ ଏକ ପ୍ରକଳ୍ପକୁ ଅନୁମୋଦନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯୋରନ୍ଦାର ମହିମାଗାଦି କେବଳ ମହିମା ଧର୍ମର କେନ୍ଦ୍ର ବିନ୍ଦୁ ନୁହେଁ, ଏହା ଦିନେ ସାରା ଓଡ଼ିଶାର ଶିକ୍ଷା ଓ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ଥିଲା । ମହିମା ଗୋସାଇଁଙ୍କ ଅମୂଲ୍ୟ ବାର୍ତ୍ତାକୁ ସନ୍ଥକବି ଭୀମ ଭୋଇ ଏହି ପବିତ୍ର ମାଟିରେ ଶିକ୍ଷା ଓ ଆଧ୍ୟାତ୍ମିକତାର ଏକ ବିରାଟ ଆନ୍ଦୋଳନକୁ ଜନ୍ମ ଦେଇଥିଲେ । ମହିମାଗାଦିର ବିକାଶ ଏବଂ ଭବ୍ୟ ଶୂନ୍ୟ ମଣ୍ଡପ ଦ୍ୱାରା ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ିବା ସହ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ହେବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

**ବିକଶିତ କୃଷି ସଂକଳ୍ପ ଅଭିଯାନ ଶୁଭାରମ୍ଭ**

# ମତ୍ସ୍ୟଚାଷ ଖାଦ୍ୟ ସୁରକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ: କେନ୍ଦ୍ର କୃଷିମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ କୃଷିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗଠାରେ ଥିବା ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ଆଇସିଏଆର-ସିଫା), ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁରୂପ ହୋଇଥିବା ବେଳେ ଏହା ସାରା ଦେଶରେ ଉନ୍ନତ କୃଷି ଏବଂ ମତ୍ସ୍ୟଚାଷ ଜ୍ଞାନକୌଶଳର ବ୍ୟାପକ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବ। ସମାବେଶକୁ ସମ୍ବୋଧିତ କରି ଶିବରାଜ ସିଂ ଚୌହାନ ପ୍ରଯୁକ୍ତିବିଦ୍ୟା ପ୍ରସାର, କ୍ଷମତା ନିର୍ମାଣ ଏବଂ ତୃଣମୂଳ ଯୋଗଦାନ ମାଧ୍ୟମରେ ସମଗ୍ର ଭାରତରେ ଦେଢ଼ କୋଟିରୁ ଅଧିକ କୃଷକଙ୍କ ନିକଟରେ ପହଞ୍ଚିବା ଲାଗି ଏହି ଅଭିଯାନର ଉଚ୍ଚାଭିଳାଷୀ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟଚାଷ ଭାରତର ଖାଦ୍ୟ ସୁରକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଜୀବିକା ବିକାଶ ପାଇଁ ଏକ କାର୍ଯ୍ୟକ୍ଷମ ମାର୍ଗ ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ସେ କହିଥିଲେ ଯେ ଆଇସିଏଆର-ସିଫା ଦ୍ୱାରା ବିକଶିତ ସମସ୍ତ ଜ୍ଞାନକୌଶଳ କୃଷକମାନଙ୍କ ଆୟ ବୃଦ୍ଧି ଏବଂ ଏକ ବିକଶିତ ତଥା ଦୀର୍ଘସ୍ଥାୟୀ ମତ୍ସ୍ୟଚାଷ କ୍ଷେତ୍ର ନିର୍ମାଣ ପାଇଁ ପ୍ରଭାବଶାଳୀ ଢଙ୍ଗରେ ପହଞ୍ଚିବା ଆବଶ୍ୟକ। ଉଦଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଆଇସିଏଆର ମହାନିର୍ଦ୍ଦେଶକ ତଥା ସଚିବ (ଡିଏଆରଇ) ଡକ୍ଟର ଏମ.ଏଲ ଜାଟ୍, ମତ୍ସ୍ୟ ବିଜ୍ଞାନ ଉପମହାନିର୍ଦ୍ଦେଶକ ଡକ୍ଟର ଜେ.କେ. ଜେନା, କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡକ୍ଟର ରାଜବୀର ସିଂ, କୋଲକାତା ଆଇସିଏଆର-ଏଟିଏଆରଆଇ ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ ଦେ ପ୍ରମୁଖ ଯୋଗ ଦେଇଥିଲେ । କନକ ବର୍ଦ୍ଧନ ସିଂ ଦେଓ ତାଙ୍କ ବକ୍ତବ୍ୟରେ କହିଥିଲେ, ବିକଶିତ କୃଷି ସଂକଳ୍ପ ଅଭିଯାନ ଅଭିଯାନ ଏକ ସମୟୋଚିତ ହସ୍ତକ୍ଷେପ ଯାହା ଓଡ଼ିଶାର କୃଷି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବ ଏବଂ ନବସୃଜନ, ଭିତ୍ତିଭୂମି ଏବଂ ସଂସ୍ଥାଗତ ସହାୟତା ମାଧ୍ୟମରେ କୃଷକଙ୍କୁ ସଶକ୍ତ କରିବ। ଆଇସିଏଆର ଡିଜି ଡକ୍ଟର ଏମ.ଏଲ ଜାଟ୍, ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଏକ ଯୁଗାନ୍ତକାରୀ ଖରିଫ୍ ପୂର୍ବ ଅଭିଯାନ ଭାବେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ଏହା କୃଷକଙ୍କ ଆବଶ୍ୟକତା ସହ ଅତ୍ୟାଧୁନିକ ବୈଜ୍ଞାନିକ ଗବେଷଣାକୁ ଯୋଡ଼ିଥାଏ। ସେ ସମସ୍ତ ଅଂଶୀଦାରଙ୍କୁ ଭାରତୀୟ କୃଷିରେ ସମୃଦ୍ଧି ଏବଂ ଦୃଢ଼ତା ସୁନିଶ୍ଚିତ କରି ଏକ ବିକଶିତ ଭାରତ ପାଇଁ ବିକଶିତ କୃଷିର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ଡିଡିଜି (କୃଷି ସମ୍ପ୍ରସାରଣ) ଡ. ରାଜବୀର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ**

# ନୟାଗଡ ଜିଲ୍ଲା ରାଜ୍ୟରେ ପ୍ରଥମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳା ମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ। ପରନ୍ତୁ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ ଅବସରରେ କହିଛନ୍ତି। ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲାରେ ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ ଜିଲ୍ଲା ଏବଂ ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ରାଜ୍ୟ ସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଉଦବୋଧନ ଦେଇ କହିଥିଲେ ଯେ, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ ବୋଲି ସେ କହିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ବିକାଶ ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କରିବାକୁ ଆମେ ଗୁରୁତ୍ୱ ଦେଉଛୁ। ଆମର ଲକ୍ଷ୍ୟ କେବଳ ଲକ୍ଷପତି ଦିଦି ସୃଷ୍ଟି କରିବା ନୁହେଁ, ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ଆମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୈନ୍ୟବାହିନୀଙ୍କ ପରାକ୍ରମକୁ ସମ୍ମାନ ଜଣାଇଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏପ୍ରେଲ ୨୨ ତାରିଖ ପହଲଗାମରେ ପାକିସ୍ଥାନ ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ବନ୍ଧୁକ ମୁନରେ ଅକାଳ ଓ ଅକାରଣରେ ୨୭ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଘୋଷଣା କରି ଆତଙ୍କବାଦୀଙ୍କ ବିରୁଦ୍ଧରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ପ୍ରତିଆକ୍ରମଣ ଭିତରେ ଭାରତ ବର୍ଷର ତିନି ସୈନ୍ୟବାହିନୀର ଯବାନ, ଅଧିକାରୀ ଅଦମ୍ୟ ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମ ପ୍ରଦର୍ଶନ କରିଥିଲେ । ସୈନ୍ୟବାହିନୀଙ୍କ ଏହି ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଜୟହିନ୍ଦ ସଭା ମାଧ୍ୟମରେ ସାରା ଦେଶରେ ସ୍ତୁତିଚାରଣ କରାଯାଇଛି । ରାଜ୍ୟ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ଜୟହିନ୍ଦ ସଭା ଆୟୋଜ କରାଯାଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ଲୋକସଭାର ସାଂସଦ ଦିପେନ୍ଦର ସିଂ ହୁଡ୍ଡା, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଅମର ପ୍ରଧାନ, ନଗେନ୍ଦ୍ର ପଧାନ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ଅନନ୍ତ ପ୍ରସାଦ ସେଠୀ ଓଡ଼ିଶାର ୨୦ଜଣ ଅବସରପ୍ରାପ୍ତ ତିନି ସେନାର ପ୍ରମୁଖ ବୀର ଜବାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ ।

**ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ**

# ରତୁସ୍ରାବ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ: ପ୍ରଭାତୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମାଜରୁ ରତୁସ୍ରାବ ଜନିତ ନୀରବତା ଭାଙ୍ଗିବାକୁ ପଡିବ ବୋଲି ଗୁରୁବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି। ଆଇନା ଏନଜିଓ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସହଭାଗିତାରେ ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରତୁସ୍ରାବ, ମହିଳାମାନଙ୍କୁ ଈଶ୍ୱରଙ୍କ ପ୍ରଦତ ଆଶୀର୍ବାଦ ବୋଲି ଦୃଢ଼ ମତ ରଖିଛନ୍ତି । ସମାଜରେ ରତୁସ୍ରାବ ଅନୁକୂଳ(ପିରିୟଡ ଫ୍ରେଣ୍ଡଲି) ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ (ୱିମେନ ଫ୍ରେଣ୍ଡଲି) ଜୋନ ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ରତୁସ୍ରାବ ଜନିତ ଅନ୍ଧବିଶ୍ୱାସ ସହ ଲଢିବା ପାଇଁ ଆମକୁ ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବା ସହ ଆମର ନିଜର ମାନସିକତାରେ ମଧ ପରିବର୍ତନ ଆଣିବାକୁ ପଡିବ । ଘରର ମା' ମାନେ ମଧ ପୁଅ ଅପେକ୍ଷା ଝିଅମାନଙ୍କୁ ଅଧିକ ଯତ୍ନ କରିବା ଦରକାର। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ । ରତୁସ୍ରାବ ଭଳି ସମ୍ବେଦନଶୀଳ ବିଷୟ ଆଗକୁ ଆଣିଥିବାରୁ ଆଇନା ଏନଜିଓ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ଶ୍ରୀମତୀ ପରିଡା ଧନ୍ୟବାଦ ପ୍ରଦାନ କରିଛନ୍ତି।

# କୋଭିଡ ନେଇ ଭୟଭୀତ ହୁଅନ୍ତୁ ନାହିଁ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋଭିଡ ନେଇ ଭୟଭୀତ ହୁଅନ୍ତୁ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ସେ କହିଛନ୍ତି ଯେ, କୋଭିଡ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପୂର୍ବରୁ ରାଜ୍ୟବାସୀଙ୍କୁ ଅନୁରୋଧ ଯେ ଭୟଭୀତ ହୁଅନ୍ତୁ ନାହିଁ । ରାଜ୍ୟ ସରକାର ସ୍ଥିତି ଉପରେ ନଜର ଅଛନ୍ତି । ସବୁ ପଦକ୍ଷେପ ନିଆଯାଉଛି । ସେହିପରି ଡେଙ୍ଗୁ ନିୟନ୍ତ୍ରଣ ନେଇ ବି କାମ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

# ରାଜ୍ୟରେ କୋଭିଡ୍ ମାମଲା ବଢ଼ିନି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିଳକଣ୍ଠ ମିଶ୍ର କହିଛନ୍ତି ରାଜ୍ୟରେ କୋଭିଡ୍ ମାମଲା ବଢ଼ିନି। ବର୍ତ୍ତମାନ ମଧ୍ୟ ସେହି ୫ଟି କେସ୍ ରହିଛି। ନୂଆ କେସ୍ ଆସିନି ତଥାପି ସତର୍କ ଓ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ଆରଟିପିସିଆର ମେସିନ୍ ପ୍ରସ୍ତୁତ ଅଛି, ଅକ୍ସିଜେନ୍ ପ୍ଲାଣ୍ଟ ବି ପ୍ରସ୍ତୁତ ଅଛି। ଯଥେଷ୍ଟ ଟେଷ୍ଟିଂ କିଟ୍ ମଗାଯାଇଥିଲା, ସବୁ ଆସିଛି। ଆବଶ୍ୟକତା ଅନୁସାରେ ଜିଲ୍ଲାଗୁଡ଼ିକୁ କିଟ୍ ଯୋଗାଇ ଦିଆଯିବ।

## ୨୦ରେ ସ୍ୱେଶାଲ ଓଟିଇଟି

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚାକିରିରେ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ଜୁଲାଇ ୨୦ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ଦିନ ୧ମ ସିଟିଂରେ ସକାଳ ୯ଟାରୁ ୧୧.୩୦ ପେପର-୧ ଓ ୨ୟ ସିଟିଂରେ ଅପରାହ୍ଣ ୨ଟାରୁ ଅପରାହ୍ଣ ୪.୩୦ ଯାଏ ପରୀକ୍ଷା ହେବ। ଅନ୍‌ଲାଇନ ଜରିଆରେ ବୋର୍ଡ ୱେବସାଇଟ୍‌ରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରୁ ଆଗାମୀ ଜୁଲାଇ ୧୨ ତାରିଖରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମେଧା ସମ୍ମାନ ପ୍ରଦାନ ସମାରୋହ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଦ୍ୟ ପ୍ରକାଶିତ +୨ ବିଜ୍ଞାନ ପରୀକ୍ଷାରେ କୃତୀଛାତ୍ରଛାତ୍ରୀମାନଙ୍କ ସମ୍ମାନାର୍ଥେ ଏକ ସମ୍ବର୍ଦ୍ଧନା ସଭା କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୨୪୬ ଜଣ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଥିବା ବେଳେ ସମୁଦାୟ ୨୪୬ ଜଣଙ୍କ ମଧ୍ୟରୁ ୨୧୮ ଜଣ ପ୍ରଥମ ଶ୍ରେଣୀରେ, ୧୯ଜଣ ଦ୍ୱିତୀୟ ଶ୍ରେଣୀରେ ସଫଳତା ଲାଭ କରିଛନ୍ତି। ତନ୍ମଧ୍ୟରୁ ଶତକଡା ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀ ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିବା ବେଳେ ଅଭିଭାବକଙ୍କ ସମେତ ମେଧାଛାତ୍ରଛାତ୍ରୀମାନେ ଉକ୍ତ ସଭାରେ ନିଜ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସର୍ବୋଚ୍ଚ ୯୫ ଶତକଡା ମାର୍କ ରଖି ପାଶ୍ କରିଥିବା ଶଶ୍ମିତା ମାଝି ନିଜ ବକ୍ତବ୍ୟରେ ଅନୁଷ୍ଠାନର ଚେୟାରମ୍ୟାନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏପରିକି ହଷ୍ଟେଲ୍‌ରେ ଥିବା ସମସ୍ତ କର୍ମଚାରୀ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଦାୟିତ୍ୱବୋଧ ଆଜି ଆମ୍ଭମାନଙ୍କୁ ଏହି ସ୍ଥାନରେ ପହଞ୍ଚାଇଛି। ଏପରି ଏକ ଅନୁଷ୍ଠାନରେ ଅଧ୍ୟୟନକରି ମୁଁ ନିଜକୁ ଧନ୍ୟ ମନେ କରିବା ସହ ଆଗାମୀ ପିଢିଙ୍କୁ ଉକ୍ତ ମାର୍ଗରେ ଯିବା ନିମନ୍ତେ ନିବେଦନ କରି ନିଜର ଭାବବିହ୍ୱଳତାକୁ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତରଞ୍ଜନ ମିଶ୍ରଙ୍କ ନିରନ୍ତର ଉଦ୍ୟମ, ଉତ୍ସାହ, ଚରିତ୍ର ଗଠନ ମୂଳକ ଉପଦେଶ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ତଥା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉଦ୍ୟମ ଆଜି ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବାରୁ ଆମେ ଆଜି ଗର୍ବିତ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ବଡମଣିଷ ହେବାସହ ଭଲ ମଣିଷ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ସମସ୍ତ ସଫଳତାର ଶ୍ରେୟ ପ୍ରତିଷ୍ଠାତା ସଭାପତିଙ୍କୁ ପ୍ରଦାନ ସହ ସମସ୍ତ ଅଧାପକ ଓ ଅଧାପିକାଙ୍କ ନିରବଚ୍ଛିନ୍ନ ଉଦ୍ୟମ ପାଇଁ ସଫଳତାର ଶ୍ରେୟ ସେମାନଙ୍କୁ ପ୍ରଦାନ କରିବା ସହ ଉପଯୁକ୍ତ ଚରିତ୍ର ଗଠନ, ସମାଜ ଗଠନ, ରାଷ୍ଟ୍ରଗଠନ ଓ ଜାତିଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଶ୍ରେଷ୍ଠ ୧୨ଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମରଣ ଚିହ୍ନ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲକ୍ଷପତି ଦିଦି, ନବୀନଙ୍କ ବହିରେ ବିଜେପି ମଲାଟ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ସରକାରଙ୍କର ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଉପରେ ପ୍ରତିକ୍ରିୟା ଦେଇ ଆଜି ବିଜୁ ଜନତା ଦଳ ଏହା 'ନବୀନଙ୍କ ବହିରେ ବିଜେପି ମଲାଟ' ବୋଲି କହିଛି । କ୍ଷମତାକୁ ଆସିବା ପରଠାରୁ, ବିଜେପି ସରକାର କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସେହି ପ୍ରକ୍ରିୟାରେ ଆଉ ଏକ ନମୁନା ବୋଲି ବିଜେଡି କହିଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି ବିଜେପି ସରକାର ଯାହା ଦାବି କରିଛନ୍ତି, ତାହା ହାସ୍ୟାସ୍ପଦ । କାହାକୁ ଲକ୍ଷପତି ଦିଦି ଭାବେ ବିଚାର କରାଯାଉଛି ସରକାର ତାହା ସ୍ପଷ୍ଟ କରିନାହାନ୍ତି । ଲକ୍ଷପତି ଦିଦି କରିବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ତାର ମଧ ସୂଚନା ନାହିଁ ।

# ରକ୍ତ କର୍କଟକୁ ଅଧିକ ମାତ୍ରାରେ ପରାସ୍ତ କରୁଛନ୍ତି ଶିଶୁ: ପ୍ରଫେସର ସାମଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶରେ ରକ୍ତ କର୍କଟ ରୋଗ ବୃଦ୍ଧି ପାଉଥିବା ବେଳେ ଶିଶୁମାନେ ମଧ ଅଧିକ ମାତ୍ରାରେ ଏଭଳି ଜଟିଳ ବ୍ୟାଧୀରେ ପୀଡ଼ିତ ହେଉଛନ୍ତି। ୧ ବର୍ଷରୁ ୧୦ବର୍ଷ ବୟସର ଶିଶୁ ରକ୍ତ କର୍କଟ ଅର୍ଥାତ୍ ଲ୍ୟୁକେମିଆରେ ପୀଡ଼ିତ ହେଉଛନ୍ତି। ତେବେ ଠିକ୍ ସମୟରେ ରୋଗର ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ରକ୍ତ କର୍କଟକୁ ପରାସ୍ତ କରାଯାଇ ପାରୁଛି। ଶିଶୁମାନଙ୍କ କ୍ଷେତ୍ରରେ ଏଭଳି ଦୁଃରାଧ ବ୍ୟାଧିକୁ ପରାଜିତ କରିବାର ମାତ୍ରା ଢ଼େର ଅଧିକ। ଶିଶୁମାନଙ୍କ ମଧ୍ୟରେ ଲ୍ୟୁକେମିଆ ସଂଖ୍ୟା ଯଦିଓ ବୃଦ୍ଧି ପାଉଛି ତେବେ ଉପଯୁକ୍ତ ଚିକିତ୍ସା ଦ୍ୱାରା ୮୦ ରୁ ୯୦ ପ୍ରତିଶତ ଶିଶୁ ଏହି ଜଟିଳ ରୋଗକୁ ପରାଜିତ କରିପାରୁଛନ୍ତି ବୋଲି କହିଛନ୍ତି ବିଶିଷ୍ଟ ରକ୍ତକର୍କଟ ବିଶେଷଜ୍ଞ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ। ଆୟୋଜିତ କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ରକ୍ତ କର୍କଟ ଭଳି ସମସ୍ୟାକୁ ଏଡ଼ାଇବା ଏବଂ ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଚିକିତ୍ସା ପଦ୍ଧତି ସହ ପ୍ରାଣାୟାମ୍ ଏବଂ ପ୍ରାକୃତିକ ଉପାୟ ଅବଲମ୍ବନ କରି ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଓ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସମୀର ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ସହ କିଟ୍‌ର ବୁଝାମଣା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। ଏହା ବୁଝାମଣାପତ୍ର ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି ଛାଡ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମବିବିଏସ ପାଠ୍ୟକ୍ରମରେ ୨ ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି ଛାଡ, ବିଡିଏସ ଏବଂ ବିଏସସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବିଟେକରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର ଆଣ୍ଡ ୱେଲନେସ୍ ସଂଘ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ସହଯୋଗ କିଟ୍‌ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପ୍ରତି ଶ୍ରଦ୍ଧାଞ୍ଜଳି ଓ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତିମୂଳକ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

**ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟି ବୈଠକ**

# ମାଲେରିଆ, ଡେଙ୍ଗୁ, ଡାଇରିଆ ରୋଗ ନିୟନ୍ତ୍ରଣ ଉପରେ ଗୁରୁତ୍ୱ




କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷଠାରେ ଆଜି ମହାନଗର ନିଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ନିମନ୍ତେ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛଇ । କଟକ ମହାନଗର ନିଗମର ମେୟର, ସୁବାସ ଚନ୍ଦ୍ର ସିଂହ ଏବଂ ମହାନଗର ନିଗମ ଆୟୁକ୍ତ, ଅନାମ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାନଗର ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉପରେ ମହାନଗର ନିଗମ ପକ୍ଷରୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ କରି ସହରରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗ ନିୟନ୍ତ୍ରଣ ରଖାଯିବା ନେଇ ସମନ୍ୱୟ ପୂର୍ବକ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଏହି ସମସ୍ତ ରୋଗ ପ୍ରତି ଜନ ସଚେତନତା ଓ ସତର୍କତା ଅବଲମ୍ବନ ନିମନ୍ତେ ସହାୟତା କେନ୍ଦ୍ର ଖୋଲାଯିବା ସହ ଜନଗହଳି ପୂର୍ଣ୍ଣ ତଥା ସହରର ମୁଖ୍ୟ ସ୍ଥାନମାନଙ୍କରେ ପୋଷ୍ଟର, ବ୍ୟାନ ନର ଲଗାଇବା ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର କରାଯିବା ପାଇଁ ନିଷ୍ପତି ହୋଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ଅତିରିକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କାନ୍ତୀ ନାୟକ, ଏଂଟୋମୋଲୋଜିଷ୍ଟ ଡାକ୍ତର ଦିପ୍ତି ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ, ନେହା ରାଜପୁତ୍ ପ୍ରମୁଖ ବୈଠକରେ ଉପସ୍ଥିତ ରହି ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଏବଂ କାର୍ଯ୍ୟନିର୍ବାହ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା ପୂର୍ବକ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## 'ଅପରେସନ୍ ସିନ୍ଦୂର'ର ଗହନ କଥା

# ଭାଙ୍ଗିଛି ପାକ୍ ବାୟୁସେନାର ଦମ୍ଭ

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ନରସଂହାରର ପ୍ରତିଶୋଧ ନେବା ଲାଗି ଭାରତର ପକ୍ଷରୁ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସାଟେଲାଇଟ୍ ଚିତ୍ର ଏବେ ଭାଇରାଲ୍ ହୋଇଛି। 'ଅପରେସନ୍ ସିନ୍ଦୂର' ନାମରେ ନାମିତ ଭାରତର ଏହି ସାମରିକ ଅଭିଯାନ ଆତଙ୍କବାଦୀଙ୍କ ସମସ୍ତ ଗୁପ୍ତ ଆଡ୍ଡାକୁ ଧ୍ୱଂସ କରିବା ସକାଶେ ଉଦ୍ଦିଷ୍ଟ ଥିଲା ଏବଂ ଏହି ଲକ୍ଷ୍ୟରେ ପାକ୍ ଅଧିକୃତ କାଶ୍ମୀର (ପି.ଓ.କେ) ଏବଂ ପାକିସ୍ତାନରେ ଥିବା ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଆମ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ପକ୍ଷରୁ ଜାରି ହୋଇଥିବା ସାଟେଲାଇଟ୍ ଫୁଟେଜ୍ ଅନୁଯାୟୀ 'ଅପରେସନ୍ ସିନ୍ଦୂର' ଦ୍ୱାରା ପିଓକେ ଏବଂ ପାକିସ୍ତାନର ୨୨ଟି ଆତଙ୍କୀ ଶିବିର ଧ୍ୱଂସ କରିବାକୁ ଭାରତ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ ଏହି ଅଭିଯାନ ପାକିସ୍ତାନ ବାୟୁସେନାର ଅଣ୍ଟାକୁ ଏଭଳି ଭାଙ୍ଗି ଦେଇଛି ଯେ, ଏହାର ଶକ୍ତି ଓ ସାମର୍ଥ୍ୟ ପାଞ୍ଚବର୍ଷ ପଛକୁ ଚାଲିଗଲା ଭଳି ମନେ ହେଉଛି। ଅନ୍ୟ ଅର୍ଥରେ ଭାରତର ଅଭିଯାନ ଫଳରେ ହୋଇଥିବା କ୍ଷୟକ୍ଷତି ଭରଣା କରିବାକୁ ପାକିସ୍ତାନକୁ ଅତିକମ୍‌ରେ ୫ବର୍ଷ ସମୟ ଲାଗିବ। ଜଣେ ସାମରିକ ଅଧିକାରୀଙ୍କ ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଏକାଧିକ ପ୍ରକାରର କ୍ଷେପଣାସ୍ତ୍ର ଓ ଅସ୍ତ୍ରଶସ୍ତ୍ର ଭିନ୍ନ ଭିନ୍ନ ସ୍ଥାନକୁ ଟାର୍ଗେଟ୍ କରି ଛାଡ଼ିଥିଲା। ଏଭଳି ଅଚାନକ ଆକ୍ରମଣରେ ପାକିସ୍ତାନ ହତବାକ୍ ହୋଇଯାଇଥିଲା। ଲଗାତାର ଚାରିଦିନ ଧରି ସୁପରିକଳ୍ପିତ ଢ଼ଙ୍ଗରେ ଭାରତର ଆକ୍ରମଣ ଜାରି ରହିଥିଲେ ହେଁ ସବୁଠାରୁ ବଡ଼ ଲଢ଼େଇ ମଇ ୯ ଓ ୧୦ ତାରିଖ ରାତିରେ ଲଢ଼ାଯାଇଥିଲା ବୋଲି ଜଣାପଡିଛି। ଏହି ସମୟରେ ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଭାରତ ଟାର୍ଗେଟ୍ କରି ପ୍ରବଳ କ୍ଷେପଣାସ୍ତ୍ର ମାଡ଼ କରିଥିଲା। 'ଅପରେସନ୍ ସିନ୍ଦୂର' ଜରିଆରେ ଭାରତର କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ଶାସକଙ୍କୁ ଏଭଳି ବିଚଳିତ କରିପକାଇଥିଲା ଯେ, ଅବିଳମ୍ବେ ଯୁଦ୍ଧ ବିରତି ଲାଗୁ କରିବା ପାଇଁ ସେମାନେ ଦୁଇଦୁଇ ଥର ଭାରତୀୟ ସେନା ଅଧିକାରୀଙ୍କୁ ଫୋନ୍ ଯୋଗେ ଅନୁରୋଧ ଜଣାଇଥିଲେ। ଭାରତର କଡ଼ା ଆଭିମୁଖ୍ୟ ପାକ୍ ନେତାମାନଙ୍କୁ ଅତିମାତ୍ରାରେ ଭୟଭୀତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଦାମ୍ଭିକତା ଭାଙ୍ଗି ଦେଇଛି। 'ଅପରେସନ୍ ସିନ୍ଦୂର' ପୂର୍ବରୁ ଆମ ଦେଶକୁ ନାଲିଆଖି ଦେଖାଉଥିବା ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଏବେ ଇରାନ୍ ଗସ୍ତରେ ଥିବା ବେଳେ ତାଙ୍କର ସ୍ୱର ସମ୍ପୂର୍ଣ୍ଣ ବଦଳି ଯାଇଥିବାର ଲକ୍ଷ୍ୟ କରାଯାଉଛି। ସିନ୍ଧୁ ନଦୀ ଜଳ ଠାରୁ ଆରମ୍ଭ କରି କାଶ୍ମୀର ପ୍ରସଙ୍ଗ, ଆତଙ୍କବାଦ ଓ ବାଣିଜ୍ୟକୁ ନେଇ ଭାରତ ସହ ଆଲୋଚନା କରିବାକୁ ପାକିସ୍ତାନ ପ୍ରସ୍ତୁତ ଅଛି ବୋଲି ଶେହବାଜ୍ ସୂଚନା ଦେଇଛନ୍ତି। ତେବେ ପାକିସ୍ତାନର ସାମ୍ପ୍ରତିକ ସ୍ଥିତି ଯେପରି, ସେଥିରେ ପ୍ରଧାନମନ୍ତ୍ରୀ ଶେହବାଜ୍‌ଙ୍କ ମତାମତ କେତେଦୂର କାର୍ଯ୍ୟକାରୀ ହେବ ତାହା କହି ହେଉନାହିଁ କାରଣ ପାକ୍ ସେନା ମୁଖ୍ୟ ଅସିମ୍ ମୁନିର୍ ଜଣେ କଟ୍ଟର ଭାରତ ବିରୋଧୀ ହୋଇଥିବା ବେଳେ ସେ ହିଁ ପହଲଗାମ୍ ଆତଙ୍କୀ ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲେ ବୋଲି ଏବେ ଜଣାପଡ଼ିଛି। ନିଜର ଚୌକି ବଞ୍ଚାଇବା ଉଦ୍ଦେଶ୍ୟରେ ଆଇଏସ୍‌ଆଇକୁ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏସବୁ ସତ୍ତ୍ୱେ 'ଅପରେସନ୍ ସିନ୍ଦୂର' ପାକିସ୍ତାନକୁ ଯେଉଁ ଶିକ୍ଷା ଦେଇଛି ଏବଂ ବୁଦ୍ଧି ହଜାଇଛି, ସେଥିରେ ଆଗକୁ ଆଉ କୌଣସି ଅବିବେକୀ ଦୁଃସାହସିକ ପଦକ୍ଷେପ ନେବା ତା'ପକ୍ଷରେ ସମ୍ଭବ ହୋଇନପାରେ।

# ଆର୍ଥିକ ସମ୍ପନ୍ନଙ୍କୁ ମିଳିବନି ସଂରକ୍ଷଣ !



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତର ପ୍ରଧାନ ବିଚାରପତି ବି.ଆର୍ ଗବଇଙ୍କ ମତରେ ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ଉଚିତ୍ ନୁହେଁ। ଭାରତର ପ୍ରଧାନ ବିଚାରପତି ଗବଇଙ୍କ ଏହି ମତ ବା ବିଚାର ସାମାଜିକ ନ୍ୟାୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରେ। ଏହି ବିଚାର ସଂରକ୍ଷଣ ନୀତିକୁ ଅଧିକ ସମାବେଶୀ ଏବଂ ପ୍ରଭାବୀ କରିବା ଦିଗରେ ଏପରିକି ସାମାଜିକ ଏବଂ ଆର୍ଥିକରୂପେ ବଞ୍ଚିତ ଲୋକଙ୍କୁ ସମାନ ଅବସର ପ୍ରଦାନ କରିବା ଦିଗରେ ଏକ ସକରାତ୍ମକ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଅନେକ ଅସୁବିଧା ମଧ୍ୟ ରହିଛି। ଏହିସବୁ ଅସୁବିଧା ବା ଅବ୍ୟବସ୍ଥା ମଧ୍ୟରେ ରହିଛି ସାମାଜିକ ଭେଦଭାବର ନିରନ୍ତରତା, ସାମ୍ବିଧାନିକ ପ୍ରାବଧାନର ପାଳନ ଏବଂ ପ୍ରଶାସନିକ ଜଟିଳତା। ଭାରତରେ ସଂରକ୍ଷଣ ନିୟମ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ସମୁଦାୟକୁ ସମାନ ଅବସର/ସୁବିଧା ସୁଯୋଗ ପ୍ରଦାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଅଟେ। ଏହି ନିୟମ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଅନୁସୂଚୀତ ଜାତି (ଏସ୍‌ସି), ଅନୁସୂଚୀତ ଜନଜାତି (ଏସ୍‌ଟି) ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଲାଗୁ କରାଯାଉଛି। କିନ୍ତୁ ସମୟ ସହ ତାଳ ମିଳାଇ ସଂରକ୍ଷଣର ଦୁରୁପଯୋଗ, ଏହାର ଲାଭର ଅସମାନ ବିତରଣ ଏବଂ ସାମାଜିକ ଆର୍ଥିକ ପରିବର୍ତ୍ତନ କାରଣରୁ ଏହି ନୀତିର ପ୍ରାସଙ୍ଗିକତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବଇଙ୍କ ମତ ବା ବିଚାର 'ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣରୁ ବାହାର କରିଦେବା ଉଚିତ୍' ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ବିବାଦୀୟ ପ୍ରସଙ୍ଗ ଭାବେ ଉଭା ହୋଇଛି।

ବିଚାରପତି ଭୂଷଣ ରାମକୃଷ୍ଣ ଗବଇ ମେ ମାସ ୧୪ ତାରିଖଦିନ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବିଚାରପତି ଗବଇ ହେଉଛନ୍ତି ପ୍ରଥମ ପ୍ରଧାନ ବିଚାରପତି ଯିଏ ଅନୁସୂଚୀତ ଜାତି (ଏସ୍‌ସି)ର ଅଟନ୍ତି। ପୂର୍ବରୁ ଅନୁସୂଚୀତ ଜାତିରୁ କେହି ପ୍ରଧାନ ବିଚାରପତି ହୋଇନଥିଲେ। ମହାରାଷ୍ଟ୍ରର ଅମରାବତୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବିଚାରପତି ଗବଇଙ୍କର ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ୍ କ୍ଷେତ୍ରରେ ଅନେକ ଯୋଗଦାନ ରହିଛି। ତାଙ୍କ ପିତା ଆର୍.ଏସ୍ ଗବଇ ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ନେତା ଥିଲେ ଓ ତାଙ୍କର ସାମାଜିକ ନ୍ୟାୟ ପ୍ରତି ଥିବା ଦୃଷ୍ଟିକୋଣ ବିଚାରପତି ଗବଇଙ୍କୁ ପ୍ରଭାବିତ କରିଥିଲା। ଅନେକ ପ୍ରସଙ୍ଗରେ ବିଚାରପତି ଗବଇ ସଂରକ୍ଷଣ ନୀତିକୁ ସୁଧାରିବା ପାଇଁ ମତବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ବାସ୍ତବରେ ସାମାଜିକ ଏବଂ ଆର୍ଥିକ ରୂପରେ ବଞ୍ଚିତ ଲୋକାମାନଙ୍କୁ ସଂରକ୍ଷଣର ଲାଭ ମିଳିବା ଆବଶ୍ୟକ। ସେ 'କ୍ରୋମିଲେୟର' (ସମ୍ପନ୍ନ ବର୍ଗ)ର ଅବଧାରଣାକୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ବା କ୍ଷେତ୍ରରେ ଲାଗୁ କରାଯିବା ପାଇଁ ସୁପାରିଶ କରିଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ପୂର୍ବରୁ ଏହା ଲାଗୁ କରାଯାଇଛି। ପ୍ରଧାନ ବିଚାରପତିଙ୍କ ଯୁକ୍ତି ହେଉଛି ଯଦି କୌଣସି ବ୍ୟକ୍ତି ବା ତା'ର ପରିବାର ସଂରକ୍ଷଣର ସୁବିଧା ପାଇ ଉଚ୍ଚ ପଦବୀ ଯଥା ଆଇଏଏସ୍, ଆଇପିଏସ୍ ବା ଅନ୍ୟ ପ୍ରତିଷ୍ଠିତ ସେବାରେ ପହଞ୍ଚି ଯାଏ ତେବେ ତାଙ୍କର ଆଗାମୀ ପିଢ଼ିଙ୍କୁ ସାମାଜିକ ଏବଂ ଆର୍ଥିକ ଅସୁବିଧା ଭୋଗ କରିବାକୁ ପଡିନଥାଏ। ଏଭଳି ସ୍ଥିତିରେ ସେମାନଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ନିୟମର ମୂଳ ଉଦ୍ଦେଶ୍ୟକୁ ଦୁର୍ବଳ କରି ଦେଇଥାଏ। ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଗବଇ ମନ୍ତବ୍ୟ ଦେଇଥିଲେ ଯେ 'ଯେଉଁମାନେ ବର୍ଗୀକରଣର ବିରୋଧ କରୁଛନ୍ତି ସେମାନେ ଏଭଳିଯାତ୍ରୀ ଯିଏ ରେଳ ଗାଡିର ଡବା ମଧ୍ୟରେ ପଶି ଯାଇଥାନ୍ତି କିନ୍ତୁ ଅନ୍ୟକୁ ପଶିବାକୁ ଦେଇନଥାନ୍ତି'। ତାଙ୍କର ଏହି ଉକ୍ତିର ଯଥାର୍ଥତା ହେଉଛି ସଂପନ୍ନ ଦଳିତ ବା ସଂରକ୍ଷଣ ପାଉଥିବା ଅନ୍ୟବର୍ଗର ଲୋକ ଯେଉଁମାନେ ସଂରକ୍ଷଣର ଲାଭ ଉଠାଇ ସାରିଛନ୍ତି ସେମାନେ ଅନ୍ୟ ବଞ୍ଚିତମାନଙ୍କ ହକ୍‌କୁ ଛଡାଇ ନେଉଛନ୍ତି।

'କ୍ରୋମିଲେୟର'ର ଅବଧାରଣା ପ୍ରଥମେ ୧୯୯୨ରେ ଇନ୍ଦ୍ରା ସାହାଣୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଏହି ମାମଲାର ରାୟ ପ୍ରଦାନ କରି କୋର୍ଟ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣରେ କ୍ରୋମିଲେୟାରଙ୍କୁ ବାହାର କରିବା ପାଇଁ କହିଥିଲେ ଓ ଏହାର ଉଦ୍ଦେଶ୍ୟ ଥିଲା ସଂରକ୍ଷଣର ଲାଭ ବାସ୍ତବରେ ସାମାଜିକ ଏବଂ ଆର୍ଥିକ ଭାବେ ପଛୁଆ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା। କ୍ରୋମି ଲେୟାରର ଚିହ୍ନଟ ଆୟ, ପେଶା ଏବଂ ସାମାଜିକ ସ୍ଥିତି ଭଳି ମାପଦଣ୍ଡର ଆଧାରରେ ସ୍ଥିର କରାଯାଇଥାଏ। ଉଦାହରଣ ସ୍ୱରୂପ ଉଚ୍ଚଆୟ କରୁଥିବା ପରିବାର, ବରିଷ୍ଠ ସରକାରୀ ଅଧିକାରୀଙ୍କ ସନ୍ତାନ ସନ୍ତତି ଏବଂ ଅନ୍ୟ କେତେକ ଅଧିକ ରୋଜଗାର ଥିବା ପେଶାର ଲୋକଙ୍କୁ କ୍ରୋମିଲେୟାର ବୋଲି କୁହାଯାଏ। ଏହି ଅବଧାରଣା କିନ୍ତୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ଲାଗୁ କରାଯାଇନଥିଲା କାରଣ ଏହି ବର୍ଗର ସମୁଦାୟଙ୍କୁ ସାମାଜିକ ଭେଦଭାବ ଏବଂ ଛୁଆଁ ଅଛୁଆଁର ସାମନା କରିବାକୁ ପଡ଼ିଥାଏ। କିନ୍ତୁ ପ୍ରଧାନ ବିଚାରପତି ଗବଇଙ୍କ ଯୁକ୍ତି ହେଉଛି ସମୟ ସହ ତାଳମିଳାଇ ଏମାନଙ୍କର (ଏସ୍‌ସି ଓ ଏସ୍‌ଟି) ଆର୍ଥିକ ଏବଂ ସାମାଜିକ ଅସମାନତା ହ୍ରାସ ପାଉଛି। କିନ୍ତୁ ଅନେକେ ଏବେବି ମୂଳଭୁତ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଣୁ କ୍ରୋମି ଲେୟରର ଅବଧାରଣାକୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେ ଲାଗୁ କରାଗଲେ ଏହା ସାମାଜିକ ନ୍ୟାୟକୁ ଅଧିକ ସମାବେଶି କରିପାରିବ। ସରକାରୀ ନିଯୁକ୍ତି, ଶିକ୍ଷା ଏବଂ ଅନ୍ୟ କ୍ଷେତ୍ରରେ ସଂରକ୍ଷଣ ରହିଛି। ଯଦି ଅନୁସୂଚୀତ ଜାତି ଓ ଜନଜାତିର ସମ୍ପନ୍ନ ଲୋକେ ଏହାର ଲାଭ ଉଠାଇବେ ତେବେ ପ୍ରକୃତ ପକ୍ଷେ ଆବଶ୍ୟକତା ଥିବା ବା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଏହାର ଲାଭ ମିଳିପାରିବ ନାହିଁ। କ୍ରୋମି ଲେୟାରଙ୍କୁ ବାହାର କରାଗଲେ ହିଁ ପ୍ରକୃତ ହକ୍‌ଦାର ଲୋକେ ସୁବିଧା ପାଇପାରିବେ ଓ ଅସମାନତା ହ୍ରାସ ପାଇବ। ପ୍ରଧାନ ବିଚାରପତି ଗବଇଙ୍କ ଏହି ବିଚାର ଭାରତର ସାମାଜିକ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରିପାରେ। ଏହା ସଂରକ୍ଷଣ ନୀତିକୁ ସମାବେଶୀ ଏବଂ ନ୍ୟାୟସଙ୍ଗତ କରିପାରେ।

କିନ୍ତୁ ଏହାର କାର୍ଯ୍ୟକାରିତାକୁ ନେଇ ଅନେକ ଜଟିଳତା ରହିଛି। ପ୍ରଧାନ ବିଚାରପତି ଗବଇଙ୍କ ବିଚାରକୁ ଲାଗୁ କରିବା ପାଇଁ ସଂସଦର ମଞ୍ଜୁରୀ ତଥା ବ୍ୟାପକ ସାମାଜିକ ସହମତିର ଆବଶ୍ୟକତା ରହିଛି। ଏଥିପାଇଁ ସଂରକ୍ଷଣ ବର୍ଗଙ୍କ ଆର୍ଥୀକ ଏବଂ ସାମାଜିକ ଅସମାନତାର ଆକଳନ ପାଇଁ ଏକ ସର୍ବେକ୍ଷଣ କରାଯିବା ମଧ୍ୟ ଜରୁରୀ। ଏ ପ୍ରସଙ୍ଗରେ ସବୁ ସାମାଜିକ ସଂଗଠନ, ରାଜନୈତିକ ଦଳ ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଖୋଲାଖୋଲି ଆଲୋଚନା ମଧ୍ୟ ହେବା ଆବଶ୍ୟକ। କ୍ରୋମିଲେୟରର ଅବଧାରଣାକୁ ପ୍ରଥମେ ପ୍ରୟୋଗାତ୍ମକ ଭାବେ କିଛି ରାଜ୍ୟରେ ବା ଅଞ୍ଚଳରେ ଲାଗୁ କରାଗଲେ ଏହାର ପ୍ରଭାବକୁ ମଧ୍ୟ ଆକଳନ କରାଯାଇପାରିବ।

# ସୁଖ ଓ ଶାନ୍ତି



କିଶୋର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୭୩୭୭୪୩୯୦୭୭

ଅନେକ ଜାଣନ୍ତି ନାହିଁ ପ୍ରକୃତ ସୁଖ କ'ଣ ? ମଣିଷକୁ ସୁଖୀ କରିବା ଲାଗି ସନ୍ଥ, ମହାତ୍ମାମାନେ ମାର୍ଗ ଦେଖାଉଛନ୍ତି ସତ, ବାସ୍ତବ ଜୀବନରେ କେତେ ଜଣ ସୁଖୀ ! ଏମିତି ଖୁବ୍ କମ୍ ଲୋକ ଅଛନ୍ତି। ଯେଉଁମାନେ ଏହି ଅଳିକ ଓ ଅସ୍ଥାୟୀ ଜିନିଷର ଊର୍ଦ୍ଧ୍ୱ ସ୍ଥିତି କିମ୍ବା ପ୍ରକୃତ ସୁଖକର ସ୍ଥିତି ବିଷୟରେ ଜାଣନ୍ତି। ସୁଖ ସାଧାରଣତଃ ଏକ ଇନ୍ଦ୍ରିୟ ଅନୁଭବ। ପଥର ପରି ଯାହାର କୌଣସି ଇନ୍ଦ୍ରିୟ ନାହିଁ ସେ ସୁଖ-ଦୁଃଖ ଅନୁଭବ କରିପାରେ ନାହିଁ। ଉଚ୍ଚତର ଚେତନାର ଜୀବ ନୀଚତର ଚେତନାର ଜୀବ ଅପେକ୍ଷା ସୁଖ ଓ ଦୁଃଖକୁ ଅଧିକ ଅନୁଭବ କରିପାରେ। ବୃକ୍ଷର ଚେତନା ନିମ୍ନ ସ୍ତରର। ବୃକ୍ଷ ଖରା, ବର୍ଷା, ଶୀତ ସହି ଛିଡ଼ା ହୋଇପାରେ; ଯାହା ଉଚ୍ଚତର ଚେତନାର ଜୀବ ମଣିଷ ପାଇଁ ଅସମ୍ଭବ। ପ୍ରତ୍ୟେକ ଜୀବନ, ଚେତନାର ସ୍ତର ଅନୁଯାୟୀ ସୁଖ-ଦୁଃଖ ଅନୁଭବ କରେ। ତେବେ ଭୌତିକ ବ୍ରହ୍ମାଣ୍ଡର ସୁଖ, ପ୍ରକୃତ ସୁଖ ନୁହେଁ। ପ୍ରକୃତ ସୁଖ ହେଉଛି, ଯାହା ଆତ୍ମା ଅନୁଭବ କରେ। ଦିବ୍ୟ ଚେତନା ଓ ଦିବ୍ୟ ଇନ୍ଦ୍ରିୟ ମାଧ୍ୟମରେ ଏହା ଅନୁଭବ କରାଯାଇପାରେ।

ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରି ଉଲ୍ଲେଖ କରିଛନ୍ତି 'ଶାନ୍ତି ଏକ ଦିବ୍ୟବସ୍ତୁ। ଶାନ୍ତି ହେଉଛି ଆତ୍ମାର ଗୋଟିଏ ବିଭବ।' ଲୋଭୀ ଲୋକ ନିକଟରେ ଶାନ୍ତି ରହେ ନାହିଁ। ଶାନ୍ତି ଅବସ୍ଥାନ କରେ ସେମାନଙ୍କ ନିକଟରେ, ଯେଉଁମାନଙ୍କର ହୃଦୟ ପବିତ୍ର। ଶାନ୍ତି କାମୁକମାନଙ୍କୁ ପରିତ୍ୟାଗ କରେ; ସ୍ୱାର୍ଥପରମାନଙ୍କୁ ଉପେକ୍ଷା କରେ। ଶାନ୍ତି ହେଉଛି ପରମହଂସଙ୍କର ଏକ ଭୂଷଣ। ଶାନ୍ତି ହେଉଛି ଏକ ସୁସ୍ଥିର ସ୍ଥିତି ଯେଉଁଥିରେ କି ବିଶୃଙ୍ଖଳା, ବ୍ୟସ୍ତତା, ବ୍ୟାକୁଳତା, ଦ୍ୱନ୍ଦ୍ୱ, ଆନ୍ଦୋଳନ ଓ ହିଂସା ଇତ୍ୟାଦିକୁ ଅବ୍ୟାହତ ମିଳେ, ମୁକ୍ତି ମିଳେ। ଶାନ୍ତି ହେଉଛି ମଧୁରତା, ନିରବତା, ନିଶ୍ଚଳତା, ବିଶ୍ରାନ୍ତି, ସୁପ୍ତି। ବିଶେଷତଃ ଏହା ସଂଗ୍ରାମ ବା ଯୁଦ୍ଧର ବିରତିକୁ ବୁଝାଇଥାଏ।

ଆପଣଙ୍କ ପାଇଁ ଅନ୍ୟ କେହି ଶାନ୍ତି ଆଣି ଦେଇପାରିବେ ନାହିଁ; ଆଣିପାରିବେ କେବଳ ଆପଣ ନିଜେ, କେବଳ ନିଜ ଉପରେ ବିଜୟ ଲାଭ କଲେ ହିଁ, କେବଳ ଇନ୍ଦ୍ରିୟ ଓ ମନ, କାମନା ଓ ଲାଳସା ଉପରେ ବିଜୟ ଲାଭ କଲେ ହିଁ ଆପଣ ଶାନ୍ତି ପାଇପାରିବେ। ଅନ୍ୟ କୌଣସି ଉପାୟରେ ଶାନ୍ତି ପାଇବେ ନାହିଁ। ନିଜ ଅନ୍ତରରେ ଯଦି ଶାନ୍ତି ନାହିଁ, ତେବେ ବାହ୍ୟ ବସ୍ତୁରେ, ବାହ୍ୟ ଜଗତରେ ଶାନ୍ତି ଖୋଜି ବୁଲିବା ବୃଥା ପ୍ରୟାସ ମାତ୍ର। ଭଗବାନ ଶ୍ରୀ ସତ୍ୟସାଇ ସୁଖ ଓ ଶାନ୍ତି ସମ୍ପର୍କରେ ଆଲୋକପାତ କରି ତାଙ୍କ ଦିବ୍ୟସମ୍ଭାଷଣରେ ଉଲ୍ଲେଖ କରିଛନ୍ତି 'ଗଠନମୂଳକ ଶାନ୍ତି, ସ୍ଥାୟୀ ଶାନ୍ତି କେବଳ ଈଶ୍ୱରୋପାସନାରୁ ଲାଭ କରାଯାଇପାରେ। ଈଶ୍ୱରଙ୍କୁ ପରିତ୍ୟାଗ କରିଦେଲେ, ଶାନ୍ତି ମିଳିବ ନାହିଁ। ଈଶ୍ୱର ହିଁ ଶାନ୍ତି।' ସେହି ପରମ ଶାନ୍ତିର ନିଧାନ ଈଶ୍ୱରଙ୍କ ପାଦରେ ଲାଗିଯାଆନ୍ତୁ। ଆପଣ ଶାନ୍ତି ବିକିରଣ କରିବାକୁ ସମର୍ଥ ହୋଇଯିବେ।

# ଇଷ୍ଟଦେବ : ମହାପ୍ରଭୁ ଶ୍ରୀଜଗନ୍ନାଥ



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ
ମୋ : ୯୧୩୨୪୩୩୩୩୩

ଆମେ ପ୍ରତ୍ୟେକ କୌଣସି ଦେବଦେବୀ, ସାଧୁସନ୍ଥ, ଇଷ୍ଟ, ଧର୍ମ ପ୍ରଚାରକ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଶରଣାପନ୍ନ ହୋଇଥାଉ। ମାନସିକ ସ୍ତରରେ ଏହି ଗୁରୁ ବା ଦେବଦେବୀ ବା ଇଷ୍ଟଦେବ ଆମ୍ଭମାନଙ୍କୁ ସାମାଜିକ ଜୀବନରେ ମାନବୀୟ ଚେତନାକୁ ଆଗେଇ ନେବା ପାଇଁ ରାସ୍ତା ଦେଖାଇଥାନ୍ତି। ପ୍ରତ୍ୟେକଙ୍କ ଜୀବନରେ ଆବଶ୍ୟକ ହୋଇଥାଏ ଏହି ଗୁରୁମାନଙ୍କର ମର୍ମବାଣୀ ବା ଶିକ୍ଷଣୀୟ ସମ୍ଭାଷଣ। ବିଶେଷକରି ମାନସିକ କ୍ଷେତ୍ରରେ ଯନ୍ତ୍ରଣା, ଆଘାତ ବା ଅବସାଦଗ୍ରସ୍ତ ଅନେକ ନିଜ ନିଜ ଇଷ୍ଟଦେବଙ୍କ ଶରଣାପନ୍ନ ହୋଇଥାନ୍ତି। ସେମାନଙ୍କର ସତ ଚିନ୍ତନର କଥା ଗୁଡ଼ିକ ମାନସିକ ଭାବରେ ପୀଡ଼ିତ ଜଣଙ୍କୁ ସଞ୍ଜିବନୀ ସଦୃଶ ଉପଶମର ମଲମ ଲଗାଇଥାଏ। ଜଣେ ଚିକିତ୍ସାରେ ଜାରି ରହି ମଧ୍ୟ ନିଜ ନିଜ ଇଷ୍ଟ ବା ଗୁରୁଙ୍କ ଆଶୀଷ ବାଣୀ ଦ୍ୱାରା ଜୀବନ ପ୍ରବାହକୁ ତ୍ୱରାନ୍ୱିତ କରିଥାଏ। ସେହିପରି ଗୋଟିଏ ଧାଡ଼ିରେ କହିବାକୁ ଗଲେ ପୁଣ୍ୟବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କର ଇଷ୍ଟଦେବ। ପ୍ରତ୍ୟେକ ମଣିଷଙ୍କର କୌଣସି ନା କୌଣସି ଇଷ୍ଟ ଦେବତା ଅଛନ୍ତି। ସେହି ଇଷ୍ଟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବାର ଗୋଟିଏ ନିର୍ଦ୍ଦିଷ୍ଟ ଶୈଳୀ ଅବଲମ୍ବନ କରାଯାଏ। ମଣିଷ ଇଷ୍ଟ ଦେବତାଙ୍କୁ ନିଜ ଗୃହ ମଧ୍ୟରେ ଆପଣା ଆବାସରେ ପୂଜା କରେ। ପୁଣି ଇଷ୍ଟ ଦେବତାଙ୍କ ପାଇଁ ମନ୍ଦିର ତୋଳି ସେଠାରେ ସର୍ବସାଧାରଣଙ୍କ ମେଳିରେ ମଧ୍ୟ ପୂଜା କରେ। ଘରୋଇ ପୂଜା ଓ ମନ୍ଦିରରେ ପୂଜା ଏକ ପ୍ରକାର ହୋଇପାରେ କିମ୍ବା ଭିନ୍ନ ପ୍ରକାର ହୋଇପାରେ କିନ୍ତୁ ମାନସିକତା ସମାନ ନୁହେଁ। ନିଜ ଆବାସିକ ଗୃହ ମଧ୍ୟରେ ଯେତେବେଳେ ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ, ସେତେବେଳେ ଇଷ୍ଟ ଦେବତା ହେଉଛି ଅତିଥି। ପୂଜକ ତାଙ୍କର ସତ୍କାର କରିବା ଉଦ୍ଦେଶ୍ୟରେ ପୂଜା କରିଥାଏ।


ଅତିଥିଙ୍କ ପ୍ରତିଯେଉଁଳି ମନୋଭାବ ପୋଷଣ କରିବା କଥା ଘରୋଇ ପରିବେଶରେ ଇଷ୍ଟ ଦେବତାଙ୍କ ପ୍ରତି ସେହିପରି ମନୋଭାବ ପୋଷଣ କରିବା ଦରକାର। ଏଠାରେ ମନେ ରଖିବାକୁ ହେବ, ଯେ ଅତିଥି ଜଣେ ସଂପୂର୍ଣ୍ଣ ମାନସିକତାର ଲୋକ। ତାଙ୍କ ମନ ମଧ୍ୟରେ କିଛି ଅଭାବ ନାହିଁ। ସେ କାହାକୁ କିଛି ମାଗନ୍ତି ନାହିଁ। ତାଙ୍କୁ କଣଟାଏ ଦେଲେ ତାଙ୍କର କିଛି ମଙ୍ଗଳ ହୁଏନାହିଁ ବରଂ ଯେ ଦିଏ ତା'ର ମଙ୍ଗଳ ହୁଏ। ଅତିଥିଙ୍କୁ ସତ୍କାର କରିବା ଦ୍ୱାରା ତାଙ୍କ ମନ ମଧ୍ୟରେ ଯେଉଁ ସନ୍ତୋଷ ଜାତ ହୁଏ, ଯେଉଁ ଅନୁକୂଳ ଭାବନା ସୃଷ୍ଟି ହୁଏ ତାହା ହିଁ ଦାତାର ମଙ୍ଗଳ ଘଟାଇଥାଏ। ଏହି ସ୍ଥଳରେ ଅତିଥିଙ୍କର ମାନ୍ୟତା ଅଧିକ କିନ୍ତୁ ଦାତାଙ୍କର ମାନ୍ୟତା ଲଘୁ। ଗରିବ କାଙ୍ଗାଳ ଲୋକଙ୍କୁ ଭୋଜନ ଦେବା ଠାରୁ ଅତିଥିଙ୍କୁ ଭୋଜନ ଦେବାରେ ମାନସ ପଟଳରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। କାରଣ କାଙ୍ଗାଳଙ୍କୁ ଭୋଜନ ଦେଲେ କାଙ୍ଗାଳଟିର ମଙ୍ଗଳ ହୁଏ। ତା'ର ଅଭାବ ଅଛି ଖାଦ୍ୟାଭାବ। ତାକୁ ଖାଇବାକୁ ଦେବା ଦ୍ୱାରା ଦାତାର ମଙ୍ଗଳ ହେବା ଅପେକ୍ଷା କାଙ୍ଗାଳଟିର ମଙ୍ଗଳ ହେବା ସ୍ପଷ୍ଟ ବାରି ହୋଇଯାଏ। ଏଥିଯୋଗୁଁ ଭୋଜନଦାତା ଏଠାରେ ମାନ୍ୟତାରେ ବଡ଼ ଭୋଜନକର୍ତ୍ତା କାଙ୍ଗାଳଟିର ମାନ୍ୟତା ଲଘୁ। ତେଣୁ ଏଠାରେ ଭୋକ୍ତା କାଙ୍ଗାଳକୁ ଦୟା କରାଯାଏ। ସେ ଅତିଥି ନୁହେଁ। ତେଣୁ ଭୋକ୍ତା କାଙ୍ଗାଳଟି ଭୋଜନ କରି ସାରିବା ପରେ ଦାତା ପ୍ରତି ନିଜର ଅଧମର୍ଣ୍ଣତା ପ୍ରକାଶ କରେ। କୌଣସି କ୍ଷେତ୍ରରେ ମୁଣ୍ଡିଆଟିଏ ମାରେ। କିନ୍ତୁ ଅତିଥି କ୍ଷେତ୍ରରେ ପୁରାପୁରି ଓଲଟା। ଅତିଥିଙ୍କୁ ସତ୍କାର କରିବା ଉଦ୍ଦେଶ୍ୟରେ ଭୋଜନ ପ୍ରଭୃତି ଦେଇ ଦାତା ଅତିଥିଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରନ୍ତି, ପ୍ରଣାମ କରି ଭକ୍ତି ନିବେଦନ କରନ୍ତି। ଏଠାରେ ଅତିଥିଙ୍କର ମାନସ ମଣ୍ଡଳରେ କିଛି ଅଭାବ ନଥାଏ। ତେଣୁ ଦାତାଙ୍କ ପ୍ରତି ତାଙ୍କର କଲ୍ୟାଣ ଝରିଆସେ। କାଙ୍ଗାଳ ଭୋଜନ ଓ ଅତିଥି ଭୋଜନ ମଧ୍ୟରେ ଏହି ଫରକ ଅଛି। ନିଜର ଆବାସିକ ଗୃହରେ ପୂଜା ପାଉଥିବା ନିଜର ଇଷ୍ଟ ଦେବତା ନିଜର ଅତିଥି। ତାଙ୍କୁ ପୂଜା କରିବାର ଅର୍ଥ ତାଙ୍କ ପ୍ରତି ଆତିଥ୍ୟ ପ୍ରଦାନ କରିବା। ତା ବିନିମୟରେ ତାଙ୍କ ଠାରୁ ଆଶୀର୍ବାଦ ଲାଭ କରିବା ଉଦ୍ଦେଶ୍ୟରେ ପ୍ରଣତି ନିବେଦନ କରାଯାଏ। ଶେଷରେ ପୁଷ୍ପାଞ୍ଜଳି ଅର୍ପଣ କରି ସ୍ତୁତି ସ୍ତବ ପାଠ ଦ୍ୱାରା ତାଙ୍କର ଗୁଣ କୀର୍ତ୍ତନ କରାଯାଏ। ସୁତରାଂ ଶ୍ରୀ ଜଗନ୍ନାଥଙ୍କୁ ନିଜର ଆବାସ ଗୃହରେ ପୂଜା କରିବାବେଳେ ତାଙ୍କୁ ଇଷ୍ଟ ଦେବତା ଭାବରେ ଗ୍ରହଣ କରି ସେହି ମାନସିକତାରେ ତାଙ୍କ ସହିତ ସଂପୃକ୍ତ ହେବାକୁ ପଡ଼େ।

ମନ୍ଦିର ତୋଳି ତନ୍ମଧ୍ୟରେ ଇଷ୍ଟ ଦେବତାଙ୍କୁ ପୂଜା କରିବାର ଯେପରି ସ୍ୱତନ୍ତ୍ରତା ଅଛି ସେହିପରି ସ୍ୱତନ୍ତ୍ର ମାନସିକତା ଅଛି। ମନ୍ଦିରରେ ଉପାସ୍ୟ ଇଷ୍ଟ ଦେବତାଙ୍କର ଅଧିଷ୍ଠାନ କ୍ଷେତ୍ର ହେଉଛି ସିଂହାସନ। ଉଭୟ ରାଜା ଏବଂ ଦେବତା ସିଂହାସନରେ ଉପବେଶନ କରନ୍ତି। ତେଣୁ ମନ୍ଦିରରେ ଉପାସ୍ୟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବା ସମୟରେ ଦେବତାଙ୍କୁ ରାଜମର୍ଯ୍ୟାଦାରେ ମର୍ଯ୍ୟାଦିତ କରାଇ ସ୍ୱୟଂ ଉପାସକ ପୂଜକ ଭାବରେ ନିଜର ମାନସିକତା ରକ୍ଷା କରିବା କଥା। ତେବେ ଏହି ମାନସିକତାରେ ପୂର୍ବ ଆତିଥ୍ୟ ପ୍ରଦାନକାଳୀନ ମାନସିକତା ଅପେକ୍ଷା କିଞ୍ଚିତ ଭିନ୍ନତା ଥାଏ। ଉପାସକ ଯେତେବେଳେ ଉପାସ୍ୟଙ୍କୁ ପୂଜା କରନ୍ତି ସେଠାରେ ତାଙ୍କରି ପ୍ରଜାର ମାନସିକତା ଥାଏ। ସେହି ମାନସିକତାରେ ଥାଏ ଆନୁଗତ୍ୟ। ପ୍ରଜାମାନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ହେଉଛି ସବୁଠାରୁ ବଡ଼ ଗୁଣ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଅଧିଷ୍ଠିତ କରାଇ ତାଙ୍କର ପୂଜା ଅର୍ଚ୍ଚନା କରିବାରେ କେତେକ ବୈଶିଷ୍ଟ୍ୟ ଅଛି ଯାହାକି ଅନ୍ୟାନ୍ୟ ଦେବଦେବୀଙ୍କ ମନ୍ଦିରମାନଙ୍କରେ ପରିଲକ୍ଷିତ ହୁଏନାହିଁ। ମନ୍ଦିରରେ ଅଧିଷ୍ଠିତ ଦେବତାଙ୍କ ପ୍ରତି ରାଜମର୍ଯ୍ୟାଦାରେ ଆନୁଗତ୍ୟ ପ୍ରଦର୍ଶନ କରିବା ହେଉଛି ଏକ ସାର୍ବଜନୀନ ଶିଷ୍ଟାଚାର; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଉପାସନା କରିବା ବେଳେ ଏହି ଆନୁଗତ୍ୟଭିତ୍ତିକ ଶିଷ୍ଟାଚାର ସହ କାତରତା ସଂଶ୍ଳିଷ୍ଟ। କାତରତା ଗୋଟିଏ ଭକ୍ତି ଯାହାକି ଶ୍ରୀମଦଭାଗବତ ପ୍ରତିପାଦିତ ନବଧା ଭକ୍ତିଠାରୁ ପୃଥକ।

ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସର୍ବଜନ ସ୍ୱୀକୃତ। ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଇ ଥାଏ। ଭକ୍ତ ତାଙ୍କୁ ଯେତେବେଳେ ଯେଉଁପରି ଭାବରେ ଡାକିଛି, ଜଗନ୍ନାଥ ତାକୁ ସେତେବେଳେ ସେହି ଭାବରେ ଦର୍ଶନ ଦେଇଛନ୍ତି। କେତେବେଳେ ସେ ଶୂନ୍ୟ ପୁରୁଷ, ଦାରୁବ୍ରହ୍ମ ତ ଆଉ କେତେବେଳେ ରାମ-କୃଷ୍ଣ-ବୁଦ୍ଧ। ଏହିପରି ଭାବରେ ଆଲୋଚନା କଲେ ଜଣାଯାଏ, ଶ୍ରୀଜଗନ୍ନାଥ ଅନନ୍ତ ଚେତନାର ଆଧାର ଓ ଅମୀତ ଭାବର ଭଣ୍ଡାର। ସବୁଧର୍ମ, ସବୁ ସଂସ୍କୃତିର ଉତ୍ସରୂପେ ସେ ବିରାଜିତ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଧର୍ମ ଓ ଚେତନାକୁ ସେ ଅଦ୍ଭୁତ ଭାବରେ ଅନୁପ୍ରାଣିତ କରି ମାନବ ଜାତିର ସଂହତି ରୂପେ ବିଦ୍ୟମାନ।

ଶ୍ରୀଜଗନ୍ନାଥ ଓଡ଼ିଶାର ଧର୍ମ ଓ ସଂସ୍କୃତିର ମୂଳପିଣ୍ଡ। ଯୁଗ ଯୁଗ ଧରି ଜଗନ୍ନାଥ ଧର୍ମ ଓଡ଼ିଶାର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ ଓ ଓଡ଼ିଆ ଜାତିର ଜାତୀୟତା ଏ ସବୁର ପରାକାଷ୍ଠା ଶ୍ରୀଜଗନ୍ନାଥଙ୍କ ଉପାସନାରୁ ସମ୍ଭବ ହୋଇ ପାରିଛି। ଓଡ଼ିଆ ଚାଲିଚଳନ, ରୀତିନୀତି, ସାହିତ୍ୟ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ଦର୍ଶନ ଓ ମୂଲ୍ୟବୋଧରେ ଜଗନ୍ନାଥ ଧର୍ମ ଓ ଦର୍ଶନର ପ୍ରଭାବ ଯଥେଷ୍ଟ ଭାବରେ ପଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ ଏବଂ ସମସ୍ତ ଧର୍ମ ଧାରା ଓ ସମ୍ପ୍ରଦାୟ ମଧ୍ୟରେ ଏକ ବିରାଟ ସମନ୍ୱୟ ରୂପେ ପ୍ରତିଷ୍ଠିତ।

# ଦୁର୍ନୀତି ଓ ଅର୍ଥନୈତିକ ବୈଷମ୍ୟ



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଦୁର୍ନୀତି ଏବେ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ। ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଫଳରେ ଏହା ଅର୍ଥନୈତିକ ବୈଷମ୍ୟ , ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହେଉଛି। ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି। ଏସବୁ ଦୃଷ୍ଟିରୁ ଦେଖିଲେ ୨୦୨୩ ରିପୋର୍ଟ ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ ଥିଲା ଏବେ ପୁଣି ୩ଟି ସ୍ଥାନ ତଳକୁ ଖସି ୯୬ରେ ପହଞ୍ଚିଛି । ପ୍ରାୟ ଅଧିକାଂଶ ମଣିଷ ଦୁର୍ନୀତିର ଶିକାର ହୋଇଚାଲିଛନ୍ତି । ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନତାଙ୍କ ପାଖରେ ବିନା ଦୁର୍ନୀତିରେ ପହଞ୍ଚି ପାରୁନାହିଁ । ଆମ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଜାରିରହିଛି । ଏଥିରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ପାଇଁ ସରକାରୀ ଅଧିକାରୀମାନଙ୍କୁ ଶପଥପାଠ କରାଇଛନ୍ତି। ଏପରିକି ଚେତାବନୀ ମଧ୍ୟ ଦେଇଛନ୍ତି । ଦୁର୍ନୀତି କଥା ପଡିଲେ ଆମ ରାଜ୍ୟକଥା ଯାହା, ଦେଶ ଓ ସାରାବିଶ୍ୱରେ ମଧ୍ୟ ଅବସ୍ଥା ମଧ୍ୟ ଠିକ୍ ସେଇଆ। ମନେ ହେଉଛି ସତେ ଯେମିତି କାୟା ବିସ୍ତାର କରିଚାଲିଛି ଦୁର୍ନୀତି।

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି। ବିଶେଷ କରି ଦୁର୍ନୀତି ବିରୋଧୀ ଲଢେଇରେ ଆଇନ ଓ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ନୈତିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଜରୁରି। ଶିକ୍ଷା ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ। ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର।

ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି। ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲାଞ୍ଚଦେଇଥାନ୍ତି। ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦। ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲଛି। ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି। ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗୋଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନଓ୍ୱେଲ୍‌ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ। ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି। ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାରକୋଟି ଟଙ୍କାକୁ ଟପିସାରିଲାଣି। ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି ।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲିକ୍ଷିତ ହୋଇଛି। ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି,ଲାଞ୍ଚ ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି। ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି। ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟି ନରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ। ଦୁର୍ନୀତିକୁ ରୋକିବା ପାଇଁ କଠୋର ଦଣ୍ଡ ବିଧାନର ଆବଶ୍ୟକତା ରହିଛି। ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୂଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ସବୁଠି ସ୍ୱଚ୍ଛତା ଅବଲମ୍ବନକରିବା ବିଧେୟ। କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ ସାନମାନେ ତାହା ଅନୁକରଣ କରିବେ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ। ଗୁରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇ ଥିଲେ। ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ। ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉତ୍ତରରେ କପି କରିବା ବଡ଼ ଅନ୍ୟାୟ ଓ କିଭଳି ଏତେବଡ ଅନୀତି କରିଥାନ୍ତି ବୋଲି ଉତ୍ତର ଦେଇଥିଲେ। ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ୍ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ। ସେଇଥିପାଇଁ ତ ସେ ମହାତ୍ମା। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ। ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶୟ ଦେବିନାହିଁ, ଏହିଭାବ ମନରେ ସୃଷ୍ଟି ହେବା ଦରକାର। ତା'ହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ। ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ସାମୂହିକ ସଂକଳ୍ପ ଲୋଡା।



କେନ୍ଦୁଝରେ, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ କେନ୍ଦୁଝର ଶାଖା ଦ୍ୱାରା କନ୍ୟା ସନ୍ତାନଙ୍କ ସମସ୍ୟା ଉପରେ ଏକ ସଚେତନତା ଶୋଭାଯାତ୍ରା ଲାବଣ୍ୟ ଛକ ଠାରୁ ଆରମ୍ଭ ହୋଇ ମାଇଁନଂ ରୋଡ ସ୍ମାର୍ଟ ବଜାର ଠାରେ ଶେଷ ହୋଇଛି। କନ୍ୟା ରତ୍ନ କର ଯତ୍ନ,ଏକ ପାଦ କନ୍ୟାଙ୍କ ପାଇଁ ,'ବାଳିକାମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କର ଜୀବନକୁ ସମୃଦ୍ଧ କରିବାର ନାରା ଦେଇ ଶୋଭାଯାତ୍ରା ଆଗକୁ ବଢିଥିଲା' ।ପୁରୁଷ ପ୍ରଧାନ ସମାଜ ରେ ଅବହେଳିତ ନିଷ୍ପେସିତ କନ୍ୟା ସନ୍ତାନ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସଶକ୍ତିକରଣର କୁ କିପରି ଗୁରୁତ୍ୱ ମିଳିବା ଉଚିତ ଓ ଏହାଦ୍ୱାରା ସମାଜର କ'ଣ ଉନ୍ନତି ସାଧିତ ହେବ ଏହା ଥିଲା ଏହି ସଚେତନତା ଧର୍ମୀ ଶୋଭାଯାତ୍ରା ର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ ବିଦ୍ଧିବଦ୍ଧ ଭାବେ କେନ୍ଦୁଝର ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁ ଉଦ୍ଘାଟନ କରିଥିବା ବେଳେ ସାଙ୍ଗରେ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ଧନରାଜ୍ ଜିଲ୍ଲା ବନଖଣ୍ଡ ଅଧିକାରୀ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ୍ ସରୋଜ କୁମର ଦାଶ। ଏହି କାର୍ଯ୍ୟକ୍ରମକୁ ସୁନ୍ଦର ଓ ଆକର୍ଷଣୀୟ କରିବାର ଗୁରୁଦାୟିତ୍ୱ ବହନ କରୁଥିଲେ କେନ୍ଦୁଝରର ରୋଟାରୀ କ୍ଲବର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ସମ୍ପାଦକ ଦୀପକ ନାୟକ, ଇଂ.ଦେବବ୍ରତ ସ୍ୱାଇଁ, ଇଂ.ସୁରେଶ ଚନ୍ଦ୍ର ଖଟୋଇ, ବିଜୟନାଥ କପୁର, ରୀତା କପୁର, ବିକେ ଦାନୀ, ଅମୀୟ ବେହେରା, ହରିହର ମହାନ୍ତ,ପ୍ରଭାତ ଭୂୟାଁ ପ୍ରିୟଦର୍ଶିନୀ ପଟ୍ଟନାୟକ, ସସ୍ମିତା ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ, ସତ୍ୟଜିତ ନନ୍ଦ, ଶେଫାଳୀକା ମହାନ୍ତି, ମାମି ମହାପାତ୍ର, ସର୍ବାଣୀ, କଳ୍ପନା ରାଉତ ପ୍ରମୁଖ।



# ସେନାପତି ଗ୍ୟାଙ୍ଗ ମୁଖ୍ୟ ଗିରଫ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଘରୋଇ ଓ ବ୍ୟାବସାୟିକ ଶତ୍ରୁତା ସମାଧାନ କରିବାକୁ ମଧ୍ୟସ୍ଥ ସାଜିବା ସହ ଲୋକଙ୍କୁ ଧମକାଇ ଟଙ୍କା ଆଦାୟ କରୁଥିବା ସେନାପତି ଗ୍ୟାଙ୍ଗର ମୁଖ୍ୟ ଭାପୁର ବଜାର ଆକୁଳ ସାହିର ରତିକାନ୍ତ ସେନାପତି ଓରଫ ଜୁଲି(୪୫)ଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ରତିକାନ୍ତ ନାମରେ ଟାଉନ ଥାନା ଓ ବଡବଜାର ଥାନାରେ ୨ଟି ମାମଲା ରୁଜୁ ହୋଇଛି। ସେନାପତି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ଗିରଫ କରିବାକୁ ଚେଷ୍ଟା ଜାରି ରହିଥିବା ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ସର୍ବଣା ବିବେକ ଏମ କହିଛନ୍ତି। ସୂଚନା ପ୍ରକାରେ, ବ୍ରହ୍ମପୁର ବଡବଜାର ଅଞ୍ଚଳରେ ରହୁଥିବା ଏ. କିରଣ କୁମାର ଓ ତାଙ୍କ ଭାଇଙ୍କ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ରହିଥିଲା। ସେନାପତି ଗ୍ୟାଙ୍ଗ ମୁଖ୍ୟ ଗିରଫ ଏଭଳି ସ୍ଥିତିରେ ଅଭିଯୁକ୍ତ ରତିକାନ୍ତ ଉଭୟ ଭାଇଙ୍କ ବିବାଦରେ ପ୍ରବେଶ କରିଥିଲେ। ରତିକାନ୍ତ ନିଜର ୧୦ ରୁ ୧୫ଜଣ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚି ଘର ଖାଲି କରିବାକୁ ଧମକ ଦେଇଥିଲେ। ଏହାପରେ ୩ ରୁ ୪ ଥର ନିଜ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚି ୫ ଲକ୍ଷ ଟଙ୍କା ନେଇ ଘର ଖାଲି କରିବାକୁ ଧମକ ଦେଇଥିଲେ। ଘଟଣାକୁ ନେଇ କିରଣ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସେହିପରି ଟାଉନ ଥାନା ଅନ୍ତର୍ଗତ ପ୍ରେମନଗର ଷଷ୍ଠ ଲାଇନରେ ରହୁଥିବା ଇ. ଦ୍ୱାରିକା ନାଥ ଓ ବ୍ୟବସାୟୀ ପି. ରାଜା ପ୍ରଭାକରଙ୍କ ମଧ୍ୟରେ ଦୋକାନ ଗୃହ ଭଡାକୁ ନେଇ ବିବାଦ ରହିଥିଲା। ଦ୍ୱାରିକାନାଥଙ୍କ ଅର୍ବାନ ବ୍ୟାଙ୍କ ରୋଡରେ ଥିବା ଏକ ଦୋକାନ ଗୃହକୁ ପ୍ରଭାକର ଭଡାରେ ନେଇ ସେଠାରେ ଏକ ଇଲେକ୍ଟ୍ରୋନିକ୍ସ ଉପକରଣ ଦୋକାନ ଖୋଲିଥିଲେ। ଉଭୟଙ୍କ ମଧ୍ୟରେ ରହିଥିବା ବିବାଦକୁ ନେଇ ଟାଉନ ଥାନାରେ ଏକାଧିକ ମାମଲା ହୋଇଥିଲା। ସେହି ମାମଲା ଅଦାଲତରେ ବିଚାରାଧୀନ ରହିଛି। ଏହି ବିବାଦ ଭିତରକୁ ଧସେଇ ପଶିଥିଲେ ସେନାପତି ଗ୍ୟାଙ୍ଗର ମୁଖ୍ୟ ରତିକାନ୍ତ ଓ ତାଙ୍କ ସହଯୋଗୀ। ଗତ ୧୭ ତାରିଖରେ ରତିକାନ୍ତ ଓ ତାଙ୍କ ଗ୍ୟାଙ୍ଗର ସହଯୋଗରେ ଦୋକାନ ଗୃହ ମାଲିକ ଦ୍ୱାରିକାନାଥ ସେହି ଦୋକାନକୁ ଯାଇ ବିଭିନ୍ନ ସାମଗ୍ରୀ ବାହାର କରି ନେଇ ଯାଇଥିଲେ। ଏପରିକି ୩୦ ଲକ୍ଷ ଟଙ୍କା ଦେଲେ ସମାଧାନ ହେବ ବୋଲି ପ୍ରଭାକରଙ୍କୁ କହିଥିଲେ। ଘଟଣାକୁ ନେଇ ପ୍ରଭାକର ଅଭିଯୋଗ କରିବା ପରେ ପୁଲିସ ରତିକାନ୍ତ ଓ ତାଙ୍କ ଗ୍ୟାଙ୍ଗ ସଦସ୍ୟଙ୍କ ନାଁରେ ମାମଲା ରୁଜୁ କରିଥିଲା। ରତିକାନ୍ତଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। କେବଳ ଉପରୋକ୍ତ ୨ ମାମଲା ନୁହଁ ସହରରେ ଏପରି ଅନେକ ମାମଲାରେ ମଧ୍ୟସ୍ଥ ସାଜି ସେନାପତି ଗ୍ୟାଙ୍ଗ ସଦସ୍ୟମାନେ ଗୋଟିଏ ପକ୍ଷକୁ ଡରାଇ ଧମକାଇ ଟଙ୍କା ଆଦାୟ କରିଥିବା ଅଭିଯୋଗ ହେଉଛି। ଏ ଦିଗରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି। ବର୍ଷ ବର୍ଷ ଧରି ବିଭିନ୍ନ ଗୋଷ୍ଠୀ ପୁରୁଣା ବ୍ରହ୍ମପୁରର ବ୍ୟାବସାୟିକ ଅଞ୍ଚଳରେ ଏଭଳି ଦୋକାନ ଓ ଘର ଖାଲି କରିବାକୁ ନାନା ଧମକଚମକ ଦେଇ ବିପୁଳ ବଟି ଆଦାୟ କରି ଆସୁଛନ୍ତି। ହେଲେ ଆକ୍ରମଣ ଭୟରେ କେହି ପାଟି ଖୋଲିବାକୁ ସାହସ କରୁ ନାହାନ୍ତି। ସହରରେ ଜମି ଓ ଘର ଦର ଆଶାତୀତ ବୃଦ୍ଧି ପାଇଛି। ବଡବଜାର ଅଞ୍ଚଳରେ ଘରଭଡା ନେଇ ଦୋକାନଟିଏ କରିବାକୁ ଲୋକଙ୍କ ବ୍ୟାକୁଳତାର ସୁଯୋଗ ନେଇ କେତେକ ଗୋଷ୍ଠୀ ବରାବର ଏଭଳି କାମ କରି ଆସୁଛନ୍ତି। ସେନାପତି ଗ୍ୟାଙ୍ଗ ନିଜ ଚେଲାଚାମୁଣ୍ଡା ଧରି ବିଭିନ୍ନ ସମୟରେ ଦୋକାନ ଖାଲି କରିବାକୁ ଦୋକାନୀଙ୍କୁ ଧମକଚମକ ଦେଇ ଆସୁଥିବା ଅଭିଯୋଗ ହୋଇ ଆସୁଥିଲା। ଏତଲା ଦାୟର ସତ୍ତ୍ୱେ ପୁଲିସ ବିଳମ୍ବରେ ହେଲେ ମଧ୍ୟ ଚେତି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ଗ୍ୟାଙ୍ଗ ସହରରେ ଆଉ କେଉଁ କେଉଁ ଅନୈତିକ କାମରେ ଲିପ୍ତ ରହିଛି ତାହାର ତଦନ୍ତ କରୁଛି ପୁଲିସ।

# ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ, ପୁଣ୍ୟଶ୍ଳୋକ ରଥଙ୍କ ତତ୍ତ୍ୱାବଧାନରେ ବର୍ଯ୍ୟବସ୍ତୁର ସୁପରିଚାଳନା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୁଣାବଜାର ନଙ୍ଗାମହଲାସ୍ଥିତ ଫେଲୋସିପ୍, ଶିଶୁ ଯତ୍ନଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ବିଭିନ୍ନ ବସ୍ତୁ ଯାହାକି ଆମେ ବାହାରେ ଫିଙ୍ଗିଦେଇଥାଉ ଅଥବା ପୋଡ଼ି ଦେଇଥାଉ ମାତ୍ର ସେହି ବର୍ଯ୍ୟବସ୍ତୁରୁ ବହୁତ ଗୁଡ଼ିଏ ସୁନ୍ଦର ପଦାର୍ଥ ଆମେ ତିଆରି କରି ପୁନଃ ଚକ୍ରିକରଣ ପ୍ରକ୍ରିୟା ମାଧ୍ୟମରେ ଆମେ ସେହିସବୁ ବର୍ଯ୍ୟବସ୍ତୁର ସୁପରିଚାଳନା କରିପାରିବା। ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ଏଲ୍.ଏ.ଡିସ୍.ଏସ୍. ସହାୟକ,




ଭଦ୍ରକ,ଏସ୍.ଏମ୍. ଫାରୁକ୍, ସମ୍ପାଦକ, ଫେଲୋସିପ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, ଫେଲୋସିପ୍, ଭଦ୍ରକ, ତାପସ କୁମାର ସାମଲ, କାର୍ଯ୍ୟକାରୀ ଅଧିକାରୀ, ଭଦ୍ରକ ମ୍ୟୁନିସ୍‌ପାଲିଟି, ଆଶିଷ କୁମାର ମହାପାତ୍ର, ବିଷ୍ଣୁପ୍ରସାଦ ବେହେରା, ବିକ୍ରମ ବଳ, ସାନିଟେସନ୍ ଅଧିକାରୀ ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର କର୍ମଚାରୀଗଣ ଏବଂ ପି.ଏଲ୍.ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳୀ ବେହେରା, ସସ୍ମିତା ବାରିକ୍, ଉର୍ମିଳା ପଣ୍ଡା, ମଧୁସ୍ମିତା ମଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାମାନେ ପୁରୁଣା ବର୍ଯ୍ୟବସ୍ତୁରୁ ବହୁତ ସୁନ୍ଦର ଜିନିଷମାନ ଯଥା ବିଣା, ଫୁଲଦାନି, ତୋରଣ ଭଳି ଜିନିଷ ତିଆରି କରିଛନ୍ତି ଯାହାକି ଅତ୍ୟନ୍ତ ଉତ୍ସାହ ଜନକ କାର୍ଯ୍ୟ ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଶେଷରେ ଫେଲୋସିପ୍‌ରେ ଥିବା ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା।

# 'ଦିନଚର୍ଯ୍ୟା'ର ୧୪ତମ ବାର୍ଷିକ ଉତ୍ସବ ପାଳିତ




ଯାଜପୁର, (ଭାସ୍କର ନ୍ୟୁଜ୍): ଦୈନିକ ସମ୍ବାଦପତ୍ର 'ଦିନଚର୍ଯ୍ୟା'ର ଚତୁର୍ଦ୍ଦଶ ସ୍ୱ-ନକ୍ଷତ୍ର ଉତ୍ସବ ମହାସମାରୋହରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବାଦପତ୍ରର ସମ୍ପାଦକ ତପନମହରଣ୍ୟ ଶର୍ମା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିରୂପେ ଯାଜପୁର ସାଂସଦ ଡଃ ରବିନ୍ଦ୍ରନାରାୟଣ ବେହେରା ଯୋଗଦେଇ ସମ୍ବାଦପତ୍ର ଜନଗଣଙ୍କ ସ୍ୱର ହେବା ଉଚିତ, ଏଣୁ ଦିନଚର୍ଯ୍ୟା ସମ୍ବାଦପତ୍ର ତାହାର ସଠିକ୍ ଭୂମିକା ନିର୍ବାହ କରୁଛି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ତଥା ଏମ୍‌ବିସି ଟିଭିର ସମ୍ପାଦକ ଅଶୋକ ପଣ୍ଡା ଯୋଗଦେଇ ସମ୍ବାଦ ପତ୍ରର ବିଭିନ୍ନ ସମସ୍ୟାପତ୍ରି ଆଲୋଚନା କରିଥିଲେ। ବରେଣ୍ୟ ଅତିଥିରୂପେ ବିଶ୍ୱବାଣୀର ସମ୍ପାଦକ ଅର୍ଜୁନମୁଦୁଲି ସମ୍ବାଦପତ୍ର ପ୍ରକାଶ ପାଇଁ କିଭଳି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼େ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବରେଣ୍ୟ ଅତିଥିରୂପେ ବିଜେପି ନେତ୍ରୀ ଦିପ୍ତିରେଖା ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିରୂପେ ଫୋକସ୍ ପ୍ଲସ୍‌ର ନିର୍ଦ୍ଦେଶକ ସୁଧାଂଶୁ ଶେଖର ରାଉତ ଯୋଗଦେଇ ବର୍ତ୍ତମାନ ସମୟରେ ସମ୍ବାଦପତ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନର ସାରସ୍ୱରତ ସମାରୋହ ପର୍ବରେ ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଯୁବନେତା ବଳଭଦ୍ର ଦାସ, ଶିକ୍ଷାବିତ୍ ଅନିଲ୍ କୁମାର ମହାନ୍ତି ଯୋଗଦେଇ ସମ୍ବାଦପତ୍ର ଓ ସାହିତ୍ୟ ଅଙ୍ଗାଙ୍ଗିଭାବେ ଯଡ଼ିତ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିରୂପେ ଯୁବନେତା ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, କବି ସୁବ୍ରତ ଦାସ ଯୋଗଦେଇ କବିତା ଏବଂ ଗଳ୍ପ ତଥା ସମ୍ବାଦିକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାୟ ଶତାଧିକ କବି ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି କବିତା ଗୁଡ଼ିକ ଯୁବକବି ଜିତେନ୍ଦ୍ର ବେହେରା, ରଞ୍ଜିତା ଦାଶ, ସଂଯୋଜନା କରିଥିଲେ। ଯାଜପୁର ଜିଲ୍ଲାରେ ମେଟ୍ରିକ୍ ଓ +୨ କଳାରେ ଜିଲ୍ଲାରେ ରଖିଥିବା ସର୍ବୋଚ୍ଚ ନମ୍ବରର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଜ୍ୟୋତିଶଙ୍କର ରାୟ, ସୌଭାଗ୍ୟ ନାୟକ, ପ୍ରଦୀପ୍ତ ମିଶ୍ର, ତରଣୀ ଶର୍ମା, ନିହାର ସାମଲ, ଯୋଗମାୟା ଶର୍ମା, ପଞ୍ଚାନନ ପାଣୀ, ଅରୁଣ ମହାପାତ୍ର, ସଞ୍ଚାଳନ କରିଥିବା ବେଳେ ଯଶୋଦା କଳାନିକେତନର ନିର୍ଦ୍ଦେଶକ ଦିନେଶ ମଲ୍ଲିକ ଓ ସାଥୀ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା।

# କଙ୍ଗାରୁକୋର୍ଟରେ ନିର୍ଯାତନା ଓ ବାସନ୍ଦ ବିରୁଦ୍ଧରେ ଦଳିତ ମହାସଭାର ଆଇଜିଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଧରାକୋଟ ବ୍ଲକ୍ ଅନ୍ତର୍ଗତ ବରାଡାବିଲି ପଞ୍ଚାୟତର ପ୍ରତାପୁର ଗାଁରେ କିଛି ଅସାମାଜିକ ଲୋକଙ୍କ ନେତୃତ୍ୱରେ ବେଆଇନ ଭାବେ ନ୍ୟାୟ ନିଶାପ (କଙ୍ଗାରୁ କୋର୍ଟ) ବସାଇ ଗାଁ'ର ଦୁର୍ବଳ ଓ ଗରିବ ଲୋକଙ୍କୁ ପ୍ରତାଡିତ କରିବା ବିରୁଦ୍ଧରେ ଆଜି ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ନେତୃତ୍ୱରେ ଗାଁର ପିଡୀତ ଲୋକମାନେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରତାପୁର ଗାଁରେ କିଛି ଧନୀ ଶ୍ରେଣୀର ଅସାମାଜିକ ଲୋକ ବର୍ଷବର୍ଷ ଧରି ଗାଁର ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରି ଆସିଛନ୍ତି। ସେମାନଙ୍କ କଥାକୁ କେହି ନମାନିଲେ ଅଥବା ଇଛା ବିରୁଦ୍ଧରେ ଗଲେ, ସେମାନେ ଗାଁରେ ତୁରନ୍ତ ମିଟିଂ ଡକେଇ କଙ୍ଗାରୁ କୋର୍ଟରେ ତା'ର ବିଚାର କରିବା ସହ ମନଇଛା ଜୋରିମାନା ପକାଇ ତାକୁ ଦେବାକୁ ବାଧ କରିଥାନ୍ତି। ଯଦି କେହି ଜୋରିମାନା ନଦିଏ ଅଥବା ଥାନାକୁ ଯାଏ ତାହେଲେ ତାକୁ ଗାଁରେ ନିଆଁ ପାଣି ଦୋକାନ ମନା କରିବା ସହ ସାମାଜିକ ବାସନ୍ଦ କରିଥାନ୍ତି। ଏପରିକି ଯଦି ଗାଁର କେହି ସମ୍ପୃକ୍ତ ବ୍ୟକ୍ତି ସହ ସମ୍ପର୍କ ରଖେ ଅଥବା କଥାହୁଏ, ତାହେଲେ ତା' ଉପରେ ବି ଜୋରିମାନା ପକାଯାଏ। ସେମାନଙ୍କ ନିର୍ଦ୍ଦେଶ ନମାନିଲେ କଥା କଥାକେ ଯେକୌଣସି ଲୋକଙ୍କୁ ମନଇଛା ମାଡ଼ ମାରିବା ସହ ଆର୍ଥିକ ଜୋରିମାନା ପକାଉଛନ୍ତି। ନିଆଁପାଣି ମନାକରି ସାମାଜିକ ବାସନ୍ଦ କରାଯାଉଛି। ଆବଶ୍ୟକ ସ୍ଥଳେ ଗାଁରୁ ମଧ ତଡ଼ି ଦିଆଯାଉଛି। ତାଙ୍କର



ଅତ୍ୟାଚାର ସହି ନପାରି ଗତ ଦଶ ବର୍ଷ ମଧ୍ୟରେ ଅନେକ ଲୋକ ଗାଁ ଛାଡ଼ି ବାହାରକୁ ଚାଲିଯିବାକୁ ବାଧ ହୋଇଛନ୍ତି। ନିକଟରେ ଗାଁର ଦଳିତ ସମ୍ପ୍ରଦାୟର ଜନୈକ ଗରିବ ଲୋକ ନିରଞ୍ଜନ ନାୟକ ବର୍ତମାନର ସରପଂଚଙ୍କ ସହଯୋଗରେ ୧,୬୦,୦୦୦ ଟଙ୍କା ବ୍ୟୟରେ ନିଜ ସାହିରେ କୋଠଘର ନିର୍ମାଣ କରିଥିଲେ। ପ୍ରଦୀପ ବିଷୋୟୀ ତାଙ୍କୁ ଡ଼ାକି ମୋତେ ନଜଣାଇ କିପରି କୋଠଘର କରୁଛୁ ବୋଲି ପଚାରିବା ସହ ଗାଁରେ କଙ୍ଗାରୁ କୋର୍ଟ ଡ଼କାଇ ସେ ଓ ତାଙ୍କ ସମର୍ଥକମାନେ ତାଙ୍କୁ ୫୦୦୧ ଟଙ୍କା ଜୋରିମାନା ପକାଇ ଥିଲେ। ନିରଞ୍ଜନ ଏହି ଜୋରମାନା ରାଶିକୁ ଦେବାକୁ ମନା କରିବାରୁ ଗାଁରେ ତାଙ୍କ ପରିବାରକୁ ନିଆଁ ପାଣି ମନା କରି ସାମାଜିକ ବାସନ୍ଦ କରିଛନ୍ତି। ସେହିପରି ଗାଁର ପୂର୍ବତନ ସରପଂଚ ଭିକାରୀ ବିଷୋୟୀଙ୍କୁ ବି ରାଜନୈତିକ ଆକ୍ରୋଶ ରଖି ପ୍ରଦୀପ ବିଷୋୟୀ ଓ ତାଙ୍କ ସହଯୋଗୀମାନେ ସାମାଜିକ ବାସନ୍ଦ କରି ଗାଁରୁ ତଡ଼ି ଦେବା ଫଳରେ ସେ ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଗାଁ ବାହାରେ ଅନ୍ୟ ଗାଁରେ ରହୁଛନ୍ତି। ଉପରୋକ୍ତ ଦୁଇ ଜଣଙ୍କ ଭଳି ଆହୁରି ଅନେକ ପରିବାର ସେମାନଙ୍କ ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇ ଗାଁରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦେଶରେ ସମ୍ବିଧାନ ଓ ଆଇନ କାନୁନ୍ ରହିଥିବା ସତ୍ୱେ ପ୍ରତାପୁର ଗାଁରେ କିଛି ଅସାମାଜିକ ଲୋକଙ୍କ ଦାଦାଗିରି ଲାଗି ଆଜି ଅନେକ ସାଧାରଣ ଲୋକଙ୍କ ମାନବିକ ଅଧିକାର ଓ ସାମାଜିକ ସମାଜ କ୍ଷୁର୍ଣ୍ଣ ହେଉଛି। ଜଣେ ନାଗରିକ ଭାବେ ସେମାନଙ୍କର ସାମ୍ବିଧାନିକ ଅଧିକାରର ଖୋଲାଖୋଲି ଭାବେ ଉଲଂଘନ ହେଉଛି। ନିରୀହ ଲୋକଙ୍କୁ ମନଇଛା ଜୋରିମାନା ପକାଇ ଓ ସାମାଜିକ ବାସନ୍ଦ କରି ସେମାନେ ଆଇନକୁ ଆତକୁ ନେଇ ଚାଲିଛନ୍ତି। ତେବେ ଏତେ ସବୁ ସତ୍ୱେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବାରମ୍ବାର ଜଣାଇବା ପରେ ବି ସେମାନଙ୍କ ପ୍ରଭାବ ଆଗରେ ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରତାପୁରରେ ଚାଲିଥିବା ଏହି ବେଆଇନ କଙ୍ଗାରୁକୋର୍ଟ ବନ୍ଦ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତଥା ପୀଡ଼ିତ ପରିବାରଗୁଡ଼ିକୁ ନ୍ୟାୟ ପ୍ରଦାନ କରି ସେମାନଙ୍କୁ ଗାଁରେ ସସମ୍ମାନ ବସବାସ କରିବାକୁ ସୁଯୋଗ ଦେବାକୁ ଦାବି କରି ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ନେତୃତ୍ୱରେ ସେହି ଗାଁର ପିଡୀତ ଲୋକମାନେ ଆଜି ବ୍ରହ୍ମପୁର ସ୍ଥିତ ଦକ୍ଷିଣାଂଚଳ ଆଇଜିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପାଇବା ପରେ ଆଇଜି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏବଂ ପିଡ଼ୀତମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ପ୍ରତିନିଧି ଦଳରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ସମ୍ପାଦକ ସଂଗ୍ରାମ ନାୟକ, ଜିଲ୍ଲା କମିଟି ସଦସ୍ୟ ସଞ୍ଜୟ ନାୟକ, ସନ୍ତୋଷ ନାୟକ ଏବଂ ପ୍ରତାପୁର ଗାଁର ପିଡ଼ୀତ ମାନଙ୍କ ପକ୍ଷରୁ ପୂର୍ବତନ ସରପଂଚ ଭିକାରୀ ବିଷୋୟୀ, ମଧୁସୂଦନ ନାୟକ, ସୁଦାମ ନାୟକ ପ୍ରମୁଖ ଆଇଜିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ବେକରେ ଗାମୁଛାବାନ୍ଧି ନାବାଳକର ଆତ୍ମହତ୍ୟା

ଉମରକୋଟ, (ଭାସ୍କର ନ୍ୟୁଜ୍): ବେକରେ ଗାମୁଛା ବାନ୍ଧି ଜଣେ ନାବାଳକ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ନାବାଳକ ଜଣକ ହେଲେ ଉମରକୋଟ ବ୍ଲକ ସେମଳା ପଞ୍ଚାୟତ ବାକିଲି ଗୁଡା ଗ୍ରାମର କପିଳାଶ ଭତରା (୧୬)। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମିଳିଥିବା ସୂଚନା ଅନୁସାରେ କପିଳାଶ ଗତକାଲି ଅର୍ଥାତ ୨୭ ତାରିଖ ଦିନ ୧୨ ସମୟରେ ଘରୁ ବାହାରି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କୌଣସି ଖୋଜ ଖବର ପାଇ ନଥିଲେ। ଗତକାଲି ସଂଧ୍ୟା ୬ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ କପିଳାଶ ଗ୍ରାମର ଗୋଟିଏ ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଥିଲା। ସୂଚନା ଥାଉକି କପିଳାଶଙ୍କ ମାନସିକ ଅବସ୍ଥା ଠିକ ନଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ରାକେଶ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ପୁରୀ ଜିଲ୍ଲାରେ ଜଣେ ଯୁବ ନେତୃତ୍ୱ, ଦୃଢ଼ ସଂଗଠକ, ଲୋକ ସେବାରେ ଜଡ଼ିତ ଶ୍ରୀଯୁକ୍ତ ରାକେଶ କୁମାର ବିଶ୍ୱାଳ (ରିଙ୍କୁ )ଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦ ଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ମାନ୍ୟବର ସାଂସଦଙ୍କ ଚିଠି ନଂ ଏମପିଏଲଏସ/ବିପିଟି -୦୯୨ ତା ୨୭ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଂଚାୟତ ବଡ଼ନାନପଡ଼ା ଗ୍ରାମର ସ୍ୱର୍ଗତଃ କେଦାରନାଥ ବିଶ୍ୱାଳଙ୍କ ସୁପୁତ୍ର ରାକେଶ ବିଶ୍ୱାଳ ଓରଫ ରିଙ୍କୁ ୨୦୦୯ ମସିହାରେ ନିର୍ଦ୍ଦିଷ୍ଟ ଦଳରେ ସାମିଲ ହୋଇ ଯୁବକ ମାନଙ୍କ ନେତୃତ୍ୱ ନେଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ପରେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ



ଭାରତୀୟ ଜନତା ପାର୍ଟିରେ ୨୦୧୪ ସାମିଲ ହୋଇଥିଲେ। ପରେ ସାଧାରଣ ଲୋକଙ୍କ ସେବା, ଦୃଢ ଯୁବ ନେତୃତ୍ୱ ହେତୁ ୨୦୧୯ମସିହା ରେ ପୁରୀ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ପରେ ୨୦୨୨ମସିହାରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଆଇଟି ସେଲ ସଂଯୋଜକ ହେଲେ, ୨୦୨୪ ନିର୍ବାଚନରେ ବର୍ତ୍ତମାନ ଜଗତସିଂହପୁର ଲୋକସଭା ସାଂସଦ ଡ. ବିଭୁ ପ୍ରସାଦ ତରାଇଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁରରେ ଯୁବ ନେତୃତ୍ୱକୁ ଏକତ୍ରିତ କରି ସଂଗଠନକୁ ମଜଭୂତ କରିବା ସହ ପ୍ରଚାର ପ୍ରସାର ମଙ୍ଗ ଧରିଥିଲେ। ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଭାବେ ମନୋନୀତ ହେବା ପରେ ଶ୍ରୀଯୁକ୍ତ ରାକେଶ କୁମାର ବିଶ୍ୱାଳ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ପୁରୀ ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ସବୁପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି। ରାକେଶଙ୍କ ପରି ଜଣେ ଯୁବ ନେତୃତ୍ୱ ସ୍ୱାସ୍ଥ୍ୟ ବିଭାଗରେ ମାନ୍ୟବର ସାଂସଦ ତାଙ୍କର ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୂର୍ବତନ ସମିତିସଭ୍ୟଙ୍କ ହୃଦଘାତରେ ମୃତ୍ୟୁ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ପୋସ୍ତଳ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ତଥା ବ୍ରାହ୍ମଣବାଟି ଗ୍ରାମର ସୁବାସ ପାତ୍ର ଟୁକୁ (୫୫)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବ୍ରାହ୍ମଣବାଟି ସୀମିତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ନିଆଳୀର ପୂର୍ବତନ ବିଧାୟକ ରବୀନ୍ଦ୍ରମଲ୍ଲିକ୍, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପାତ୍ର ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ ରାଉତରାୟ, ବିଜେଡି ନେତା ସୁବ୍ରତପାତ୍ର, ବବିନା ଆଚାର୍ଯ୍ୟ, ବଳରାମପାତ୍ର, ନିମାଇ ରାଉତରାୟ, ପଦ ମହାନ୍ତି, ବ୍ରାହ୍ମଣବାଟି ସେବାସମବାୟ ସମିତିର ସଭାପତି ସୁରେନ୍ଦ୍ର ପାତ୍ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପାତ୍ର ପୋସ୍ତଳ ପଞ୍ଚାୟତ ରେ ୧୯୯୫ରୁ ୨୦୦୦ମସିହା ପୋସ୍ତଳ ପଞ୍ଚାୟତ ରେ ସମିତିସଭ୍ୟ ରହିଥିଲେ।

## ସମସାମୟିକ ଭାସ୍କର୍ଯ୍ୟ କଳା ଶିବିର ଉଦ୍‌ଯାପିତ

# ୯ଜଣ ଶିଳ୍ପୀଙ୍କ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ ପ୍ରଦର୍ଶିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶାନ୍ତିସ୍ତୁପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାଲିଥିବା ୮ଦିନିଆ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ କଳା ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ଏହାର ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଭାସ୍କର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ ଓ ଶିଳ୍ପୀଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ନିଜର ନିରବଚ୍ଛିନ୍ନ କଳା ଯାତ୍ରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ ଓ କାଠ ଖୋଦେଇ ଭାସ୍କର୍ଯ୍ୟକୁ ଆଗାମୀ ଦିନରେ ଆହୁରି ବଳିଷ୍ଠ



କରିବାପାଇଁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ଆର୍ଯ୍ୟାନ୍ ସାମଲ, ଲିପ୍ସା ପ୍ରଧାନ, ସୋନାଲି ନାୟକ, ବୃନ୍ଦାବନ ପଣ୍ଡା, ସୁମିତ୍ କୁମାର ଦାସ, ଦେବରାଜ ମହାରଣା, ପ୍ରତିଭା ବେହେରା ଓ ରିତେଶ ସାହୁ ପ୍ରମୁଖଙ୍କ ନିଜନିଜ ବିଷୟବସ୍ତୁର ଅଲଗା ଅଲଗା ଶୈଳୀରେ ଆଧୁନିକ ଭାସ୍କର୍ଯ୍ୟ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। ପ୍ରାରମ୍ଭରେ ଅଧ୍ୟାପକ ଚନ୍ଦନ କୁମାର ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପ୍ରଦର୍ଶନୀ ଅବସରରେ ଚିତ୍ର ଶିଳ୍ପୀ ଓ କଳା ଅନୁରାଗୀ ତଥା ଛାତ୍ରଛାତ୍ରୀମାନେ ଭାସ୍କର୍ଯ୍ୟ ଗୁଡ଼ିକ ବୁଲି ଦେଖିଥିଲେ।

# ପାଉଚ୍ ମଦ ଯୋଗାଉଛି ଲାଇସେନ୍ସପ୍ରାପ୍ତ ଭାଟି

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଦିନକୁ ଦିନ ବଢିବାରେ ଲାଗିଛି ଦେଶୀ ପାଉଚ ମଦ କାରବାର। ବ୍ଲକ୍‌ର ବିଭିନ୍ନ ସ୍ଥାନକୁ ଦେଶୀ ମଦ ଚୋରା କାରବାର ହେଉଥିବା ଅନେକ ପ୍ରମାଣ ଓ ଅଭିଯୋଗ ଆସୁଛି। ଏସବୁ ସତ୍ତ୍ୱେ ଅବକାରୀ ବିଭାଗ କିଛି ନିରୀହ ଆଦିବାସୀ, ଯିଏ ନିଜର ଘରେ ନିଜ ପାଇଁ ଓ ବିବାହ ଭୋଜି ପାଇଁ ଦେଶୀ ମଦ ରାନ୍ଧୁଛି କିମ୍ବା ରଖୁଛି ତାଙ୍କୁ ଛାଡୁ ନାହିଁ। ଦେଶୀ ମଦ ଭାଟି ପାଇଁ ସରକାରଙ୍କ ଠାରୁ ଲାଇସେନ୍ସ ଆଣି ମଦ ପ୍ରସ୍ତୁତ କରି ଗାଁ ଗହଳିରେ ବେଆଇନ ଦେଶୀ ପାଉଚ ମଦ କାୟା ବିସ୍ତାର କରି ଚାଲିଛି। ସେହି ଭାଟି ମାଲିକଙ୍କ ଉପରେ ରୋକ୍ ଲଗାଇବା ପାଇଁ ଠୋସ୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। କିନ୍ତୁ ଅବକାରୀ ବିଭାଗର କର୍ମଚାରୀ ଓ ଭାଟି ମାଲିକଙ୍କ ମଧୁଚନ୍ଦ୍ରିକାରେ ବେଧଡ଼କ ଚାଲିଛି ଦେଶୀ ପାଉଚ ବେପାର। ଏହାକୁ ଆହୁରି ସରଳ କରିବା ପାଇଁ ଗାଁ ଗହଳିର ଚୋରା ବେପାରୀଙ୍କୁ ଲାଇସେନ୍ସ ପ୍ରାପ୍ତ ମଦଭାଟି କର୍ମଚାରୀମାନେ କିଛି ଦୋକାନୀ ଓ ଅନ୍ୟସ୍ଥାନରେ ଦେଶୀମଦ ପ୍ରଚୁର ପରିମାଣରେ ପହଞ୍ଚାଇ ଲାଭବାନ ହେଉଛନ୍ତି। ଗାଁ' ଗହଳିରେ ଏବେ ବିନା ଲାଇସେନ୍ସରେ ଦେଶୀ ମଦ ପାଉଚ ବେଧଡକ ଭାବରେ ବିକ୍ରୟ ଚାଲିଛି। ଦେଶୀ ମଦ ଭାଟି ସରକାରୀ ଲାଇସେନ୍ସ କରିଛି ଭାଟିରେ ବିକ୍ରୟ କରିବା ପାଇଁ। କିନ୍ତୁ ଭାଟି ମାଲିକ କିଛି ବିହାରୀ ଯୁବକ ମାନଙ୍କୁ ରଖି ବଜାର ଠାରୁ ଆରମ୍ଭକରି ଗାଁ' ଗହଳି ପର୍ଯ୍ୟନ୍ତ ମୋଟର ସାଇକେଲ ଯୋଗେ ବେପାରୀମାନଙ୍କୁ ସକାଳୁ ସକାଳୁ କ୍ଷୀର ବ୍ୟବସାୟ ପରି ଘରେଘରେ ବୁଲି ଖୁଚୁରା ବ୍ୟବସାୟୀମାନଙ୍କୁ ଯୋଗାଉ ଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏପରିକି ଦିନ ଦ୍ୱିପ୍ରହର ଦେଶୀ ପାଉଚ ମଦ ଚାଲାଣ ହେଉଥିବାର ଚିତ୍ର ମାଥିଲି ଥାନା ଅଞ୍ଚଳରେ ମଧ ଦେଖିବାକୁ ମିଳିଲାଣି । ସକାଳୁ ସକାଳୁ ଅଞ୍ଚଳର ଛୋଟ ଛୋଟ ପିଲାମାନେ ଟ୍ୟୁସନ ଯିବା ଆସିବା ସମୟରେ ଏପରି ଦୃଶ୍ୟ ଦେଖି ସେମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି। ଦେଖିବାକୁ ଗଲେ ମାଥିଲି ସଦର ଠାରେ ଅନେକ ସାହିର ଗଳିକନ୍ଦିରେ ଦେଶୀ ପାଉଚମଦ ବିକ୍ରୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କିନ୍ତୁ ନିକଟରେ ଅବକାରୀ ବିଭାଗର ଥାନା ଥିବା ସତ୍ତ୍ୱେ ମଧ ଏହାର ଉପରେ କୌଣସି ଲଗାମ ନଥିବା କାରଣରୁ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମାଥିଲି ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ହେମନ୍ତ ବାଘଙ୍କୁ ପଚାରିବାରୁ ପ୍ରଥମେ ସେ କହିଥିଲେ, ଭାଟିବାଲା ସରକାରୀ ଲାଇସେନ୍ସ କରିଛି। ସେଥିପାଇଁ ସେ ବିକୁଛି। ତେବେ ଯଦି ଲାଇସେନ୍ସ କରିଛି, ସେ ଭାଟିରେ ବିକିବା ବଦଳରେ ଗାଁ'ଗହଳିରେ ମୋଟର ସାଇକେଲରେ ବୁଲେଇ ଚୋରା ବେପାରୀଙ୍କୁ ଦେବା ପାଇଁ ସରକାର ତାଙ୍କୁ ଲାଇସେନ୍ସ ଦେଇଛନ୍ତି କି ବୋଲି ପ୍ରଶ୍ନ କରିବାରୁ ବାଘ ସଙ୍ଗେ ସଙ୍ଗେ କଥା ବଦଳାଇ ତାଙ୍କୁ ତାଗିଦ କରିବା ବୋଲି ହାଲକା ଭାବରେ କହିଥିଲେ। ଜିଲ୍ଲା ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏପରି ବେନିୟମ କାର୍ଯ୍ୟକୁ ବନ୍ଦ କରିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମହିଳା ସଂଗଠନ ଦାବି କରିଛନ୍ତି।

# ବାଣ ଜବତ, ଚୋର ଫେରାର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବେଆଇନ୍ ଭାବେ ବାଣ ତିଆରି କରାଯାଉଥିବା ଅଭିଯୋଗରେ ବୁଧବାର ରାତିରେ ବଲଙ୍ଗା ପୋଲିସ ପକ୍ଷରୁ କାଳିଆପଦା ଗ୍ରାମରେ ଚଢ଼ାଉ କରି ବିସ୍ଫୋରକ ବାଣ ଜବତ କରାଯାଇଛି। ତେବେ ଚଢ଼ାଉ ସମୟରେ ଅଭିଯୁକ୍ତ ଫେରାର ହୋଇଯିବାରେ ସକ୍ଷମ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ମୁତାବକ, କାଳିଆପଦା ଗ୍ରାମର ଅର୍ଜ୍ଜୁନ ବେହେରା ନିଜ ଘରେ ବେଆଇନ ଭାବେ ବିସ୍ଫୋରକ ବାଣ ତିଆରି କରୁଥିବା ନେଇ ବଲଙ୍ଗା ଥାନାଧିକାରୀ ଦିବ୍ୟ ରଂଜନ ପଣ୍ଡାଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଳିଆପଦା ଗ୍ରାମରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତ ଅର୍ଜ୍ଜୁନ ଅନ୍ଧାରର ସୁଯୋଗରେ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲା। ପୋଲିସ ଟିମ୍ ଅର୍ଜ୍ଜୁନର ଘର ଭିତର ୧୯ଟି ଗଡ଼ମ୍ବା ବାଣକୁ ଜବତ କରିଥିଲା।

# ଅମିତ୍ ଟାଇକୋଣ୍ଡୋ ଆସୋସିଏସନ୍ ପକ୍ଷରୁ ମଥୁରା ଯାତ୍ରା




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଦ୍ୱିତୀୟ ସ୍ୱାମୀ ବିବେକାନନ୍ଦ ଜାତୀୟ ଟାଇକୋଣ୍ଡୋ ଚମ୍ପିଆନ୍‌ସିପ୍ ଜୁନ୍ ମାସ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ମା ଜୱ୍ୱାଳା ଧାମ ଭ୍ରିନ୍ଦଭାନ ମଥୁରା ଉତର ପ୍ରଦେଶ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗୀତାରେ ନିମାପଡ଼ା ଅମିତ୍ ଟାଇକୋଣ୍ଡୋ ଆସୋସିଏସନ୍ ତରଫରୁ ତନିଷ୍କା ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସାଇସ୍ମୃତି ପରିଡ଼ା, ଜ୍ୟୋସ୍ନା ଜସିତା ସାହୁ, ସୋନାଲି ନାୟକ, ଅନୁଷ୍କା ଅଭିମୁକ୍ତା, ସୌମ୍ୟ ରଞ୍ଜନ ପଲତା ଓ ବୈଶାଖୀ ପୋଲାଇ ଖେଳାଳୀମାନେ ମନୋନୀତ ହୋଇ ମଥୁରା ଯାତ୍ରା କରୁଛନ୍ତି। ଟାଇକୋଣ୍ଡୋ ମୁଖ୍ୟ ପ୍ରଶିକ୍ଷକ ଅମିତ୍ କୁମାର ରାଉତ ମଧ୍ୟ ଯାତ୍ରା କରୁଛନ୍ତି। ଉକ୍ତ ଆସୋସିଏସନ୍‌ର ସମ୍ପାଦକ ପାର୍ଥ ସାରଥୀ ରାଉତ, କୃଷ୍ଣଚନ୍ଦ୍ର ଦାଶ, ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ପ୍ରଶାନ୍ତ କୁମାର ସାହୁ, ସୁମନ୍ତ କୁମାର ପରିଡ଼ା ଓ ରାୟାଲ ଟାଇକୋଣ୍ଡୋ ସଂଘର ସଭାପତି ମିଂମାଶୁ ଶେଖର ପ୍ରଧାନ ମଥୁରା ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଥିବା ବେଳେ ଅନେକ ଗ୍ରାମରେ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ବଡ଼ିଗେଟା ପଞ୍ଚାୟତର ଟେକଗୁଡ଼ା କଲୋନିରେ ମଧ ପାନୀୟ ଜଳ ସମସ୍ୟା ଦେଖାଦେଉଛି । ପ୍ରାୟ ୫ ବର୍ଷ ହେବ ଏକ ଓଭରହେଡ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନି । ୩୦ହଜାର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କି ମାଧ୍ୟମରେ ଟେକଗୁଡ଼ା ଗ୍ରାମର ୭୫ଟି ପରିବାର ବିଶୁଦ୍ଧ ପାନୀୟ ଜଳ ପାଇପାରିବେ । ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି । ପାଣି ଟାଙ୍କି କାମ ଶେଷ ହୋଇଥିଲେ ହେଁ ମୋଟର ସଂଯୋଗ ହୋଇପାରିନି । ଅନ୍ୟପଟେ ପ୍ରତ୍ୟେକ ଘରକୁ ସଂଯୋଗ ହୋଇଥିବା ଟ୍ୟାପ୍ ଗୁଡ଼ିକ ଭାଙ୍ଗିରୁଜି ଗଲାଣି ମାଟି ତଳେ ପୋତା ଯାଇଥିବା ପାଇପ୍ ଗୁଡ଼ିକ ମଧ ଫାଟିଗଲାଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୂର୍ବରୁ ଗ୍ରାମରେ ୧ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇ ଗ୍ରାମବାସୀଙ୍କୁ ୪ ଟି ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାଣି ଯୋଗାଇ ଦିଆଯାଉଛି । କିନ୍ତୁ ଏହା ପର୍ଯ୍ୟାପ୍ତ ହେଉନି । ଗାଁରେ ୭୫ଟି ପରିବାରର ୩ଶହ ଆଦିବାସୀ ଜନଜାତିର ଲୋକେ ବସବାସ କରୁଥିବା ବେଳେ ୭ଟି ନଳକୂପ ରହିଛି । ସେଥି ମଧ୍ୟରୁ ୪ଟି ଖରାପ ହୋଇଯାଇଥିବା ବେଳେ ଅବଶିଷ୍ଟ ୩ଟିରୁ ଗ୍ରାମବାସୀ ପାଣି ପାଉଛନ୍ତି । ତେଣୁ ତୁରନ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ୧୫ଦିନ ମଧ୍ୟରେ ପାଣି ଟାଙ୍କି କାର୍ଯ୍ୟକ୍ଷମ କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଉଦ୍ୟମ କରାଯାଇଛି ବୋଲି କହିଛନ୍ତି ।



# ଭିଜିଲାନ୍ସ ଜାଲରେ ଗାଣ୍ଡାନାଳି ରାଜସ୍ୱ ନିରୀକ୍ଷକ

- ଜମି ମ୍ୟୁଟେସନ ପାଇଁ ନେଉଥିଲେ ଲାଞ୍ଚ
- ମାଡ଼ିବସିଲା ଭିଜିଲାନ୍ସ ଟିମ
- ମଧ୍ୟସ୍ଥି ସାଜିଥିବା ନିରୀକ୍ଷକଙ୍କ ବ୍ୟକ୍ତିଗତ ସହାୟକ ମଧ ଗିରଫ





ଢେଙ୍କାନାଳ/ହିନ୍ଦୋଳ, (ଭାସ୍କର ନ୍ୟୁଜ୍) : ଦୀର୍ଘ ଦିନ ହେବ ଲାଞ୍ଚ ଖୋର ଅଧିକାରୀଙ୍କ ଭୁସର୍ଗ ପାଲଟି ଯାଇଛି ହିନ୍ଦୋଳ ଉପଖଣ୍ଡ । ବିଭିନ୍ନ କାର୍ଯ୍ୟାଳୟରେ ଖୋଲମ ଖୋଲା ଚାଲିଛି ଲାଞ୍ଚ କାରବାର । ଏପରିକି ବିନା ଲାଞ୍ଚରେ ଉପଖଣ୍ଡର ବିଭିନ୍ନ କାର୍ଯ୍ୟାଳୟରୁ ଉଠୁନି ଫାଇଲ । ତହସିଲ କାର୍ଯ୍ୟାଳୟ ହେଉ କି ବ୍ଲକ କାର୍ଯ୍ୟାଳୟ, ଏପରିକି ଶିକ୍ଷାବିଭାଗ କାର୍ଯ୍ୟାଳୟରେ ମଧ ଖୋଲମ ଖୋଲା ଚାଲିଛି ଲାଞ୍ଚ ଆଦାୟ । ଏ ନେଇ ଜନସାଧାରଣରେ ବାରମ୍ବାର ଅଭିଯୋଗ ହେଉଛି ହେଲେ ଲାଞ୍ଚଖୋର ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ଦେଖିବାକୁ ମିଳୁଛି । ବିଗତ ଦିନରେ ଉପଖଣ୍ଡର ଜଣେ ଶିକ୍ଷା ବିଭାଗ ଅଧିକାରୀ, ୨ ଜଣ ପୋଲିସ ଅଧିକାରୀ ହିନ୍ଦୋଳ ଏନ୍ଏସିର ୨ ଜଣ ବିଭାଗୀୟ ଯନ୍ତ୍ରୀ, ଓ ହିନ୍ଦୋଳ ବ୍ଲକର ଜଣେ ଯନ୍ତ୍ରୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଥିବା ଦେଖିବାକୁ ମିଳିଥିବା ବେଳେ ଜମି ମ୍ୟୁଟେସନ୍ କରାଇ ଦେବା ପାଇଁ ଜଣେ ଯୁବକଙ୍କ ପାଖରୁ ଏକାଥରକେ ୬୦ ହଜାର ଲାଞ୍ଚ ଭିଜିଲାନ୍ସ ହାତରେ ଧରାପଡିବା ହିନ୍ଦୋଳ ଉପଖଣ୍ଡ ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ୬୦ ହଜାର ଟଙ୍କା କେବଳ ରାଜସ୍ୱ ନିରୀକ୍ଷକଙ୍କ ଥିଲା ନାଁ ସେହି ଟଙ୍କାରୁ କାହା ଭାଗରେ କେତେ ପଡିବା ପାଇଁ ସେହି ଟଙ୍କା ଆଦାୟ ହୋଇଥିଲା । ଏହା ଭିଜିଲାନ୍ସ ବିଭାଗ ଦ୍ୱାରା ସଠିକ ଭାବେ ତଦନ୍ତ କରାଗଲେ ଏହାର ସତ୍ୟାସତ୍ୟ ଜଣାପଡ଼ିବ ଏପରିକି ଉପଖଣ୍ଡର ବିଭିନ୍ନ ଆର୍‌ଆଇ ସର୍କଲରେ ଜମି ମାପ, ଘରବାରି ପଟା, ଓ ଗୋଟିଏ ଦସ୍ତଖତ ପାଇଁ ମୋଟାଙ୍କର ଟଙ୍କା ଆଦାୟ ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି । ଘଟଣାରୁ ପ୍ରକାଶ ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ରାଜସ୍ୱନିରୀକ୍ଷକ ଶଶୀଭୂଷଣ ବେହେରା ଏକ ମ୍ୟୁଟେସନ କେଶ ସମାଧାନ ପାଇଁ ହିନ୍ଦୋଳ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଅଷ୍ଟମୀ ସାହୁଙ୍କ ଠାରୁ ୪ଟି ମ୍ୟୁଟେସନ ପାଇଁ ୧୫ହଜାର ଲେଖାଏଁ ଷାଠିଏ ହଜାର ଟଙ୍କା ଦାବି କରୁଥିବା ସମ୍ପୃକ୍ତ ବ୍ୟକ୍ତି କଟକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଆଜି ଟଙ୍କା ଦେଣ ନେଣ ଯୋଜନା ହୋଇଥିବାରୁ ଭିଜିଲାନ୍ସ ବିଭାଗର ପୂର୍ବ ଯୋଜନା (ମାଷ୍ଟରପ୍ଲାନ) ଅନୁଯାୟୀ କେମିକାଲ ବୋଳା ଟଙ୍କା ଧରି ସମ୍ପୃକ୍ତ ବ୍ୟକ୍ତି ଆଜି ଆର୍‌ଆଇ ଶଶୀଭୁଷଣଙ୍କୁ ତାଙ୍କ ଅଫିସରେ ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତଥିବା ଭିଜିଲାନ୍ସ ଟିମ ଟଙ୍କା ସହ ଶଶୀଭୂଷଣଙ୍କୁ ମାଡ଼ି ବସିଥିଲେ । ଭିଜିଲାନ୍ସ ବିଭାଗ ଶଶୀଭୂଷଣଙ୍କ ସହ ତାଙ୍କ ସହଯୋଗୀ ବିଷ୍ଣୁ ବଲ୍ଲଭ ଖଟୁଆଙ୍କୁ ଲାଞ୍ଚ ନେଉଥିବା ଅଭିଯୋଗରେ ଗିରଫ କରିବା ସହ ପୈତୃକ ଘର ଖଙ୍କର, ଢେଙ୍କାନାଳ ସତସଙ୍ଗବିହାର ସ୍ଥିତ ଭଡ଼ାଘର, ହିନ୍ଦୋଳ ତହସିଲ ଅଫିସ, ଗଣ୍ଡାନାଳୀ ଆରଆଇ ଅଫିସରେ ଏକକାଳୀନ ଚଢ଼ାଉ କରି ଛାନଭିନ କରୁଛନ୍ତି । ତେବେ ଏ ବାବଦରେ କଟକ ଭିଜିଲାନ୍ସ ବିଭାଗ ପିଏସ କେଶ ନଂ. ୧୩/୨୦୨୫, ଇଉ/ଏସ-୭ପିସି (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ରେ ରେଜିଷ୍ଟି କରି ଅଭିଯୁକ୍ତଙ୍କ ତଦନ୍ତ ଜାରି ରଖିଛନ୍ତି ଏବଂ କଟକ ସହିତ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଭିଜିଲାନ୍ସ ବିଭାଗ ଏହି ଚଢ଼ାଉରେ ସାମିଲ ରହି ସହଯୋଗ କରୁଥିବା ଜଣାପଡିଛି ।

# ବାଲ୍ୟ ବିବାହ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ




ରାୟଗଡା/ଗୁଡ଼ାରୀ, (ଭାସ୍କର ନ୍ୟୁଜ୍ ) : ଆଦ୍ୟ ୨୮ତାରିଖରେ ଗୁଡ଼ାରୀ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଗୁଡ଼ାରୀ ଆଇସିଡିସି ତରଫରୁ ବ୍ଲକ ସଦଭାବନା ଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଚିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ନିଷେଧ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉକ୍ତ କର୍ମଶାଳାରେ ନୋଡାଲ ଅଧିକାରୀ ଭାବେ ଗୁଣୁପୁର ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ ଅଧିକାରୀ କଳ୍ପନା ମାହାକୁଡ ଯୋଗ ଦେଇ ବାଲ୍ୟ ବିବାହକୁ କିଭଳି ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇପାରିବ, ଏହି ଦିଗରେ ଥିବା ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ରାୟଗଡାରୁ ପ୍ରମୋଦ କୁମାର ନାୟକ ଯୋଗଦେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା କଣ କଣ ପଦକ୍ଷେପ ନିଆଯାଉଛି ସେହି ବିଷୟରେ ଉପସ୍ଥିତ ସଦସ୍ୟାଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ଆଇଆଇସି ସମର୍ପିତା ସ୍ୱାଇଁ ଉକ୍ତ କର୍ମଶାଳାରେ ଯୋଗଦେଇ ବାଲ୍ୟବିବାହକୁ ସମାଜରୁ ମୂଳ ଉତ୍ପାଟନ କରିବା ପାଇଁ ଆବଶ୍ୟକ ସଚେତନତା କରାଯିବା ସହ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ଅପରାଧୀଙ୍କୁ ଉଚିତ ଦଣ୍ଡ ବିଧାନ କରିବା ନିମନ୍ତେ ନିଜ ବକ୍ତବ୍ୟରେ କହିଥିଲେ । ଶିଶୁ ବିକାଶ ଅଧିକାରୀ ତଥା ସିଏମ୍‌ପିଓ ଅନୀତା ପାଣିଗ୍ରାହୀ କାର୍ଯ୍ୟକ୍ରମର ଆବାହକ ଭାବେ ଉକ୍ତ କର୍ମଶାଳାର ଉଦ୍ଧେଶ୍ୟ ଏବଂ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳା ଗୁଡ଼ାରୀର ବିଭିନ୍ନ ଶିକ୍ଷାନୁଷ୍ଠାନର ମେଟ୍ରୋନ, ୱାର୍ଡେନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଶା କର୍ମୀ ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଟେଣ୍ଟ ହାଉସ ମାଲିକ, ସାମ୍ବାଦିକ ବନ୍ଧୁ, ଜାତି ସମାଜ ମୁଖ୍ୟ ଉପସ୍ଥିତ ଥିଲେ । କର୍ମଶାଳାଟିକୁ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସୁନୀଲ ମିଶ୍ର ପରିଚାଳନା କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ମଣ୍ଡଳ ପରିଦର୍ଶିକା, ସମସ୍ତ କର୍ମଚାରୀ, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ । ଶେଷରେ ସିଡିପିଓ ଅନୀତା ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଚେତନତା କର୍ମଶାଳାଟିକୁ ସମାପ୍ତ କରିଥିଲେ ।

# ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କଲେ ଉପଜିଲ୍ଲାପାଳ ଓ ତହସିଲଦାର



ବୌଦ୍ଧ, (ଭାସ୍କର ନ୍ୟୁଜ୍): ରାଜ୍ୟର ପ୍ରଥମ ତହସିଲ ଭାବରେ ବୌଦ୍ଧ ତହସିଲରେ ଆରମ୍ଭ ହେଲା ଉତ୍ତରାଧିକାରୀ ପଟ୍ଟା ପ୍ରଦାନ ବ୍ୟବସ୍ଥା । ନୂତନ ସରକାରଙ୍କ ନିଷ୍ପତି କ୍ରମେ ଏଣିକି ଆଉ ନୂତନ ପଟ୍ଟା ପାଉତି ପାଇଁ ତହସିଲ କାର୍ଯ୍ୟାଳୟ ଦୌଡିବାକୁ ପଡିବନି କିମ୍ବା ଖର୍ଚ୍ଚାନ୍ତ ହେବାକୁ ପଡିବନି । ହିତାଧିକାରୀଙ୍କୁ ଘରେ ବସି ମିଳିବ ପଟ୍ଟା । ବୌଦ୍ଧ ଜିଲ୍ଲାର ତିନୋଟି ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଅନେକ ହିତାଧିକାରୀ ସେମାନଙ୍କ ପୈତୃକ ସମ୍ପତ୍ତି ଥିଲେ ମଧ୍ୟ ନିଜ ନାଁରେ ପଟ୍ଟା ପରିବର୍ତ୍ତନ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାଛଡ଼ା ଅନେକ ଭୂମିହୀନ ପ୍ରଜା ଦୀର୍ଘ ବର୍ଷ ହେଲା ସରକାରଙ୍କ ଠାରୁ ଜମିପଟ୍ଟା ପାଇଥିଲେ ମଧ୍ୟ ତାର ଦଖଲ ପାଉନଥିଲେ । ତେବେ ନୂତନ ସରକାରଙ୍କ ନିଷ୍ପତି ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଭଳି ସମସ୍ୟାର ସମାଧାନ କରି ହିତାଧିକାରୀଙ୍କୁ ଜମିଦଖଲ ଓ ଉତ୍ତରାଧିକାରୀ ପଟ୍ଟା ସେମାନଙ୍କ ଘରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ବୌଦ୍ଧ ତହସିଲ ଅନ୍ତର୍ଗତ ବଘିଆପଡା ଆରଆଇ ସର୍କଲର ମାଝୀପଡା ଗ୍ରାମରେ ଉପଜିଲ୍ଲାପାଳ ପ୍ରବୀଣ କୁମା ବାଣୁଆ, ତହସିଲଦାର ଶ୍ରୀମତୀ ଅନିତା ରାଣୀ ସାହୁ, ଆରଆଇ ଗଣେଶ୍ୱର ଭୋକ୍ତା ଓ ଅନ୍ୟ ରାଜସ୍ୱ କର୍ମଚାରୀ ହିତାଧିକାରୀଙ୍କ ଘରେ ପହଁଚି ସେମାନଙ୍କୁ ଉତ୍ତରାଧିକାରୀ ପଟ୍ଟା ପ୍ରଦାନ କରିଥିଲେ । ଏହି ଅବସରରେ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏକ ରାଜସ୍ୱ ସେବା ରଥର ଶୁଭାରମ୍ଭ କରାଯାଇଛି ।

## ଗୋଖାଦ୍ୟ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ଅଭିଯୋଗ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ



ଗୁଣୁପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜେଇ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ଗୁଣୁପୁର । ଗୋଖାଦ୍ୟ ସହ ଗଞ୍ଜେଇ ବୋଝେଇ କରି ଏକ ୧୬ ଚକିଆ ଟ୍ରକ୍ ଗଜପତି ଓ ରାୟଗଡା ସିମାନ୍ତ ଅଞ୍ଚଳରୁ ଗୁଣୁପୁର ଅଭିମୁଖେ ଆସୁଥିଲା । ଗୁଣୁପୁର ପୋଲିସ୍ ବିଶେଷ ସୁତ୍ରରୁ ଖବର ପାଇ ଆଦର୍ଶ ଥାନା ସମ୍ମୁଖରେ ଚଢାଉ କରିଥିଲେ । ଗାଡିରେ ଗୋଖାଦ୍ୟ ସହ ଗଞ୍ଜେଇ ଥିବା ଜାଣିପାରି ଗାଡିକୁ ଜବତ କରି ପୋଲିସ୍ ପଚରା ଉଚୁରା ଜାରି ରଖିଥିଲା । ଗଞ୍ଜେଇ ଉତ୍ତରପ୍ରଦେଶ ଅଭିମୁଖେ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ । ଗଞ୍ଜେଇ ମାଫିଆ ମାନେ ଅଭିନବ ଉପାୟରେ ଟ୍ରକ୍ ମଧ୍ୟରେ ତଳେ ଗଞ୍ଜେଇ ଭର୍ତ୍ତୀ କରି ଉପରେ ଗୋଖାଦ୍ୟ ରଖି ବେଆଇନ ଭାବେ ଚାଲାଣ କରୁଥିଲେ । ଟ୍ରକରୁ ୨୯ ଟି ବ୍ୟାଗ୍‌ରେ ୮୦୦ରୁ ଊର୍ଦ୍ଧ୍ୱ କେଜି ଗଞ୍ଜେଇ ଜବତ କରିବା ସହ ୫୧୬ଟି ଜରି ବ୍ୟାଗ୍ ଭର୍ତ୍ତୀ ଗୋଖଦ୍ୟ ଥିବା ପୋଲିସ୍ ସୂଚନା ଦେଇଛି । ଏଥିସହ ଟ୍ରକ୍ ସହ ଦୁଇଟି ମୋବାଇଲ୍ ଫୋନ, ୭୧୦୦ ଟଙ୍କା ଜବତ କରିବା ସହ ଗାଡି ଚାଳକ ଓ ସହଯୋଗୀ ଦୁଇଜଣଙ୍କୁ ଗିରଫ କରିଛି ପୋଲିସ୍ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବୋଲି ପୋଲିସ୍ ଅନୁମାନ କରିଛି । ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ୍ ସନ୍ତୋଷ ନାୟକଙ୍କ ଉପସ୍ଥିତିରେ ପୋଲିସ୍ ଗଞ୍ଜେଇକୁ ଓଜନ କରିବା ସହ ସମସ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶର ଆଲିଗଡ଼ ଜିଲ୍ଲା ନାଉନ୍ ଗ୍ରାମର ଅନିଲ କୁମାର, ଥେକେଡେର୍ ଗ୍ରାମର ହରିଶ୍ କୁମାର । ଏହି ବେଆଇନ ଗଂଞ୍ଜେଇ ଚୋରାଚାଲାଣ ଚାଲାଣ ପଛରେ କିଙ୍ଗ୍ ପିନ୍ କିଏ । ଏଥିରେ ଆଉ କେତେ ଜଣକ ସଂମ୍ପୃକ୍ତି ରହିଛି । କେତେଜଣ ଗଂଞ୍ଜେଇ ମାଫିଆ କଡା ସୁରକ୍ଷା ଦେଇ ଟ୍ରକଟିକୁ ଚାଲାଣ କରୁଥିଲେ ଏହାର ତଦନ୍ତ ଚଳାଇଛି ଗୁଣୁପୁର ପୋଲିସ୍ । ଏନେଇ ସୁଚନା ଦେଇଛନ୍ତି ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ।

# ଅଦା ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟିତ

କୋରାପୁଟ, (ଭାସ୍କର ନ୍ୟୁଜ) : ସେମିଳିଗୁଡା କୃଷି ବଜାର ଠାରେ ଉଦ୍ୟାନ ବିଭାଗ, ମିଶନ ଶକ୍ତି ଏଫ୍‌ଇଏସ୍, ଆଞ୍ଚଳିକ ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନି ଏବଂ ସଂସ୍ଥାର ମିଳିତ ସହଯୋଗରେ ଅଦା ଓ ହଳଦୀ ପ୍ରକ୍ରିୟା କରଣ ୟୁନିଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଅଧ୍ୟକ୍ଷ ଲିଲି ଅଣ୍ଟାବିରିଆ, ସିଡିଏ କୋରାପୁଟ, ବିଡିଓ ଜସ୍ମିନ ପ୍ରଧାନ, ତହସିଲଦାର ଦେବବ୍ରତ କରାଟେ, ବିପିଏମ, ବିପିସି, ରାଜୁପୁଟ



ସରପଞ୍ଚ ପୀତାମ୍ବର କ୍ରିସାନ, (ଏଫ୍‌ଇଏସ୍) ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି କୋରାପୁଟ ଅନୁଷ୍ଠାନର ବ୍ଲକ ସଂଯୋଗ ଦୀଲିପ କୁମାର ଚମ୍ପି, କମ୍ପାନିର ସିଇଓ ବସନ୍ତ ଅଥର ନାୟକ, ବାସୁଦେବ ଜାନି ପ୍ରମୁଖ ଉପସ୍ଥିତ ଥିଲେ । ସେମିଳିଗୁଡା ବ୍ଲକରେ ଗଠନ ହୋଇଥିବା ଉତ୍ପାଦକ ଗୋଷ୍ଠୀ ଗୁଡିକ ମାଧ୍ୟମରେ ବର୍ଷ ତମାମ ପ୍ରକ୍ରିୟାକରଣ ହେବା ସହ ବିକ୍ରି କରିବାକୁ କମ୍ପାନି ମାଧ୍ୟମରେ ସହଯୋଗ କରାଯିବ ବୋଲି ଜଣାଯାଇଥିଲା ।

# ଶିଶୁଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିବିର 'ନୂଆ ଉମଙ୍ଗ' ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର ପୁରୁଣାବଜାରସ୍ଥିତ ସୁଖଶାନ୍ତି ସରୋବରରେ ଶିଶୁମାନଙ୍କ ଗ୍ରୀଷ୍ମକାଳୀନ ଶିବିର-୨୦୨୫ 'ନୂଆ ଉମଙ୍ଗ' ଶୁଭ ଉଦ୍ଘାଟନ ବୁଧବାର ସକାଳ ୧୦ ଘଟିକା ସମୟରେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି. ଧନରାଜ ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା, ହାତୀମାନଙ୍କ ସଚେତନତା ବିଷୟରେ ଅବଗତ କରାଇଥିଲେ । ମୁଖ୍ୟବକ୍ତା ବ୍ରହ୍ମାକୁମାରୀଜ କେନ୍ଦୁଝରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଶିବିରର ଉଦ୍ଦେଶ୍ୟ ଆଭିମୁଖ୍ୟ ସଂପର୍କରେ କହିବା ସହିତ ଭଲ ମଣିଷ ହେବା ପାଇଁ ଶିବିରରେ ଦିଆଯିବା ଶିକ୍ଷାକୁ ଧ୍ୟାନ ସହିତ ଶୁଣିବା ଓ ଶିଖିବା ପାଇଁ ଉପଦେଶ ଦେଇଥିଲେ । ସମ୍ମାନୀୟ ଅତିଥି ଇଡକୋ କଳିଙ୍ଗ ବଡବିଲର ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାକୁମାର ପ୍ରଫୁଲ୍ଲ କୁମାର ମହାନ୍ତ, ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ଥାଟୋଇ ଯୋଗ ଦେଇଥିଲେ । ବ୍ରହ୍ମାକୁମାର କୁଳମଣି ସଭା ସଂଯୋଜନା କରିଥିବାବେଳେ ବ୍ରହ୍ମାକୁମାର କୃତିବାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଗ୍ରୀଷ୍ମକାଳୀନ ଶିବିର ଆସନ୍ତା ତା ୩୦।୦୫।୨୦୨୫ ରିଖ ସନ୍ଧ୍ୟା ବେଳେ ଉଦ୍‌ଯାପିତ ହେବ । ଏହି ଶିବିରରେ ଧ୍ୟାନ/ଯୋଗ, କୌତୁକ, କ୍ରୀଡା, କୁଇଜ, ମ୍ୟୁଜିକ ଚେୟାର, ପ୍ରବନ୍ଧ ଲିଖନ, ବକ୍ତୃତା, ଗଳ୍ପ କଥନ ଆଦି ଆୟୋଜନ ହେବ । ମୂଲ୍ୟବୋଧ ଶିକ୍ଷା, ସଫଳତାର ମନ୍ତ୍ର, ସକରାତ୍ମକ ଚିନ୍ତନ ତଥା ମନୋବଳ ବୃଦ୍ଧି, ଚାପମୁକ୍ତ ଛାତ୍ର ଜୀବନ ଆଦି ବିଷୟରେ ଶିକ୍ଷାପ୍ରଦ ବକ୍ତବ୍ୟ ରଖାଯିବ ବୋଲି ବ୍ରହ୍ମାକୁମାରୀ ବିନ୍ଦୁ ସୂଚନା ପ୍ରଦାନ କରିଛନ୍ତି ।

# ଚୌସିଙ୍ଗା ଶିକାର କରି ଶିକାରୀ ଗିରଫ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଓରିଏଣ୍ଟ ଥାନା ଅନ୍ତର୍ଗତ ଚୁଆକାନୀ ଜଙ୍ଗଲରୁ ଚୌସିଙ୍ଗା ଶିକାର ଅଭିଯୋଗରେ ବନବିଭାଗ ଆଦିବାସୀ କଲୋନୀ ରଙ୍ଗିଆ ମୁଣ୍ଡା ଅଂଚଳର ସରୋଜ ମୁଣ୍ଡା (୪୮)କୁ ଗିରଫ କରିଛି । ତା ସହିତ ଅଭିଯୁକ୍ତଙ୍କ ଘରୁ ୩ କେଜି କଞ୍ଚା ମାଂସ, ୧.୫ କେଜି ରନ୍ଧା ମାଂସ, ୩ଟି ଫାସ, କଟୁରି, ପନିକି ଆଦି ବନ ବିଭାଗ ଜବତ କରିଛି । ଅନ୍ୟପଟେ ଗତକାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ସୋମବାର ରାତିରେ ଅଭିଯୁକ୍ତ ସରୋଜ ମୁଣ୍ଡା ଚୁଆକାନୀ ଜଙ୍ଗଲରୁ ଚୌସିଙ୍ଗା ଶିକାର କରି ନିଜ ଘରେ ମାଂସ ବିକ୍ରି କରୁଥିଲେ । ଏ ନେଇ ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆ ଖବର ପାଇବା ପରେ ଏକ ଦଳ ଗଠନ କରି ଘଟଣା ସ୍ଥଳରେ ପହଞ୍ଚି କଞ୍ଚା ମାଂସ ସହିତ ବ୍ୟବହୃତ ଉପକରଣ ଜବତ କରିଥିଲେ । ଜବତ ମାଂସର ଯାଞ୍ଚ ପାଇଁ ନମୂନା ସଂଗ୍ରହ କରାଯାଇଛି । ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆଙ୍କ ନେତୃତ୍ୱରେ ଗଠିତ ଚଢ଼ାଉ ଦଳରେ ଡେପୁଟି ରେଞ୍ଜର ସୁଦେଶନା ପ୍ରଧାନ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ଉଲାପ ବିଟ ଫରେଷ୍ଟର ଉପେନ୍ଦ୍ର ବେସନ, ରାଜପୁର ଫରେଷ୍ଟର ସରୋଜ ଭୋଇ, ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁ, ପାରା ଷ୍ଟାଫ ଯୋଗେଶ ଦେହୁରୀ ପ୍ରମୁଖ ସାମିଲ ଥିଲେ ।

# ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଜନ ସଚେତନତା



ଟାଙ୍ଗୀ,(ଭାସ୍କର ନ୍ୟୁଜ୍): ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଚିଲିକାରେ ଲାଗୁଥିବା ନିଆଁ ପ୍ରତିରୋଧ ନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା ଜନ ସଚେତନତା କାର୍ଯ୍ୟକ୍ରମ । ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଓ ଚିଲିକା ସହିତ ଜଡ଼ିତ ଥିବା ମତ୍ସ୍ୟଜୀବୀ ମାନଙ୍କ ପାଇଁ ଏହି ଜନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ରେଞ୍ଜର ବିରାଜ ଦାସ ଓ ତାଙ୍କର ସହକର୍ମୀ ମାନଙ୍କୁ ନେଇ ଆୟୋଜିତ ଏହି ଜନ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ, ମୁଖ୍ୟବକ୍ତା ଭାବରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ସହକାରୀ ବନ ସଂରକ୍ଷକ ବନ୍ୟପ୍ରାଣୀ ପ୍ରମୋଦ ସେଠୀ, ବରିଷ୍ଠ ସାମ୍ବାଦିକ ତଥା ଖୋର୍ଦ୍ଧା ଜିଲ୍ଲା ଭଏସ୍ ଅଫ୍-ମିଡ଼ିଆର ସଭାପତି ଓ ପରିବେଶବିତ୍ ଧନେଶ୍ୱର ବିଧାର, ସମାଜସେବୀ ଚନ୍ଦ୍ରକାନ୍ତ ପଲେଇ ଓ ଶେଷଦେବ ପ୍ରଧାନ ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଏବଂ ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଚିଲିକାରେ ଲାଗୁଥିବା ନିଆଁ ପ୍ରତିରୋଧ ଏବଂ ଚିଲିକାର ସୁରକ୍ଷା ଉପରେ ବିଭିନ୍ନ ଟିପ୍ପଣୀ ପ୍ରଦାନ ଏଥିରେ ସମସ୍ତଙ୍କ ସହଯୋଗ ଆଶା କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ସମାଜସେବୀ, ବୁଦ୍ଧିଜୀବୀ, ମତ୍ସ୍ୟଜୀବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା ଏବଂ ବରିଷ୍ଠ ସମାଜସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜଗନ୍ନାଥ ମହାପ୍ରଭୁଙ୍କ ୩ରଥ ନିର୍ମାଣର ଶୁଭାରମ୍ଭ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ହେବାକୁ ଥିବା ଘୋଷଯାତ୍ରା ପାଇଁ ଚୌଦ୍ୱାର ମଙ୍ଗଳାସାହି ସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଦୀର୍ଘବର୍ଷଧରି ଗୋଟିଏ ରଥରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପରିଚାଳନା କମିଟି ତରଫରୁ ଚଳିତ ବର୍ଷ ୩ଟି ରଥ ନିର୍ମାଣ କରାଯାଉଛି ଯାହାକି ଚୌଦ୍ୱାର ସହରରେ ପ୍ରଥମ । ବୁଧବାର ସକାଳୁ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ରଥ ନିର୍ମାଣରେ ନିୟୋଜିତ ବିଶ୍ୱକର୍ମା ମାନଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ପୁଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କମିଟିର ସଭାପତି ହୃଷିକେଶ ସାହୁ, ବିମଳ କୁମାର ବେଉରା, ହରିହର ସାହୁ, ଦୀଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ସାହୁ, ବୈକୁଣ୍ଠ ମହାରଣା, ପୂଜକ ଶତ୍ରୁଘ୍ନ ମିଶ୍ର, ମହନ୍ତ ହରେକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ୨ରେ ମଞ୍ଚସ୍ଥ ହେବ ନାଟକ 'ମହାକବି କାଳିଦାସ'



ବାରିପଦା, (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁନ ମାସ ୨ ତାରିଖ ଦିନ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ରାଉରକେଲାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା ସମ୍ପର୍କ ପରିବେଷଣ କରିବେ ନାଟକ 'ମହାକବି କାଳିଦାସ' ଓ ନାଟ୍ୟକାର ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଭାସ୍କର ଚନ୍ଦ୍ର ମହାପାତ୍ର ଓ ବିଗତ କିଛି ମାସ ଧରି ବାରିପଦାର ବିଭିନ୍ନ ନାଟ୍ୟସଂସ୍ଥା ଶହୀଦ ଭବନରେ ନାଟକ ମଞ୍ଚସ୍ଥ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି ଓ ସେହି ଧାରାରେ ନାଟକ ଦେଖିବା ସହ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଦର୍ଶକଙ୍କ ଭିଡ଼ ଜମିବ ବୋଲି ରୁପାନ୍ତରର ପ୍ରତିଷ୍ଠାତା ଅଭିନେତା ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ଆଶାପୋଷଣ କରିଛନ୍ତି ଓ ଭୁବନେଶ୍ୱରର ନାଟ୍ୟସଂସ୍ଥା ଅଭିନନ୍ଦନ ଓ ବାରିପଦାର ରୂପାନ୍ତର ନାଟ୍ୟ ସଂସ୍ଥାର ମିଳିତ ସହଯୋଗରେ ନାଟକଟି ଉକ୍ତଦିନ ସନ୍ଧ୍ୟା ୭ ଟାରେ ଆରମ୍ଭ ହେବ ବୋଲି ସଂସ୍ଥାର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଜଣାଇଛନ୍ତି ଏବଂ ବହୁ ସଂଖ୍ୟାରେ ଉପସ୍ଥିତ ରହି ନାଟକଟିକୁ ଉପଭୋଗ କରିବାକୁ ରୂପାନ୍ତରର ଉପଧ୍ୟକ୍ଷା ଡକ୍ଟର ଦମୟନ୍ତୀ ବେଶ୍ରା ଅନୁରୋଧ କରିଛନ୍ତି ।

# ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତ ଈଶ୍ୱରନାଥ ପୀଠ

- ପତରପେଣ୍ଡି ସମ୍ପର୍ଣ୍ଣ
- ୩୧ରେ ବିବାହ
- ୧ରେ ଶୀତଳଷଷ୍ଠୀ ଓ ନଗର ପରିକ୍ରମା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠ ଜିଉଁନ୍ତି ଗ୍ରାମର ବହୁ ପୁରାତନ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଈଶ୍ୱରନାଥ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶୀତଳଷଷ୍ଠୀ ପାଇଁ ପାରମ୍ପରିକ ପ୍ରଥାରେ ଦେବଦେବ ମହାଦେବ ଈଶ୍ୱରନାଥ-ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଅସ୍ତରଙ୍ଗ ଅଞ୍ଚଳର ବହୁ ପୁରାତନ ୮୦୦ଶତାବ୍ଦିରୁ ଊର୍ଦ୍ଧ୍ୱ ହେବ ଶୀତଳ ଷଷ୍ଠୀ ଯାତ୍ରାର ସ୍ୱତନ୍ତ୍ର ଦିବସରେ ବାବା ଈଶ୍ୱରନାଥଙ୍କ ପକ୍ଷରୁ ଶ୍ରୀ ଶ୍ରୀ ହର ପାର୍ବତୀ ଓ ଶିବଙ୍କ ସ୍ନାନ ପରେ ଶତ ଆରତୀ ଅର୍ପଣ, ପ୍ରାର୍ଥନା, ଭୋଗଲାଗି କରାଯାଇଥିଲା । ମଧ୍ୟାହ୍ନ ସମୟରେ ଅମୃତ ମାଣୋହି ଭୋଗ ଏବଂ ସନ୍ଧ୍ୟା ସମୟରେ ଆରତୀ ପ୍ରାର୍ଥନା ପରେ ଶ୍ରୀ ଶ୍ରୀ ଈଶ୍ୱରନାଥ ତରଫରୁ କନ୍ୟା ମନୋନୟନ (ପତରପେଣ୍ଡି) କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବର ପକ୍ଷରୁ ସେମାନଙ୍କ ବିବାହ ଯୋଗ୍ୟ ପୁଅ ପାଇଁ ସୁଯୋଗ୍ୟ କନ୍ୟାଟିଏ ଥିବା ଖବର ପାଇଁ କନ୍ୟା ପକ୍ଷଙ୍କ ନିକଟକୁ ଆସିଥିଲେ । ପ୍ରଥମେ ମହାଦେବଙ୍କ ବିଷୟରେ ବରପକ୍ଷ ପଣ୍ଡିତ ଅମୁଲ୍ୟ କୁମାର ମିଶ୍ର ଶ୍ଳୋକ ମାଧ୍ୟମରେ ବାବା ଈଶ୍ୱରନାଥଙ୍କ ଗୁଣଗାନ ବର୍ଣ୍ଣନା କରିଥିଲେ । କନ୍ୟା ପକ୍ଷରୁ ପଣ୍ଡିତ ଘନଶ୍ୟାମ କର ମାତା ପାର୍ବତୀଙ୍କ ଗୁଣଗାନ ବର୍ଣ୍ଣନା କରିବା ସହ ଜଣେ ଶ୍ମଶାନଚାରୀଙ୍କୁ ତାଙ୍କ ସୁଯୋଗ୍ୟ କନ୍ୟାକୁ ବିବାହ ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ । ଏହାର ଉତ୍ତର ଦେଇ ବର ପକ୍ଷ ପଣ୍ଡିତ ଅମୁଲ୍ୟ କୁମାର ମିଶ୍ର ଶିବଙ୍କୁ ସତ୍ୟ - ଶିବ -ସୁନ୍ଦର ଏବଂ ସ୍ୱୟଂ ସେ ସୃଷ୍ଟି କର୍ତ୍ତା ଦେବ ଦେବ ମହାଦେବ ଅଟନ୍ତି ବୋଲି କହିଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ତାରକାସୁରର ଅତ୍ୟାଚାରରୁ ପୃଥିବୀ ପୃଷ୍ଠକୁ ରକ୍ଷା କରିବା ନିମନ୍ତେ ଆପଣଙ୍କ ଝିଅ ମାତା ପାର୍ବତୀଙ୍କୁ ବିବାହ କରିବାର ଅନିବାର୍ଯ୍ୟା ଅଟେ । କାରଣ ମାତା ପାର୍ବତୀଙ୍କ ଗର୍ଭରୁ କାର୍ତ୍ତିକ ଜନ୍ମ ନେବା ପରେ ଦିଗବିଜୟୀ ତାରକା ସୁରକୁ ବଧ କରି ପୃଥିବୀ ପୃଷ୍ଠକୁ ରକ୍ଷା କରିବେ । ତେଣୁ ଆପଣଙ୍କ ଝିଅ ମାତା ପାର୍ବତୀଙ୍କୁ ବାବା ଈଶ୍ୱରନାଥଙ୍କୁ ବିବାହ କରିବା ପାଇଁ ଅନୁରୋଧ କରିଥିଲେ । ବିଭିନ୍ନ ପ୍ରକାର ପ୍ରଶ୍ନ ହେଲା ପରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହେବା ସହ ବିବାହ ସ୍ଥିର ହୋଇଥିଲା । ପତରପେଣ୍ଡି ନୀତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଈଶ୍ୱରନାଥ ମନ୍ଦିରର ବଡ଼ ପଣ୍ଡା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ।ପୂର୍ବ ବର୍ଷ ଭଳି ମମତା ପଣ୍ଡା ଓ ଶରତ ଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା ଏବଂ ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାଶ ବର କର୍ତ୍ତା ରୂପେ ଦାୟିତ୍ୱ ତୁଲାଇବେ । ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତିରେ ବିବାହ ସମ୍ପର୍ଣ୍ଣ ହେବ ।

# ଦୁର୍ଘଟଣାରେ ଦୁଇ ମୃତ, ତିନି ଗୁରୁତର

ବାରିପଦା, (ଭାସ୍କର ନ୍ୟୁଜ୍) : ବାରିପଦା ସହର ଦେଇ ଯାଇଥିବା ୧୮ ନଂ ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ଛୁରୁଣି ଛକ ନିକଟରେ ଆଜି ସକାଳୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । କେହି ଏକ ଅଜଣା ଗାଡି ଧକ୍କା ଦେବାରୁ ଏକ ଟ୍ରାକ୍ଟରଟି ସମ୍ପୂର୍ଣ୍ଣ ଛିନଛତ୍ରର ହୋଇ ଯାଇଛି । ଟ୍ରାକ୍ଟରରେ କିଛି ଶ୍ରମିକ ଯାଉଥିବା ବେଳେ ଧକ୍କା ହୋଇଥିଲା ।



ଟ୍ରାକ୍ଟରରେ ପାଞ୍ଚ ଜଣ ଶ୍ରମିକ ଥିବା ବେଳେ ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସହ ଅନ୍ୟ ତିନି ଜଣ ଗୁରୁତର ହୋଇଥିଲେ । ଖବର ପାଇ ବେତନଟୀ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବେତନଟୀ ଡାକ୍ତରଖାନା ପରେ ବାରିପଦା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଛି । ମୃତ ଏବଂ ଗୁରୁତର ହୋଇଥିବା ଶ୍ରମିକ ମାନେ ଅଣ ଓଡ଼ିଆ ହୋଇଥିବା ବେଳେ ସମସ୍ତେ ହରିଆଣାର କର୍ଣ୍ଣୋଲ ଏବଂ ଉତ୍ତରପ୍ରଦେଶର ମେରଟ ଅଞ୍ଚଳର ବୋଲି କୁହାଯାଇଛି । ସମସ୍ତେ ବାଲେଶ୍ୱରର ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ କୌଣସି କାମରେ ସେମାନେ ବାରିପଦାରୁ ବାଲେଶ୍ୱର ଆଡକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଆଜି ସକାଳୁ ପାଖାପାଖି ପାଞ୍ଚଟା ବେଳକୁ ଏହି ଦୁର୍ଘଟଣା ଘଟିଥିବା ବେଳେ ପ୍ରଥମେ ବେତନଟୀ ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲା ଏବଂ ପରେ ବୈଶିଙ୍ଗା ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା ।



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବସମ୍ଭାଗର ସମ୍ଭାଗସ୍ତରୀୟ ସାମୂହିକ କାର୍ଯ୍ୟାଳୟ ସହାୟକ କାର୍ଯ୍ୟଶାଳା ଗତ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରମୁଖ ରଶ୍ମିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ଜଗତସିଂହପୁରର ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଶଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ, ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ଗୁରୁନାରାୟଣ ମହାନ୍ତି, ସମ୍ପାଦକ ଅଜୟ କୁମାର ନାୟକ, ପୂର୍ବ ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପ୍ରକାଶ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟଶାଳାରେ ପୂର୍ବ ସମ୍ଭାଗ ୪ଟି ଜିଲ୍ଲା ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର ଜିଲ୍ଲାରୁ ୪୭ଜଣ ଆଚାର୍ଯ୍ୟ/ଆଚାର୍ଯ୍ୟା ଯୋଗଦେଇ ପ୍ରଶିକ୍ଷଣ ନେଉଥିଲେ। ଶିଶୁମନ୍ଦିରର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଥିବା ବେଳେ ଶିଶୁମନ୍ଦିର ଆଚାର୍ଯ୍ୟ/ଆଚାର୍ଯ୍ୟା, ପରିଚାଳନା କମିଟି ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୩୦ ତାରିଖ ଶୁକ୍ରବାର ଉଦ୍‌ଯାପନ ହେବ ବୋଲି ଶିଶୁମନ୍ଦିର ପକ୍ଷରୁ ପ୍ରକାଶ।



# ୧୩ ଦଫା ଦାବି ନେଇ ବଙ୍ଗୋମୁଣ୍ଡା ଫରେଷ୍ଟ ଅଫିସ୍ ଘେରାଉ



ମୁରିବାହାଲ (ଭାସ୍କର ନ୍ୟୁଜ୍) : ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬, ସଂଶୋଧିତ ନିୟମ ୨୦୧୨କୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଦାବି ନେଇ ଜିନ୍ଦାବାଦ ସଂଗଠନ ପକ୍ଷରୁ ବଙ୍ଗୋମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦାବିରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ଆଜି ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିଲା। ୧୩ ଦଫା ଦାବି ନେଇ ଜିନ୍ଦାବାଦ ସଂଗଠନର ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜିଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ବହୁସଂଖ୍ୟାରେ ଯୋଗଦେଇ ସ୍ଥାନୀୟ ହନୁମାନ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ପ୍ରତିବାଦ ସଭା କରିଥିଲେ। ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏ ଉପରେ କୌଣସି ପଦକ୍ଷେପ ନିଆନଗଲେ ଜିନ୍ଦାବାଦ ସଂଗଠନ ଆନ୍ଦୋଳନକୁ ଓହ୍ଲେଇବ ବୋଲି ଚେତାବନୀ ଦିଆଯାଇଥିଲା। ଜିନ୍ଦାବାଦ ସଂଗଠନର ଲୋଚନ ବରିହା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି କୁଳରାଜ ଧରୁଆ, ଠଣ ସୁନ୍ଦର ସଗରିଆ, ତୁରେକେଲା ବ୍ଲକ ସଭାପତି ଗଙ୍ଗାଧର ମାଝୀ, ମୁରିବାହାଲ ବ୍ଲକ ସଭାପତି କେଶବ ଧରୁଆ, ଆଞ୍ଚଳିକ ସଭାପତି ଦୁର୍ଯ୍ୟୋଧନ ମାଝୀ, ନରେଶ ମାଝୀ, ବୈଷ୍ଣବ ହଂସ, ତୟରୁ ଭରାସଗରିଆ, ସାଧବ ଧରୁଆ ଶଙ୍କର ଗହିର, ମୁକ୍ତା ପଟେଲ, ଚିତକ ମାଝୀ, ଚିକେଚନ ପୁଟେଲ, ସୁରୁସିଂ ମାଝୀ, ଶୁକ୍ଲୁ ଶବର, ଦେବନାଶନ ଛତ୍ରିଆ, ନିରଞ୍ଜନ ବରିହା, ଗଗପତି ମାଝୀ, ହୀରାଲାଲ ହଂସ, ମଧୁସୂଦନ ଆଡଜୁଆଡ଼, ସୁନ୍ଦର ମାଝୀ, ପଦ୍ମଲୋଚନ ଶାଣ୍ଡ, ଲକ୍ଷପତି ବାଗ, ନକୁଲ ବାଗ, ପର୍ଶୁରାମ ମାଝୀ ପ୍ରମୁଖଙ୍କ ସହ ବହୁ ଲୋକ ଉପସ୍ଥିତ ଥିଲେ।

# ଅସ୍ତରଙ୍ଗରେ ଗୋଶାଳା ନିର୍ମାଣ ଦାବି

## ବଢୁଛି ଗୋରୁ ଚୋରା ଚାଲାଣ ସହ ସଡ଼କ ଦୁର୍ଘଟଣା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଓଡ଼ିଶାରେ ଗୋମାଫିଆ ମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ହିନ୍ଦୁମାନଙ୍କର ଆରାଧ୍ୟ ଗୋବଂଶଙ୍କୁ ଦୈନିକ ରାଜ୍ୟ ତଥା ଦେଶ ବାହାରକୁ ଅତି ଅମାନୁଷିକ ଭାବରେ ଚାଲାଣ କରାଯାଉଛି। ଗୋ ମାଫିଆ ମାନେ ଗୋ ହତ୍ୟା ଉଦ୍ଦେଶ୍ୟରେ ଏଭଳି ବେଆଇନ ଚାଲାଣ ଜାରି ରଖିଛନ୍ତି। ଅପରପକ୍ଷରେ ଗୋମାଫିଆମାନେ ଗୋରକ୍ଷକମାନଙ୍କୁ ହତ୍ୟା ଧମକ ଦେବା ସହ ମରଣାନ୍ତକ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଖାଲି ସେତିକି ନୁହେଁ, ଗୋରକ୍ଷକମାନଙ୍କୁ ମିଥ୍ୟା ମାମଲାରେ ମଧ୍ୟ ଛନ୍ଦି ଦିଆଯାଉଛି। ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଗୋବଂଶ ହ୍ରାସ ପାଉଥିବା ନେଇ ଅଭିଯୋଗ ହେଉଛି। ଅପରପକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତାରିଣୀ ମନ୍ଦିର ସାମ୍ନାରେ ହେଉ ଅବା ବିଭିନ୍ନ ସ୍ଥାନରେ ସନ୍ଧ୍ୟା ସମୟରେ ଗାଈ ଗୋରୁ ଶୋଇବା ଦ୍ୱାରା ଯାତାୟାତ କରୁଥିବା ପଥଚାରୀ ଦୁର୍ଘଟଣାର ଶିକାର ହେବା ସହ କିଛି ଦିନତଳେ ଆମ୍ବୁଲାନ୍ସ ଦୁର୍ଘଟଣାରେ ମଧ୍ୟ ଏକ ବାଛୁରୀ ଜୀବନ ଯାଇଛି। ଅନେକ ସମୟରେ ଦୁର୍ଘଟଣାରେ ବୁଲା ଗୋରୁଗାଈ ଦୁର୍ଘଟଣାର ଶିକାର ହେଉଛନ୍ତି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଜାଗାରେ ରଖି ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା ନଥିବାବେଳେ ଗୋ ଚାଲାଣ ବେଳେ ଜବତ ଗୋରୁ ଗୁଡିକୁ ରଖିବା ପାଇଁ ବହୁ ଦୂରରେ ଥିବା ପୁରୀ ଗୋଶାଳାକୁ ଗୋରୁମାନଙ୍କୁ ନେବାକୁ ପଡୁଛି। ତେଣୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଏକ ଉନ୍ନତଧରଣର ଗୋଶାଳା ନିର୍ମାଣ ପାଇଁ ଦାବି ଜୋର ଧରିଥିବା ବେଳେ ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଦିନକୁ ଦିନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗୋରକ୍ଷକ ମାନଙ୍କ ପାଇଁ ବହୁ ସମୟରେ ଏହି ଗୋରୁମାନଙ୍କୁ ଉଦ୍ଧାର କରାଯାଉଥିବା ବେଳେ ବହୁ ଗୋରୁ ବୋଝେଇ ଗାଡିକୁ ମାଫିଆମାନେ ଜିଲ୍ଲା ପାର କରିବାରେ ତାଳଦା ସେତୁ ଦେଇ ସକ୍ଷମ ହେଉଛନ୍ତି। ସେହିଭଳି ବିଭିନ୍ନ ଗ୍ରାମାଞ୍ଚଳ ହେଉ ଅବା ଅସ୍ତରଙ୍ଗ ମୁଖ୍ୟ ବଜାର ରେ ସନ୍ଧ୍ୟା ସମୟରେ ଗାଈ ଗୋରୁ ରାସ୍ତାରେ ବୁଲୁଛନ୍ତି ଅବା ଶୋଉଛନ୍ତି। ଯାହାଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ହେଉଛି। ଏହା ଆହତ ଗୋରୁ ଚିକିତ୍ସା ନିମନ୍ତେ ମଧ୍ୟ ସେତେଟା ସୁବିଧା ନାହିଁ। ତେଣୁ ଚାଲାଣ ହେଉଥିବା ଗୋରୁ ମାନଙ୍କୁ ସୁରକ୍ଷିତ ରଖାଯିବା ଓ ଆହତ ଗୋରୁମାନଙ୍କର ଚିକିତ୍ସା ସୁବିଧା ନିମନ୍ତେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏକ ଗୋଶାଳା ନିର୍ମାଣ ପାଇଁ ଗୋସେବକ ମାନେ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ଗୋ ତସ୍କରମାନେ ବିଳମ୍ବିତ ରାତ୍ରୀର ସୁଯୋଗ ନେଇ ରାସ୍ତାରୁ ଗୋ ମାତାକୁ ଗାଡ଼ିରେ ଚାଲାଣ କରୁଥିବାର ନଜିର ରହିଛି। ଏଣୁ ରାଜ୍ୟ ସରକାର ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦୃଢ ଆଇନ ପ୍ରଣୟନ, ଗୋରକ୍ଷକଙ୍କ ଉପରେ ଲଗାଯାଉଥିବା ମିଥ୍ୟା ମାମଲା ରଦ୍ଦ କରିବା, ଗୋଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ଗୋ ତସ୍କରମାନଙ୍କୁ ଚିହ୍ନଟ କରି ରାଷ୍ଟ୍ରୀୟ ସୁରକ୍ଷା ଅନୁଯାୟୀ ଦଣ୍ଡ ବିଧାନ, ଗୋ ସଂରକ୍ଷଣ ପାଇଁ ଗୋଶାଳା ନିର୍ମାଣ, ଗୋପାଳକ ପାଇଁ ଆବଶ୍ୟକ ତାଲିମ୍ ସହିତ ଆର୍ଥିକ ପ୍ରୋତ୍ସାହନ ଓ ଅସ୍ତରଙ୍ଗରେ ଗୋଚାଲାଣ ବନ୍ଦ କରିବା ପାଇଁ ଗୋରକ୍ଷକମାନେ ଦାବି କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ ଗୋଚାଲାଣ ପାଇଁ ସର୍ବଦା ବେଶ ଚର୍ଚ୍ଚାରେ ରହିଥାଏ। କିଛିଦିନ ପୂର୍ବେ ଅସ୍ତରଙ୍ଗରୁ କାକଟପୁର ଯାଉଥିବା ଏକ କଣ୍ଟେନରକୁ ବିଳମ୍ବିତ ରାତ୍ରରେ ଗୋଚାଲାଣ ହେଉଥିବା ସମୟରେ ଗୋରକ୍ଷକମାନଙ୍କ ଉଦ୍ୟମରେ ପୁଲିସ କଣ୍ଟେନରକୁ ଜବତ କରିଥିଲା। ଅସ୍ତରଙ୍ଗ ଅଞ୍ଚଳରେ ଗୋଶାଳା ନଥିବାରୁ ବହୁ ଦୂରରେ ଅଥବା ୪୦ କିଲୋମିଟରରୁ ଊର୍ଦ୍ଧ୍ୱ ସ୍ଥାନରେ ଗୋଶାଳାରେ ଛଡା ଯାଉଛି। ଏସବୁ କଥାକୁ ଅନୁଧ୍ୟାନ କଲେ ଯଦି ଅସ୍ତରଙ୍ଗ ଅଞ୍ଚଳରେ ଏକ ଗୋଶାଳା ବ୍ୟବସ୍ଥା କରାଯାଏ, ତେବେ ଏ ସମସ୍ତ ସମସ୍ୟାର ସମାଧାନ ହୋଇପାରନ୍ତା। ଖାଲି ଚାଲାଣ ହେଉଥିବା ଗୋରୁ ନୁହଁନ୍ତି, ଦୁର୍ଘଟଣାରେ ଆହତ ହେଉଥିବା ଗୋରୁମାନଙ୍କୁ ମଧ୍ୟ ଗୋଶାଳାରେ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇ ପାରନ୍ତା। ଏ ନେଇ ଅସ୍ତରଙ୍ଗ ବ୍ଲକ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଏକ ଟିମ୍ ଖୁବଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ପୁରୀ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବେ ବୋଲି ପ୍ରକାଶ କରିଛନ୍ତି।

# ଇଟା ବୋଝେଇ ଟ୍ରକ ଓଲଟି ୫ ଗୁରୁତର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ବାଗାମ୍ ଘାଟିରେ ଆଜି ଏକ ବଡ଼ଧରଣର ଦୁର୍ଘଟଣା ଘଟି ପାଞ୍ଚଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରର ସିକାଟି ତିରୁପତି, କୁଲି ଭେଙ୍କେଟ ରାବଣା ଓ ମାକୁଆର କୁନିଟି ସୁରି ନାରାୟଣ, ସିଏଚ ଈଶ୍ୱର ରାଓ, ଗାଡ଼ି ଚାଳକ ସୁରି ନାରାୟଣ। ଏନେଇ ନାରାୟଣପାଟଣା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଖବର ମୁତାବକ ଏପି ୩୧ଟିଟି-୩୮୮୮ ନମ୍ବର ଥିବା ଏକ ଟ୍ରକ ଆନ୍ଧ୍ରର ମାକୁଆରୁ ଇଟା ବୋଝେଇ କରି ନାରାୟଣପାଟଣା ବ୍ଲକକୁ ଆଜି ଦିନ ବାରଟା ବେଳେ ଆସୁଥିବା ବେଳେ ବାଗାମ ଘାଟିରେ ଭାରସାମ୍ୟ ହରାଇ ତିନି ପାଲଟି ମାରି ଦୁଇଟି ଛେଳି ଓ ଗୋଟିଏ ଗାଈକୁ ଧକ୍କା ଦେଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଫଳରେ ଟ୍ରକରେ ଥିବା ଡ୍ରାଇଭରଙ୍କ ସମେତ ଚାରିଜଣ ଶ୍ରମିକ ଟ୍ରକ ତଳେ ଚାପି ହୋଇ ରହିଯାଇଥିଲେ। ଏହା ଦେଖି ଗ୍ରାମବାସୀ ଆମ୍ବୁଲାନ୍ସ ଓ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସଭିଙ୍କୁ ଉଦ୍ଧାର କରି ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

# ଗଣ୍ଡିକିପୁର ପଞ୍ଚାୟତରେ ହେବ ବିକାଶର ସଂଚାର



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗଣ୍ଡକିପୁର ପଞ୍ଚାୟତର ପାଙ୍ଗରା ଗ୍ରାମରେ ମା’ ବୁଢ଼ୀ ଠାକୁରାଣୀଙ୍କ ରୋଷେଇ ଘର ଓ ଭୋଗମଣ୍ଡପ, ପୁରୁଣା ଗଣ୍ଡକିପୁର ଗ୍ରାମରେ ପୋଖରୀ ପୁନରୁଦ୍ଧାର ଓ ଗାଧୋଇବା ତୁଠ, ନୂଆସାହି ଠାରୁ ମଙ୍ଗରାଜପୁର ନଦୀବନ୍ଧ ପୋଲ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଏବଂ କାବଲପୁରରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ପଞ୍ଚାୟତବାସୀ ବିଶେଷ ଭାବେ ଉପକୃତ ହୋଇପାରିବେ ଏବଂ ସେମାନଙ୍କର ଆବଶ୍ୟକତା ପୂରଣ ହେବା ସହ ଗାଁ’ ତଥା ପଞ୍ଚାୟତର ବିକାଶ ହୋଇପାରିବ। ଆମ ଜନସଂଖ୍ୟାର ଏକ ବଡ ଅଂଶ ଗ୍ରାମାଞ୍ଚଳରେ ହିଁ ବସବାସ କରିଥାନ୍ତି। ତେଣୁ, ଗ୍ରାମାଞ୍ଚଳର ବିକାଶ ବିନା ବିକଶିତ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ଆମ ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ‘ବିକଶିତ ଗାଁ, ବିକଶିତ ଓଡିଶା’ ଯୋଜନାକୁ କାର୍ଯ୍ୟକାରୀ କରିବା ସହ ଏହା ମାଧ୍ୟମରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁରେ ଭଲ ରାସ୍ତା, ଡ୍ରେନ, ପାଠାଗାର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ମାର୍କେଟ ସେଡ, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ଆଦି ନିର୍ମାଣ କରାଯିବା ସହ ଧାର୍ମିକ ପୀଠ, ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ତଥା କ୍ରୀଡା ଭିତ୍ତିଭୂମି ଆଦିର ବିକାଶ ମଧ୍ୟ କରାଯାଉଛି। ଏହା ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାଧନ ଦିଗରେ ବିଶେଷ ଭାବେ ସହାୟକ ହୋଇପାରିବ ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ମଧ୍ୟରାତ୍ରିରେ ଦୋକାନ ପୋଡିଦେବା ଘଟଣା

# ମିଳୁନି ନ୍ୟାୟ, ଖୋଲାରେ ବୁଲୁଛନ୍ତି ଅଭିଯୁକ୍ତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ଜଇପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏକ ଫଳ ଓ ବିସ୍କୁଟ ମିକ୍ସଚର ଦୋକାନରେ ମଧ୍ୟରାତ୍ରିରେ ପେଟ୍ରୋଲ ଢାଳି ପୋଡିଦେବା ଘଟଣାକୁ ୧୫ ଦିନ ବିତିଯାଇଛି। ଅଭିଯୋଗକାରୀ ଦୋକାନୀ ତପନ ଓଝା ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ନାମ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ତଦନ୍ତରେ ଶିଥିଳତା ପ୍ରକାଶ ପାଇଛି। ଖୋଲାମେଲାରେ ଅଭିଯୁକ୍ତ ଦ୍ୱୟ ବୁଲୁଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଫଳରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ହରାଇ ତପନ ଓ ତାଙ୍କ ବାପା ଦିବାକର ନିଜର ମାନସିକ ଭାରସାମ୍ୟ ହରାଇ ବସିଥିବାବେଳେ, ଅଭିଯୁକ୍ତଙ୍କୁ ଗିରଫ ନକରିବା ପଛରେ ମୋଟାଅଙ୍କର କାରବାର ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଜଣେ ଅଭିଯୁକ୍ତଙ୍କ ପକ୍ଷରୁ ଦୋକାନ ପୋଡି ସମ୍ପର୍କିତ ଏକ ସ୍ୱୀକାରୋକ୍ତି ଅଡିଓ ଭାଇରାଲ ହେଉଛି। ପୋଲିସ ଜାଣିଶୁଣି ନୀରବ ରହିବା କିମ୍ବା ଅଭିଯୋଗକୁ ଅଣଦେଖା କରିବା ଯାହାକି ସାଧାରଣରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଲୋକେ ବିଶ୍ୱାସ ହରାଉଛନ୍ତି। ସୂଚନାଯୋଗ୍ୟ କି ଚଳିତ ମେ ମାସ ୧୩ ତାରିଖ ମଧ୍ୟରାତ୍ରରେ ତପନଙ୍କ ଫଳ ଦୋକାନକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୂର୍ବରୁ ତପନଙ୍କ ଜଣେ ସମ୍ପର୍କୀୟ ବ୍ୟକ୍ତି ତାଙ୍କୁ ଜୀବନରୁ ମାରିଦେବା ଏବଂ ଦୋକାନ ଜାଳି ଦେବାକୁ ଧମକ ଦେଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ତିର୍ତ୍ତୋଲ ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ରହୁଥିଲେ ସୁଦ୍ଧା ତାଙ୍କୁ ଗିରଫ କରିନପାରିବା ପୋଲିସର ପାରିବା ପଣିଆକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଏହି କେସ୍ ସମ୍ପର୍କରେ ତିର୍ତ୍ତୋଲ ଆଇଆଇସିଙ୍କ ସହ କଥାହେବେ ବୋଲି ଏସ୍‌ଡିପିଓ ଚିନ୍ମୟ ରାଉତ ପ୍ରକାଶ କରିଛନ୍ତି।

# ବିଳମ୍ବିତ ରାତିରେ ଆରୁହା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକରେ ମାତିଛନ୍ତି ଏଲଇଡି ଟିଭି ଓ କମ୍ପ୍ୟୁଟର ଚୋର। ପ୍ରାୟ ୩୫ଟି ଗ୍ରାମ ପଞ୍ଚାୟତରୁ ଅଧିକାଂଶ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଏଲଇଡି ଟିଭି ଓ କମ୍ପ୍ୟୁଟର ଚୋରି ହୋଇଥିବା ବେଳେ ଜଳେଶ୍ୱର ବ୍ଲକ ଅଧୀନ ଆରୁହା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ କୌଣସି ଦୁର୍ବୃତ୍ତ ୨୮ ତାରିଖ ବୁଧବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଏଲଇଡି ଟିଭି, ସିସି କ୍ୟାମେରାର ହାଡଡିସ୍ ସହ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ବୁଧବାର ସକାଳ ୮ ଘଟିକା ସମୟରେ ସରପଞ୍ଚ ତପନୀ ଭୂୟାଁ ପଞ୍ଚାୟତର ପିଅନ ଅଜୟ କୁମାର ସୁରଙ୍କ ପାଖରୁ ଖବର ପାଇ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ନାରାୟଣ ସାହୁ ଉଭୟେ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ଚୋରି ହୋଇଥିବା ଦେଖିବା ପରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ଦେବା ସହିତ ଜଳେଶ୍ୱର ବିଡିଓଙ୍କୁ ଜଣାଇଥିଲେ। ପରେ ଜଳେଶ୍ୱର ଥାନାର ଏଏସଆଇ ଦିଲ୍ଲୀପ ମୁଖୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରିବା ସମୟରେ ସରପଞ୍ଚ ତପନୀ ଭୂୟାଁ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ନାରାୟଣ ସାହୁ, ସମିତି ସଦସ୍ୟା ମଧୁମିତା ମହାନ୍ତି, ନାଏବ ସରପଞ୍ଚ ବରୁଣ କୁମାର ଜେନା, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, ୱାର୍ଡ଼ ସଭ୍ୟ ମଧୁସୂଦନ ପ୍ରଧାନ, ବିଜୟ ଗିରି, ଗୋପିକୃଷ୍ଣ ଦାସ, ସୁଲୋଚନା ଦାସ, ଏମ୍‌ବିକେ ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ସାମ୍ବାଦିକ ମନୋଜ କୁମାର ଭୂୟାଁ ଓ ପ୍ରଦୀପ ମହାନ୍ତିଙ୍କ ସହ ବହୁ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ତେବେ ପୋଲିସ ତଦନ୍ତ କରୁ କରୁ ପଞ୍ଚାୟତ ପରିସର ମଧ୍ୟରେ ଥିବା ଏକ ଚମ୍ପା ଗଛ ମୂଳରେ ଏଲସିଡି ପଡ଼ିଥିବାର ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉକି ପୂର୍ବରୁ ଜଳେଶ୍ୱର ବ୍ଲକର ଆରୁହା, ପାଇକସିଦା, କୋଟସାହି, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଖୁଆଡ, କଳମା, ଗୋବରଘଟା, ଖୁଦିଆ ମାଝିସାହି, ମହମ୍ମଦ ନଗରପାଟଣା ଆଦି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କେତେକ ବିଦ୍ୟାଳୟରୁ ଏହିଭଳି କମ୍ପ୍ୟୁଟର ଓ ଏଲଇଡି ଟିଭି ଚୋରି ହୋଇଥିବା ବେଳେ ଥାନାରେ ଅଭିଯୋଗ ହୋଇ ଆସୁଛି। କିନ୍ତୁ ପୋଲିସ କୌଣସି ଟେର୍ ପାଉନାହିଁ।

# ସରକାର ଏବଂ ଚାଷୀଙ୍କୁ ଭୂଆଁ ବୁଲାଉଛି ଫରୱାର୍ଡ ଏନ୍‌ଜିଓ ସଂସ୍ଥା !

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଚାଷୀ ରୋଜଗାର କ୍ଷମ ହୁଅନ୍ତୁ, ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୁଅନ୍ତୁ, ଆତ୍ମ ନିର୍ଭରଶିଳ ହୁଅନ୍ତୁ ସେଥିଲାଗି ଚାଷୀଙ୍କ ପାଇଁ କେତେ କଣ ଯୋଜନା କେତେ କଣ ସୁବିଧା ଯୋଗାଉଛନ୍ତି ସରକାର। ସେ ସରକାରୀ ସ୍ତରରେ ହେଉ କିମ୍ବା ଏନ୍‌ଜିଓ ମାଧ୍ୟମରେ ହେଉ ଲକ୍ଷ୍ୟ ଗୋଟିଏ, ଚାଷୀଙ୍କ ମେରୁଦଣ୍ଡ ସୁଦୃଢ ହେଉ। କିନ୍ତୁ ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍‌ରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗତ ଖରିଫ୍ ଋତୁରେ ଶୁକ୍ରୁଳି ବ୍ଲକ୍‌ରେ ମାଣ୍ଡିଆ ଚାଷ ପ୍ରକଳ୍ପ ସରକାରଙ୍କ ଠାରୁ ହାତେଇ ଥିଲା ଫରୱାର୍ଡ ଏନ୍‌ଜିଓ। ଗତ ଖରିଫ୍ ଋତୁରେ ଶୁକ୍ରୁଳି ବ୍ଲକ୍‌ରେ ସବୁଠାରୁ କମ୍ ବର୍ଷା ହୋଇଥିଲା ଯାହାଫଳରେ ଧାନ ସହ ମାଣ୍ଡିଆ ଚାଷ ପ୍ରଭାବିତ ହୋଇଥିଲା। ମାତ୍ର ଏହି ବ୍ଲକରେ ମାଣ୍ଡିଆ ଚାଷ ସଂପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହୋଇଥିଲା। କିନ୍ତୁ ଫରୱାର୍ଡ ଏନଜିଓ ଫନ୍ଦି ଫିକର୍ କରି କାଗଜପତ୍ରରେ ସଫଳ ହୋଇଥିବା ଦର୍ଶାଇଛି ଏବଂ ପୁଣି ଚଳିତ ବର୍ଷ ପ୍ରକଳ୍ପ ହାତେଇବାକୁ ଅକ୍ଲାନ୍ତ ଉଦ୍ୟମ ଜାରି ରଖିଛି। ଗତ ଖରିଫ୍ ଋତୁରେ ମାଣ୍ଡିଆ ଚାଷ ଫେଲ୍ ମାରିଥିବା ବେଳେ ସରକାରୀ ମଣ୍ଡି ବଦଳରେ ଗାଁ ଗାଁରେ ମଣ୍ଡି ଖୋଲି ବିଫଳତାକୁ ସଫଳ କରି ଦେଖାଇଲେ। ଚାଷୀଙ୍କ ନାମରେ ମାଣ୍ଡିଆ ବିକ୍ରି ଟଙ୍କା ନଦେଇ ଜଣ ଜଣଙ୍କ ନାମରେ ମୋଟାଅଙ୍କର ଟଙ୍କା ଜମା କଲେ ଏବଂ ପୁଣି ସେହି ଲୋକଙ୍କ ପାଖରୁ ବ୍ୟାଙ୍କ୍ ଖାତାରେ ଜମା ହୋଇଥିବା ଟଙ୍କା ମାଗି ନେଲେ ଏନ୍‌ଜିଓ କର୍ମଚାରୀ। ମାଣ୍ଡିଆ ଚାଷରେ ଅଧିକ ଲାଭ ଏବଂ ସରକାର ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେଉଥିବା କହି ଚାଷୀଙ୍କୁ ବୁଝାଇ ଥିଲେ କିନ୍ତୁ ଦୁର୍ଭାଗ୍ୟର କଥା ଉଚିତ୍ ଚାଷୀଙ୍କୁ ସରକାରୀ ସହାୟତା ମିଳିଲା ନାହିଁ । ଯେଉଁ ଚାଷୀ ଚାଷ କଲା ତାକୁ ସରକାରୀ ସହାୟତା ମିଳିଲା ନାହିଁ କିନ୍ତୁ ଯେଉଁ ମାନେ ଚାଷ କଲେ ନାହିଁ ସେମାନେ ସରକାରୀ ସହାୟତା ପାଇଲେ ସଂପୃକ୍ତ ଏନ୍‌ଜିଓକୁ ସୁହାଇଲା ଭଳି ଲୋକଙ୍କୁ ସହାୟତା ଟଙ୍କା ଦେଲେ। ଏ ନେଇ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଚାଷୀ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ତେବେ ଶୁକ୍ରୁଳି ବ୍ଲକ୍‌ରେ କେତେ ଜାଗାରେ ମାଣ୍ଡିଆ ଚାଷ ହୋଇଥିଲା, କେଉଁ କେଉଁ ଚାଷୀ ଚାଷ କରିଥିଲେ, କେତେ ଅମଳ ହେଲା ଏ ସମ୍ବନ୍ଧରେ ତଥ୍ୟ ମାଗିଥିଲେ ବି ଗଣମାଧ୍ୟମ ପ୍ରତିନିଧିଙ୍କୁ ମିଳିନଥିଲା। ଏନ୍‌ଜିଓ ସଂସ୍ଥା ତଥ୍ୟ ଦେଲା ନାହିଁ କିମ୍ବା କୃଷି ବିଭାଗ ଦେଲା ନାହିଁ । କୃଷି ବିଭାଗ ବାରମ୍ବାର କହିଲା ମାଣ୍ଡିଆ ଦାୟିତ୍ୱ ଆମର ନୁହେଁ ଏନ୍‌ଜିଓର। ଏଇଥିରୁ ଜଣାପଡ଼େ ଫରୱାର୍ଡ ଏନ୍‌ଜିଓ ଏବଂ କୃଷି ବିଭାଗରେ ଥିବା କିଛି ଅସାଧୁ ଅଫିସରଙ୍କ ପାଇଁ ଏହି ବ୍ଲକ୍‌ରେ ମାଣ୍ଡିଆ ଚାଷୀ ସୁଫଳ ପାଇପାରୁ ନାହାଁନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ନହେଲେ ଚଳିତ ବର୍ଷ ପୁଣି ଫରୱାର୍ଡ ଏନ୍‌ଜିଓ ପ୍ରକଳ୍ପ ହାତେଇବ ଏବଂ ଚାଷୀଙ୍କୁ ପୁଣି ଲୁଟିବ।

# କଣିହାଁ ବ୍ଲକ ବିଜେଡିର ସମ୍ବର୍ଦ୍ଧନା ଉତ୍ସବ

କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୁଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ବିଜୁ ଜନତା ଦଳର ନୂତନ ଭାବେ ନିର୍ବାଚିତ ସଭାପତି ଓ ୧୯ଟି ପଞ୍ଚାୟତ ସଭାପତିମାନଙ୍କୁ ଶିପୁରମା ଲୁଧୁଣି ମନ୍ଦିର ନିକଟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଥମେ ମା’ ଲୁଧୁଣୀ ମନ୍ଦିରରେ ପୂଜାର୍ଚ୍ଚନା, ଦୀପ ପ୍ରଜ୍ୱଳନ କରି ମା’ଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ତା’ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବି ଚନ୍ଦ୍ର ରାଉତ, ହିମାଚଳ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ପୂର୍ବତନ ସଭାପତି ସୁବାସ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଥମେ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କୁ କଣିହାଁ ବ୍ଲକ ବିଜେଡି ତରଫରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।୧୯ ପଞ୍ଚାୟତ ସଭାପତିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ କଣିହାଁ ବ୍ଲକ ବିଜେଡି ସଂଗଠନ କିପରି ୱାର୍ଡ ସ୍ତରରୁ ମଜବୁତ୍ ହେବ ଏବଂ ଡବଲ ଇଞ୍ଜିନ ସରକାର ଏକ ବର୍ଷ ମଧ୍ୟରେ ବିଫଳତାକୁ କିପରି ଭାବରେ ୱାର୍ଡସ୍ତରରେ ପହଞ୍ଚାଇବା ସେ ବିଷୟରେ ସମସ୍ତ ସଭାପତି, ବରିଷ୍ଠ ବିଜେଡି ନେତାମାନଙ୍କୁ ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ବିଶ୍ୱାଳ, ମହେଶ୍ୱର ସାମଲ, ସୌଭାଗ୍ୟ ପ୍ରଧାନ, ଭବେଶ ପ୍ରଧାନ, ଅବନୀ ଦେହୁରୀ, ଶିବ ପ୍ରସାଦ ବେହେରା, କରୁଣାକର ପ୍ରଧାନ, ଧର୍ମେନ୍ଦ୍ର ସାମଲ, ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ‘ଆମ ଚାଷଜମି ଆମକୁ ଫେରାଅ’

# ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଚାନ୍ଦୀଖମଣ ଗ୍ରାମବାସୀଙ୍କ ଆନ୍ଦୋଳନ

ବାରିପଦା (ଭାସ୍କର ନ୍ୟୁଜ୍) : ନିଜ ଚାଷଜମି ଫେରି ପାଇବାକୁ ପ୍ରଶାସନ ସହିତ ମୁହାଁମୁହିଁ ହେଲେ ଠାକୁରମୁଣ୍ଡା ବ୍ଲକର ଚାନ୍ଦୀଖମଣ ଗ୍ରାମବାସୀ। ସକାଳୁ ଆସି ଜିଲ୍ଲାପାଳ ଅଫିସର ପିଣ୍ଡାରେ ପଖାଳ ଖାଇ ସେଠାରେ ଶୋଇ ରହିଲେ ୫୦ରୁ ଅଧିକ ଗ୍ରାମବାସୀ। ଏଭଳି ଏକ ଅଭିନବ ଆନ୍ଦୋଳନ ଆଜି ଖୋଦ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଫିସରେ ଦେଖିବାକୁ ମିଳିଥିଲା। ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତର ଚାନ୍ଦିଖମଣ ଗ୍ରାମବାସୀ ଆଜି ନିଜର ଚାଷ ଜମି ତାଙ୍କୁ ଚାଷ ପାଇଁ ଫେରାଇ ଦେବାକୁ ଦାବି କରି ବାରିପଦା ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆନ୍ଦୋଳନରତ ଗ୍ରାମବାସୀଙ୍କ କହିବା ଅନୁସାରେ ତିନି ପିଢ଼ିରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ବାପା-ଜେଜେ ଅମଳରୁ ୧୯୫୨ ମସିହା ଠାରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଚାନ୍ଦିଖମଣ ଗାଁରେ ବସବାସ କରିବା ସହିତ ଶିମିଳିପାଳ ପାଦ ଦେଶରେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ସେମାନଙ୍କୁ ଜମି ପଟ୍ଟା ମଧ୍ୟ ମିଳିସାରିଛି। କିନ୍ତୁ ବର୍ଷେ ଦୁଇବର୍ଷ ପୂର୍ବରୁ ପଡୋଶୀ ଗାଆଁର କିଛି ଅସାଧୁ ବ୍ୟକ୍ତି ଜୋର ଜବରଦସ୍ତ ତାଙ୍କ ଚାଷ ଜମିକୁ ମାଡି ବସିଛନ୍ତି। ନିଜ ଜମିରେ ଚାଷ କରିବାକୁ ଗାଁ ଲୋକେ ସେଠାକୁ ଗଲେ ସେମାନେ ଗଣ୍ଡଗୋଳ କରୁଛନ୍ତି। ବର୍ଷେ ପୂର୍ବରୁ ଏହି ଅଭିଯୋଗ ଜିଲ୍ଲାପାଳଙ୍କ ସହିତ ସ୍ଥାନୀୟ ଥାନାରେ ମଧ୍ୟ କରିଥିଲେ। ଏବେ ମାମଲା ଥାନାରୁ ଯାଇ କୋର୍ଟରେ ବିଚାରାଧୀନ ଥିବାରୁ ବର୍ତ୍ତମାନ ସେ ଜମିରେ ୧୪୪ ଧାରା ଲାଗିଛି। ଫଳରେ ଚାଷ କରି ନପାରିବାରୁ ଗ୍ରାମବାସୀଙ୍କ ପରିବାର ପ୍ରତିପୋଷଣ କଷ୍ଟସାଧ୍ୟ ହୋଇପଡିଛି। ଏ ବାବଦରେ ଅଭିଯୋଗ ଜଣାଇବା ପାଇଁ ଆଜି ଗାଁ ଲୋକେ ଜିଲ୍ଲାପାଳଙ୍କ ଅଫିସ ପିଣ୍ଡାରେ ଧାରଣାରେ ବସିଥିଲେ। ଏପରିକି ସାଙ୍ଗରେ ଆଣିଥିବା ପଖାଳ ଖାଇ ସେହିଠାରେ ଶୋଇ ରହିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏହାର ସମାଧାନ ତୁରନ୍ତ କରିବାକୁ କାନ୍ଦି କାନ୍ଦି ନିବେଦନ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ନହେଲେ ଆଗମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀଙ୍କ ତରଫରୁ ଧାନୀ ମୁର୍ମୁ, ଲକ୍ଷ୍ମଣ ବାସ୍କେ, ସମାଜସେବୀ ଗୀତା ହେମ୍ବ୍ରମ ପ୍ରମୁଖ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ତେବେ ଖବର ପାଇ କରଞ୍ଜିଆ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ବେଳେ ଅସନ୍ତୁଷ୍ଟ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏପରିକି ଘଟଣାସ୍ଥଳକୁ ପୋଲିସ ଡ଼କାଯାଇଥିଲା। ତେବେ କରଞ୍ଜିଆ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ କହିବା ଅନୁସାରେ ଘଟଣାଟି କୋର୍ଟରେ ବିଚାରାଧୀନ ଥିବାରୁ ଆଇନ ଅନୁସାରେ ପଦକ୍ଷେପ ନେଇ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ରାଶିଫଳ

**ଶୁକ୍ରବାର, ୩୦ ମଇ ୨୦୨୫**



**ମେଷ:** ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଉପକୃତ ହେବ। ଭାଗ୍ୟ ଅନୁକୂଳ ହେବ। ଲାଭ ସୁଯୋଗ ଆସିବ। ପ୍ରଲୋଭିତ ହୁଅ ନାହିଁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।




**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିଷ ଶାସ୍ତ୍ରୀ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୁଧବାର ଅପରାହ୍ନ ୪ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ ପ୍ରଶାସନ ପକ୍ଷରୁ ଗତକାଲି ଗୌନ୍ଦିସର ନିକଟରେ ବାଇକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବାପ ଝିଅଙ୍କ ମୃତଦେହକୁ ବୌଦ୍ଧ ଠାରେ ବ୍ୟବଚ୍ଛେଦ କରାଇବା ପରେ ଗ୍ରାମରେ ପହଞ୍ଚାଇ ସଂସ୍କାର କରାଇଛି। ଗତକାଲି ସନ୍ଧ୍ୟାରେ ବୌଦ୍ଧ ଥାନା ଗୌନ୍ଦିସର ଗ୍ରାମ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲ୍ଲିକ ଓ ୮ ବର୍ଷର ଝିଅର ମୃତ୍ୟୁ ହୋଇଯାଇଥିଲା। ବାଇକରେ ବସିଥିବା ଗଜେନ୍ଦ୍ରଙ୍କ ପତ୍ନୀ ଓ ଅନ୍ୟ ଦୁଇ ଶିଶୁ କନ୍ୟା ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଆଜି ଅପରାହ୍ନରେ ବୌଦ୍ଧ ଠାରେ ମୃତ ବାପ ଝିଅଙ୍କ ବ୍ୟବଚ୍ଛେଦ କରାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ବ୍ଲକ ଏବିଡିଓ ସୁଦାମ ଚରଣ ସାମଲ, ଟିକର ପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ ମୃତଦେହକୁ ଚରିଆ ପାଲି ଗ୍ରାମକୁ ନେଇ ପରିବାର ବର୍ଗଙ୍କ ସହ ଶ୍ମଶାନକୁ ନେଇ ସଂସ୍କାର କରାଇଥିଲେ। ହରିଶ୍ଚନ୍ଦ୍ର ଯୋଜନାରୁ ୬ ହଜାର ଟଙ୍କା ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାପ ଝିଅଙ୍କ ପାଇଁ କରିଥିବା ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଥିଲେ ।

## ପୁଣି ଜନନୀ ଯନ୍ତ୍ରଣା

# ଦେଢ଼ କିଲୋମିଟର ଖଟିଆରେ ବୁହା ହେଲେ ଗର୍ଭବତୀ

ଉମରକୋଟ(ଭାସ୍କର ନ୍ୟୁଜ୍): ପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନଥିବାରୁ ଗାଁରେ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ। ଗାଁ କୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଗର୍ଭବତୀ ମହିଳାଙ୍କୁ ଦେଢ଼ କିଲୋମିଟର ଖଟିଆରେ ବୁହା ଯାଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତର ଡୁମୁନିଗୁଡା ଗାଁରେ । ଡୁମୁନିଗୁଡା ଗାଁର ଚକ୍ରଧର ଜାନିଙ୍କ ସ୍ତ୍ରୀ ବିମଳା ଜାନିଙ୍କୁ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ ଆମ୍ବୁଲାନ୍ସ ଗାଡ଼ି ଯାଇଥିଲେ ମଧ୍ୟ ଗାଁ କୁ ରାସ୍ତା ନଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚି ନପାରି ଗାଁ ଠାରୁ ଦେଢ଼ କିଲୋମିଟର ଦୂରରେ ଅଟକି ରହିଥିଲା। ଯାହାଫଳରେ ପରିବାର ଲୋକ ଏବଂ ଗ୍ରାମବାସୀ ଏକ ଖଟରେ ଭାର କରି ଦେଢ଼ କିଲୋମିଟର ବାଟ କର୍ଲାପଡ଼ା ଗାଁ ପର୍ଯ୍ୟନ୍ତ ଗର୍ଭବତୀଙ୍କୁ ଖଟରେ ବୋହି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ । ପରେ କର୍ଲାପଡ଼ା ଗାଁ ଠାରୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବାବେଳେ ବାଟରେ ଆମ୍ବୁଲାନ୍ସ ଭିତରେ ଗର୍ଭବତୀ ଏକ ଶିଶୁପୁତ୍ର ଙ୍କୁ ଜନ୍ମ ଦେଇଥିଲେ। ତେବେ ବର୍ତ୍ତମାନ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ମା' ସୁସ୍ଥ ଥିବାବେଳେ ବାଟରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିବା କହିଛନ୍ତି ଡାକ୍ତର ।



ତେବେ ଝରିଗାଁ ବ୍ଲକରେ ଏପରି ବାରମ୍ବାର ଜନନୀ ଯନ୍ତ୍ରଣା ଦୃଶ୍ୟ ଦେଖିବାକୁ ମିଳୁଛି । ଏବେବି ବ୍ଲକର କେତେକ ଗାଁ ରେ ଗମନାଗମନ ପାଇଁ ରାସ୍ତା ସଂଯୋଗ ନଥିବାରୁ ଜୀବନ ମରଣ ସମସ୍ୟା ଭିତରେ ରହୁଛନ୍ତି ଗ୍ରାମବାସୀ । ବିଶେଷ କରି ରାସ୍ତାଘାଟ ଅବସ୍ଥା ଶୋଚନୀୟ ଥିବାରୁ ଗର୍ଭବତୀଙ୍କୁ ସୁବିଧାରେ ସୁରକ୍ଷିତ ପ୍ରସବ ପାଇଁ ଡାକ୍ତରଖାନା ଆଣିବାରେ ଅସୁବିଧା ହେଉଥିବା ହେଉଥିବା ବେଳେ ବାରମ୍ବାର ଏହିଭଳି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳୁଛି।

# ବାଲ୍ମୀକି ସମାଜକୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ ପାଇଁ ଦାବିପତ୍ର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ବ୍ଲକ ଗୋରାଖୁଣ୍ଟା ଗ୍ରାମ ପଞ୍ଚାୟତ ଅଧିନସ୍ଥ କୃଷ୍ଣୱାଡା ଗ୍ରାମର ବାସିନ୍ଦାଙ୍କ ତରଫରୁ ଆଜି ସର୍କିଟ୍ ହାଉସ୍ ରେ ଅତିରିକ୍ତ ସଚିବ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରାମେଶ୍ୱର ପ୍ରଧାନଙ୍କୁ ସେମାନଙ୍କୁ ଆଞ୍ଚଳିକ ପାରମ୍ପରିକ ବନବାସୀର ମାନ୍ୟତା ଦେଇ ଜଙ୍ଗଲ ଜମିପଟ୍ଟା ପ୍ରଦାନ ପାଇଁ ଏକ ଦାବିପତ୍ର ଦେଇଛନ୍ତି।ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବାଲ୍ମୀକି ସମାଜ ମାତୃଭାଷା ତେଲୁଗୁ ଏବଂ ଆଞ୍ଚଳିକ ପାରମ୍ପରିକ ବନବାସୀ ବାଲ୍ମିକି (ୱାଲମିକି) ଉପଜାତିର ଅନ୍ତର୍ଗତ ଅଟନ୍ତି। ଏଣୁ ଜଙ୍ଗଲ ଓ ଜମି ଅଧିକାର ଆଇନ ୨୦୦୬ ଅନୁଯାୟୀ ସରକାରଙ୍କ ନିୟମ ମୁତାବକ ସେମାନେ ଦୀର୍ଘ ବର୍ଷ ଧରି ଭୋଗ ଦଖଲ କରି ଆସୁଥିବା ଜଙ୍ଗଲ ଜମିର ପଟ୍ଟା ପାଇବାକୁ ହକଦାର ହୋଇଥିଲେ ମଧ୍ୟ ସେଥିରୁ ବଞ୍ଚିତ ଅଛନ୍ତି । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା । ଏହା ପୂର୍ବରୁ ମାଲକାନଗିରି ଅଞ୍ଚଳ ଆନ୍ଧ୍ରପ୍ରଦେଶ ର ବିଶାଖାପଟନମ ଜିଲ୍ଲା ସହିତ ମିଶିକରି ରହିଥିଲା । ୧୯୩୬ ମସିହା ପରେ ସେମାନଙ୍କର ବଂଶଧରମାନେ କେତେକ ଆନ୍ଧ୍ରପ୍ରଦେଶରେ ରହିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ଟି ଗ୍ରାମ ଓଡ଼ିଶାରେ ରହିଗଲା।୧୯୫୮ ମସିହାରେ ସର୍ଭେ ଏବଂ ଜମି ବନ୍ଦୋବସ୍ତ ପ୍ରକ୍ରିୟା ମାଲକାନଗିରିରେ ଆରମ୍ଭ ହୋଇଥିଲା। ସେହି ସମୟରେ ସେମାନଙ୍କ ପୂର୍ବ ପୁରୁଷ ଓଡ଼ିଆ ଭାଷା ବୁଝି ପାରୁନଥିଲେ । ଏହି ପରିସ୍ଥିତିରେ ସର୍ଭେ ଏବଂ ବନ୍ଦୋବସ୍ତ ପରେ ୧୯୬୧ ମସିହାରେ ସେମାନଙ୍କୁ ସମ୍ପ୍ରଦାୟର ୩୩ଟି ଖାତା ଦିଆଯାଇଛି । ଯେଉଁଥିରେ ସେମାନଙ୍କ ଉପଜାତି 'ୱାଲମିକି' ପରିବର୍ତ୍ତେ 'ଡମ୍ବ' ଲେଖାହୋଇଅଛି । ପୂର୍ବରୁ ଏହି ମାଲକାନଗିରି ଜିଲ୍ଲା ପାହାଡ, ପର୍ବତ , ବଣ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ୧୯୬୪ ମସିହାରେ ବଙ୍ଗୀୟ ଶରଣାର୍ଥୀମାନଙ୍କୁ ଏଠାରେ ଥଇଥାନ ପରେ ମାଲକାନଗିରି ଜିଲ୍ଲାର ରୂପରେଖାରେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଗଲା । ମାଲକାନଗିରି ଠାରୁ ମୋଟୁ ଓ ଚିତ୍ରକୋଣ୍ଡା ଠାରୁ ପଡିଆ ମଧ୍ୟଭାଗରେ କେଉଁ ଆଦିମ କାଳରୁ ସେମାନଙ୍କ ସଂପ୍ରଦାୟ ଏଠାରେ ବସବାସ କରି ଆସୁଅଛନ୍ତି । ଏପରି କି ପ୍ରଣାମ ମିଳେ ୧୯୨୩ ମସିହା ମାଦ୍ରାଜ ସର୍ଭେ ଓ ବାଉଣ୍ଡ୍ରି ଆକ୍ଟ - ୯ (୨) ଧାରା ଅନୁଯାୟୀ ସେମାନଙ୍କ ସମ୍ପ୍ରଦାୟର ଲୋକମାନଙ୍କୁ ( ପୂର୍ବପୁରୁଷ) ଦିଆଯାଇଥିବା ନୋଟିସ୍ ବର୍ତ୍ତମାନ ସୁଦ୍ଧା କେତେକଙ୍କ ପାଖରେ ମହଜୁଦ ଅଛି । କୃଷ୍ଣୱାଡା ଗ୍ରାମ ପ୍ରାୟ ୧୨୦ ବର୍ଷ ପୂର୍ବରୁ ସ୍ଥାପିତ ହୋଇଥିବା ଜଣାଯାଏ । ଏହା ପୂର୍ବରୁ ଏହା ଗୁରାଖୁଣ୍ଟା ଗ୍ରାମ ଥିଲା । ଗୁରାଖୁଣ୍ଟା ଗ୍ରାମଟି ଖୁବ ବଡ଼ ଥିଲା। ସେମାନଙ୍କ ପୂର୍ବପୁରୁଷ ଏହି ଗ୍ରାମର ନାମକରଣ କରିଥିବା ଜଣାଯାଏ। 'ଗୁରା'ର ଅର୍ଥ ଓଡ଼ିଆ ରେ 'ଗୟଳ', 'ଖୁଣ୍ଟା' ର ଅର୍ଥ ଓଡ଼ିଆରେ 'କିଆରି' ଅଟେ । 'ଗୁରାଖୁଣ୍ଟା' ଏକ ତେଲୁଗୁ ଶବ୍ଦ ଯାହାର ଅର୍ଥ ଅନୁସାରେ ଗ୍ରାମଟି ନାମକରଣ କରାଯାଇଥିଲା । ସେଠାରେ (କିଆରି ) ଗୟଳ ପରି ଦିଶୁଥିବା ଏକ ବିରାଟ ପଥର ଏବେ ମଧ୍ୟ ଅଛି । ମାଲକାନଗିରି ଠାରୁ ମୋଟୁ ଓ ଚିତ୍ରକୋଣ୍ଡା ଠାରୁ ପଡିଆ ପର୍ଯ୍ୟନ୍ତ ଉପାନ୍ତ ଅଞ୍ଚଳକୁ ଶାସନର ସୁବିଧା ଯୋଗୁଁ ପାଞ୍ଚଟି ଭାଗରେ ବିଭକ୍ତ କରାଯାଉଥିଲା । ସେହି ପୁରାତନ କାଳରେ ଏହି ଭାଗ ବା ଅଞ୍ଚଳକୁ ତେଲୁଗୁରେ ମୁଟା କୁହନ୍ତି । ସେହି ମୁଟା ନାମରେ (୧) ପନ୍ଧଲେ ମୁଟା (ମାରିୱାଡା) (୨) କୋରୁକୋଣ୍ଡା ମୁଟା, (୩) ଆଲୁର ମୁଟା, (୪) ଭେଜାଙ୍ଗିୱାଡା ମୁଟା (୫) ପଡିଆ ମୁଟାମାନରେ ପାଇଛନ୍ତି ଓ ଏଠାକାର ଅଧିକାରୀଙ୍କୁ ମୁଟାଧାରୀ କହିଥିଲେ । ମାଲକାନଗିରି ଅଞ୍ଚଳର ପ୍ରାୟ ସମସ୍ତ ପୁରାତନ ଗ୍ରାମ ଗୁଡିକର ନାମକରଣକୁ ଲକ୍ଷ୍ୟ କଲେ , ତେଲୁଗୁ ସମ୍ପ୍ରଦାୟର ପୂର୍ବ ପୁରୁଷମାନେ ଏହାର ନାମକରଣ କରିଥିବା ପ୍ରତ୍ୟେକ୍ଷ ଜଣାପଡେ। ଏଣୁ ସେମାନେ ସେମାନଙ୍କ ପିତା, ପରପିତା କାଳରୁ ଏଠାରେ ଏହି ବଣ, ଜଙ୍ଗଲ, ପାହାଡ , ପର୍ବତ ମଧ୍ୟରେ ବସବାସ କରି ଆସୁଥିବାର କୌଣସି ପ୍ରକାର ଅବିଶ୍ୱାସ କରାଯାଇପାରିବ ନାହିଁ ।ଏହାର ସତ୍ୟା ସତ୍ୟ ଅନୁଧାନ ପୂର୍ବକ, ସେମାନଙ୍କୁ 'ଆଞ୍ଚଳିକ ପାରମ୍ପାରିକ ବନବାସୀ' ର ମାନ୍ୟତା ଦେଇ ସେମାନଙ୍କ ଭୋଗ ଦଖଲରେ ଥିବା ଜଙ୍ଗଲ , ଜମି , ପଟ୍ଟା ପ୍ରଦାନ କରାଗଲେ ଦଶହଜାରରୁ ଅଧିକ ଲୋକ ଉପକୃତ ହେବେ ।

# ଭିଜିଲାନ୍ସ ଜାଲରେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ

ରାୟଗଡା(ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ। ଗାଡିରୁ ମିଳିଲା ଦେଢ଼ ଲକ୍ଷ ଟଙ୍କା।ଦୁଇଟି ସ୍ଥାନରେ ଚାଲିଛି ଭିଜିଲାନସ୍ ଚଢ଼ାଉ । ଭିଜିଲାନ୍ସ ସ୍କାନରରେ ଅଛନ୍ତି ଆହୁରି ଅନେକ। ଦୁର୍ନୀତିଗ୍ରସ୍ତ କର୍ମଚାରୀ ଏବେ ଛାନିଆ । ଦେଢ଼ ଲକ୍ଷ ଟଂକା ଧରି ଗାଡ଼ିରେ ଯାଉଥିଲେ। ଧରିଲା ଭିଜିଲାନ୍ସ । ଜାଲରେ ପଡ଼ିଲେ ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସହଦେବ କିଶନ। ଦୁଇଟି ସ୍ଥାନରେ ଚାଲିଛି ଭିଜିଲାନ୍ସ ଚଢ଼ାଉ। ଦୁଇଟି ଟିମ୍ କରୁଛନ୍ତି ଚଢ଼ାଉ । ଭିଜିଲାନ୍ସର ସ୍କାନରରେ ଥିଲେ କିଶାନ । ବ୍ୟାପକ ଦୁର୍ନୀତି କରୁଥିବା ନେଇ ଭିଜିଲାନ୍ସ ନିକଟରେ ଥିଲା ଅଭିଯୋଗ। ରାୟଗଡାସ୍ଥିତ ଶିରିଗୁଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସମେତ ଆବାସିକ ଭବନରେ ଭିଜିଲାନ୍ସ ଟିମ ଯାଞ୍ଚ କରୁଛି । ଯାଞ୍ଚ ପରେ ଆୟ ବର୍ହିଭୂତ ସଂପତ୍ତିର ତାଲିକା ଜଣାପଡ଼ିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ହସ୍ତଗତ ତଥ୍ୟ ଅନୁଯାୟୀ ଜଣେ ଠିକାଦାରଙ୍କଠାରୁ ବିପୁଳ ଅବୈଧ ନଗଦ ସଂଗ୍ରହ ସମ୍ପର୍କରେ ବିଶ୍ୱସ୍ତ ସୂଚନା ଆଧାରରେ ସହଦେବ କିଷାନ, ଅଧୀକ୍ଷଣ



ଯନ୍ତ୍ରୀ ପି.ଏଚ୍, ରାୟଗଡ଼ାଙ୍କୁ ରାୟଗଡ଼ାଠାରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଦ୍ୱାରା ଅଟକାଯାଇଥିଲା । ସେ ତାଙ୍କ କାର୍ଯ୍ୟାଳୟରୁ ସରକାରୀ କ୍ୱାର୍ଟରକୁ ବେନାମୀ ନଗଦ ସହିତ ତାଙ୍କ କାର୍ଯ୍ୟାଳୟର ରେଜିଷ୍ଟ୍ରେସନ୍ ନଂ -ଓଡ଼-୧୮ଏନ୍-୭୯୫୭ ଯୋଗେ ଯାଉଥିବା ସ୍କୋର୍ପିଓ ଗାଡ଼ିରେ ଅଟକାଯାଇଥିଲା। ଅଟକାଯିବା ସମୟରେ ଶ୍ରୀ କିଷାନଙ୍କ ନିକଟରୁ ଅନୈତିକ ଭାବରେ ଅର୍ଜନ ହୋଇଥିବା ସନ୍ଦିଗ୍ଧ ଟଙ୍କା ୧,୫୦,୦୦୦/-ମିଳିଥିଲା। ସେ ସନ୍ତୋଷଜନକ ଭାବରେ ତାର ହିସାବ ଦେଇପାରି ନଥିବାରୁ ତାଙ୍କ ନିକଟରୁ ନଗଦ ଜବତ କରାଯାଇଥିଲା। ଅଧିକ ଯାଞ୍ଚ ପାଇଁ ରାୟଗଡ଼ାର ଶ୍ରୀ କିଷାନ, ଏସ୍.ଇ. ସହିତ ଜଡିତ ୨ଟି ସ୍ଥାନରେ ତଲାସ କରାଯାଉଛି। ଅର୍ଥର ଉତ୍ସ ଜାଣିବା ପାଇଁ ତାଙ୍କୁ ଅଧିକ ଯାଞ୍ଚ କରାଯାଉଛି ବୋଲି ଭିଜିଲାନ୍ସ କହିଛି। ଜଣକ ପରେ ଜଣେ ବଡ଼ ମୁଣ୍ଡ ଭିଜିଲାନ୍ସର ଜାଲରେ ଫସିଛନ୍ତି । ବିପୁଳ ବେନାମୀ ସମ୍ପତ୍ତି ଠାବ ହେଉଛି ।ନିକଟରେ ଜଳଛାୟା ମିଶନରେ ଭିଜିଲାନ୍ସ ଚଢାଉ କରିଥିଲା । ସେହିପରି ବିପୁଳ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ନୂଆପଡ଼ାରେ ଜଣେ କନିଷ୍ଠ ଯନ୍ତ୍ରିକୁ ଧରିଥିଲା ଭିଜିଲାନସ୍ । ସେ ପୂର୍ବରୁ ରାୟଗଡା ଜିଲ୍ଲାରେ କାମ କରୁଥିବା ଜଣାଯାଏ। ଚଢାଉବେଳେ ତାଙ୍କ ରାୟଗଡା ବାସଭବନରେ ମଧ୍ୟ ଭିଜିଲାନ୍ସ ଚଢାଉ କରିଥିଲା । ପୁଣି ଆଜି ଜନସ୍ୱାସ୍ଥ୍ୟ ବିଭାଗରେ ଭିଜିଲାନ୍ସ ଚଢ଼ାଉ କରିଛି । ଆଗକୁ ଅନେକ ଏହି ସ୍କାନରରେ ଥିବା ଭିଜିଲାନ୍ସର ଗତିବିଧିରୁ ଜଣାପଡୁଛି । ଏସବୁ ଦେଖିଲେ ଲାଗୁଛି ରାୟଗଡା ଜିଲ୍ଲା ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି । ଦୁର୍ନୀତି ଗ୍ରସ୍ତ ଅଧିକାରୀ ଓ କର୍ମଚାରୀମାନେ ଲଗାମ ଛଡ଼ା ହୋଇ ଯାଇଛନ୍ତି । ଭିଜିଲାନସ୍ ଫୋକସରେ ଏବେ ରାୟଗଡ଼ା ଜିଲ୍ଲା ରହିଛି । ଆଗକୁ କେଉଁ ଦୁର୍ନୀତିଗ୍ରସ୍ତ ଅଧିକାରୀ ଧାରା ପଡୁଛନ୍ତି ତାକୁ ନେଇ ଜିଲ୍ଲା ବ୍ୟାପି ଚର୍ଚ୍ଚା ଚାଲିଛି ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ ସଭା



କୁକୁଡାଖଣ୍ଡି (ଭାସ୍କର ନ୍ୟୁଜ୍): : କୁକୁଡାଖଣ୍ଡି ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଥିବା ସମିତି ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। କୁକୁଡ଼ାଖଣ୍ଡି ବ୍ଲକରେ ଦୁଇ ଥର ଲେଖାଁଏ ବ୍ଲକ ଅଧକ୍ଷ ହୋଇ ଲୋକଙ୍କୁ ସେବା ଯୋଗାଇ ଆସିଥିବା ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ବ୍ଲକ ପ୍ରତି ରହିଥିବା ତାଙ୍କ ଅବଦାନକୁ କେହି ଭୁଲି ପାରିନାହାନ୍ତି । ଏହିଭଳି ଜଣେ ମହାନ୍ ବ୍ୟକ୍ତି ଆଜି ଅଞ୍ଚଳବାସୀଙ୍କ ପାଇଁ ଅମର ହୋଇ ରହିଛନ୍ତି ବୋଲି ମନେ ପକାଇବା ସହ ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ପୂର୍ବତନ ବ୍ଲକ ବ୍ଲକ ଅଧକ୍ଷ ଦିଲ୍ଲୀପ ପାତ୍ର, ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥ, ଭିନ୍ନକ୍ଷମ ନେତା କେ. ମଣିବାବୁ, ସରପଞ୍ଚ ସଂଘ ସଭାପତି ବଶିଷ୍ଟ ଜେନା, ଲାଠି ଯୁବ ସରପଞ୍ଚ ରାଧାମୋହନ ସେଠି, ପୂର୍ବତନ ବ୍ଲକ ସଭାପତି ସନ୍ତୋଷ କୁମାର ଚୌଧୁରୀ, ଭବାନୀ ଶଙ୍କର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ କୈଳାଶ ବିଷୋୟୀ, ପୂର୍ବତନ କୁକୁଡ଼ାଖଣ୍ଡି ସରପଞ୍ଚ ଅଦଲ ଚେନେୟା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ, ଚିତରଞ୍ଜନ ବିଷୋୟୀ, ବସନ୍ତ ସ୍ୱାଇଁ, କାମେଶ୍ୱର ବିଶ୍ୱାଳ, ଗୌରୀ ଶଙ୍କର ପାତ୍ର, ସୁଶାନ୍ତ ପାତ୍ର, ପିଇଓ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପିଇଓ, ବ୍ଲକ କର୍ମଚାରି, ଏମବିକେ, ସିଆରପି ମାନେ ଉପସ୍ଥିତ ଥିଲେ।

# ବିଧାୟକଙ୍କ ମଦବିରୋଧି ଲଢେଇ ବିଫଳ, ଭାଟି ଖୋଲିଲା ପ୍ରଶାସନ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ମଦ ବିକ୍ରିକୁ ବିରୋଧ କରି ବିଧାୟକ ପବିତ୍ର ସାଉନ୍ତା ଓ କିଛି ଆଗଧାଡ଼ିର କର୍ମୀଙ୍କୁ ନେଇ ବନ୍ଧୁଗାଁ ବ୍ଲକରେ କରିଥିବା ଅଭିଯାନ ଫସର ଫାଟିଯାଇଛି। ବ୍ଲକରେ ଥିବା ଦେଶୀ ଓ ବିଦେଶୀ ମଦ ବିକ୍ରି ଦୋକାନରେ ସୋମବାର ଦିନ ବିଧାୟକ ତାଲା ପକାଇ ଦେଇଥିଲେ, ସେହିଦିନ ଅତି ସରଗରମ ଥିବା ବେଳେ ବିଧାୟକ ଅତି ଚମତ୍କାର ଢଙ୍ଗରେ ମଦପିଇ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକେ ଭୋଗୁଥିବା ଦୁଃଖ ଯନ୍ତ୍ରଣାକୁ ଆମ ଗଣମାଧ୍ୟମ ଆଗରେ ବଖାଣୁଥିଲେ। ଏପଟେ ମଙ୍ଗଳବାର ଦିନ ମାଜିଷ୍ଟ୍ରେଟ ସୋନାଲି ପାତ୍ରଙ୍କ ଉପସ୍ଥିତିରେ ଅବକାରୀ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୋଲିସ



ଅଧିକାରୀଙ୍କ ଦ୍ୱାରା ତାଲା ଖୋଲିଥିଲେ। ଆଜି ମଦ ଦୋକାନ ଖୋଲିବା ପରେ ସ୍ୱାଭାବିକ ଭାବେ ମଦ ବିକ୍ରି ଆରମ୍ଭ ହୋଇଛି। ଦିନ ଥିଲା ମଦ ବନ୍ଦକୁ ନେଇ ଚାଷୀମୂଲିଆ ଆଦିବାସୀ ସଂଘ ତୀବ୍ର ବିରୋଧ କରି ଆସୁଥିଲା, ପୁଣି ନକ୍ସଲ ମାନଙ୍କ ଭୟ ଆମ ନିର୍ବାଚନ ମଣ୍ଡଳୀକୁ ଥରହର ହୋଉଥିଲା, ଏହି ପ୍ରକାର ପରିସ୍ଥିତିରେ ମଧ୍ୟ ମଦ ବନ୍ଦ ଡାକରା ସଫଳ ହୋଇ ନଥିଲା। ବିଧାୟକ ଙ୍କ ଏହି ମଦ ବିକ୍ରି ବନ୍ଦକୁ କଂଗ୍ରେସ ଦଳର କର୍ମୀ ମାନେ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି। ବିଧାୟକଙ୍କ ଦେଶି ବିଦେଶୀ ମଦ ଦୋକାନୀଙ୍କ ସହିତ ଆଜକୁ ପ୍ରାୟ ଦୁଇମାସ ତଳୁ ଦୁଇଲକ୍ଷ ଟଙ୍କା ଡିଲ୍ ଚାଲି ଥିଲା, ଭାଟି ବାଲାମାନେ ମୁଣ୍ଡରେ ହାତ ଥୋଇ କୁନ୍ଥୁ କୁନ୍ଥୁ ହେଉଥିଲେ। ଏଥିପାଇଁ ମଝିରେ ଡିଲିଂ ପାଇଁ ଆମ ବ୍ଲକର ପରିଚିତ ନେତା ମଧ୍ୟ ରହିଥିଲେ ଓ ମଝିରେ ମଝିରେ ଧମକ ଚମକ ମଧ୍ୟ ଦେଉଥିଲେ। ମଦ ଦୋକାନରେ ତାଲା ଖୋଲିବା ସମୟରେ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ଅବକାରୀ ବିଭାଗ ଅଧିକାରୀ ଗୌରୀ ପଟ୍ଟନାୟକ ଉପସ୍ଥିତ ରହିଥିଲେ।

# ପୋଖରୀରେ ବୁଡି ନାବାଳକ ମୃତ

ମାଲକାନାଗିରି ଭାସ୍କର ନ୍ୟୁଜ୍): ପୋଖରୀକୁ ଶୌଚ ହେବାକୁ ଯାଇ ନାବାଳକ ମୃତ। ସୂଚନାଯୋଗ୍ୟଯେ,ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ଥାନା ସାଲିମି ଫାଣ୍ଡି ଅନ୍ତର୍ଗତ ବାରୁବେଡା ଗ୍ରାମ ମୁଣ୍ଡାଗୁଡିଆ ସାହିର କେଶବ ପୂଜାରୀଙ୍କ ୪ ବର୍ଷର ନାବାଳକ ପୁଅ ରାଜବୀର ପୂଜାରୀ ଦିନ ୨ ରୁ ୩ ଟା ମଧ୍ୟରେ ଶୌଚ ହେବା ପାଇଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ ।କିନ୍ତୁ ବିଳମ୍ବ ହେବାରୁ ଘରେ ଥିବା କେଶବର ସ୍ତ୍ରୀ ଗାଁରେ ଖୋଜାଖୋଜି କରିଥିଲେ ।ଗାଁରେ ବହୁ ଖୋଜାଖୋଜି କରିବା ପରେ ପୁଅକୁ ପାଇ ନଥିଲେ। ଶେଷରେ ଗାଁ ନିକଟରେ ଥିବା ପୋଖରୀ ନିକଟରେ ପୁଅର ଚପଲ ପଡିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ ।ଗାଁ ଲୋକଙ୍କ ସନ୍ଦେହ ବଢିବାରୁ ଗାଁର କିଛି ଯୁବକ ପୋଖରୀ ଭିତରେ ପଶି ଖୋଜାଖୋଜି କରିବା ସମୟରେ ୪ ବର୍ଷର ନାବାଳକ ରାଜବୀର ର ମୃତ ଶରୀରକୁ ଖୋଜି ପାଇଥିଲେ। ସଙ୍ଗେ ସଙ୍ଗେ ସାଲିମି ସରପଞ୍ଚ ବନ୍ଧୁ ଭୂମିଆଙ୍କୁ ଫୋନ ଯୋଗେ ଜଣାଇଥିଲେ ।ଖବର ପାଇ ସରପଞ୍ଚ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ବିଳମ୍ବ ନକରି ସାଲିମି ଫାଣ୍ଡି ଅଧିକାରୀ ସଦାଶିବ ପୂଜାରୀଙ୍କୁ ଜଣାଇଥିଲେ ।ଖବର ପାଇ ସାଲିମି ଫାଣ୍ଡି ଅଧିକାରୀ ଶ୍ରୀ ପୂଜାରୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। କିନ୍ତୁ ବିଡମ୍ବନା ର ବିଷୟ ମୃତ ନାବାଳକ ର ବାପା ଦାଦନ ଶ୍ରମିକ ଭାବରେ ହାଇଦ୍ରାବାଦ ରେ ଥିବା କାରଣରୁ ମା ସୀତା ପୂଜାରୀଙ୍କ ଲିଖିତ ଅଭିଯୋଗ ପାଇବା ପରେ ମାଥିଲି ଥାନା ନମ୍ବର୍ ୨୨/୨୫ ରେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ।ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚାଲିଥିବା ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ।।। ବଡ଼ମାଲ କର୍ମଚାରୀ ନିର୍ବାଚନ ।।।

# ମଜଦୂର ସଂଘ ବିଜୟୀ

ସଇଁତଳା (ଭାସ୍କର ନ୍ୟୁଜ୍): ସଇଁତଳା ବ୍ଲକ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଗୋଳାବାରୁଦ କାରଖାନା ବଡ଼ମାଲ ରେ କାର୍ଯ୍ୟରତ କର୍ମଚାରୀଙ୍କ ନିର୍ବାଚନ ହୋଇଯାଇଛି । ଏଥିରେ କାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମଜଦୂର ସଂଘ ଓ ମିଳିତି ଭାବେ ବିପିଏମଏସ, କର୍ମଚାରୀ ସଂଘ ଓ ଆମ୍ବେଦକର ସଂଘ ଏକାଠି ହୋଇ ଲଢିଥିବା ବେଳେ ୭ ଟି ଆସନରୁ ୪ ଟି ଆସନରେ ମଜଦୂର ସଂଘ ବିଜୟୀ ହୋଇଥିଲା ଓ ୩ ଟି ଆସନରେ ମିଳିତ ସଂଘର ବିଜୟୀ ହୋଇଥିଲା। ମଜଦୂର ସଂଘର ବଂଶୀଧର ଭୋଇ, ନିମାଇ ଚରଣ ପଧାନ, ଚୁଲଚନ୍ଦ୍ର ବଛା ଓ ଜଗନ୍ନାଥ ଟୁଡୁ ବିଜୟୀ ହୋଇଥିବାବେଳେ ଆସ୍ୱୀମିନି କୁମାର ପାଢ଼ୀ, ନରେନ୍ଦ୍ର କୁମାର ପଧାନ ଓ ଯୋଗେଶ କୁମାର ମେହେର ମିଳିତ ଦଳରୁ ବିଜୟୀ ହେଇଥିଲେ। ଏ ନେଇ କାରଖାନା ପରିସରରେ ବିଜୟୀ ଦଳ ତରଫ



ରୁ ଏକ ଶୋଭାଯାତ୍ରା ବାହାରି ବିଜୟୀ ଉତ୍ସବ ପାଳନ କରିଥିଲେ। ଏହି ବିଜୟୀ ଉତ୍ସବରେ ସଂଘର ବରିଷ୍ଠ ସଦସ୍ୟ ପଞ୍ଚୁ ପଟେଲ, ସତ୍ୟବାନ ଗହୀର, ଧର୍ମରାଜ ମହାନନ୍ଦ, ସୁଜିତ ମହାରଣା, ରୋହିତ କୁମାର ଡାଙ୍ଗ, ଶାନ୍ତିଲତା କହର, ଲାଲଜି ନାଏକ, ପ୍ରଭୁ ସୁରେନ, ସିଣ୍ଟୁ କୁମାର, ସତ୍ୟପ୍ରେମ ମାଝୀ, ଗୋଲାପି ସୁନା, ଅନୁପ ସାଏ ଓ ବରୁଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ଜନମନ ପରିଯୋଜନାର ସଚେତନତା କାର୍ଯ୍ୟକ୍ରମ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଚିନାସାରି ଗ୍ରାମପଞ୍ଚାୟତ ଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ତତ୍ତ୍ୱାବଧାନରେ ପ୍ରଧାନ ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନା ସମ୍ପର୍କିତ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାୟଗଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣୁପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ଉପସ୍ଥିତ ଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ସମୟ ସୀମା ଅର୍ଥାତ ତା.୩୦.୦୯.୨୦୨୫ ରିଖ ମଧ୍ୟରେ ସମସ୍ତ ଅସମ୍ପୂର୍ଣ୍ଣ ଏବଂ ନୂତନ ଭାବେ ଚିହ୍ନଟ ହୋଇଥିବା ପିଏମ୍ ଜନମନ ହିତାଧିକାରୀମାନେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ଆଲୋଚନା କ୍ରମେ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ଧାର୍ଯ୍ୟ ସମୟ (୪ ମାସ) ମଧ୍ୟରେ ସମସ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ



ହିତାଧିକାରୀମାନଙ୍କୁ ଟ.୨୦୦୦୦/– ଙ୍କା ସରକାରଙ୍କ ତରଫରୁ ପ୍ରୋତ୍ସାହନା ରାଶି ପ୍ରଦାନ କରାଯାଉଥିବା ଆଲୋକପାତ କରାଯାଇଥିଲା । ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ସମସ୍ତ ହିତାଧିକାରୀ ଏକ ସ୍ୱର ରେ ସହମତି ପ୍ରକାଶ କରିଥିଲେ। ଉକ୍ତ ସଚେତନ ଶିବିରରେ କାର୍ଯ୍ୟକ୍ରମ ସଞ୍ଚାଳକ (ଗ୍ରାମୀଣ ଗୃହ) ଜିଲ୍ଲା ପରିଷଦ ରାୟଗଡା, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ,ବିପିସି (ଆର୍ଏଚ୍) ଏପିଓ (ମନରେଗା)ଜିଡିପିଓ (ଗୁଣପୁର), ସମାଜ ମଙ୍ଗଳ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ , ଏଡିଇଓ, ସରପଞ୍ଚ ଏବଂ ସମିତି ସଭ୍ୟା , ଚିନାସାରୀ ଗ୍ରାମ ପଞ୍ଚାୟତ ଏବଂ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ନିଶାମୁକ୍ତ ଆଦର୍ଶ ଗ୍ରାମ ପାଇଁ ଶପଥ



କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ବଡ଼ମୁଣ୍ଡା ଲୋଇ ଗ୍ରାମକୁ ଆସନ୍ତା ମାସରୁ ନିଶା ମୁକ୍ତ ଆଦର୍ଶ ଗ୍ରାମ କରିବାକୁ ଗ୍ରାମବାସୀ ଓ ମହିଳାମାନେ ମିଳିତ ଭାବରେ ଆଜି ଶପଥ ନେଇଛନ୍ତି । ଗ୍ରାମର ଗୌନ୍ତିଆ ତଥା ସାମାଜିକ କର୍ମୀ ପ୍ରମୋଦ କୁମାର ପଟେଲଙ୍କ ସଭାପତିତ୍ୱରେ ଗ୍ରାମର ମଣ୍ଡପରେ ଆୟୋଜିତ ସମାବେଶରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ନିଶା ନିବାରଣ ଅଭିଯାନର ସଭାପତି ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗ୍ରାମକୁ ନିଶାମୁକ୍ତ ଆଦର୍ଶ ଗ୍ରାମ କରିବାକୁ ପୂର୍ଣ୍ଣ ସମୟ ଦେବାକୁ ଆହ୍ୱାନ ଦେଇଥିଲେ ।ଜମନକିରା ବ୍ଲକ ନିଶା ନିବାରଣ ଅଭିଯାନର ଆବାହକ ସୂରୁମଣୀ ସୁନାନୀ କୁଚିଣ୍ଡା ବ୍ଲକ ଆବାହକ ଦୁର୍ଯ୍ୟୋଧନ ମୁଣ୍ଡା ,ପୂର୍ବତନ ସମିତି ସଭ୍ୟ ଧର୍ମ ଦାସ ରୋହିଦାସ ପ୍ରାଉଖ ସମ୍ପା ଇଟା ଅତିଥି ଭାବରେ ଯୋଗଦେଇ ନିଶାର ଅପକାରିତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଥମେ ଏହି ସମାବେଶର ଆବାହିକା ବିମଳା ନାୟକ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଅନ୍ୟତମ ଆବାହିକା ସୁଷମା ସିଂ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ୟାପକ ଆଲୋଚନା ପରେ ଆସନ୍ତା ପାଞ୍ଚ ତାରିଖ ପର୍ଯ୍ୟନ୍ତ ଗାଁ ରେ ନିଶା ବିକ୍ରି ନ କରିବା ଓ ନିଶା ଖାଇ ଅତ୍ୟାଚାର ବନ୍ଦ କରିବାକୁ ନିଶାଡି ଓ ନିଶା ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଚେତାବନୀ ଦେବା ସହ ଛଅ ତାରିଖ ଦିନ ଗ୍ରାମରେ ବିରାଟ ନିଶା ନିବାରଣ ଶୋଭାଯାତ୍ରା କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମକୁ ରଞ୍ଜିତା ଧୁରୁଆ, ସୁନନ୍ଦା ନାଏକ, ଚିତ୍ର ଲେଖା ପଟେଲ, ସୌଦାମିନୀ ଧୁରୁଆ, ପ୍ରମିଳା କୁମୁରା, ମିନାକ୍ଷୀ ମାଝୀ, ଜୟନ୍ତି କରାଳୀ, ବିନୋଦିନୀ ନାୟକ,ତପସ୍ୱିନୀ ଧୁରୁଆ, କୌଶଲ୍ୟା ପଟେଲ,ରୋଜି ସିଂ ମହାପାତ୍ର, ସୁଭାଷିନୀ ଧୁରୁଆ,ଉଲ୍ଲାସ ମାର୍କ, ଶାନ୍ତି ଲତା ବରିହା, କୃଷ୍ଣ ନନ୍ଦ, ଆରତୀ ପାତ୍ର,ହିରକାନ୍ତି ପାତ୍ର,କିଆ ଫୁଲ ମାକର, ସୁଭାଷିନୀ ମାକର,ତୀର୍ଥବାସୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତେ ନିଜେ ନିଶା ନଖାଇବା ଓ ଅନ୍ୟଙ୍କୁ ନିଶାରୁ ମୁକୁଳାଇବାକୁ ଶପଥ ନେଇଥିଲେ ।ଶେଷରେ ସୁଷମା ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିଜୁଳି, ଘଡଘଡି ପୂର୍ବାନୁମାନ ସଚେତନତା ରଥ ଶୁଭାରମ୍ଭ

ରାୟଗଡ (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଜୁଳି, ଘଡଘଡି ପ୍ରତି ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥକୁ ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ରାୟଗଡ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଂଚାୟତ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡଘଡି, ବିଜୁଳି ସମୟରେ କିପରି ନିଜକୁ ସୁରକ୍ଷିତ ରଖିହେବ ତାହା ଉପରେ ଲୋକଙ୍କୁ




ବୁଝାଇ ପ୍ରଚାର କରିବ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର,ଗୁଣପୁର ଉପଜିଲ୍ଲାପାଳ କିରନଦୀପ କୌର ସହୋତା, ଉପ ଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନା, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାର ସମସ୍ତ ତହସିଲଦାର, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ସୁଭାଷ କେର୍କେଟା, ପ୍ରମୁଖ ଉପସ୍ଥିତ ଥିଲେ ।




ପୁରୀ (ଭାସ୍କର ନ୍ୟୁଜ) : ସରକାରଙ୍କ ର ପ୍ରତିଟି ଯୋଜନା ସାଧାରଣ ଜନତା ଙ୍କ ହିତ ପାଇଁ ଉଦ୍ଦିଷ୍ଟ।ଏହାର ସଫଳ ରୂପାୟନ ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମସ୍ତ ଯୋଜନା ଯେପରି ପହଞ୍ଚେ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।ଆଜି ଅପରାହ୍ନ ରେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ।ସାଧାରଣ ଜନତା ଯେମିତି ମୌଳିକ ସୁବିଧା ସୁଯୋଗ ପାଆନ୍ତି ଓ କୌଣସି ସମସ୍ୟା ପାଇଁ ଆଇନ ଅନୁଯାୟୀ ତ୍ୱରିତ ସେବା ପାଇବେ ସେଥି ପ୍ରତି ଯତ୍ନ ବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।ରଥଯାତ୍ରା ଆସୁଥିବାରୁ ରାସ୍ତାଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ପରିମଳ,ଆଲୋକ ବ୍ୟବସ୍ଥା, ଆଇନଶୃଙ୍ଖଳା,ପରିବହନ ବ୍ୟବସ୍ଥା, ଗମନାଗମନ, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଜିଲ୍ଲା ରେ ଆରକ୍ଷୀ ବିଭାଗର ସ୍ଥିତି ଓ କାର୍ଯ୍ୟକାରିତା, ଆଇନ ଶୃଙ୍ଖଳା ପରିସ୍ଥିତି ଓ ରଥଯାତ୍ରା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ବର୍ଷାଋତୁକାଳୀନ ରୋଗ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ବର୍ଷାଋତୁକାଳୀନ ରୋଗ ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଲୋକସେବା ଭବନ ବାସଗୃହଠାରେ ବିଭାଗୀୟ ଶାସନ ସଚିବ ଅଶ୍ୱତୀ. ଏସ୍. ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗ ଅଧିନରେ ବିଭିନ୍ନ ନିର୍ଦ୍ଦେଶାଳୟ ଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରି ତୃଣମୂଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ସଘନ କରିବା ସହ ଆଶାକର୍ମୀ ଠାରୁ ଆରମ୍ଭ କରି ସବ୍ ସେଂଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଆବଶ୍ୟକୀୟ ପରିମାଣ ଔଷଧ ମହଜୁଦ ରଖିବା ପାଇଁ ଶାସନ ସଚିବ ଅଶ୍ୱତୀ. ଏସ୍ ନିର୍ଦ୍ଦେଶ ଦେଇଥିଲେ ।

## ପାକିସ୍ତାନକୁ ରାଜନାଥଙ୍କ ନିଶାନା


# ଶତ୍ରୁର କବଚ ଭାରତ ଆଗରେ ତୁଚ୍ଛ



ନୂଆଦିଲ୍ଲୀ : ଶତ୍ରୁ ଯେତେ ଶକ୍ତିଶାଳୀ କବଚ ପିନ୍ଧିଥିଲେ ବି ତାହା ଭାରତ ଆଗରେ ତୁଚ୍ଛ। ତାକୁ ଭେଦ କରିବାର ତାକତ ରହିଛି ଭାରତର। ଅପରେସନ ସିନ୍ଦୂର ମାଧ୍ୟମରେ ଭାରତର ଶକ୍ତି ଦେଖିଲା ସାରା ବିଶ୍ୱ। ଭାରତ ଚାହିଁଥିଲେ ପାକିସ୍ତାନରେ ଆହୁରି ଧ୍ୱଂସଲୀଳା ରଚିପାରିଥାନ୍ତା। କିନ୍ତୁ ଭାରତ ଶାନ୍ତିପାଇଁ ସଂଯମତା ରକ୍ଷା କଲା। ଶକ୍ତି ଓ ସଂଯମତାର ମହାନ ଉଦାହରଣ ରଚିଲା ଭାରତ। ସିଆଇଆଇ ଆନୁଆଲ ବିଜିନେସ ସମିଟିରେ ଯୋଗଦେଇ ପାକିସ୍ତାନକୁ ଏଭଳି କଡ଼ା ଚେତାବନୀ ଦେବା ସହ ଭାରତର ଶୌର୍ଯ୍ୟ ବଖାଣିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ରାଜନାଥ କହିଛନ୍ତି ଯେ ଭାରତ ଖାଲି ଫ୍ଲାଇଟ୍ କି ମିଶାଇଲ ପ୍ରସ୍ତୁତ କରୁନି। ନ୍ୟୁ ଏଜ୍ ୱାର ଟେକ୍ନୋଲୋଜି ପାଇଁ ଆମେ ବି ପ୍ରସ୍ତୁତ। ୧୦ବର୍ଷ ପୂର୍ବେ ଭାରତର ପ୍ରତିରକ୍ଷା ରପ୍ତାନୀ ହଜାରେ କୋଟିରୁ କମ୍ ରହିଥିଲା। ଯାହା ଏବେ ୨୩ହଜାର ୫ଶହ କୋଟିକୁ ବୃଦ୍ଧି ପାଇଛି। ମେକ୍ ଇନ୍ ଇଣ୍ଡିଆ ଭାରତର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ବରଦାନ ସାଜିଛି। ସେହିପରି ପିଓକେ ପ୍ରସଙ୍ଗରେ ରାଜନାଥ କହିଛନ୍ତି ଯେ ପିଓକେର ଲୋକମାନେ ଭାରତୀୟ ପରିବାରର ଅଂଶବିଶେଷ। ସେହିଦିନ ଆଉ ଦୂର ନୁହେଁ, ଯେତେବେଳେ ସେମାନେ ସ୍ୱେଚ୍ଛାକୃତଭାବେ ଆସି ଭାରତରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ବାୟୁସେନା ମୁଖ୍ୟ ଏୟାରଚିଫ ମାର୍ଶାଲ ଅମରପ୍ରୀତ ସିଂ କହିଛନ୍ତି ଯେ ଆମେ ଯେକୌଣସି ପ୍ରକାର ଅପରେସନ କରିବାକୁ ସକ୍ଷମ। ଅପରେସନ ସିନ୍ଦୂର ଆମ ପରାକାଷ୍ଠାର ପ୍ରମାଣ ଦେଇ ସାରିଛି। ଭବିଷ୍ୟତରେ ଆମର କ'ଣ ଆବଶ୍ୟକ ତା'ର ଧାରଣା ମଧ୍ୟରେ ଅପରେସନ ସିନ୍ଦୂର ମାଧ୍ୟମରେ ଆମେ ପାଇ ସାରିଛୁ। ତେଣୁ ଆମର ନିଜସ୍ୱ ଚିନ୍ତାଧାରା ପ୍ରକ୍ରିୟାକୁ ବିକଶିତ କରିବାର ଆବଶ୍ୟକତା ରହିଛି। ଭବିଷ୍ୟତରେ ଆମେ ଏକ ରାଷ୍ଟ୍ରଭାବେ ଯୁଦ୍ଧାସ୍ତ୍ର ଯୋଗାଇପାରିବୁ। ଘରୋଇ ଶିଳ୍ପ ଏ କ୍ଷେତ୍ରରେ ପଥ ପ୍ରସ୍ତୁତ କରିବ। ଆତ୍ମନିର୍ଭର ଭାରତ ପାଇଁ ସେନା ଓ ଶିଳ୍ପକୁ ଏକାଠି କାମ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ମଧ୍ୟ ସାମିଲ ହୋଇଥିଲେ।

## ଗଭୀର ଅବପାତର ରୂପ ନେଲା ଲଘୁଚାପ

# ଘଡ଼ଘଡ଼ି, ପବନ ସହ ପ୍ରବଳ ବର୍ଷିବ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୌସୁମୀ ଓଡ଼ିଶାର କେତେକ ଅଞ୍ଚଳକୁ ଛୁଇଁବା ପରେ ମାଲକାନଗିରି ଓ କୋରାପୁଟରେ ପ୍ରବଳ ବର୍ଷା ଲାଗି ରହିଛି। ଗୋଟିଏପଟେ ଲଘୁଚାପ ଓ ଅନ୍ୟପଟେ ମୌସୁମୀର ପ୍ରବେଶ ବର୍ଷାର ଗତିକୁ ଅଧିକ କ୍ଷିପ୍ର କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅବପାତ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆକଳନ କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଥିବାରୁ ଏହି ୪ଟି ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୪୦ରୁ ୫୦ କିମି ବେଗରେ ପବନ ବହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ସେହିପରି କେନ୍ଦୁଝର, ଯାଜପୁର, ଜଗତସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ପବନ ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଶୁକ୍ରବାର ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବଲାଙ୍ଗୀର, ବୌଦ୍ଧ, ବରଗଡ଼, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୧ରୁ ୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ଗତବର୍ଷ ଜୁନ୍ ୭ ତାରିଖରେ ମୌସୁମୀ ଓଡ଼ିଶାରେ ପହଞ୍ଚିଥିବାବେଳେ ଚଳିତବର୍ଷ ଜୁନ୍‌ମାସ ଆରମ୍ଭ ହେବା ପୂର୍ବରୁ ରାଜ୍ୟକୁ ପ୍ରବେଶ କରିଛି। ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ
ଇ-ଟେଣ୍ଡର ନୋଟିସ
ଇ-ଟେଣ୍ଡର ନୋଟିସ ନମ୍ବର: ଟିଆର୍‌ଏସ୍-ବିଆଇଏ-୨୫-୨୬-ଆର୍‌ଓ ପ୍ଲାଣ୍ଟ-୦୨
କାର୍ଯ୍ୟର ନାମ: ୦୩ ବର୍ଷ ସମୟାବଧି ପାଇଁ ଭିଲାଇର ଇଲେକ୍ଟ୍ରିକ୍ ଲୋକୋ ସେଡ୍‌ରେ ପ୍ରତିରୋଧକ ଏବଂ ବ୍ୟାପକ ରକ୍ଷଣାବେକ୍ଷଣ ସମେତ ମାସିକ ଭଡ଼ାରେ ପ୍ରତ୍ୟେକ ୫୦୦ଏଲ୍‌ପିଏଚ୍ ଆର୍‌ଓ ପ୍ଲାଣ୍ଟର ୦୩ ୟୁନିଟ୍ ନିଯୁକ୍ତି। କାର୍ଯ୍ୟର ମୂଲ୍ୟ: ଟ.୭,୪୦,୯୩୬.୧୬ (ସାତ ଲକ୍ଷ ଚାଳିଶ ହଜାର ନଅ ଶହ ଛତିଶଟଙ୍କା ଷୋହଳ ପଇସା କେବଳ)। ବିଡ୍ ସୁରକ୍ଷା/ ସର୍ବଶ୍ରେଷ୍ଠ ଜମା ଟଙ୍କା: ଟ.୧୪,୯୦୦.୦୦ (ଚୌଦ ହଜାର ନଅଶହ ଟଙ୍କା କେବଳ)। କାର୍ଯ୍ୟ ସମାପ୍ତି ଅବଧି: କାମ ଆରମ୍ଭ ତାରିଖରୁ ୩୬ (ଛତିଶ) ମାସ।
ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୧୬.୦୬.୨୦୨୫ ରେ ୧୧:୩୦ ଘଣ୍ଟାରେ।
ୱେବସାଇଟ୍ ବିବରଣୀ ଏବଂ ଟେଣ୍ଡରର ବିବରଣୀ ଏଠାରେ ଦେଖାଯାଇପାରିବ: http://www.ireps.gov.in
ସହାୟକ ବିଭାଗ ବୈଦ୍ୟୁତିକ ଇଞ୍ଜିନିୟର (ଟିଆର୍‌ଏସ୍)
ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ, ଭିଲାଇ
PR/R/ADEE/TRS/PC/44
South East Central Railway @secrail

## ବଜ୍ରପାତରେ ୨ ମହିଳା ମୃତ

ବରଗଡ (ଭାସ୍କର ନ୍ୟୁଜ): ଗୁରୁବାର ବରଗଡ଼ ଜିଲ୍ଲା ଅତାବିରା ଥାନା ଅଞ୍ଚଳରେ ଟୋପ ଓ ଖଇରପାଲି ଗାଁରେ ବଜ୍ରପାତରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି। ଖଇରପଲ୍ଲୀ ଗାଁର ଶାନ୍ତି ଛତ୍ରିଆ ଜାଳେଣୀ ସଂଗ୍ରହ କରିବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ସେହିପରି ଟୋପ ଗାଁର ଯଶୋଦା ମଲ୍ଲିକ ସ୍ୱାମୀଙ୍କ ପାଇଁ ବିଲକୁ ଖାଦ୍ୟ ନେଇ ଯାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ।

## ପାକିସ୍ତାନକୁ ଭାରତର ରୋକଠୋକ୍ ଜବାବ

# ଆତଙ୍କୀ ହସ୍ତାନ୍ତର ପରେ ଆଲୋଚନା



ନୂଆଦିଲ୍ଲୀ : ପାକ୍ ପ୍ରଧାନମନ୍ତ୍ରୀ ସେହ୍‌ୱାଜ ସରିଫ ଭାରତ ସହ ଶାନ୍ତି ଆଲୋଚନା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତା ଉପରେ ବୈଦେଶିକ ମନ୍ତ୍ରଣାଳୟ ରୋକ୍‌ଠୋକ୍ ଜବାବ ରଖିଛି। ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସ୍ପଷ୍ଟଭାବେ କହିଛନ୍ତି ଯେ ପ୍ରଥମେ ପାକିସ୍ତାନ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ। ଆତଙ୍କୀଙ୍କ ତାଲିକା ଦୀର୍ଘବର୍ଷ ହେବ ପାକିସ୍ତାନକୁ ଦିଆଯାଇଛି। ହେଲେ ପାକିସ୍ତାନ ଏ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରିପାରି ନାହିଁ। ଆତଙ୍କବାଦ ଓ ଆଲୋଚନା କିମ୍ବା ପାଣି ଓ ରକ୍ତ କେବେ ବି ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ଶ୍ରୀ ଜୟସ୍ୱାଲ ସିଧାସଳଖ କହିଥିଲେ। ସେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ପ୍ରକାର ସଂପର୍କରେ ଦ୍ୱିପାକ୍ଷିକ ହେବା ଆବଶ୍ୟକ ଓ ଏଥିରେ ତୃତୀୟପକ୍ଷଙ୍କ ଭୂମିକା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ପାକିସ୍ତାନ ପ୍ରଥମେ ଆତଙ୍କବାଦୀଙ୍କୁ ପ୍ରତ୍ୟର୍ପଣ କରିବାକୁ ଭାରତ ଦାବି ରଖିଛି ବୋଲି ସେ କହିଥିଲେ। ସେହିପରି ଜାମ୍ମୁକାଶ୍ମୀରକୁ ନେଇ କୌଣସି ଆଲୋଚନା ସେ ପର୍ଯ୍ୟନ୍ତ ହେବ ନାହିଁ, ଯେଉଁପର୍ଯ୍ୟନ୍ତ ପାକ୍ ଅଧିକୃତ କାଶ୍ମୀରକୁ ଖାଲି କରାନଯାଇଛି ଓ ସେହି ଅଞ୍ଚଳକୁ ଭାରତକୁ ପ୍ରଦାନ ନକରାଯାଇଛି। ସେହିପରି ସିନ୍ଧୁଜଳ ଚୁକ୍ତିକୁ ନେଇ ମଧ୍ୟ ଭାରତ କଡ଼ା ମନୋବୃତ୍ତି ଆପଣାଇଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଏହି ଚୁକ୍ତି ତତ୍କାଳ ପ୍ରଭାବରେ ସ୍ଥଗିତ ରହିଛି। ଯେଉଁପର୍ଯ୍ୟନ୍ତ ସୀମାରେ ପାକିସ୍ତାନ ଆତଙ୍କବାଦକୁ ବିଶ୍ୱସନୀୟ ଓ ଅପରିବର୍ତ୍ତନୀୟ ରୂପେ ସମର୍ଥନ ଦେବା ବନ୍ଦ ନ କରିଛି, ସେ ପର୍ଯ୍ୟନ୍ତ ଚୁକ୍ତି ଉଠାଇବା ସମ୍ଭବ ନୁହେଁ। ସେ ଆହୁରି କହିଥିଲେ ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଓ ତାରିଫକୁ ନେଇ କୌଣସି ଆଲୋଚନା ହୋଇନାହିଁ । କେବଳ ଅସ୍ତ୍ରବିରତି ଆଲୋଚନା ଦ୍ୱାରା ସ୍ଥଗିତ ରଖାଯାଇଛି। ଦୁଇପକ୍ଷର ଡିଜିଏମଓଙ୍କ ସ୍ତରରେ ଏହି ଆଲୋଚନା ହୋଇଥିଲା।

## ହୋମଗାର୍ଡ ପରୀକ୍ଷାରେ ଅଭାବନୀୟ ଘଟଣା

# ୨ ପରୀକ୍ଷାର୍ଥୀ ମୃତ

ଗଜପତି/ଭୁବନେଶ୍ୱର (ଭାସ୍କର ନ୍ୟୁଜ): ହୋମଗାର୍ଡ଼ ପରୀକ୍ଷାରେ ଅଭାବନୀୟ ଘଟଣା। ଶାରୀରିକ ପରୀକ୍ଷାବେଳେ ଅସୁସ୍ଥ ହୋଇପଡ଼ି ଗୁରୁବାର ସକାଳେ ଜଣେ ପରୀକ୍ଷାର୍ଥୀ ପ୍ରାଣ ହରାଇଥିବାବେଳେ ଅପରାହ୍ନରେ ଆଉଜଣେ ଚିକିତ୍ସାଧୀନ ଅବସ୍ଥାରେ ଏମକେସିଜିରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ଗୁରୁବାର ଗଜପତି ଜିଲ୍ଲାରେ ହୋମଗାର୍ଡ ଆଶାୟୀଙ୍କ ଶାରୀରିକ ପରୀକ୍ଷା ଚାଲିଥିବାବେଳେ ୬ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡ଼ିଥିଲେ। ତେବେ ଗୁରୁବାର ସକାଳେ ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିଲା। ତାଙ୍କ ନାମ ସୁଲନ୍ତ ମିଶାଲ। ତାଙ୍କ ଘର ରାମଗିରି ଥାନା ଅନ୍ତର୍ଗତ ପାରିସଲ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟଜଣେ ପରୀକ୍ଷାର୍ଥୀଙ୍କର ଏମକେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ହସ୍ପିଟାଲ ସୂତ୍ରରୁ ସୂଚନା ଦିଆଯାଇଛି। ତାଙ୍କ ନାମ ଦୀପକ ପାତ୍ରଲ ଏବଂ ଘର ରାୟଗଡ଼ ବ୍ଲକ ନାରାୟଣପୁରରେ। ଅନ୍ୟ ୪ଜଣଙ୍କର ଚିକିତ୍ସା ଚାଲୁ ରହିଛି। ସୂଚନାଯୋଗ୍ୟ ଯେ ଗଜପତିର ରାଣୀପୀଠ ବେଟାଗୁଡ଼ାରେ ଏହି ଶାରୀରିକ ପରୀକ୍ଷା କରାଯାଉଥିଲା। ପ୍ରାର୍ଥୀମାନେ ରାଣୀପୀଠରୁ ପଦ୍ମପୁର ପର୍ଯ୍ୟନ୍ତ ୨ କିଲୋମିଟର ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଦୌଡ଼ ଶେଷ ହେବାପରେ ମିଶାଲ ଓ ଅନ୍ୟ ୫ଜଣ ତଳେ ପଡ଼ି ଯାଇଥିଲେ। ସେମାନଙ୍କୁ ତୁରନ୍ତ ଚିକିତ୍ସାଲାଗି ପାରଳାଖେମୁଣ୍ଡି ହସ୍ପିଟାଲ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ସୁଲନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଇଜଣଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

**୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

# ହାର୍ଡକୋର୍ ମାଓବାଦୀ ହିଡମା ଗିରଫ




କୋରାପୁଟ,୨୯।୫(ଭାସ୍କର ନ୍ୟୁଜ): ଯେଉଁ ମୁଣ୍ଡଲାଗି ପୋଲିସ ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲା, ଶେଷରେ ତାକୁ ପୋଲିସ ଗିରଫ କରିବାରେ ବି ସମର୍ଥ ହେଲା। ଗୁରୁବାର ଭୋର ସମୟରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ପେଟିଗୁଡ଼ା ଗ୍ରାମ ନିକଟ ଜଙ୍ଗଲରୁ ହାର୍ଡକୋର ମାଓବାଦୀ ମୋହନ ଓରଫ କୁଞ୍ଜାମ ଓରଫ ହିଡମାକୁ ଡିଭିଏଫ ଗିରଫ କରିବାରେ ସଫଳ ହୋଇଛି। ତା ନିକଟରୁ ଏକେ-୪୭ ରାଇଫଲ ସହ ୩୫ ରାଉଣ୍ଡ ଗୁଳି, ଏକ ମାଗାଜିନ, ୨୭ଟି ଇଲେକ୍ଟ୍ରୋନିକ୍ସ ଡିଟୋନେଟର, ବହୁ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଥିବା ନେଇ କୋରାପୁଟ ଏସ୍‌ପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପେଟିଗୁଡ଼ା ନିକଟ ଜଙ୍ଗଲରେ କୋରାପୁଟ ଜିଲ୍ଲା ଡିଭିଏଫ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ମାଓବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ ଯବାନମାନେ କହିଥିଲେ ମଧ୍ୟ ସେମାନେ ପାଲଟା ଗୁଳିଚାଳନା କରିଥିଲେ। ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଏହି ସମୟରେ ହିଡମା ତା'ର ୩ ସହଯୋଗୀ ସହ ଆନ୍ଧ୍ର ପଳାଇବା ପାଇଁ ଉଦ୍ୟମ କରୁଥିବାବେଳେ ଡିଭିଏଫ ଯବାନ ହିଡମାକୁ ମାଡ଼ି ବସିଥିଲେ। ହିଡମା ନାମରେ ୪ଟି ବଡ଼ ମାମଲା କୋରାପୁଟ ଜିଲ୍ଲାରେ ରହିଥିବାବେଳେ ୩ଟି ବଡ଼ ମାମଲା ମାଲକାନଗିରିରେ ରହିଛି। ଏହାଛଡ଼ା ଛତିଶଗଡ଼ରେ ମଧ୍ୟ ତା ନାମରେ ବହୁ ମାମଲା ଥିବା ଏସ୍‌ପି କହିଛନ୍ତି। ମାତ୍ର ୧୪ବର୍ଷ ବୟସରେ ୨୦୦୭ରେ ହିଡମା ମାଓ ସଂଗଠନରେ ଯୋଗଦେଇ ଏସିଏମ୍ ର୍ୟାଙ୍କ ପାଇବାରେ ସଫଳ ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ଶେଷସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଦେଇଥିବା ଆହ୍ୱାନ ଅନୁଯାୟୀ ଏବେ ମାଓପ୍ରବଣ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Khallikote, Ganjam, dated: 28.05.2025, I, Sanjay Kumar Pallai, Address: village- Biribatia, Po- Biribatia, Ps- Beguniapada, Dist- Ganjam, Odisha, PIN-761031, declare that I have changed my daughter's name from Smrutirani Polai to Gyani Pallai. Henceforth, She shall be known as Gyani Pallai for all purposes.
Sd/- Sanjay Kumar Pallai

**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 08.05.2025, I, Mukteswara Mallick, Address: At- Kapoteswar, Po- Chandanpur, Ps- Chandanpur, Dist- Puri, Odisha, PIN-752012, declare that I have changed my name from Sur Mallick to Mukteswara Mallick. Henceforth, I shall be known as Mukteswara mallick for all purposes.
**Sd/- Mukteswara Mallick**

**AFFIDAVIT**

By virtue of an affidavit before the Notary public, Bhawanipatna, on 23.5.2025 I Bijay Kumar Sahu,aged about 62 years, S/o- Hema Chandra Sahu, At-Ward no.04, Bhawanipatna,Po/ PS-BhawanipatnaTown, Dist. Kalahandi, Odisha, do hereby solemnly affirm and state on oath That on 22.5.25 at about 10 AM while I was going to Tahasil Office in my motorcycle at that time on the way my Original Regd. Sale Deed vide no.1555/ 1983 was lost somewhere And despite of my best efforts, I was unable to traced out the same.I swear this Affidavit is to produce before the IIC, Town Police Station, Bhawanipatna for registration of Station Diary Entry.
**sd/- Bijay kumar Sahu**

**AFFIDAVIT**

By virtue of an affidavit sworn before the Executive Magistrate, Paralakhemundi, Gajapati, dated: 28.05.2025, I, Sriram Gouri, Address: LWS Colony, Kashinagar, Dist- Gajapati, Odisha, PIN-761206, declare that I have changed my son's name from Sriram Umasankar to Sriram Sumanth. Henceforth, He shall be known as Sriram Sumanth for all purposes.
**Sd/- Sriram Gouri**

**AFFIDAVIT**

By virtue of an affidavit sworn before the Executive Magistrate, Pipili, dated: 27.05.2025, I, Gundicha Mallick, Address: village- Ranapur, Po- Dandamukundapur, Ps- Pipili, Dist- Puri, Odisha, PIN-752104, declare that I have changed my son's name from Bibhukeshar Malkick to Bibhukishor Mallick. Henceforth, He shall be known as Bibhukishor Mallick for all purposes.
**Sd/- Gundicha Mallick**

**AFFIDAVIT**

By virtue of an affidavit sworn before the Executive Magistrate, Phulbani(K), dtd. 29.05.2025, I Smt. Snehalata Behera, D/o- Budhadev, W/o- Premananda Naik, resident of At/Po- Kainjhar, Ps- Tikabali, Dist- Kandhamal, Odisha, PIN-762019, declares that my actual name is Snehalata Behera, which is mentioned in Board of Secondary Education Certificate. But wrongly mentioned Snehalata Naik in Aadhar Card, Pan Card and wrongly mentioned Snehalata Nayak. Smt Snehalata Behera and Snehalata Naik. Snehalata Nayak is same and one person myself. This affidavit is to be produced before the cometent authority for correction of my name as Snehalata Behera in Aadhar Card, Pan Card & Election Photo Identity Card.
**Sd/- Smt Snehalata Behera**

**AFFIDAVIT**

By virtue of an affidavit sworn before the Executive Magistrate, Pipili, dated: 27.05.2025, I, Gundicha Mallick, Address: village- Ranapur, Po- Dandamukundapur, Ps- Pipili, Dist- Puri, Odisha, PIN-752104, declare that I have changed my son's name from Gateswar Mallick to Gatiswar Mallick. Henceforth, He shall be known as Gatiswar Mallick for all purposes.
**Sd/- Gundicha Mallick**

कार्यालय कलेक्टर (आदिवासी विकास शाखा) जिला–महासमुन्द (छ.ग.)
Email ID :- tribalmahasamund@gmail.com, Phon/Fax No- 07723-223912

(ई–प्रोक्योरमेंट प्रथम निविदा आमंत्रण)

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु ऑनलाईन (Online) निविदा आमंत्रित की जाती है :–

| एन.आई.टी. क्र./सिस्टम टेन्डर नं. | कार्य का विवरण | अनुमानित लागत रू. (लाख में) |
|---|---|---|
| 1 | 2 | 3 |
| 169231 | CONTRUCTION OF 50 SEATER POST MATRIC BOYS (SC) HOSTEL MAHASAMUND BLOCK- MAHASAMUND DIST- MAHASAMUND BUILDING WORK | रू. 181.77 लाख |

निविदा डाउनलोड़ करने की अंतिम तिथि दिनांक–16.06.2025 समय सायं 5:30 बजे तक

उपरोक्त निर्माण कार्यों की निविदा की सामान्य शर्तें, धरोहर राशि विस्तृत निविदा विज्ञप्ति, निविदा दस्तावेज व अन्य जानकारी https://eproc.cgstate.gov.in पर देखी जा सकती है एवं डाउनलोड की जा सकती है।

G-252601200/ 6

सहायक आयुक्त,
आदिवासी विकास महासमुन्द

PANCHAYAT SAMITI, MOHANA, DIST-GAJAPATI
(ODISHA) PIN-761015
i-129

Adv No-01/ 2025-26 Dt:23.05.2024

Tender Call Notice

Sealed tenders (Percentage rate) are invited for 13 no's of works from the interested "D"/"C"/"B" Class Contractors registered with the Govt. for execution of civil, works under Panchayat Samiti,Mohana,Dist- Gajapati. The details notification is available at official website www.gajapati.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Mohana, Gajapati,. Proposal(s) complete in all respect should reach the undersigned on or before 3.00PM of 16.06.2024 through Regd/Speed post and the same will be opened on 11.00AM of 17.06.2025. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer, Mohana
Gajapati

OIPR 19382/11/0008/2526

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୃଷକଙ୍କ ପାଇଁ...

ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନ କୌଶଳର ପ୍ରୟୋଗାତ୍ମକ ଦିଗ ଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ । ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ପଦକ୍ଷେପ ମାନ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଆମ ସରକାର, ରାଜ୍ୟର ଧାନଚାଷୀ ଭାଇ ଭଉଣୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଐତିହାସିକ ପଦକ୍ଷେପ ନେଇଛନ୍ତି । ଏହା କେବଳ ସମ୍ଭବ ହୋଇପାରିଛି ଆମ ସରକାରର କୃଷକ ଭାଇଭଉଣୀମାନଙ୍କ ପାଇଁ ନୂଆ ନୂଆ ଯୋଜନା ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା ଭାବ ଯୋଗୁଁ । କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ, ଓଡ଼ିଶା ରାଜ୍ୟ, ଆଜି ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢ଼ିଲେ ଦେଶର ଆୟ ବଢ଼େ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁଁ ଆଜି ରାଜ୍ୟର ଅନେକ ମହିଳା ଲାଭାନ୍ୱିତ। ମହିଳାଙ୍କର ସଶକ୍ତିକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ମନ୍ତ୍ରୀ, ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସ୍ୱତନ୍ତ୍ର ମାଧ୍ୟମ, କୃଷକ ମାନଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ। ଏହି ଅଭିଯାନ ଓଡିଶାରୁ ଆରମ୍ଭ ହେଉଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଂଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଶାସନ ସଚିବ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ ।

ଓଡ଼ିଶା ସରକାର
T-27
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୩୦.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ। ସମ୍ବଲପୁର ଜିଲ୍ଲାରେ ତା ୦୨.୦୬.୨୦୨୫ ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁଗ୍ମ ଅଭିଯୋଗ ଶୁଣାଣି ତା ୦୨.୦୬.୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା ୦୩.୦୬.୨୦୨୫ରିଖ (ମଙ୍ଗଳବାର)ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ତା ୦୨.୦୬.୨୦୨୫ ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR 09014/11/0133/2526



ନୂଆଦିଲ୍ଲୀ: ବଦଳିଲା ମକଡ୍ରିଲ୍ ତାରିଖ । ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟ ଗୁଡିକରେ ହେବାକୁ ଥିବା ସୁରକ୍ଷା ସମ୍ପର୍କିତ ମକ୍ ଡ୍ରିଲକୁ ସ୍ଥଗିତ ରଖାଯାଇଛି । ଆଜି ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟ ପଞ୍ଜାବ, ରାଜସ୍ଥାନ, ଗୁଜୁରାଟ ଏବଂ ଜାମ୍ମୁ କାଶ୍ମୀରରେ ମକ୍ ଡ୍ରିଲ୍ ହୋଇଥାନ୍ତା । ହେଲେ ପ୍ରଶାସନିକ କାରଣରୁ ଏହାକୁ ଆଜି ସ୍ଥଗିତ ରଖାଯାଇ ଏହାକୁ ଘୁଞ୍ଚାଇ ଦିଆଯାଇଛି । ଆଉ ନୂଆ ତାରିଖ ଅନୁସାରେ ଆସନ୍ତା ୩୧ ତାରିଖରେ ହେବ ସୁରକ୍ଷା ସମ୍ପର୍କିତ ଏହି ମକ୍ ଡ୍ରିଲ୍ । ଅପରେସନ୍ ସିନ୍ଦୂର ବେଳେ ୩ ରାତି ସୀମାବର୍ତ୍ତୀ ରାଜ୍ୟରେ ପାକିସ୍ତାନ ପଟୁ ଆକ୍ରମଣ ଦେଖିଛି ଭାରତ । ତେଣୁ ଲୋକଙ୍କୁ ଏହି ଆକ୍ରମଣ ଏବଂ ଏହାକୁ ନେଇ କେମିତି ସତର୍କ ରହିହେବ ସେନେଇ ସଚେତନ କରାଯିବ । ସୁରକ୍ଷା ଏଜେନ୍ସିମାନେ ମଧ୍ୟ ଏହି ମକ୍ ଡ୍ରିଲରେ ସାମିଲ ହେବେ ।

## ବିକଶିତ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ ବିକଶିତ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ନିଜର ବକ୍ତବ୍ୟ ପ୍ରଦାନ କରି ସେ କହିଥିଲେ ଯେ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସହାୟତା କରିବା ଲାଗି ଏକ ଅନନ୍ୟ ପ୍ରୟାସ ଭାବେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୌସୁମୀ ଋତୁ ପାଖେଇ ଆସୁଥିବା ବେଳେ ଏବଂ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହିତ ଆଗାମୀ ୧୨ ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକମାନଙ୍କୁ ନେଇ ଗଠିତ ୨୦୦୦ ଦଳ ୭୦୦ ରୁ ଅଧିକ ଜିଲ୍ଲାରେ ଯାତ୍ରା କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ କୃଷକଙ୍କ ନିକଟରେ ପହଞ୍ଚିବେ । ଭାରତର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ଉତ୍ସର୍ଗୀକୃତତାକୁ ସ୍ୱୀକାର କରି ସେହି ସମସ୍ତ କୃଷକ ଏବଂ ଏହି ଦଳର ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଦଶନ୍ଧି ଦଶନ୍ଧି ଧରି



ଭାରତର କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଗବେଷଣା ଅଗ୍ରଗତି ଉପରେ ଆଲୋକପାତ କରି ଯେଉଁମାନେ ନୂତନ କୌଶଳ ସହିତ ସଫଳତାର ସହ ପରୀକ୍ଷା କରିଛନ୍ତି ଏବଂ ଚିତ୍ତାକର୍ଷକ ଉତ୍ପାଦନ ହାସଲ କରିଛନ୍ତି ଏବଂ କୃଷି ଫଳାଫଳ ଉପରେ ସେମାନଙ୍କର ସକାରାତ୍ମକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପ୍ରଗତିଶୀଳ କୃଷକମାନଙ୍କୁ ପ୍ରଶଂସା କରିଥିଲେ । ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ ଏକ ବିକଶିତ ଭାରତ ପାଇଁ ଭାରତର କୃଷି ମଧ୍ୟ ବିକଶିତ ହେବା ଆବଶ୍ୟକ, ଯେଉଁଥିରେ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଆଲୋକପାତ କରାଯାଇଥିଲା । ପାରମ୍ପରିକ କୃଷି ବ୍ୟତୀତ କୃଷକମାନଙ୍କୁ ଅତିରିକ୍ତ ଆୟର ଉତ୍ସ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କୃଷକମାନଙ୍କ ପାଇଁ ସୁଯୋଗ ସମ୍ପ୍ରସାରଣ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । 'ଭାରତର କୃଷି ଏକ ବିକଶିତ ଭାରତର ମୂଳଦୁଆ ହେବା ଆବଶ୍ୟକ' । ସେ ଏହି ମିଶନର ବିଶାଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ ବୈଜ୍ଞାନିକ ଏବଂ ଅଧିକାରୀମାନଙ୍କୁ ସେମାନଙ୍କ ମିଶନର ଗୁରୁତ୍ୱକୁ ସ୍ୱୀକାର କରିବାକୁ ଆହ୍ୱାନ ଦେଇ କହିଥିଲେ ଯେ ସେମାନଙ୍କର ପ୍ରତିବଦ୍ଧତା ନିୟମିତ ସରକାରୀ କାର୍ଯ୍ୟଠାରୁ ଆଗକୁ ଯାଇ ଜାତୀୟ ସେବାର ଭାବନାକୁ ପ୍ରତିଫଳିତ କରିବା ଆବଶ୍ୟକ । ସେ ଘୋଷଣା କରିଥିଲେ, 'ବିକଶିତ କୃଷି ସଂକଳ୍ପ ଅଭିଯାନ ଭାରତର କୃଷକମାନଙ୍କ ପାଇଁ ପ୍ରଗତିର ନୂତନ ମାର୍ଗ ଉନ୍ମୁକ୍ତ କରିବ, କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବ' ବୋଲି କହିବା ସହିତ ସମସ୍ତ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

## ୧୨ ବର୍ଷ ପରେ ସିରିଆରେ ଖୋଲିଲା ଆମେରିକା ଦୂତାବାସ

ନୂଆଦିଲ୍ଲୀ: ଦୀର୍ଘ ୧୨ବର୍ଷ ପରେ ଆମେରିକାର ରାଷ୍ଟ୍ରଦୂତଙ୍କ ବାସଭବନ ପୁଣି ଥରେ ଆମେରିକାର ପତାକା ଉଡ଼ିଛି । ଏହି ଘଟଣା ଆମେରିକା ଏବଂ ସିରିଆର ନୂତନ ସରକାରଙ୍କ ମଧ୍ୟରେ ସୁଧାର ହେଉଥିବା ସମ୍ପର୍କରେ ସୂଚିତ କରୁଛି । ସିରିଆର ସରକାରୀ ସମ୍ବାଦ ସଂସ୍ଥା 'ସାନା' ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ତୁର୍କୀରେ ଆମେରିକାର ରାଷ୍ଟ୍ରଦୂତ ଏବଂ ବର୍ତ୍ତମାନ ସିରିଆ ପାଇଁ ସ୍ୱତନ୍ତ୍ର ଦୂତ ଥିବା ଟମ୍ ବାରାକ୍ ଆନୁଷ୍ଠାନିକ ଭାବରେ ଏହି ଦୂତାବାସର ଉଦଘାଟନ କରିଥିଲେ । ଏହା ଉଲ୍ଲେଖନୀୟ ଯେ ତତ୍କାଳୀନ ରାଷ୍ଟ୍ରପତି ବଶର ଅଲ-ଆସାଦଙ୍କ ବିରୁଦ୍ଧରେ ଦେଶବ୍ୟାପୀ ପ୍ରତିବାଦ ପରେ ଆମେରିକା ୨୦୧୨ ମସିହାରେ ଡାମାସ୍କସ୍‌ରେ ଏହାର ଦୂତାବାସ ବନ୍ଦ କରିଦେଇଥିଲା । ଏହା ପରେ, ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁଁ ସିରିଆ ଏବଂ ବର୍ତ୍ତମାନର କାର୍ଯ୍ୟକାରୀ ରାଷ୍ଟ୍ରପତି ଅଲ-ଶାରାଙ୍କ ଉପରେ ଅନେକ ପ୍ରକାରର କଟକଣା ଲାଗୁ କରାଯାଇଥିଲା । କିନ୍ତୁ ସାମ୍ପ୍ରତିକ ଘଟଣାଗୁଡ଼ିକ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଧୀରେ ଧୀରେ ପରିବର୍ତ୍ତନ ଦେଖାଉଛି । ବର୍ତ୍ତମାନର ସରକାର ଅହମ୍ମଦ ଅଲ-ଶାରାଙ୍କ ନେତୃତ୍ୱରେ ଚାଲିଛି, ଯିଏ ପୂର୍ବରୁ ଏକ ଇସଲାମିକ୍ ବିଦ୍ରୋହୀ ଗୋଷ୍ଠୀର ନେତା ଥିଲେ, ଯାହାକୁ ଆମେରିକା ଏବେ ବି ଏକ ଆତଙ୍କବାଦୀ ସଂଗଠନ ଭାବରେ ତାଲିକାଭୁକ୍ତ କରେ । ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅହମଦ ଅଲ-ଶାରା ରିୟାଦରେ ସାକ୍ଷାତ କରିଥିଲେ ।



## ସମାଧାନ ଶିବିରରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୁଶାସନ ତିହାର ଅନ୍ତର୍ଗତ ରାୟପୁର ଜିଲ୍ଲାର ଆରଙ୍ଗ ବିକାଶଖଣ୍ଡ ଅନ୍ତର୍ଗତ ଭେନ୍‌ସା ଗାଁରେ ଆୟୋଜିତ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସମାଧାନ କରିଥିଲେ । ଏହି ଗ୍ରାମରେ ଏକ ପାଣି ଟାଙ୍କି ନିର୍ମାଣ ସହ ପାଇପ୍ ଲାଇନ୍ ସଂଯୋଗ ନିମନ୍ତେ ଶ୍ରୀ ସାଏ ୫୫ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ । ସେହିପରି ପାଇପ ଲାଇନର ବିସ୍ତାର ପାଇଁ ୪୨ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଅନ୍ୟପକ୍ଷରେ ସେହି ଗାଁରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ୭୫ଲକ୍ଷ, ଭେନ୍‌ସା ହାଇସ୍କୁଲର ଭବନ ନିର୍ମାଣ ପାଇଁ ୭୫.୨୩ଲକ୍ଷ ଏବଂ ହାଇସ୍କୁଲକୁ ରାସ୍ତା ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ସେହିପରି ହାଇଅର ସେକେଣ୍ଡାରୀସ୍କୁଲର କୋଠା ନିର୍ମାଣ ପାଇଁ ୭୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ସେହିପରି ନବୀନ ପ୍ରାଥମିକଶାଳାର ଅତିରିକ୍ତ କକ୍ଷ ନିର୍ମାଣ ପାଇଁ ୨୪ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ସମାଧାନ ଶିମିରରେ ଉପସ୍ଥିତ ଥିବା ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ଭୁରିଭୁରି ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ଗାଁରେ ଶୀର୍ଷରେ ପହଞ୍ଚି ବୋଲି ମତ ରଖିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ସିକ୍କିମ ଗସ୍ତ ବାତିଲ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିକ୍କିମ୍ ଗସ୍ତ ବାତିଲ ହୋଇଛି । ଖରାପ ପାଗ ଯୋଗୁ ଗସ୍ତ ବାତିଲ କରାଯାଇଛି । ଫଳରେ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗ ସିଲିଗୁଡ଼ିର ବାଗଡୋଗରା ବିମାନବନ୍ଦରରୁ ଭିଡିଓ କନଫରେନ୍‌ସିଂ ଜରିଆରେ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ପୂର୍ବୋତ୍ତର ରାଜ୍ୟ ସିକ୍କିମର ରାଜଧାନୀ ଗ୍ୟାଙ୍ଗଟକ୍ ଯିବାର ଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗ୍ୟାଙ୍ଗଟକର ପାଲଜୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା । ସିକ୍କିମର ଭାରତରେ ବିଲୟ ହେବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଏବେ ଆଉ ସାମିଲ ହେବେ ନାହିଁ । ଖରାପ ପାଗ ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ସିକ୍କିମ ଗସ୍ତ ବାତିଲ କରାଯାଇଛି ।

## ଆତଙ୍କବାଦ ଓ ଆଲୋଚନା ଏକାଠି ହୋଇପାରିବନି: ବୈଦେଶିକ ମନ୍ତ୍ରଣାଳୟ


ନୂଆଦିଲ୍ଲୀ: ଆତଙ୍କବାଦ ଓ ଆଲୋଚନା ଏକାଠି ହୋଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଗୁରୁବାର ପାକିସ୍ତାନ ସହିତ ଆଲୋଚନା ଉପରେ ଭାରତର ମତକୁ ଦୋହରାଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ କେବଳ ଗୋଟିଏ କଥା ଉପରେ ଆଲୋଚନା ହେବା ଉଚିତ । ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଭାରତକୁ ହସ୍ତାନ୍ତର ଏବଂ ଜମ୍ମୁ-କାଶ୍ମୀରର ସେହି ଅଂଶକୁ ଖାଲି କରିବା ଉଚିତ ଯାହାକୁ ସେ ଅବୈଧ ଭାବରେ କବଜା କରିଛି । ସେ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନ ସହିତ ଆଲୋଚନା ଉପରେ ଆମର ମତ ସ୍ପଷ୍ଟ । ଯେକୌଣସି



ଆଲୋଚନା ଦ୍ୱିପାକ୍ଷିକ ହେବା ଉଚିତ । ଆମେ ପୁଣି ଥରେ କହିବାକୁ ଚାହୁଁଛୁ ଯେ ଆତଙ୍କବାଦ ଏବଂ ଆଲୋଚନା ଏକାଠି ହୋଇପାରିବ ନାହିଁ । ପାକକୁ ସେହି ଆତଙ୍କବାଦୀମାନଙ୍କୁ ଭାରତକୁ ହସ୍ତାନ୍ତର କରିବାକୁ ପଡିବ, ଯାହାର ରେକର୍ଡ ଏବଂ ତାଲିକା ଆମେ କିଛି ବର୍ଷ ପୂର୍ବରୁ ସେମାନଙ୍କୁ ଦେଇଥିଲୁ । ଜମ୍ମୁ-କାଶ୍ମୀର ଉପରେ ଆଲୋଚନା ସେତେବେଳେ ହେବ ଯେତେବେଳେ ପାକିସ୍ତାନ ପିଓକେ ଖାଲି କରିବ ଏବଂ ସେହି ଅଞ୍ଚଳ ଆମକୁ ହସ୍ତାନ୍ତର କରିବ । ସିନ୍ଧୁ ଜଳ ଚୁକ୍ତି ଉପରେ ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ କରିବା ସମ୍ପୂର୍ଣ୍ଣ ବନ୍ଦ ନକରେ ସେପର୍ଯ୍ୟନ୍ତ ଏହା ସ୍ଥଗିତ ରହିବ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥାକୁ ଦୋହରାଇ କହିଛନ୍ତି ଯେ 'ଆତଙ୍କବାଦ ଓ ଆଲୋଚନା ଏକାଠି ହୋଇପାରିବ ନାହିଁ, ଆତଙ୍କବାଦ ଓ ବାଣିଜ୍ୟ ଏକାଠି ହୋଇପାରିବ ନାହିଁ ଏବଂ ପାଣି ଓ ରକ୍ତ ଏକାଠି ପ୍ରବାହିତ ହୋଇପାରିବ ନାହିଁ ।'

## ଭୂମିକମ୍ପରେ ପୁଣି ଥରିଲା ପାକିସ୍ତାନ

ଇସଲାମାବାଦ: ପୁଣି ପାକିସ୍ତାନରେ ଭୂମିକମ୍ପ । ଭୂକମ୍ପ ଝଟକାରେ ପୁଣି ଥରିଲା ପାକିସ୍ତାନ । ସନ୍ଧ୍ୟା ୬ଟା ୬ ମିନିଟରେ ପାକିସ୍ତାନରେ ଭୂକମ୍ପର ଝଟକା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୪ ରେକର୍ଡ । ଭୂମିକମ୍ପ



ପରେ ଲୋକେ ଛାନିଆରେ ଘରୁ ବାହାରି ଆସିଥିବା ବେଳେ କୌଣସି କ୍ଷୟକ୍ଷତିର ଏଯାଏଁ ସୂଚନା ମିଳିନି । ତେବେ ଗତ ଦୁଇ ଦିନ ତଳେ ଅର୍ଥାତ ମଙ୍ଗଳବାର ଦିନ ବି ଭୂମିକମ୍ପରେ ଦୋହଲିଥିଲା ପାକିସ୍ତାନ । ସଂଧ୍ୟା ୭ଟା ୨୦ ବେଳେ ଲାଗିଥିଲା ଝଟକା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୨ ରେକର୍ଡ ହୋଇଥିଲା । ଖାଲି ଏହି ଦୁଇ ଦିନ ନୁହେଁ ମେ' ମାସରେ ପାକିସ୍ତାନ ଉପରେ ପ୍ରକୃତିର କୋପ ପଡିଛି । ମେ' ମାସରେ ହିଁ ପାକିସ୍ତାନ ଉପରେ ଦାଉ ସାଧିଛି ପ୍ରକୃତି । ଗୋଟେ ପଟେ ଏହି ମାସରେ ଭାରତ ଠାରୁ ପ୍ରଚଣ୍ଡ ପ୍ରହାରରେ ପାକିସ୍ତାନର ଅଣ୍ଟା ଦୋହଲି ଯାଇଥିବା ବେଳେ ଏବେ ଘନଘନ ଭୂମିକମ୍ପ ଦେଶକୁ ଦୋହଲାଇ ଦେଉଛି । ଗତ ୧୦ ତାରିଖରେ ୪.୪ ତୀବ୍ରତାର ଭୂମିକମ୍ପ ଏବଂ ମେ ୧୨ ତାରିଖରେ ୪.୬ ତୀବ୍ରତାର ଭୂମିକମ୍ପ ଝଟକା ପାକିସ୍ତାନକୁ ଲାଗି ସାରିଛି ।

# ବାଣିଜ୍ୟ




ନୂଆଦିଲ୍ଲୀ: ଗ୍ରାହକ ଅନୁଭୂତି ସେବା ପ୍ରଦାନକାରୀ ସଂସ୍ଥା ଫ୍ୟୁଜନ ସିଏକ୍ସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ୧୦୦୦ କୋଟି ଟଙ୍କା ଉଠାଣ ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟରେଡହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି । କୋଲକାତାରେ ମୁଖ୍ୟକାର୍ଯ୍ୟାଳୟ ଥିବା ଏହି କମ୍ପାନି ୬୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବଏବଂ ଅଫର ଫର ସେଲରେ ୪୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବ । ଅଫର ଫର ସେଲରେ କମ୍ପାନିର ଅଂଶଧନକାରୀ ପି ଏନ ଏସବିଜନେସ ପ୍ରାଇଭେଟ ଲିମିଟେଡ ଓ ରାଶିଷ କନସଲଟାଂଟ ପ୍ରାଇଭେଟ ଲିମିଟେଡ ବିକ୍ରି କରିବେ । ଏହି ଇସ୍ୟୁରୁ ସଂଗୃହୀତ ପାଣ୍ଠିରୁ ୨୯୨ କୋଟି ଟଙ୍କାକୁ ଫ୍ୟୁଜନ ସିଏକ୍ସ ଋଣ ପରିଶୋଧ କରିବା, ୭୫ କୋଟି ଟଙ୍କାକୁ ସହାୟକ କମ୍ପାନି ଓମିଣ୍ଡ ଟେକ୍ନୋଲୋଜିସ ଆଇଏନସି ଓ ଓମିଣ୍ଡ ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡକୁ ପ୍ରଦାନ କରିବାରେ ବ୍ୟବହାର କରାଯିବ ।

## ଟିପିସିଓଡିଏଲ୍ ପକ୍ଷରୁ ମିସ୍‌ଡ କଲ୍ ସେବା'ର ଶୁଭାରମ୍ଭ

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମିସ୍‌ଡ କଲ୍ ସେବାର ଶୁଭାରମ୍ଭ କରାଯାଇଛି । ଏହି (୯୭୭୭୭ ୭୪୮୪୧) ନମ୍ବର ଯୋଗେ ଉପଭୋକ୍ତାମାନେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସୂଚନା ପାଇପାରିବେ ଏବଂ ନୋ ପାୱାର ସପ୍ଲାଏ ବା ବିଦ୍ୟୁତ ଯୋଗାଣ ନଥିବା (ଏନ୍‌ପିଏସ୍) ଅଭିଯୋଗ ପଞ୍ଜୀକରଣ କରାଇପାରିବେ । ଏହି ସେବା ନବସୃଜନ, ପରିଚାଳନା ଉତ୍କର୍ଷ ଓ ଉନ୍ନତ ଗ୍ରାହକ ସୁବିଧା ପ୍ରତି ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଜରିଆରେ ଗ୍ରାହକମାନେ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୯୭୭୭୭ ୭୪୮୪୧ ନମ୍ବରକୁ ମିସ୍‌ଡ କଲ୍ କରି ବିଦ୍ୟୁତ୍ ବିଭ୍ରାଟ୍ ସମ୍ପର୍କିତ ସୂଚନା ପାଇପାରିବେ ଏବଂ ନୋ ପାୱାର ସପ୍ଲାଏ (ଏନପିଏସ୍) ଅଭିଯୋଗର ପଞ୍ଜୀକରଣ କରିପାରିବେ । ୧୯୧୨ ହେଲ୍ପ ଲାଇନ୍ ନମ୍ବର ବ୍ୟତୀତ ଏହା ଅତିରିକ୍ତ ବିକଳ୍ପ ଭାବେ କାର୍ଯ୍ୟ କରିବ, ଯାହା ଗ୍ରାହକଙ୍କ ଅଭିଯୋଗ ପଞ୍ଜୀକରଣ ଓ ସୂଚନା ନିମନ୍ତେ ସହଜ ଓ ସୁବିଧାଜନକ ହେବ । ଏହି ମିସ୍‌ଡ କଲ୍ ସେବା ଜରିଆରେ ଗ୍ରାହକମାନେ ସହଜରେ ଟିପିସିଓଡିଏଲ୍ ଟିମ୍ ସହ ଯୋଡ଼ି ହୋଇପାରିବେ, ଯାହା ଡିଜିଟାଲ୍ ଟୁଲ୍ ବ୍ୟବହାର ଓ ଉନ୍ନତ ଗ୍ରାହକ ସେବା ଦିଗରେ କାର୍ଯ୍ୟ କରିବ । ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, 'ଟିପିସିଓଡିଏଲ୍‌ରେ ଆମ ପାଇଁ ଗ୍ରାହକଙ୍କ ସମୟ ଓ ବିଶ୍ୱାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମିସ୍‌ଡ କଲ୍ ସେବା ଶୁଭାରମ୍ଭ କରି ଆମେ ଆମ ଗ୍ରାହକମାନଙ୍କ ପାଇଁ କେବଳ ବିଦ୍ୟୁତ ବିଭ୍ରାଟ୍‌ର ସୂଚନା ଦେବା ଉପାୟର ସରଳୀକରଣ କରିନାହୁଁ ବରଂ ଆମ ପ୍ରତିକ୍ରିୟା ସମୟକୁ ମଧ୍ୟ ଅଧିକ ତ୍ୱରାନ୍ୱିତ କରିଛୁ । ଏକ ଅଧିକ ଭରସାଯୋଗ୍ୟ ଓ ପ୍ରତିକ୍ରିୟାଶୀଳ ବିଦ୍ୟୁତ୍ ବଂଟନ ନେଟ୍‌ୱର୍କ ପାଇଁ ଟେକ୍ନୋଲୋଜିର ବ୍ୟବହାର କରିବାରେ ଆମର ଜାରି ରହିଥିବା ପ୍ରତିବଦ୍ଧତାକୁ ଏହି ଅଭିଯାନ ପ୍ରତିଫଳିତ କରୁଛି ।'

## କୃଷକଙ୍କୁ ସଶକ୍ତ କରୁଛି ହିଣ୍ଡାଲ୍‌କୋର 'ପ୍ରୋଜେକ୍ଟ ବସୁଧା'

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ସମ୍ବଲପୁର ଜିଲ୍ଲାର ହୀରାକୁଦର ୧୬ଟି ଗ୍ରାମରେ ସେମାନଙ୍କ ଜୀବିକା ଉପାର୍ଜନରେ ରୂପାନ୍ତରଣ ଆଣିବା ନିମନ୍ତେ ପ୍ରୋଜେକ୍ଟ ବସୁଧା ଆରମ୍ଭ କରିଛି । ଏହି ପ୍ରକଳ୍ପ ସମୁଦାୟ ସମ୍ବଲପୁର ଜିଲ୍ଲାରେ କୃଷକମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି । ସମାବେଶୀ ଗୋଷ୍ଠୀ ଅଭିବୃଦ୍ଧି ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇ ଦେବାଶିଷ ମଲିକ, ୟୁନିଟ ହେଡ, ହିଣ୍ଡାଲକୋ ହୀରାକୁଦ କଂପ୍ଲେକ୍ସ କହିଥିଲେ, 'ଆମେ କେବଳ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମି କ୍ଷେତ୍ରରେ କାର୍ଯ୍ୟ କରୁନାହୁଁ, ତାହାସହିତ ଆମେ କୃଷିର ବିକାଶ କ୍ଷେତ୍ରରେ ଗଭୀର ଭାବରେ ନିବେଶ କରିଛୁ । ଏହି ପ୍ରକଳ୍ପର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ମଧ୍ୟରେ ସମନ୍ୱିତ ପୋଷକ ପରିଚାଳନା (ଆଇଏନଏମ) ଏବଂ ସମନ୍ୱିତ କୀଟ ପୋକ ପରିଚାଳନା (ଆଇପିଏମ) ଜରିଆରେ ଆଧୁନିକ ଏବଂ ଦୀର୍ଘସ୍ଥାୟୀ କୃଷି କାର୍ଯ୍ୟକୁ ପ୍ରୋତ୍ସାହନ, କୃଷି ବିଜ୍ଞାନ କେନ୍ଦ୍ର




(କେଭିକେ), ଓୟୁଏଟି (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ) ଚିପିଲିମା ଏବଂ ମତ୍ସ୍ୟ ବିଭାଗ ଆଦି ଜରିଆରେ ତାଲିମ ଓ କ୍ଷେତ୍ର ପ୍ରଦର୍ଶନ ଭିତ୍ତିକ ଗସ୍ତ, ୪୦୦ରୁ ଅଧିକ କୃଷକଙ୍କ ନିକଟରେ ସଫଳତାର ସହିତ ପହଞ୍ଚିଥିବାବେଳେ ଆଗାମୀ ତିନିବର୍ଷ ମଧ୍ୟରେ ୧ହଜାର ଲକ୍ଷ୍ୟ ହାସଲ କରିବା; ଭାରତୀୟ ଷ୍ଟେଟବ୍ୟାଙ୍କ ସହଯୋଗୀତାରେ ଶସ୍ୟବୀମା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ, ଯେଉଁଥିରେ ୬୦ରୁ ଅଧିକ କୃଷକ ପଞ୍ଜିକୃତ ହୋଇସାରିଛନ୍ତି; ଆଦି ଅନ୍ତର୍ଭୁକ୍ତ । ଲାରପଙ୍କ ଗ୍ରାମର କୃଷକ ନିରଞ୍ଜନ ସାହୁ ଏହି ପ୍ରୟାସ କିଭଳି ତାଙ୍କର ଜୀବିକା ଉପାର୍ଜନରେ ରୂପାନ୍ତରଣ ଆଣିଛି ତାହା ପ୍ରକାଶ କରି କହିଥିଲେ ଯେ, 'ହିଣ୍ଡାଲକୋର ପ୍ରୟାସ ପରେ ଆମର ଆୟ ବୃଦ୍ଧିପାଇଛି । ସେମାନେ ଉତ୍ତମ ମାନର ବିହନ ଏବଂ ଉଦ୍ଭିଦ ଚାରା ଯୋଗାଇ ଦେଉଛନ୍ତି ଯେଉଁଗୁଡିକ ସୁନ୍ଦର ଭାବରେ ବଢୁଛି । ଫଳସ୍ୱରୂପ ଆମର ପନିପରିବା ଉତ୍ପାଦନ ବୃଦ୍ଧିପାଇଛି, ଏବଂ ଏହା ଫଳରେ ଉପାର୍ଜନ ମଧ୍ୟ ଅଧିକ ହେଉଛି,' ବୋଲି ସେ କହିଥିଲେ । ଏହାକୁ ସମର୍ଥନ କରି ମୌସମୀ ସେରପେଟା, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସମ୍ବଲପୁର ଏହାର ପରିବେଶ ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ଉପରେ ପଡୁଥିବା ବିସ୍ତାରିତ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । 'ହିଣ୍ଡାଲକୋ ସମର୍ଥନରେ ଶସ୍ୟ ବିବିଧକରଣକୁ ପ୍ରୋତ୍ସାହିତ କରାଯାଉଛି ଯାହା ମୃତ୍ତିକାର ଉର୍ବରତାକୁ ସଂରକ୍ଷିତ ରଖୁଛି । ଓଡ଼ିଶାରେ ସମାଜ ପ୍ରତି ପ୍ରତିଦାନ ରଖିବାର ନିରନ୍ତର ପ୍ରେରଣା ଦ୍ୱାରା ପରିଚାଳିତ ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଆଦିତ୍ୟ ବିର୍ଲା ଗ୍ରୁପ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚୁଥିବାବେଳେ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଜୀବନକୁ ସ୍ପର୍ଶ କରୁଛି । ଗ୍ରୁପର ସିଏସଆର କାର୍ଯ୍ୟକଳାପ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ସେଭଳି କରିବା ଦ୍ୱାରା ଏକ ଉତ୍ତମ ଏବଂ ଜୀବନ ଧାରଣର ଦୀର୍ଘସ୍ଥାୟୀ ପନ୍ଥା ନିର୍ମାଣ ତଥା ଦେଶର ମାନବ ବିକାଶ ସୂଚକରେ ବୃଦ୍ଧି ଘଟାଯାଉଛି । ଗ୍ରୁପର ସିଏସଆର ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବା ନିମନ୍ତେ ୟୁଏନଏସଡିଜି ଲକ୍ଷ୍ୟସମୂହ ମୁତାବକ ହୋଇଛି ।


## ଦାୟିତ୍ୱପୂର୍ଣ୍ଣ ଗେମିଂ ଓ ଦକ୍ଷତା ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ରମିକଲ୍‌ଚର



ନୂଆଦିଲ୍ଲୀ: ଗେମ୍‌ସକ୍ରାଫ୍ଟର ଏକ ଫ୍ଲାଗସିପ ପ୍ଲାଟ୍‌ଫର୍ମ ଏବଂ ଭାରତର ସବୁଠାରୁ ବିଶ୍ୱସନୀୟ ଓ ସୁରକ୍ଷିତ ଦକ୍ଷତା-ଭିତିକ ଗେମ୍ ରମିକଲ୍‌ଚର ଓଡ଼ିଶାରୁ ଉପଭୋକ୍ତା ଯୋଗଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି, ଯାହା ରାଜ୍ୟକୁ ଦୃଢତାର ସହ ଦକ୍ଷତା-ଆଧାରିତ ଗେମିଂ ପାଇଁ ଏକ ରଣନୈତିକ କେନ୍ଦ୍ର ଭାବେ ଅବସ୍ଥାପିତ କରୁଛି । ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପ ବିକଶିତ ହେଉଛି ଏବଂ ଭୁବନେଶ୍ୱର ଭଳି ସହରଗୁଡିକ ଅଭିବୃଦ୍ଧି ଓ ଉଦ୍ଭାବନର ପ୍ରମୁଖ ପରିଚାଳକ ଭାବେ ଉଭା ହେଉଛି । ଓଡିଶାର ଗେମିଂ କ୍ଷେତ୍ର ଏକ ପ୍ରଭାବଶାଳୀ ହାରରେ ବିସ୍ତାର ହେଉଛି । ଏ ସମ୍ପର୍କରେ ଗେମ୍‌ସକ୍ରାଫ୍ଟରେ ଷ୍ଟ୍ରାଟେଜିକ ଇନିସିଏଟିଭ ବିଭାଗର ମୁଖ୍ୟ ସୁମନ୍ତ ସେନଗୁପ୍ତା କହିଛନ୍ତି, 'ଉଭୟ ଉପଭୋକ୍ତା ଆଧାର ଏବଂ ଏହି ଅଂଚଳରୁ ଆମେ ଦେଖୁଥିବା ଯୋଗଦାନର ଗୁଣବତା ଦୃଷ୍ଟିରୁ ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ । ତଥ୍ୟ ଦର୍ଶାଉଛି ଯେ, ଏଠାକାର ଖେଳାଳିମାନେ ଗେମ୍‌କୁ ଗମ୍ଭୀରତା, ରଣନୀତି ଓ ଦକ୍ଷତା ସହ ଖେଳିବାକୁ ପସନ୍ଦ କରିଥାନ୍ତି । ଏହା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ, ଯେତେବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ଲାଟଫର୍ମ ଦିଆଯାଏ, ସେତେବେଳେ ଉପଭୋକ୍ତାମାନେ ସୂଚିତ, ଦାୟିତ୍ୱପୂର୍ଣ୍ଣ ଗେମ୍‌ପ୍ଲେ ସହ ପ୍ରତିକ୍ରିୟା ଦେଇଥାନ୍ତି । ଏହି ପ୍ଲାଟଫର୍ମର ଅଭିନମ ଗେମ୍ ମନିଟରିଂ ସିଷ୍ଟମ ଫେୟାର ପ୍ଲେ ବା ନିରପେକ୍ଷ ଖେଳ ସୁନିଶ୍ଚିତ କରୁଥିବା ବେଳେ ଏହାର ଆଡ୍‌ଭାନ୍ସଡ ଟେକ୍ନୋଲୋଜି ଖେଳାଳିମାନଙ୍କୁ ସେମାନଙ୍କର ରଣନୀତିକୁ ସୁଧାରିବା ଓ ସେମାନଙ୍କର ପ୍ରଦର୍ଶନକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ବ୍ରାଣ୍ଡର ମଲ୍ଟି-ଇନ୍‌ପୁଟ ଡିପ ନ୍ୟୁରାଲ ନେଟ୍‌ୱର୍କ ମଡେଲ ସ୍ୱେଡ୍‌ନେଟକୁ ଖେଳାଳିଙ୍କୁ ନିଜର ଦକ୍ଷତାକୁ ସୁଦୃଢ କରିବା ଏବଂ ନିଜର ଗେମ୍‌ପ୍ଲେ ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ଏହାର ଯୋଗଦାନ ଲାଗି ଏଆଇ ୨୦୨୪ ଉପରେ ସମ୍ମାନିତ ଇଂଟରନ୍ୟାଶନାଲ ଆଇଇଇଇ କନ୍‌ଫରେନ୍ସରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା ।

## ଓଡ଼ିଶାରେ ସର୍ବାଧିକ ନୂତନ ଗ୍ରାହକ ଯୋଡିଛି ଜିଓ: ଟ୍ରାଇ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ୨୦୨୫ ଏପ୍ରିଲ ମାସରେ ଓଡ଼ିଶାରେ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ (ୱେୟାରଲାଇନ୍ ଏବଂ ୫ଜି ଏଫଡବ୍ଲୁଏ) ଗ୍ରାହକ ଯୋଡିଛି । ଆଜି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରୁ ଏହା ଜଣାପଡିଛି । ଏହି ତଥ୍ୟ ଅନୁଯାୟୀ, ଏପ୍ରିଲ ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୫୩ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୩୦୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଯୋଡିଛି । ଏଥିସହିତ, ଜିଓ ଓଡ଼ିଶାରେ ୪୫.୯ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିବା ସହିତ ଏପ୍ରିଲ ଶେଷ ସୁଦ୍ଧା ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୬୧ କୋଟିରେ ପହଞ୍ଚିଛି । ଟ୍ରାଇ ତଥ୍ୟ ଅନୁଯାୟୀ ଏପ୍ରିଲ ମାସରେ ଓଡ଼ିଶାରେ ପ୍ରାୟ ୧.୫୫ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡି ହେବା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଏପ୍ରିଲ ଶେଷ ସୁଦ୍ଧା ୩.୫ କୋଟି ଅତିକ୍ରମ କରିଛି । ତଥ୍ୟ ଅନୁଯାୟୀ, ଅନ୍ୟ ଅପରେଟରମାନଙ୍କ ମଧ୍ୟରେ ଏପ୍ରିଲ ମାସରେ




ଓଡ଼ିଶାରେ ଭୋଡାଫୋନ ଆଇଡ଼ିଆ ମାତ୍ର ୬୬୫୯ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛରେ ରହିଥିବା ଏୟାରଟେଲ୍ ମାତ୍ର ୩୮୩୯ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି ଏବଂ ବିଏସଏନଏଲ ଏହି ମାସରେ ରାଜ୍ୟରେ ୮୦୧୧ ମୋବାଇଲ୍ ଗ୍ରାହକ ହରାଇଛି । ଜାତୀୟ ସ୍ତରରେ, ଜିଓ ଏପ୍ରିଲ ୨୦୨୫ ରେ ସର୍ବାଧିକ ୨୬ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିବା ସହିତ ୱାୟାରଲେସ୍ ବ୍ୟବସାୟ କ୍ଷେତ୍ରର ଅଭିବୃଦ୍ଧିରେ ସହାୟକ ହୋଇଛି । ଜିଓ ଏହି ମାସରେ ଯୋଡିଥିବା ନୂତନ ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ୧୩ ଗୁଣ ଅଧିକ ରହିଛି । ଏପ୍ରିଲ ୨୦୨୫ ରେ ସକ୍ରିୟ ଉପଭୋକ୍ତା ଯୋଡିଥିବା ଏକମାତ୍ର ଅପରେଟର ଭାବରେ ଜିଓ ଏହି ମାସରେ ଦେଶରେ ୫୫ ଲକ୍ଷରୁ ଅଧିକ ନୂତନ ସକ୍ରିୟ ମୋବାଇଲ୍ ଗ୍ରାହକ ଯୋଡିଛି । ଏହା ଲଗାତାର ଦ୍ୱିତୀୟ ମାସ ପାଇଁ ୫ ନିୟୁତରୁ ଅଧିକ ସକ୍ରିୟ ମୋବାଇଲ୍ ଉପଭୋକ୍ତା ଯୋଡିଛି । ଏପ୍ରିଲ ୨୦୨୫ ରେ ପ୍ରାୟ ୯.୧୦ ଲକ୍ଷ ନୂତନ ହୋମ ବ୍ରଡବ୍ୟାଣ୍ଡ (ୱେୟାରଲାଇନ୍ ଓ ଏଫଡବ୍ଲୁଏ) ଗ୍ରାହକ ଯୋଡିଥିବା ଜିଓ ପାଇଁ ଆଉ ଏକ ରେକର୍ଡ ମାସ ହୋଇଛି, ଯାହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ରହିଛି ।

## ଆମାଜନ୍ ଫେସନ୍‌ର 'ୱାର୍ଡରୋବ୍ ରିଫ୍ରେସ ସେଲ'ର ଘୋଷଣା

ନୂଆଦିଲ୍ଲୀ: ଆମାଜନ୍ ଫେସନ ଏହାର ୧୬ତମ ୱାର୍ଡରୋବ୍ ରିଫ୍ରେସ୍ ସେଲ୍ (ଡବ୍ଲୁଆରଏସ) ଘୋଷଣା କରିଛି, ଯାହା ମେ ୩୦ ରୁ ଜୁନ ୪ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ୪ ଲକ୍ଷରୁ ଅଧିକ ଷ୍ଟାଇଲର ସବୁଠାରୁ ବିସ୍ତାରିତ ବ୍ରାଣ୍ଡ ପୋର୍ଟଫୋଲିଓକୁ ଉପସ୍ଥାପିତ କରାଯାଉଛି । ବର୍ତ୍ତମାନ ୨୦+ ବ୍ରାଣ୍ଡରୁ ରଣନୈତିକ ନୂତନ ଉତ୍ପାଦ ଏବଂ କ୍ୟାରାଟଲେନ୍, ଗ୍ୟାପ, ୱାଇଲ୍ଡକ୍ରାଫ୍ଟ ଏବଂ ଅନ୍ୟାନ୍ୟ ସହିତ ଅନେକ ଗୁଡ଼ିଏ ଆକର୍ଷଣୀୟ ଉତ୍ପାଦ ରହିଛି । ଗ୍ରାହକମାନେ ୪ ଲକ୍ଷରୁ ଅଧିକ ଷ୍ଟାଇଲ୍ ମଧ୍ୟରୁ ବାଛିପାରିବେ ଏବଂ ୧୫୦୦+ ଶ୍ରେଷ୍ଠ ବ୍ରାଣ୍ଡ, ଲାଟେଷ୍ଟ ଟ୍ରେଣ୍ଡ ଏବଂ କ୍ୟାରାଟଲେନ୍, ଗ୍ୟାପ, କାଲଭିନ୍ କ୍ଲେନ୍, ୱାଇଲ୍ଡକ୍ରାଫ୍ଟ, ହାଇଲ୍ୟାଣ୍ଡର୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ନୂତନ ଶୁଭାରମ୍ଭ ଉପରେ ୫୦-୮୦% ରିହାତି ପାଇପାରିବେ । ସେହିଭଳି ବିବା, ୟୁଏସପିଏ, କ୍ରକ୍‌ସ, ପୁମା, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ୍, ଟାଇଟନ୍, ଫସିଲ୍, କାସିଓ ଜିଭା, ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡରୁ ଗ୍ରାହକଙ୍କ ପସନ୍ଦର ଜିନିଷଗୁଡ଼ିକ ଆକର୍ଷଣୀୟ ମୂଲ୍ୟରେ କିଣିପାରିବେ । ଆମାଜନ୍ ଫେସନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା କହିଛନ୍ତି ଯେ, 'ଆମାଜନ ଫ୍ୟାଶନରେ, ଆମେ ଆପଣଙ୍କ ପାଇଁ ବ୍ରାଣ୍ଡ, ଟ୍ରେଣ୍ଡିଂ ଷ୍ଟାଇଲ୍ ଏବଂ ରୋମାଂଚକର ନୂତନ ଶୁଭାରମ୍ଭଗୁଡ଼ିକର ଏକ ବ୍ୟାପକ ସଂଗ୍ରହ ଆଣିଛୁ - ସବୁକିଛି ଆମାଜନର ବିଶ୍ୱାସ ଏବଂ ସୁବିଧା ସହିତ ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ରହିଛି । ୱାର୍ଡ଼ରୋବ୍ ରିଫ୍ରେସ୍ ସେଲ୍ ର ୧୬ତମ ସଂସ୍କରଣ ସହିତ, ଗ୍ରାହକମାନେ ବିଭିନ୍ନ ପ୍ରକାରର ଟ୍ରେଣ୍ଡି ପୋଷାକ, ପ୍ରିମିୟମ୍ ଘଂଟା, ଚିକ୍ ହ୍ୟାଣ୍ଡବ୍ୟାଗ୍, ଏଜି ସ୍ନିକର୍ସ ଏବଂ ଆହୁରି ଅନେକ କିଛି ଅନୁସନ୍ଧାନ କରିପାରିବେ । ଆମର କ୍ୟୁରେଟେଡ୍ ଚୟନଗୁଡ଼ିକ ଦେଶବ୍ୟାପୀ ପ୍ରତ୍ୟେକ ଫ୍ୟାଶନ ଉତ୍ସାହୀଙ୍କ ଆବଶ୍ୟକତା ପୂରଣ କରେ, ଆମାଜନ ଫେସନର ବିସ୍ତୃତ ଅଫର ସହିତ ସେମାନଙ୍କର ଲୁକ୍ ପୂରଣ କରିବା ସହଜ କରିଥାଏ ।' ଗ୍ରାହକମାନେ ସମସ୍ତ ପ୍ରିପେଡ୍ ଅଫର୍ ଉପରେ ୧୦% ଅତିରିକ୍ତ କ୍ୟାସବ୍ୟାକ୍ଫ ଏବଂ ଆଇସିଆଇସିଆଇ ବ୍ୟାଣ୍ଡ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ ୧୦% ସଂଚୟ ମଧ୍ୟ ପାଇପାରିବେ ।



ନୂଆଦିଲ୍ଲୀ: ୨୦୨୫ ଆଇପିଏଲରେ ମଧ୍ୟ ଏକାଧିକ ଯୁବ ଖେଳାଳି ପ୍ରଦର୍ଶନ ବଳରେ ଚର୍ଚ୍ଚାରେ ରହିଛନ୍ତି। ସେଥିମଧ୍ୟରୁ ସନରାଇଜର୍ସ ହାଇଦରାବାଦ୍‌ର ଯୁବ ଅଲରାଉଣ୍ଡର ହର୍ଷ ଦୁବେ ଅନ୍ୟତମ। ଚଳିତ ଆଇପିଏଲରେ ଦୁବେ ୩ଟି ମ୍ୟାଚ ଖେଳି ୫ଟି ୱିକେଟ ନେଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଦୁବେ ୩ଟି ୱିକେଟ ନେଇଥିଲେ। ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦୁଇଟି ୪ ଦିନିଆ ମ୍ୟାଚ ଲାଗି ଭାରତୀୟ-ଏ ଦଳରେ ଅଲରାଉଣ୍ଡର ହର୍ଷ ଦୁବେ ସ୍ଥାନ ପାଇଛନ୍ତି। ବୋଲିଂ ଅଲରାଉଣ୍ଡର ହର୍ଷ ବାମହାତୀ ବ୍ୟାଟିଂ ସହ ସ୍ପିନ ବୋଲିଂ ମଧ୍ୟ କରନ୍ତି। ମହାରାଷ୍ଟ୍ରର ପୁଣେରେ ଜନ୍ମିତ ୨୩ ବର୍ଷୀୟ ହର୍ଷ ବିଦର୍ଭ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଛନ୍ତି। ୧୮ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୭ଟି ଅର୍ଦ୍ଧଶତକ ସହ ୭୦୯ରନ କରିଥିବାବେଳେ ୯୭ଟି ୱିକେଟ ନେଇଛନ୍ତି। ଏହାଛଡ଼ା ୨୦ଟି ଲିଷ୍ଟ-ଏ ମ୍ୟାଚରୁ ୨୧ଟି ୱିକେଟ ନେଇଥିବାବେଳେ ୨୧୩ରନ ଓ ୧୬ଟି ଟ୍ୱେଣ୍ଟି୨୦ରୁ ୯ଟି ୱିକେଟ ନେଇଛନ୍ତି। ୨୦୨୪-୨୫ ରଣଜୀ ଟ୍ରଫିରେ ୬୯ଟି ୱିକେଟ ନେଇ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ହର୍ଷ ଆଶ୍ଚର୍ଯ୍ୟ କରି ଭାରତୀୟ-ଏ ଦଳରେ ସ୍ଥାନ ପାଇଛନ୍ତି। ଆଇପିଏଲରେ ସନରାଇଜର୍ସ ହାଇଦରାବାଦ୍ ଦଳରେ ସୁଯୋଗ ପାଇବା ପରେ ବୋଲିଂ କ୍ଷେତ୍ରରେ ବହୁତ ଶିଖିବାକୁ ମିଳିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ ଭେଟୋରୀ ଓ ଟମ୍ ମୁଡ଼ିଙ୍କ ପ୍ରଶିକ୍ଷଣ ବହୁତ ସହାୟକ ହୋଇଛି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସନରାଇଜର୍ସ ହାଇଦରାବାଦର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ ଭିଟୋରୀ କହିଛନ୍ତି।

## ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ହୁଇଲ୍‌ଚେୟାର ପ୍ରଦାନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ଦୁଇ ତାରକା ଦିବ୍ୟାଙ୍ଗ କ୍ରୀଡ଼ାବିତ ଅଭୟ କୁମାର ଜେନା ଓ ବିକ୍ରମାଦିତ୍ୟ ଜେନା ଆସନ୍ତା ଜୁନ ମାସ ୪ ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଗ୍ୱାଲିୟରଠାରେ ଅନୁଷ୍ଠିତ ହେବାକୁ ଥିବା ମାଧବରାଓ ସିନ୍ଧିଆ ଜାତୀୟ କ୍ରିକେଟ ଚମ୍ପିୟାନସିପରେ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଟିମର ଅଂଶବିଶେଷ ଭାବରେ ଭାଗ ନେବେ। ଏହି ଅବସରରେ ଗତକାଲି ଜିଲ୍ଲାପାଳ ବିଶାଳ ସିଂହ କ୍ରୀଡ଼ାବିତ ଦ୍ୱୟଙ୍କୁ ଭେଟି ସଫଳତା କାମନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଦୁଇ ଗୋଟି ବ୍ୟାଟେରୀ ଚାଳିତ ଅତ୍ୟାଧୁନିକ ସ୍ପୋର୍ଟ୍ସ ହୁଇଲଚେୟାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଅଜୟ କୁମାର ଜେନା ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳର ଅଧିନାୟକତ୍ୱ କରୁଛନ୍ତି ଯାହା କେନ୍ଦୁଝର ପାଇଁ ଏକ ବଡ଼ ଉପଲବ୍ଧି। ଶ୍ରୀ ଜେନା ପାରା ବ୍ୟାଡ଼ମିଣ୍ଟନ ଚାମ୍ପିୟାନସିପରେ ମଧ୍ୟ ପ୍ରଭୂତ ସଫଳତା ହାସଲ କରିଛନ୍ତି ସେହିଭଳି ବିକ୍ରମାଦିତ୍ୟ ଜେନା କ୍ରିକେଟ ସହିତ ଜଣେ ଉଚ୍ଚକୋଟୀର ପାରା ଆଥଲେଟ ଭାବରେ ଓଡ଼ିଶା ଷ୍ଟେଟ ପାରା ଆଥଲେଟ ଚାମ୍ପିୟାନସିପ ୨୦୨୪ରେ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ସମେତ ଶଟ ପୁଟ ଓ ଡିସକସ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସମ୍ବର୍ଦ୍ଧନା ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କୁମାର ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ରହି ଦିବ୍ୟାଙ୍ଗ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଆଇପିଏଲ୍ : ଫାଇନାଲ୍‌ରେ ଆର୍‌ସିବି



ଚଣ୍ଡିଗଡ଼: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟାଦଶ ସଂସ୍କରଣରେ କ୍ୱାଲିଫାୟର-୧ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦମଦାର ପ୍ରଦର୍ଶନ କରିବା ସହିତ ଫାଇନାଲରେ ପହଞ୍ଚିଛି। ଚଣ୍ଡିଗଡ଼ର ମୁଲାନପୁରସ୍ଥିତ ମହାରାଜା ଯାଦାବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଗୁରୁବାର ପଂଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ବେଙ୍ଗାଲୁରୁ ୧୦ ଓଭରରେ ୨ଟି ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଫଳରେ ଏହି ମ୍ୟାଚ୍‌କୁ ୮ ୱିକେଟ୍‌ରେ ଜିତିବା ସହିତ ଫାଇନାଲରେ ପହଞ୍ଚିଛି। ବେଙ୍ଗାଲୁର ଟିମ୍ ୯ ବର୍ଷ ପରେ ଆଇପିଏଲ୍ ଫାଇନାଲରେ ପହଞ୍ଚିଛି। ବେଙ୍ଗାଲୁରୁ ପାଇଁ ପ୍ରାରମ୍ଭିକ ବ୍ୟାଟର ଫିଲିପ୍ ସଲ୍ଟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୭ଟି ବଲ୍ ସାମ୍ନା କରିଥିଲେ ଏବଂ ୬ଟି ଚୌକା ଓ ୩ଟି ଛକା ବଳରେ ଅପରାଜିତ ୫୬ ରନ୍ ସଂଗ୍ରହ କରିଥିଲେ। ବିରାଟ କୋହଲି ୧୨ ରନ୍ କରିଥିଲେ। ୧୨ଟି ବଲ୍ ଖେଳି ସେ ୨ଟି ଚୌକା ମାରିଥିଲେ। ମୟଙ୍କ ଅଗ୍ରୱାଲ ୧୯ ରନ୍ ଓ ଅଧିନାୟକ ରଜତ ପାଟିଦାର ଅପରାଜିତ ୧୫ ରନ୍ ସଂଗ୍ରହ କରିଥିଲେ। ବେଙ୍ଗାଲୁରୁର ପ୍ରଭାବଶାଳୀ ବୋଲିଂ ଯୋଗୁଁ ପଂଜାବ ଟିମ୍ ୧୪.୧ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା। ବେଙ୍ଗାଲୁର ପାଇଁ ସୂୟାଶ ଶର୍ମା ଓ ଜୋସ୍ ହେଜଲଉଡ୍ ସର୍ବାଧିକ ୩-୩ଟି ୱିକେଟ୍ ନେଇଥିଲେ। ପଂଜାବ ପାଇଁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଭଲ ଆରମ୍ଭ କରିପାରି ନଥିଲେ। ପିୟାଂଶ ୭ ରନ୍ ଓ ପ୍ରଭସିମରନ ୧୮ ରନ୍ କରି ଆଉଟ୍ ହୋଇଥିଲେ। ସ୍କୋର ୯ ରନ୍ ?ରେ ପଂଜାବକୁ ପ୍ରଥମ ଝଟକା ଲାଗିଥିଲା। ୨୭ ରନ୍ରେ ଦଳ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଯୁବ ବ୍ୟାଟର ତଥା ଅଧିନାୟକ ଶ୍ରେୟସ ଆୟର ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରିନଥିଲେ। ସେ ମାତ୍ର ୩ଟି ବଲ୍ ଖେଳି ୨ ରନ୍ ସଂଗ୍ରହ କରି ପାଭଲିଅନ ଫେରିଥିଲେ। ପଂଜାବ ଟିମ୍ ସ୍କୋର ୫୦ ରନ୍ ବେଳକୁ ଆଗଧାଡ଼ିର ୫ ଜଣ ଖେଳାଳିଙ୍କୁ ହରାଇ ସାରିଥିଲା। ଏଥିରେ ଜୋସ୍ ଇଂଲିଂ (୪ ରନ୍) ଓ ନେହ୍ୱାଲ ୱାଧୀରା (୮ରନ୍) ମଧ୍ୟ ସାମିଲ ଅଛନ୍ତି। ପଂଜାବ ପାଇଁ ମାର୍କସ ଷ୍ଟୋଇନିସ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୭ଟି ବଲ୍ ଖେଳି ୨ଟି ଚେ?କା ଓ ୨ଟି ଛକା ସହାୟତାରେ ୨୬ ରନ୍ ସଂଗ୍ରହ କରିଥିଲେ। ସେହିପରି ଆଜମାତୁଲ୍ଲା ଓମାରଜଇ ୧୨ଟି ବଲ୍ ଖେଳି ୧୮ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନେ?ରଶ୍ୟଜନକ ଥିଲା। ବେଙ୍ଗାଲୁରୁ ପାଇଁ ସୂୟାଶ ଶର୍ମା ଓ ହେଜଲଉଡ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ସୂୟାଶ ୩ ଓଭର ବୋଲିଂ କରିଥିଲେ। ସେ ୧୭ ରନ୍ ଖର୍ଚ୍ଚ କରିଥିଲେ। ସେହିପରି ହେଜଲଉଡ୍ ୩.୧ ଓଭର ବୋଲିଂ କରିଥିଲେ। ସେ ୨୧ ରନ୍ ଖର୍ଚ୍ଚ କରିଥିଲେ। ଯଶ ଦୟାଲଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ଭୁବନେଶ୍ୱର କୁମାର ଓ ରୋମାରିଓ ସିଫର୍ଡ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଅଧିନାୟକ ନେଇ ମୁହଁ ଖୋଲିଲେ ଜାଡ଼େଜା



ନୂଆଦିଲ୍ଲୀ: ଆଗାମୀ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଶୁଭମନ ଗିଲ ଅଧିନାୟକ ହୋଇଛନ୍ତି। ଏଥିପାଇଁ ଦଳଘୋଷଣା ଆଉ ସମ୍ପୂର୍ଣ୍ଣ ପ୍ରସ୍ତୁତି ସରିଛି। ଇତି ମଧ୍ୟରେ ଏକ ଖବର ଏବେ ପୂନର୍ବାର ସୋସିଆଲ ମିଡିଆରେ ଚର୍ଚ୍ଚାର କାରଣ ସାଜିଛି । ରୋହିତ ଶର୍ମା, ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱୀନ ଅବସର ନେବା ପରେ ଜାଡେଜା ଟେଷ୍ଟ ଟିମର ନେତୃତ୍ୱ ନେବା ପାଇଁ ଆଶା ରଖିଥିଲେ। ଅଶ୍ୱୀନଙ୍କ ସହ ପୋଡକାଷ୍ଟରେ ଜାଡେଜା ତାଙ୍କ ମନ କଥା ରଖିଥିଲେ । ଅଶ୍ୱୀନ ଯେତେବେଳେ ପଚାରିଥିଲେ ଅବସର ନେବା ପୂର୍ବରୁ ଆପଣ କ୍ରିକେଟରେ ଆଉ କଣ ସଫଳତା ହାସଲ କରିବାକୁ ଚାହୁଁଛନ୍ତି । ଜାଡେଜା ହସି କରି କହିଥିଲେ ଟେଷ୍ଟ ଟିମର ନେତୃତ୍ୱ ନେବା । ଚୟନ କମିଟି ଯଶପ୍ରୀତ ବୁମରାହ, ଜାଡେଜା ଓ ରିଷଭ ପନ୍ତଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ନ ଦେଇ ଗିଲଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିଲେ । ଗିଲଙ୍କୁ ଅଧିନାୟକ କରିବା ପାଇଁ କୋଚ ଗୌତମ ଗମ୍ଭୀର ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଏକା ଜିଦ ଧରିଥିଲେ। ଂଲଣ୍ଡ ଗସ୍ତ ପରେ ଅବଶ୍ୟ ସେମାନଙ୍କ ଜିଦ କେତେ ଯୁକ୍ତିଯୁକ୍ତ ଥିଲା ତାହା ଜଣାପଡିବ। ବିଶ୍ୱ କ୍ରିକେଟରେ ଜଣେ ଭଲ ଅଲରାଉଣ୍ଡର ଭାବେ ଜାଡେଜା ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି । ସେ ନିଜେ ମଧ୍ୟ ଟେଷ୍ଟ ଟିମର ନେତୃତ୍ୱ ନେବା ସହଜ ବୋଲି କହିଥିଲେ। ଜାଡେଜାଙ୍କ ମନ ଯଦି ପ୍ରକୃତରେ ଭାଙ୍ଗିଥିବ ବୋଧହୁଏ ଆଗାମୀ ଇଂଲଣ୍ଡ ଗସ୍ତ ପରେ ସେ ମଧ୍ୟ ଅନ୍ୟ ସିନିୟର ଖେଳାଳିଙ୍କ ପରି ଅବସର ଘୋଷଣା କରିଦେବା ବଡ କଥା ହେବନି । ସେ ୮୦ ଟେଷ୍ଟରେ ୩୩୭୦ ରନ କରିଛନ୍ତି। ଏଥିରେ ୪ ଶତକ ଓ ୨୨ ଅର୍ଦ୍ଧଶତକ ସାମିଲ । ସେ ଏହି ଫର୍ମାଟରେ ୩୨୩ ୱିକେଟ ମଧ୍ୟ ହାସଲ କରିଛନ୍ତି । ସେହିପରି ୨୦୪ ଦିନିକିଆରେ ୨୮୦୬ ରନ ଏବଂ ୨୩୧ ୱିକେଟ ନେଇଛନ୍ତି । ଆନ୍ତର୍ଜାତୀୟ ଟି୨୦ ଅବସର ଘୋଷଣା କରିଥିବା ଏହି ସ୍ପିନର ଅଲରାଉଣ୍ଡର ୫୧୫ ରନ କରିବା ସହ ୫୪ ୱିକେଟ ଅକ୍ତିଆର କରିଛନ୍ତି।

### ୧୫ ବର୍ଷରୁ କମ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

## ମୟୁରଭଞ୍ଜ-ଦେବଗଡ଼ ମ୍ୟାଚ୍ ଡ୍ର, ଅନୁଗୋଳ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ୍ କପ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଦିବସର ଖେଳ ୧-୧ ଗୋଲରେ ଅମୀମାଂଶିତ ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଖେଳ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ବାତାବରଣ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧର ସପ୍ତମ ମିନିଟରେ ମୟୁରଭଞ୍ଜର ୧୦ ନମ୍ବର ଖେଳାଳି ଧରଣୀଧର ଟୁଡୁ ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ତାଙ୍କର ଆନନ୍ଦ ବେଶି ସମୟ ପାଇଁ ରହି ପରିନଥିଲା। ଏହାର ଠିକ ୧୬ ମିନିଟ ପରେ ଦେବଗଡ଼ର ୧୩ ନମ୍ବର ଖେଳାଳି ଜୟନ୍ତ ଟାଲି ଗୋଲଟିକୁ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। ଖେଳ ସମାପ୍ତ ସୁଦ୍ଧା ଆଉ କୌଣସି ଗୋଲ ନହେବାରୁ ମ୍ୟାଚଟି ଅମୀମାଂଶିତ ରହିଥିଲା। ରକ୍ଷଣ ଭାଗରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳର ବହୁ ଯୋଜନାବଦ୍ଧ ଆକ୍ରମଣକୁ ପଣ୍ଡ କରି ଦଳକୁ ନିଶ୍ଚିତ ପରାଜୟରୁ ବଞ୍ଚାଇ ଥିବାରୁ ମୟୁରଭଞ୍ଜର ଜର୍ସି ନମ୍ବର ୪ ରାଜୁ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ମୁଖ୍ୟ ଅତିଥି ତଥା କ୍ରୀଡା ଛାତ୍ରବାସ ଦୌଡ଼କୁଦ ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ଠାରୁ ପୁରସ୍କୃତ ହୋଇଥଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଅନୁଗୋଳ ଜିଲ୍ଲା ବାଲେଶ୍ୱର ବିପକ୍ଷରେ ୩-୦ ଗୋଲରେ ଏକ ସହଜସାଧ୍ୟ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୨ତମ ମିନିଟରେ ଅନୁଗୋଳର ୧୦ ନମ୍ବର ଖେଳାଳି ବିଜୟ ମୁର୍ମୁ ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ହେବା ପରେ ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟରେ ୧୧ ନମ୍ବର ଖେଳାଳି ଅମନ ସିଂହ ଦ୍ୱିତୀୟ ଗୋଲଟି ଦେଇଥିବା ବେଳେ ୭୧ତମ ମିନିଟରେ ପୁନଶ୍ଚ ଷ୍ଟ୍ରାଇକର ବିଜୟ ମୁର୍ମୁ ଦଳ ପକ୍ଷରୁ ଅନ୍ତିମ ଗୋଲଟି ସ୍କୋର କରି ବିଜୟର ବ୍ୟବଧାନ ୩-୦କୁ ବୃଦ୍ଧି କରିଥିଲେ। ଏହି ଖେଳରେ ଅନୁଗୋଳ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳର ବିଜୟ ମୁର୍ମୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ମେମ୍ବର ସୁରେଶ ରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## କିକ୍ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଲେ ଆଶୁତୋଷ



ଭାପୁର (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁକପୋଖରି ଗ୍ରାମର ବଳରାମ ମହାରଣାଙ୍କ ପୁଅ ଆଶୁତୋଷ ମହାରଣା ଆନ୍ତର୍ଜାତୀୟ କିକ୍ ବକ୍ସିଂରେ ସ୍ୱର୍ଣ୍ଣପଦକ ଜିତି ଭାରତ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗତ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ କିକ୍ ବାକ୍ସିଂ ପ୍ରତିଯୋଗିତାରେ ଦେଶରୁ ୧୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବାଳିକା ଏବଂ ଅନ୍ୟ ୯ ଜଣ ବାଳକ ଥିଲେ। ସେହି ୧୦ ଜଣଙ୍କ ମଧ୍ୟରୁ ଓଡ଼ିଶାରୁ କୋଚ୍ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାର ଏହି ୫ ଜଣିଆ ଦଳ ୨ ଗୋଟି ସ୍ୱର୍ଣ୍ଣ, ୨ ଗୋଟି ରୌପ୍ୟ ଏବଂ ୧ ଗୋଟି ବ୍ରୋଞ୍ଜ ପଦକ ଜିତାଇ ଭାରତ ପାଇଁ ସୁନାମ ଆଣିଥିଲେ। ଭାପୁର ମାଟିର ପୁଅ ଆଶୁତୋଷ ଫାଇନାଲରେ ପାକିସ୍ଥାନର ଆସିଫ୍ ମଲ୍ଲିକଙ୍କୁ ହରେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଶୁତୋଷ ଗତ ୧୦ ବର୍ଷ ହେଲା ଭୁବନେଶ୍ୱରର ୟୁନିଟ୍ ୬ ନମ୍ବରସ୍ଥ ପ୍ୟୁମାସ୍ ଇଣ୍ଟରନ୍ୟାସନାଲ ସେଣ୍ଟରରେ କିକ୍ ବକ୍ସିଂ ପ୍ରଶିକ୍ଷଣ ନେଉଛନ୍ତି ଏବଂ ମହର୍ଷି ମହାବିଦ୍ୟାଳୟ, ଭୁବନେଶ୍ୱରରେ ଯୁକ୍ତ ୩ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର।

### ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ଶେଷ ଲିଗ୍‌ରେ ଟିମ-ଜି ବିଜୟୀ

ବାରିପଦା:(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ଦିନର ଖେଳରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍-ଜି, ଟିମ୍-ଡି କୁ ୧୪ ରନରେ କରିପାରିଥିଲେ। ଦଳ ପକ୍ଷରୁ ନିର୍ମାଲ୍ୟ ନନ୍ଦ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ଜୟଦେବ ବେହେରା ୪ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ମୟୁରଭଞ୍ଜ ଆଥଲେଟିକ



ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ଜି ୨୦ ଓଭରରେ ୫ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟଦେବ ବେହେରା ୪୫ ଓ ଶୁଭମ ମହାନ୍ତି ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ରିତେଶ ରଞ୍ଜନ ରାଉତ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ-ଡି ୨୦ ଓଭରରେ ୯ଟି ୱିକେଟ ହରାଇ ୯୬ ରନ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ୨୯ ତାରିଖ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ସି ଓ ଟିମ - ଡି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଗୋପବନ୍ଧୁ ହାଇସ୍କୁଲ ଚାମ୍ପିଅନ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝର ସେଣ୍ଟ ଜାଭିଆର ହାଇସ୍କୁଲ ବିପକ୍ଷରେ ୧୦୪ ରନରେ ଏକ ବିପୁଳ ବିଜୟ ହାସଲ କରି ପ୍ରଥମ ଥର ପାଇଁ ଚାମ୍ପିଅନ ହେବାର ଗୌରବ ଲାଭ କରିଛି। ଏକ ବ୍ୟାଟିଂ ପିଚରେ ଟସରେ ଜିଣି ଗୋପବନ୍ଧୁ ହାଇସ୍କୁଲ ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୫ ଓଭରରେ ୩ଟି ୱିକେଟ ହରାଇ ୨୩୫ ରନ ସଂଗ୍ରହ କରି ନିଜର ସ୍ଥିତିକୁ ମଜବୁତ କରିଥିଲେ। ଦଳ ପକ୍ଷରୁ ଅଙ୍ଗଦ ଲୋଟିଆ ୬୪ଟି ବଲର ସମ୍ମୁଖୀନ ହୋଇ ୧୫ଟି ଚୌକା ସହାୟତାରେ ୧୪୨.୧୯ ଷ୍ଟ୍ରାଇକ ରେଟ ସହ ଦ୍ରୁତ ୯୧ ରନ ସଂଗ୍ରହ କରି ମାତ୍ର ୯ ରନ ପାଇଁ ଶତକ ଲାଭରୁ ବଞ୍ଚିତ ହୋଇଥିବା ବେଳେ ଆରୋନ ଚନ୍ଦ୍ର ୫୫ଟି ବଲର ସମ୍ମୁଖୀନ ହୋଇ ୭ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୬୪ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ। ଏହାର ଜବାବରେ ଜାଭିଆର ହାଇସ୍କୁଲ ନିର୍ଦ୍ଧାରିତ ୨୫ ଓଭର ବ୍ୟାଟିଂ କରି ୮ଟି ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ଦେବାଂଶୁ କର ୫୧ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୮ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ। ପ୍ରତିପକ୍ଷ ଦଳର ଅଧିନାୟକ ଆଶୁତୋଷ ନାଏକ ୩ ଓଭର ବୋଲିଂ କରି ୧୯ ରନ ଦେଇ ୩ଟି ୱିକେଟ ଏବଂ ଯାସ ଦୈୟା ୫ ଓଭର ବୋଲିଂ କରି ୩୪ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଏଭି ସ୍କୁଲର ଅଧକ୍ଷ ବ୍ରଜେନ୍ଦ୍ର ନାଥ ସଭାପତି, ମୁଖ୍ୟ ଅତିଥି ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଏବଂ କୋଷାଧକ୍ଷ ସରୋଜ ରଣା ଉଦଯାପନୀ ଉତ୍ସବରେ ମଞ୍ଚାସିନ ଥିଲେ। ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ, ମ୍ୟାନ ଅଫ ଦି ମ୍ୟାଚ, ଆଶୁତୋଷ ନାଏକ ବେଷ୍ଟ ବ୍ୟାଟ୍ସମ୍ୟାନ, ଅଙ୍ଗଦ ଲୋଟିଆ ବେଷ୍ଟ ବୋଲର ଏବଂ ଜାଭିଆର ହାଇସ୍କୁଲର ପବିତ୍ର ବାରିକ ବେଷ୍ଟ ଫିଲଡର ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

## ପ୍ଲେ ଅଫ୍ ପୂର୍ବରୁ ଦଳ ଛାଡ଼ିଲେ ବିଦେଶୀ ଖେଳାଳି

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ର ପ୍ଲେ ଅଫ୍ ପର୍ଯ୍ୟାୟ ଆରମ୍ଭ ହୋଇ ଯାଇଛି। ବିଦେଶୀ ଖେଳାଳି ନିଜର ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ସ୍ୱଦେଶ ଫେରି ଯାଇଛନ୍ତି। ଏଥିରୁ କିଛି ଖେଳାଳି ଡବ୍ଲ୍ୟୁଟିସି ଫାଇନାଲ୍ ଖେଳୁଛନ୍ତି। ଲୁଙ୍ଗି ଏନଗିଡି, ଜ୍ୟାକବ ବେଥେଲ,କାଗିସୋ ରାବଡା,ଜୋସ ବଟଲର, ରିକଲଟନ ଓ ୱିଲ ଜ୍ୟାକ୍ସ।

## ଫ୍ରେଞ୍ଚ ଓପନରୁ ବିଦା ହେଲେ ରୁଡ୍

ପ୍ୟାରିସ୍: ଦୁଇ ଥରର ଫାଇନାଲିଷ୍ଟ କାସ୍ପର ରୁଡ୍‌ଙ୍କୁ ଫ୍ରେଞ୍ଚ ଓପନ୍ ଅଭିଯାନ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇଛି। ବୁଧବାର ପୁରୁଷ ଏକକ ମୁକାବିଲାରେ ସପ୍ତମ ମାନ୍ୟତାପ୍ରାପ୍ତ ଏହି ନରୱେ ଖେଳାଳି ୬-୨, ୪-୬, ୧-୬, ୦-୬ ସେଟ୍‌ରେ ବିଶ୍ୱର ୪୧ ନମ୍ବର ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କଠୁ ହାରିଯାଇଛନ୍ତି। ତେବେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ତଥା ଗତ ସଂସ୍କରଣ ବିଜେତା କାର୍ଲୋସ ଅଲ୍‌କାରାଜ, ଅଷ୍ଟମ ମାନ୍ୟତାପ୍ରାପ୍ତ ଲୋରେଞ୍ଜୋ ମୁସେଟି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସ୍ପେନ୍‌ର ଅଲ୍‌କାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରିର ଫାବିଆନ୍ ମାରୋସାନ୍‌ଙ୍କୁ ଏବଂ ଇଟାଲିର ମୁସେଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ ଇଲାହି ଗାଲାନଙ୍କୁ ହରାଇଛନ୍ତି। ମହିଳା ଏକକ ତୃତୀୟ ରାଉଣ୍ଡରେ ଗତ ସଂସ୍କରଣ ଉପବିଜୟିନୀ ଯଶ୍ମିନ ପାଓଲିନି ଏବଂ ଅଲିମ୍ପିକ୍ସ ବିଜୟିନୀ ଝେଙ୍ଗ କ୍ୱିନୱେନ୍ ପ୍ରବେଶ କରିଛନ୍ତି। ବୁଧବାର ଚତୁର୍ଥ ମାନ୍ୟତାପ୍ରାପ୍ତ ଇଟାଲିର ପାଓଲିନ୍ ୬-୩, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆ ଆଜ୍‌ଲା ଟୋମ୍ଲିଜାନୋଭିକ୍‌ଙ୍କୁ ହରାଇଥିଲେ। ସେ ପରବର୍ତ୍ତୀ ରାଉଣ୍ଡରେ ୟୁକ୍ରେନ୍‌ର ୟୁଲିଆ ଷ୍ଟାରୋଡୁବ୍ ସେଭାଙ୍କୁ ଭେଟିବେ। ଷ୍ଟାରୋଡୁବ୍‌ସେଭା ୭-୬, ୬-୨ ସେଟ୍ ?ରେ ରୁଷିଆର ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଥିଲେ।

**कार्यपालक अभियंता का कार्यालय**
**लघु सिंचाई प्रमण्डल,मेदिनीनगर**
g-mail I.D. – eemid041@gmail.com

पत्रांकः—204 मेदिनीनगर, दिनांक— 28/05/2025

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:— WRD/MID/MEDININAGAR /B.D./S.L.I.-01/ 2025-26, PR No:- 352964 Minor Irrigation (25-26)#D है। अपरिहार्य कारणवश निम्न संशोधन किया जाता है:—

| | | |
|---|---|---|
| 1 | वेबसाईट में ई—निविदा प्रकाशन की तिथि एवं समय | 06/06/2025 (04.00 PM) |
| 2 | वेबसाईट में ई—निविदा प्राप्ति की अंतिम तिथि एवं समय | 23/06/2025 (03.00 PM) |
| 3 | ई—निविदा खुलने की तिथि एवं समय | 24/06/2025 (04.00 PM) |

निविदा की अन्य शर्ते पूर्ववत् रहेगी।

PR 353794 Minor Irrigation(25-26).D

कार्यपालक अभियंता,
लघु सिंचाई प्रमण्डल, मेदिनीनगर

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
g-mail I.D. – eemid041@gmail.com

पत्रांकः—205 मेदिनीनगर, दिनांक— 28/05/2025

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:— WRD/MID/MEDININAGAR/B.D./S.L.I.-02/2025-26, PR No:- 352961 (Minor Irrigation) 25-26 (D) है। अपरिहार्य कारणवश निम्न संशोधन किया जाता है:—

| | | |
|---|---|---|
| 1 | वेबसाईट में ई—निविदा प्रकाशन की तिथि एवं समय | 06/06/2025 (04.00 PM) |
| 2 | वेबसाईट में ई—निविदा प्राप्ति की अंतिम तिथि एवं समय | 23/06/2025 (03.00 PM) |
| 3 | ई—निविदा खुलने की तिथि एवं समय | 24/06/2025 (04.00 PM) |

निविदा की अन्य शर्ते पूर्ववत् रहेगी।

कार्यपालक अभियंता,
लघु सिंचाई प्रमण्डल,
मेदिनीनगर

PR 353796 Minor Irrigation(25-26)#D

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची।**

**ई—प्रोक्योरमेंट सूचना**

टेन्डर रेफरेंन्स नं0—प0नि0वि0/राँची—03/2025—26 दिनांक :—28.05.2025

| | | |
|---|---|---|
| 1. | कार्य का नाम | नामकुम—डोरण्डा पथ के विभिन्न कि0मी0, (कुल लम्बाई 2.50 कि0मी0) में RCC Drain के निर्माण कार्य वर्ष 2025—26. |
| 2. | प्राक्कलि राशि (रू0 लाख में) | रू0 281.06743 लाख (रूपये दो करोड़ इक्यासी लाख छः हजार सात सौ तैंतालीस रूपये) मात्र। |
| 3. | अग्रधन की राशि (रू0 लाख में) | रू0 2.82 लाख (रूपये दो लाख बेरासी हजार) मात्र। |
| 4. | कार्य पूर्ण करने की अवधि | 04 (चार) माह |
| 5. | वेबसाईड पर निविदा प्रकाशन की तिथि | 30.05.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 19.06.2025 12.00 बजे दोपहर तक |
| 7. | निविदा खोलने तिथि/ समय | 20.06.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची—834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651—2361018 |
| 10. | ई—प्रोक्योरमेंट सेल का हेल्पलाईन संख्या | 0651—2403007 |

- प्राक्कलित राशि एवं अग्रधन की राशि घट—बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए *UCAN* निबंधन आवश्यक है।
- नियम एवं शर्ते के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल,राँची।

PR 353789 (Road Construction Dept Road Division Ranchi) 25-26 (D)

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई—निविदा आमंत्रण सूचना**

ई— निविदा सूचना संख्या – RDD/SD/CHAIBASA/02/2024-25(2nd Call)

1. कार्य की विस्तृत विवरणीः

| क्र0सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | चाईबासा जिला के मनोहरपुर एवं आनन्दपुर प्रखण्ड अन्तर्गत मनोहरपुर एवं आनन्दपुर प्रखण्ड को जोड़ने वाली ग्राम ढीपा एवं ग्राम कुड़ना के बीच कोयल नदी पर पुल निर्माण। | 125327200.00 | 2507000.00 | 10000.00 | 24 माह |

2. वेबसाइट में निविदा प्रकाशन की तिथि – 04.06.2025
3. ई—निविदा प्राप्ति की तिथि एवं समय—दिनांक 04.06.2025 से दिनांक 13.06.2025 को अपराह्न 5:00 बजे तक
4. ई—निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई—निविदा खोलने की तिथि एवं समय —16.06.2025 अपराह्न 2:00 बजे
6. ई—निविदा आमंत्रित करने वाले पदाधिकारी का नाम एवं पता :— कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई—निविदा प्रकोष्ठ का दूरभाष सं0 – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट—बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. बिना कारण बताये किसी भी समय निविदा को रद्द करने का अधिकार अधोहस्ताक्षरी को सुरक्षित रहेगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा।

PR 353828 (West Singhbhum) 25-26 (D)



ଅସୁସ୍ଥ ଥିବା ସମୟରେ ଔଷଧ ଖାଇବା ଏକ ସାଧାରଣ କଥା। ଏପରି କୌଣସି ଘର ନାହିଁ ଯେଉଁଠାରେ କିଛି ଔଷଧ ରଖାଯାଇ ନାହିଁ। ଲୋକମାନେ ନିଜ ସୁବିଧା ଅନୁସାରେ ଟେବୁଲରେ, ଫ୍ରିଜ୍ ଉପରେ, ଆଲମାରୀରେ କିମ୍ବା ଯେଉଁଠାରେ ଚାହିଁବେ ଔଷଧ ରଖନ୍ତି। ବାସ୍ତୁ ଶାସ୍ତ୍ର ନିୟମ ଅନୁସାରେ ଘରର ଏକ ନିର୍ଦ୍ଦିଷ୍ଟ ଦିଗରେ ଔଷଧ ରଖିବା ନିୟମ ରହିଛି। ବାସ୍ତୁ ଶାସ୍ତ୍ର ଅନୁସାରେ, ଉତ୍ତର-ପୂର୍ବ ଦିଗକୁ ହାଲୁକା ଶକ୍ତି ଏବଂ ଶାନ୍ତ ସ୍ଥାନ । ସେଠାରେ ସର୍ବଦା ସକାରାତ୍ମକ ଶକ୍ତି ଅନୁଭବ କରାଯାଇପାରିବ। ଏପରି ପରିସ୍ଥିତିରେ, ଯେତେବେଳେ କୌଣସି ଜିନିଷ, ବିଶେଷକରି ଔଷଧ, ସେଠାରେ ରଖାଯାଏ, ତାହାର ପ୍ରଭାବ ବହୁ ଗୁଣ ବୃଦ୍ଧି ପାଏ। ଯାହା ଯୋଗୁଁ ରୋଗୀଙ୍କ ସୁସ୍ଥ ହେବାର ସମ୍ଭାବନା ପୂର୍ବ ଅପେକ୍ଷା ଅଧିକ ବଢ଼ିଯାଏ। ଉତ୍ତର-ପୂର୍ବ ଦିଗରେ ଔଷଧ ରଖିବା ଦ୍ୱାରା ଏହାର କମ୍ପନ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଏହି କାରଣରୁ, ସେଠାରେ ରଖାଯାଉଥିବା ଔଷଧ ରୋଗକୁ ଦ୍ରୁତ ଗତିରେ ପ୍ରଭାବିତ କରେ।



## କମାଲ୍ କଲେ ଶେହ୍ନାଜ

ଆଜି ଶେହନାଜ ଗିଲଙ୍କୁ କୌଣସି ପରିଚୟର ଆବଶ୍ୟକତା ନାହିଁ। ବିଗ୍ ବସ୍‌ରେ ମୋଟା ଦେଖାଯାଉଥିବା ଶେହନାଜ୍ ଶୋ'ରୁ ବାହାରିବା ପରେ ନିଜ ଉପରେ କାମ କରିଥିଲେ ଏବଂ ୬ ମାସରେ ୧୨ କିଲୋଗ୍ରାମ ଓଜନ ହ୍ରାସ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ଶେହନାଜ ଏବେ ତାଙ୍କ ଫଟୋରେ ତାଙ୍କର ସୁଦୃଢ଼ ଫିଗରକୁ ଦେଖାଇଛନ୍ତି। ଆସନ୍ତୁ ଜାଣିବା ଏହାର ରହସ୍ୟ। ଶେହନାଜ ଗିଲ ତାଙ୍କ ଦିନର ଆରମ୍ଭ ହଳଦୀ ପାଣି ଏବଂ ଆପଲ୍ ସାଇଡର୍ ଭିନେଗାର ସହିତ କରନ୍ତି। ଏହା ପରେ ସେ ତାଙ୍କର ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଗୋଟିଏ କପ୍ ଚା' ପିଅନ୍ତି। ଶେହନାଜ ପ୍ରୋଟିନଯୁକ୍ତ ଜଳଖିଆ ଖାଇବାକୁ ପସନ୍ଦ କରନ୍ତି। ଏଥିପାଇଁ ସେ ମୁଗ, ଦୋସା କିମ୍ବା ମେଥି ପରଟା ଖାଆନ୍ତି, ବେଳେବେଳେ ପନିପରିବା ତରକାରୀ ମଧ୍ୟ ଖାଆନ୍ତି। ଶେହନାଜଙ୍କ ମଧ୍ୟାହ୍ନ ଭୋଜନ ପୁଷ୍ଟିକର ପଦାର୍ଥରେ ପରିପୂର୍ଣ୍ଣ। ସେ ସାଧାରଣତଃ ଡାଲି ଏବଂ ଘିଅ ରୁଟି, ଗଜା ସାଲାଡ ଏବଂ ଟୋଫୁ ଖାଆନ୍ତି। ଏଥିରୁ ସେ ପ୍ରୋଟିନ ସହିତ କାର୍ବୋହାଇଡ୍ରେଟ୍ ଏବଂ ଫାଇବର ମଧ୍ୟ ପାଆନ୍ତି। ସନ୍ଧ୍ୟା ଖାଦ୍ୟ ପାଇଁ ଶେହନାଜ ଘିଅରେ ଭଜା ମଖନା ଖାଇବାକୁ ପସନ୍ଦ କରନ୍ତି। ଏହା କ୍ୟାଲୋରୀରେ କମ୍, ପୁଷ୍ଟିସାରରେ ପରିପୂର୍ଣ୍ଣ ଏବଂ ପାଚନକ୍ରିୟାକୁ ଠିକ ରଖେ। ଏହା ରୋଗ ପ୍ରତିରୋଧକ ଶକ୍ତି ଏବଂ ହାଡ଼ର ସ୍ୱାସ୍ଥ୍ୟକୁ ଉନ୍ନତ କରେ। ଶେହନାଜ ରାତ୍ରୀ ଭୋଜନରେ ବହୁତ ହାଲୁକା ଖାଦ୍ୟ ଖାଆନ୍ତି। ସେ ଖେଚୁଡ଼ି, ଦହୀ ଏବଂ କ୍ଷୀର ଖାଇବାକୁ ପସନ୍ଦ କରନ୍ତି। ଏହା ହଜମରେ ସାହାଯ୍ୟ କରିବା ସହିତ ମେଟାବୋଲିଜିମ୍ ମଧ୍ୟ ଠିକ୍ ରଖେ। ଏକ ସାକ୍ଷାତକାରରେ, ଶେହନାଜ ପ୍ରକାଶ କରିଥିଲେ ଯେ ଉଙଠଓଊ-୧୯ ଲକଡାଉନ୍ ଯୋଗୁଁ ତାଙ୍କ କାମ ଏବଂ ଜୀବନ ଠପ୍ ହୋଇଯାଇଥିଲା। ତେଣୁ ସେ ତାଙ୍କ ସମୟର ସର୍ବାଧିକ ଉପଯୋଗ କରି ଓଜନ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଶେହନାଜ କହିଛନ୍ତି ଯେ ଓଜନ ହ୍ରାସ କରିବା ପାଇଁ ସେ କେବଳ କିଛି ଖାଦ୍ୟ ହ୍ରାସ କରିଥିଲେ ଏବଂ ନିଜ ଓଜନକୁ ନିୟନ୍ତ୍ରଣ କରିଥିଲେ। ସେ କୌଣସି ବ୍ୟାୟାମ କରି ନଥିଲେ। ସେ ଛଅ ମାସରେ ୧୨ କିଲୋଗ୍ରାମ ଓଜନ ହ୍ରାସ କରିବାରେ ସଫଳ ହୋଇଥିଲେ। ଶେହନାଜ କହିଥିଲେ ଯେ ସେ ତାଙ୍କ ଖାଦ୍ୟରୁ ଆମିଷ ଖାଦ୍ୟ, ଚକୋଲେଟ ଏବଂ ଆଇସକ୍ରିମ ବାହାର କରିଦେଇଥିଲେ।



## ୩ କୋଟିର ମୁକୁଟ ପିନ୍ଧିବେ ବିଶ୍ୱ ସୁନ୍ଦରୀ-୨୦୨୫
### ଟପ୍ ୪୦ରେ ନନ୍ଦିନୀ ଗୁପ୍ତା

ତେଲେଙ୍ଗାନାର ହାଇଦ୍ରାବାଦରେ ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ସବୁଠୁ କଠିନ ତଥା ଅନ୍ତିମ ପର୍ଯ୍ୟାୟ 'ଇଣ୍ଟରଭ୍ୟୁ ରାଉଣ୍ଡ' ଆରମ୍ଭ ହୋଇଛି । ଏଥିରେ ବିଶ୍ୱରୁ ଆସିଥିବା ଶୀର୍ଷ-୪୦ ପ୍ରତିଯୋଗୀ ସେହିସବୁ ପ୍ରଶ୍ନର ଉତ୍ତର ଦେବେ, ଯାହା ଗ୍ରାଣ୍ଡ୍ ଫିନାଲେରେ ସେମାନଙ୍କ ଭାଗ୍ୟ ବଦଳାଇବ । ମିସ୍ ୱାର୍ଲଡ୍‌ର ସିଇଓ ଜୁଲିଆ ମୋର୍ଲେ ଗଣମାଧ୍ୟମକୁ କହିଛନ୍ତି, ନୂଆ ବିଶ୍ୱ ସୁନ୍ଦରୀ ୩ କୋଟି ଟଙ୍କାର ମୁକୁଟ ପିନ୍ଧିବେ । ଜୁଲିଆଙ୍କ ଅନୁସାରେ, ୩ କୋଟିର ଏହି ମୁକୁଟରେ ନୀଲମ ସମେତ ୧୭୫.୪୯ କ୍ୟାରେଟ୍‌ର ୧୭୭୦ଟି ଛୋଟ ହୀରା ଓ ୧୮ କ୍ୟାରେଟ୍‌ର ଧଳା ସୁନା ଲାଗିଛି । ମୁକୁଟର ନୀଳ ରଙ୍ଗ ଶାନ୍ତି, ଜ୍ଞାନ ଓ ବିଶ୍ୱସ୍ତତାର ପ୍ରତୀକ । ମୁକୁଟ ସହିତ ବିଶ୍ୱ ସୁନ୍ଦରୀ-୨୦୨୫ଙ୍କୁ ୧.୧୫ ଟଙ୍କା ପୁରସ୍କାର ମଧ୍ୟ ମିଳିବ । ଏହା ପୂର୍ବ ଥରଠୁ ଅଧିକ । କିନ୍ତୁ ଜୁଲିଆ କହିଛନ୍ତି, ବିଜେତା ଯେତେବେଳେ ବିଶ୍ୱ ଭ୍ରମଣ କରନ୍ତି ଏବଂ ମାନବୀୟ ପ୍ରୋଜେକ୍ଟଗୁଡ଼ିକର ଅଂଶ ହୁଅନ୍ତି, ତାହା ହିଁ ପ୍ରକୃତ ଉପହାର ହୁଏ । ବିଶ୍ୱ ସୁନ୍ଦରୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହିଁ ମାନବୀୟ ପ୍ରୋଜେକ୍ଟ । ବିଶ୍ୱ ସୁନ୍ଦରୀ-୨୦୨୫ରେ ୫ ମହାଦେଶ (ଆମେରିକା-କାରିବିନ୍, ଆଫ୍ରିକା, ଏସିଆ-ଓଶିଆନା ଓ ୟୁରୋପ) ର ୧୦୮ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ । ଗତ ୧୦ ତାରିଖରୁ ହାଇଦ୍ରାବାଦରେ ଏମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଆଧାରରେ ବିଶ୍ୱ ସୁନ୍ଦରୀ ଟାଇଟଲ୍ ପାଇଁ ୪୦ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି । ଏଥିରେ ଭାରତର ନନ୍ଦିନୀ ଗୁପ୍ତା ଅଛନ୍ତି । ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ନିୟମ ଅନୁସାରେ, ଶୀର୍ଷ-୪୦ରେ ୪ ମହାଦେଶର ୧୦-୧୦ ପ୍ରତିଯୋଗୀ ଭାଗ ନିଅନ୍ତି । ଆସନ୍ତା ୩୧ ତାରିଖ ରାତି ୧୦ଟାରେ ପ୍ରତିଯୋଗିତାର ଫିନାଲେ ଆରମ୍ଭ ହେବ । ରାତି ୧ଟା ସୁଦ୍ଧା ବିଶ୍ୱ ସୁନ୍ଦରୀ-୨୦୨୫ ଘୋଷଣା ହେବ। ଏ ଅବସରରେ ସମସ୍ତ ଚୂଡ଼ାନ୍ତ ପ୍ରତିଯୋଗୀ ରାମ୍ପ୍ ୱାକ୍ ପରେଡ୍ ଓ ସାଂସ୍କୃତିକ ପ୍ରଦର୍ଶନ କରିବେ । ଏହା ପରେ ଶୀର୍ଷ-୫ ପ୍ରତିଯୋଗୀଙ୍କ ନାଁ ଘୋଷଣା ହେବ । ଜୁରି ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଆଧାରରେ ସେମାନଙ୍କୁ ନମ୍ବର ମିଳିବ । ଯେଉଁ ପ୍ରତିଯୋଗୀଙ୍କ ଉତ୍ତର ଜୁରି ସବୁଠୁ ପସନ୍ଦ କରିବେ, ସେ ବିଶ୍ୱ ସୁନ୍ଦରୀ ମୁକୁଟ ଜିତିବେ ।

## ଘରେ ବନାନ୍ତୁ ଆଫଗାନୀ ପନିର୍

*ପନୀରରେ ଆପଣ ବିଭିନ୍ନ ପ୍ରକାରର ରେସିପି ବନାଇଥିବେ। ହେଲେ ଥରେ ଘରେ ବନାନ୍ତୁ ଆଫଗାନୀ ପନୀର। ହୋଟେଲ ସ୍ୱାଦ ଭୁଲିଯିବେ। ଆଉ ବାରମ୍ବାର ବନେଇବାକୁ ଇଚ୍ଛା କରିବେ। କେମିତି ବନେଇବେ ଆଫଗାନୀ ପନୀର ଆସନ୍ତୁ ଜାଣିବା...*

ସାମଗ୍ରୀ:- ପିଆଜ, କଞ୍ଚାଲଙ୍କା, କଞ୍ଚା ହଳଦୀ, ଅଦା, ଭିଜା ଯାଇଥିବା କାଜୁ, ଧନିଆ ପତ୍ର, ଦହି, ପନୀର, ମଲେଇ।

ପ୍ରସ୍ତୁତି ପ୍ରଣାଳୀ:- ପନୀରକୁ ବଡ ବଡ ଖଣ୍ଡ କରି କାଟିନେବେ। ଟିକେ ହଳଦୀ, ସାମନ୍ୟ ଲୁଣ, ଧନିଆ ପତ୍ର ପକେଇ ଗୋଳେଇ କିଛି ସମୟ ପାଇଁ ରଖି ଦିଅନ୍ତୁ।

ଅନ୍ୟ ଏକ ପାତ୍ରରେ ପିଆଜ ଛୋଟ ଛୋଟ ଖଣ୍ଡ କଟିନେବେ, ଧନିଆ ପତ୍ର ଅଧିକ ପରିମାଣରେ ପକାଇବେ, ଭିଜା ଯାଇଥିବା କାଜୁ, କଞ୍ଚା ହଳଦୀ, କଞ୍ଚା ଲଙ୍କା, ଅଦାକୁ ମିଶାଇ ଏକ ପେଷ୍ଟ ବନେଇ





ନେବେ। ଆଉ ଗୋଟିଏ ପାତ୍ରରେ ଦହି, ଅଳ୍ପ ଲୁଣ, ମଲେଇ ପକାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ। ସେଥିରେ ଆଗରୁ ବନେଇ ଥିବା ପେଷ୍ଟ ମିଶାଇ ଦେବେ। ପ୍ୟାନ୍‌ରେ ବଟର୍ ପକାଇବେ। ଏହାପରେ ସେଥିରେ ପନୀର ପକାଇ ଭଲ ଭାବରେ ଭାଜି ନେବେ। ଏହାପରେ ସେଗୁଡିକୁ କାଢି ନେଇ ସେଥିରେ ଆଉ ଟିକେ ବଟର୍ କିମ୍ବା ରିଫାଇନ ତେଲ ପକାଇବେ। ସେଥିରେ ଜିରା, ଗରମ ମସଲା(ଡାଲଚିନି, ଗୋଲମରିଚ, ତେଜପତ୍ର, ଗୁଜୁରାତି) ପକାଇ ହାଲକା ଭାଜିବେ। ସେଥିରେ ଆଗରୁ ପ୍ରସ୍ତୁତ କରି ରଖିଥିବା ସମସ୍ତ ପେଷ୍ଟ ପକାଇ ନେବେ। ସେହି ମିଶ୍ରଣରେ ଲୁଣ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ତନ୍ଦୁରୀ ମସଲା ପକାଇ ଭଲ ଭାବରେ ଗୋଳେଇ ନେବେ। ଏହାସହ ସେଥିରେ ଅଳ୍ପ ପାଣି ଦେଇ ୫ ମିନିଟ୍ ଫୁଟାଇବା ପାଇଁ ଛାଡି ଦେବେ।

ଶେଷରେ ଭଜା ହୋଇଥିବା ପନୀର, ଗରମ ମସଲା ଗୁଣ୍ଡ, ଧନିଆ ପତ୍ର ପକାଇ ଗୋଳାଇନେବେ।

ଏହାକୁ ଆପଣ ରୁଟି, ପରଟା, କିମ୍ବା ଭାତ ସହ ଖାଇ ପାରିବେ। ଘରକୁ କୁଣିଆ ଆସିଥିଲେ ଏମିତି ବନାନ୍ତୁ ପନୀର। ଆପଣଙ୍କ ସମୟ ବଞ୍ଚାଇବା ସହ ଖୁବ ଜଲଦି ଝଟ୍ ପଟ୍ ତିଆରି ହୋଇଯିବ ଏହି ସୁଆଦିଆ ରେସିପି।



## ଇନଭର୍ଟର ବ୍ୟାଟେରୀରେ କେବେ ପକାଇବେ ପାଣି ?
### ଜାଣନ୍ତୁ ସଠିକ୍ ସମୟ

*ଆଜିକାଲି ପ୍ରାୟ ପ୍ରତ୍ୟେକ ଘର ଏବଂ ଅଫିସରେ ଇନଭର୍ଟର ରଖାଯାଉଛି। ଇନଭର୍ଟର ବିଶେଷକରି ସେହି ଅଞ୍ଚଳରେ ରଖିବାକୁ ପଡ଼େ ଯେଉଁଠି ବାରମ୍ବାର ବିଜୁଳି କାଟ୍ ହୁଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି ଯଦି ଇନଭର୍ଟରର ବ୍ୟାଟେରୀର ସଠିକ ଯତ୍ନ ନିଆଯାଏ ନାହିଁ, ତେବେ ଏହାର ବ୍ୟାକଅପ୍ ଧିରେ ଧିରେ ହ୍ରାସ ପାଇବାକୁ ଲାଗେ। ପ୍ରାୟତଃ ଲୋକମାନେ ବ୍ୟାଟେରୀରେ ପାଣି କେବେ ପକାଇବେ ତାହା ନ ବୁଝି ସବୁଠାରୁ ବଡ଼ ଭୁଲ୍ କରିବସନ୍ତି। ତେବେ ଇନଭର୍ଟର ବ୍ୟାଟେରୀର ପାଣି କେବେ ଯାଞ୍ଚ କରାଯିବା ଉଚିତ, ଏବେ ପାଣି କେବେ ପକାଇବା ଆବଶ୍ୟକ ତାହା କିପରି ଜାଣିବେ। ଏହା ବ୍ୟତୀତ, ଆପଣଙ୍କୁ କେଉଁ ଜିନିଷଗୁଡ଼ିକ ମନେ ରଖିବାକୁ ପଡ଼ିବ ଜାଣନ୍ତୁ ସେ ସମ୍ପର୍କରେ...*

ଆମେ ଇନଭର୍ଟର ବ୍ୟାଟେରୀରେ ପାଣି ବଦଳାଉ ନାହୁଁ ବରଂ ଯେତେବେଳେ ଏହାର ସ୍ତର କମ୍ ଥାଏ, ସେତେବେଳେ ଏହା ଡିଷ୍ଟିଲ୍ଡ ପାଣିରେ ପୂର୍ଣ୍ଣ ହୋଇଯାଏ। ଯଦି ପାଣି ସ୍ତର ସମୟ ମଧ୍ୟରେ ଯାଞ୍ଚ କରା ନ ଯାଏ, ତେବେ ବ୍ୟାଟେରୀ ଶୁଖିବାକୁ ଲାଗେ। ଏହା ଏହାର କାର୍ଯ୍ୟଦକ୍ଷତାକୁ ଦୁର୍ବଳ କରିପାରେ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ, ବ୍ୟାକଅପ୍ ହ୍ରାସ ପାଏ ଏବଂ ଚାର୍ଜିଂ ଧୀର ହୋଇଯାଏ।

ଯଦି ଆପଣଙ୍କ ଘରେ କମ ପାୱାର ଅଛି ଏବଂ ଇନଭର୍ଟର ବହୁତ କମ୍ ଚାଲିଥାଏ, ତେବେ ପ୍ରତି ୨-୩ ମାସରେ ଥରେ ବ୍ୟାଟେରୀ ପାଣି ଯାଞ୍ଚ କରିବା ଯଥେଷ୍ଟ। କିନ୍ତୁ ଯଦି ଆପଣ ପ୍ରତିଦିନ ଦୀର୍ଘ ସମୟ ଧରି ଇନଭର୍ଟର ବ୍ୟବହାର କରୁଛନ୍ତି। ଯେପରି ଗ୍ରୀଷ୍ମ ଋତୁରେ ଅଧିକ ବିଦ୍ୟୁତ୍ କାଟ ହୁଏ। ଏପରି ପରିସ୍ଥିତିରେ, ପ୍ରତି ୧ରୁ ଦେଢ଼ ମାସରେ ବ୍ୟାଟେରୀର ପାଣିସ୍ତର ଯାଞ୍ଚ କରିବା ଆବଶ୍ୟକ।

■ ମନେରଖନ୍ତୁ ଯେ ପ୍ରତ୍ୟେକ ବ୍ୟାଟେରୀ ଏବଂ ଇନଭର୍ଟର ମଡେଲର ରକ୍ଷଣାବେକ୍ଷଣ ଟିକିଏ ଭିନ୍ନ ହୋଇପାରେ। ତେଣୁ ନିଶ୍ଚିତ ଭାବରେ ନିର୍ମାତାଙ୍କ ନିର୍ଦ୍ଦେଶାବଳୀ ପଢ଼ନ୍ତୁ।

■ ଇନଭର୍ଟରର ସର୍ବାଧିକ ବ୍ୟାଟେରୀର ସର୍ବନିମ୍ନ ଏବଂ ସର୍ବାଧିକ ଚିହ୍ନ ଅଛି। ଯଦି ପାଣି ସ୍ତର ସର୍ବନିମ୍ନ ଠାରୁ କମ୍ ହୁଏ, ତେବେ ବୁଝନ୍ତୁ ଯେ ଏହା ବ୍ୟାଟେରୀରେ ପାଣି ଭର୍ତ୍ତି କରିବାର ସମୟ। ଗୋଟିଏ କଥା ମନେରଖନ୍ତୁ ଯେ, ପାଣିର ସ୍ତର ଅତ୍ୟଧିକ ଉଚ୍ଚ କିମ୍ବା ଅତ୍ୟଧିକ ନିମ୍ନ ହେବା ଉଚିତ୍ ନୁହେଁ ବରଂ ଦୁଇଟି ଚିହ୍ନ ମଧ୍ୟରେ ରହିବା ଉଚିତ୍। ଯଦି ଆପଣ ଅଧିକ ପାଣି ଭର୍ତ୍ତି କରନ୍ତି, ତେବେ ବ୍ୟାଟେରୀ ଓଭରଫ୍ଲୋ ହୋଇପାରେ, ଯାହା କ୍ଷତିର କାରଣ ହୋଇପାରେ।

■ ସର୍ବଦା ଡିଷ୍ଟିଲ୍ଡ ପାଣି ବ୍ୟବହାର କରନ୍ତୁ। ସାଧାରଣ ଟ୍ୟାପ୍ ପାଣି ବ୍ୟାଟେରୀକୁ କ୍ଷତି ପହଞ୍ଚାଇପାରେ। ଅନାବଶ୍ୟକ ଭାବରେ ବ୍ୟାଟେରୀର ଢାଙ୍କୁଣି ଖୋଲନ୍ତୁ ନାହିଁ। ପ୍ରତ୍ୟେକ ଥର ସ୍ତର ଯାଞ୍ଚ କରିବା ସମୟରେ ଗ୍ଲୋଭସ୍ ଏବଂ ଚଷମା ପିନ୍ଧନ୍ତୁ। ଯଦି ବ୍ୟାଟେରୀ ଅତ୍ୟଧିକ ଗରମ ହେଉଛି, ତେବେ ତୁରନ୍ତ ବିଶେଷଜ୍ଞଙ୍କ ଦ୍ୱାରା ଏହାକୁ ଯାଞ୍ଚ କରାନ୍ତୁ।




## ଦ୍ୱିତୀୟ ଥର ପାଇଁ ବାପା ହେବେ ଅରବାଜ

ବଲିଉଡ ଅଭିନେତା ଅରବାଜ ଖାନଙ୍କ ଦ୍ୱିତୀୟ ପତ୍ନୀ ସୁରା ଖାନ ଗତ କିଛିଦିନ ଧରି ତାଙ୍କ ଗର୍ଭଧାରଣକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅରବାଜ ଓ ସୁରା ଖୁବଶୀଘ୍ର ସେମାନଙ୍କର ପ୍ରଥମ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ଦୁହେଁ କିନ୍ତୁ ଏପର୍ଯ୍ୟନ୍ତ ଏ ବିଷୟରେ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାଁନ୍ତି। ସମ୍ପ୍ରତି ସୁରାଙ୍କ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ସୁରା ଖୋଲାଖୋଲି ଭାବରେ ତାଙ୍କର ବେବି ବମ୍ପ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ, ସୁରାଙ୍କ ଗର୍ଭବତୀ ହେବା ଖବର ନିଶ୍ଚିତ ହୋଇଛି। ୫୭ ବର୍ଷ ବୟସରେ ଅରବାଜ ଖାନ ଦ୍ୱିତୀୟ ଥର ପାଇଁ ବାପା ହେବାକୁ ଯାଉଥିବା ବେଳେ, ସୁରା ତାଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିବେ। ଏନେଇ ଦମ୍ପତି ଖୁବ ଉତ୍ସାହିତ ଅଛନ୍ତି। ଭିଡିଓରେ ଅଭିନେତାଙ୍କ ପ୍ରଶଂସକମାନେ ଅଭିନନ୍ଦନ ଜଣାଇବା ସହିତ ଖୁବଶୀଘ୍ର ଆସିବାକୁ ଥିବା ନୂଆ ଅତିଥିର ଆଗମନକୁ ସ୍ୱାଗତ ଜଣାଇଛନ୍ତି। ଅରବାଜ ଏବଂ ସୁରା ୨୦୨୩ ଡିସେମ୍ବର୨୪ରେ ମୁମ୍ବାଇରେ ବିବାହ କରିଥିଲେ। ସୁରା ଅଭିନେତ୍ରୀ ରବୀନା ଟଣ୍ଡନଙ୍କ ମେକଅପ୍ ଆର୍ଟିଷ୍ଟ ଥିଲେ ଏବଂ ଅରବାଜ ଫିଲ୍ମଟି ପ୍ରଯୋଜନା କରିଥିଲେ। ଏହିଠାରୁ ଦୁହିଁଙ୍କ ପ୍ରେମ ଆରମ୍ଭ ହୋଇଥିଲା।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ପଞ୍ଚୁଘଣ୍ଟା-ଶାସନବାଡ଼ ପଞ୍ଚଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମା ଭଗବତୀଙ୍କ ସାତ ଭଉଣୀଙ୍କ ପୂଜାର୍ଚ୍ଚନା ଖୁବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ବସ୍ତା ବ୍ଲକ ଅନ୍ତର୍ଗତ ପୁତୁରା ପଞ୍ଚାୟତ ସ୍ଥିତ କମାରଗଡ଼ିଆ ଗ୍ରାମରୁ ଦେବୀ ଭଗବତୀ ୭ ଭଉଣୀ ଆସି ବଡ଼ବକାର ଛକରେ ପହଞ୍ଚିଥିଲେ। ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାତ ଭଉଣୀଙ୍କୁ ପଞ୍ଚୁଘଣ୍ଟା ପଞ୍ଚଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣକୁ ଅଣା ଯାଇଥିଲା। ଏଠାରେ ବରିଷ୍ଠ ପଣ୍ଡିତ ଶକ୍ତିପଦ ମିଶ୍ର, ଅକ୍ଷୟ ମିଶ୍ର ଓ ନିମାଇଁଚାନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ମାଛ ଅନ୍ନ ଭୋଗକୁ ୫ ହଜାରରୁ ଅଧିକ ଗ୍ରାମ ଓ ଗ୍ରାମ ବାହାରର ଶ୍ରଦ୍ଧାଳୁମାନେ ସେବନ କରିଥିଲେ। ଗ୍ରାମର କର୍ମକର୍ତ୍ତା ଦୁର୍ଜୟ କୁମାର ପାଣିଗ୍ରାହୀ, ଗୌରାଙ୍ଗଙ୍କ ମହାନ୍ତି, ଚିରଞ୍ଜନ ମହାନ୍ତି, ପ୍ରାକ୍ତନ ଗ୍ରାମ୍ୟ ମୁଖ୍ୟ ଉମାକାନ୍ତ ଜେନା, ଗ୍ରାମ୍ୟ ମୁଖ୍ୟ ଦେବଦୁଲାଲ କୋୟାଲ, ସରୋଜ ପାଣିଗ୍ରାହୀ, ସଂଗ୍ରାମ ପଟ୍ଟନାୟକ, ସଞ୍ଜୟ ବେହେରା, ଦେବବ୍ରତ ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ, ଅଜିତ କୁମାର ରାୟ, ମଦନ ମହାନ୍ତି, ଅଶ୍ୱିନୀ କର, ଅଶ୍ୱିନୀ କୁମାର ବେହେରା, ଅରୁଣ କୁମାର ପ୍ରଧାନ, ବିଜୟ କୁମାର ବେହେରା ଏବଂ ପଞ୍ଚୁଘଣ୍ଟା ଓ ଶାସନବାଡ଼ ଗ୍ରାମବାସୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ୨ହାଇୱା ସହିତ ଲୋଡର ଜବତ
## ଖଣିଜ ଚୋରା ଚାଲାଣ ବେଳେ ପୋଲିସର ଚଢ଼ାଉ, ଜଣେ ଗିରଫ



ଯୋଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ଆଡ଼ରା ମାଉଜା ନିକଟ ଏକ ପୁରୁଣା କ୍ରସର ପରିସରରୁ ଲୁହାପଥର ଚୋରି ସମୟରେ ପୋଲିସର ଅଚାନକ ଚଢ଼ାଉ। ଏବେ ଲୁହା ପଥର ଚୋରିକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ପୋଲିସ ପ୍ରଶାସନ ସକ୍ରିୟ ହୋଇ ଉଠିଛନ୍ତି, ଯାହା ଫଳରେ ଏବେ ଖଣିଜ ଚୋରା ବେପାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି। ଖଣିଜ ଚୋରି ରୋକିବାକୁ ସ୍ୱତନ୍ତ୍ର ଟ୍ୟାକ୍ସଫୋର୍ସ ଗଠନ ହୋଇଥିଲେବି ତାହା ଏବେ ନିଷ୍କ୍ରିୟ। ଏହି ଚୋରିରେ ସମ୍ପୃକ୍ତ ଗାଡ଼ି ହାଇୱା ଓ ଲୋଡ଼ର ସହିତ ଆନୁମାନିକ ୪୦ ଟନରୁ ଊର୍ଦ୍ଧ୍ୱ ଲୁହାପଥର ଗୁଣ୍ଡ ଘଟଣା ସ୍ଥଳରୁ ଜବତ କରିଛି। ଏନେଇ ବାମ୍ବୋରି ଥାନାରେ ଧାରା ୩୦୩(୨),୧୧(୩),୩(୫), ବି ଏନ୍ ଏସ ୨୧ ଏନ୍ ଏମ ଡି ଆର୍ ଆକ୍ଟରେ ମାମଲା ରୁଜୁ କରି ମହେଶ୍ୱର ମହାନ୍ତ(ମୁନା) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ଜଣ ଫେରାର ଥିବା ପୋଲିସର ସୂତ୍ରରୁ ସୂଚନା ମିଳିଛି।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ କୋତାଭାଲାସା (କେକେ) ରେଳ ଲାଇନରେ ଆନ୍ଧ୍ର ଚମିଡିପାଲ୍ଲୀ ଷ୍ଟେସନ ନିକଟରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ଲୁହାପଥର ବୋଝେଇ ଟ୍ରେନର ୨୫ରୁ ଊର୍ଦ୍ଧ୍ୱ ବଗି ଟ୍ରାକରୁ ତଳକୁ ଖସିପଡିବା ଫଳରେ ଟନେଲ ମଧ୍ୟରେ ଫସି ରହିଛି ଟ୍ରେନର ଅଧା ବଗି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ କେକେ ରେଲପଥରେ ଟ୍ରେନ ଚଳାଚଳକୁ ବନ୍ଦ ରଖାଯାଇଛି। ବିଶାଖାପାଟଣା-କିରୁଣ୍ଡୋଲ, କିରୁଣ୍ଡୋଲ-ବିଶାଖାପାଟଣା ପାସେଞ୍ଜର ସମେତ ବିଶାଖାପାଟଣା-କିରୁଣ୍ଡୋଲ ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ୍ସପ୍ରେସକୁ ବାତିଲ କରାଯାଇଛି। ସେହିପରି କିରୁଣ୍ଡୋଲ-ବିଶାଖାପଟଣା ନାଇଟ୍ ଏକ୍ସପ୍ରେସ କେକେ ଲାଇନ ବଦଳରେ କେଆର (କୋରାପୁଟ-ରାୟଗଡା) ଲାଇନ ଦେଇ ରାୟଗଡା, ବିଜୟନଗରମ ଦେଇ ବିଶାଖାପଟଣା ପହଂଚିବ। ସୂଚନାଅନୁଯାଇ, ଛତିଶଗଡ କିରୁଣ୍ଡୋଲରୁ ଲୁହାପଥର ବୋଝେଇ କରି ଡବଲ ଇଞ୍ଜିନ ବିଶିଷ୍ଟ ଏହି ମାଲବାହୀ ଟ୍ରେନ (କେଓକେଜି) ବିଜୟୱାଡ଼ା ଅଭିମୁଖେ ଯାଉଥିଲା। ଟ୍ରେନରେ ୫୧ରୁ ଊର୍ଦ୍ଧ୍ୱ ୱାଗନ୍ ରହିଥିଲା। ବୁଧବାର ମଧ୍ୟାହ୍ନ ସାଢେ ଗୋଟାଏରେ ଟ୍ରେନ୍ ଚିମିଡିପାଲ୍ଲୀ ନିକଟରେ ଲାଇନଚ୍ୟୁତ ହୋଇଥିଲା। ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳ ବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଂଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏକ ସ୍ୱତନ୍ତ୍ର ରିଲିଫ ଟ୍ରେନ ଘଟଣାସ୍ଥଳକୁ ପଠାଯାଇଛି। ୱାଲଟିୟର ଡିଆରଏମ ଓ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତଟ ରେଳବାଇ ପକ୍ଷରୁ ଉଦ୍ଧାର ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମାଲବାହୀ ଟ୍ରେନକୁ ପୁଣି ଟ୍ରାକକୁ ଆଣିବା କଷ୍ଟକର କାମ ହୋଇଥିବାରୁ ପ୍ରାୟ ୨ଦିନ ପର୍ଯ୍ୟନ୍ତ କେକେ ଲାଇନ୍‌ରେ ରେଳ ଚଳାଚଳ ବନ୍ଦ ରହିବା ସମ୍ଭାବନା ରହିଛି।

# ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସବଡିଭିଜନ ମହକୁମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ରଥ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଇଘର ବ୍ଲକର ତହସିଲଦାର ରିତୁ ସିଂ, ବିଡିଓ ମଣ୍ଟୁ ସ୍ୱାଇଁ, ରାଇଘର ସରପଞ୍ଚ ଲୟୋଦର ମାଝୀ, ସାତପାଲିର ଗ୍ରାମ ମୁଖିଆ କମଳ ସିଂ ରାଜପୁତ, ଅଗ୍ନିଶମ ବିଭାଗର ଅଧିକାରୀ ଭିତରଗତ ଯୁବକ ସଂଘ, ବିଦ୍ୟୁତ ବିଭାଗର କର୍ମଚାରୀ ଏବଂ ପରେଷ ବିଭାଗର ଅଧିକାରୀମାନେ ଉପସ୍ଥିତରେ ସର୍ବସମ୍ମତି କ୍ରମେ ସ୍ଥାନୀୟ ତହସିଲଦାର ରିତୁ ସିଂଙ୍କୁ ସଭାପତି ଭାବେ, ବରପଲ୍ଲୀ ଲୟୋଦର ମାଝୀଙ୍କୁ ଉପସଭାପତି ଭାବେ, କିରଣ କୁମାର ପଟ୍ଟନାୟକଙ୍କୁ ସମ୍ପାଦକ ଭାବେ, ଦିବାକର ନାୟକଙ୍କୁ ସହ ସମ୍ପାଦକ ଭାବେ ତଥା ଭବାନୀ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଚୟନ କରା ଯାଇଥିଲା। ତାହାର ଉପଦେଷ୍ଟା କମିଟିରେ ପ୍ରଫୁଲ୍ଲ ଭୂୟାଁ, ଅଭିମନ୍ୟୁ ଡାକୁଆ, କମଳ ସିଂ ରାଜପୁତ, ଶ୍ରୀରାମ ସୁନାନି, ଜଗନ୍ନାଥ ତୋରାଙ୍କୁ ଚୟନ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳା ସହ ରଥ ଟଣା ଯିବା ସହ ଭକ୍ତ ମାନେ ଭିଡ଼ି ସୁରୁଖୁରୁରେ ଠାକୁରଙ୍କ ଦର୍ଶନ କରିପାରିବେ ତାସହ ପ୍ରସାଦ ସେବନ, ଛେରା ପହଁରା, ରଥ ଭଉଁରିକା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଆମିଷ ବିକ୍ରି ବନ୍ଦ କରିବା, ରଥଯାତ୍ରା ଏବଂ ବାହୁଡା ଯାତ୍ରା ଦୁଇଦିନ ମଦ ଦୋକାନ ବନ୍ଦ କରିବା ନେଇ ଆଲୋଚନା ହୋଇଥିଲା।



## ଟ୍ରକ୍‌କୁ ଧକ୍କା ଦେଲା ତୀର୍ଥଯାତ୍ରୀ ବସ୍, ୬ ଆହତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସୁବଳୟା ଛକ ନିକଟରେ ଛିଡା ହୋଇଥିବା ଏକ ପଛକୁ ଏକ ତୀର୍ଥଯାତ୍ରୀ ବସ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୬ ଜଣ ଆହାତ ହୋଇଛନ୍ତି। ସେମାନଙ୍କୁ ଛତ୍ରପୁର ମେଡିକାଲ ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ବସଟି ଭୋର ୪ଟା ସମୟରେ ଉତ୍ତରପ୍ରଦେଶରୁ ତୀର୍ଥ ସାରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଫେରୁଥିବା ବେଳେ ଜାତୀୟ ରାଜପଥ ସୁବଳୟା ଛକ ଠାରେ ଏହି ଦୁର୍ଘଟଣା ଘଟିଛି। ବସରେ ମହିଳା, ପୁରୁଷ ହୋଇ ମୋଟ ୨୦ ଜଣ ଯାତ୍ରୀ ଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ରମ୍ଭା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଗସ୍ତ ଗାଡିକୁ ଜାତୀୟ ରାଜପଥ କଡ଼ରୁ ଉଦ୍ଧାର କରିଛନ୍ତି।

## ବୋଡ଼କ-ଓରାଳି ରାସ୍ତା ଶୋଚନୀୟ ପ୍ରସଙ୍ଗ
# ଅନୁଧ୍ୟାନ କଲେ ବିଭାଗୀୟ କନିଷ୍ଠଯନ୍ତ୍ରୀ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ବୋଡ଼କ-ଓରାଳି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଯାତାୟତ କରିବା ଅନୁପଯୋଗୀ ହୋଇଯାଇଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ରାସ୍ତାକୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷ ଓ ମନ୍ତ୍ରୀଙ୍କୁ ଜଣାଇଥିଲେ। ରାସ୍ତାର ଏହି ଶୋଚନୀୟ ଅବସ୍ଥା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଗୁରୁବାର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ ସେହିଦିନ ତତ୍କ୍ଷଣାତ୍ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠଯନ୍ତ୍ରୀ କୃତିବାସ ମହାପାତ୍ର ଶୋଚନୀୟ ରାସ୍ତପାଖକୁ ଯାଇ ଅନୁଧ୍ୟାନ କରିଛନ୍ତି। କିପରି ରାସ୍ତାଟି ଖୁବ୍ ଶୀଘ୍ର ଯାତାୟତ ଉପଯୋଗୀ ହୋଇପାରିବ ସେଥିପାଇଁ ସେ ଉଦ୍ୟମ ଚଳାଇଛନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯିବ। ସେ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ ପଦକ୍ଷେପ ନିଆଯାଇ କାର୍ଯ୍ୟ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। କନିଷ୍ଠଯନ୍ତ୍ରୀଙ୍କ ସହିତ ୱାର୍ଡ଼ସଭ୍ୟ ଗଙ୍ଗାଧର ମଲିକ, ଦୈତାରି ମଲିକ, ବିଜୟ ମଲିକ, ରବିନ୍ଦ୍ର ମଲିକ, କାଳନ୍ଦୀ ମଲିକ, ଦୟାନିଧି ମଲିକ, ନିରଞ୍ଜନ ବେହେରା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତୁଷାର ହେଲେ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସଦ ପ୍ରତିନିଧି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଜଣେ ଯୁବ ନେତୃତ୍ୱ, ଦୃଢ଼ ସଂଗଠକ, ଲୋକ ସେବାରେ ଜଡିତ ତୁଷାର ରଞ୍ଜନ ବେହେରାଙ୍କୁ ପୁରୀଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ମାନ୍ୟବର ସାଂସଦଙ୍କ ଚିଠି ନଂ - ଏମପିଏଲଏସ/ବିପିଟି/ଡିଇଏଲ/୦୯୧ ତା ୨୬ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଂଚାୟତ ନଗର ଗ୍ରାମର ପ୍ରସନ୍ନ ବେହେରାଙ୍କ ପୁତ୍ର ତୁଷାର ରଞ୍ଜନ ବେହେରା ଓରଫ ଜିତୁ ନିଜ ପିତାଙ୍କ ସହିତ ବିଭିନ୍ନ ସମୟରେ ସାମିଲ ହୋଇ ଲୋକସେବାରେ ଜଡିତ। ମୁଖ୍ୟତଃ ଗୋ ସେବା କାର୍ଯ୍ୟରେ ନିଜକୁ ଜଡିତ ରଖିଛନ୍ତି। ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ ହେବା ପରେ ତୁଷାର ରଞ୍ଜନ ବେହେରା ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉର୍ନ୍ନତି କରଣ ସମ୍ପର୍କରେ ଆଗକୁ ପଦକ୍ଷେପ ନେବେ ବୋଲି ତୁଷାର କହିଛନ୍ତି। ତୁଷାରଙ୍କ ପରି ଜଣେ ଯୁବ ନେତୃତ୍ୱଙ୍କୁ କଲେଜ ଦାୟିତ୍ୱ ଦେଇଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମା' ସନ୍ତୋଷୀ ଦେବୀଙ୍କ ବାର୍ଷିକୋତ୍ସବ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ପିପିଲିରୁ ଏକ ଘଣ୍ଟୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ ତାରିଖରେ ଜଳଯାତ୍ରା, ମଣ୍ଡଳାଧୀବାସ, ଘଟସ୍ଥାପନ ଏବଂ ୨୯ ତାରିଖ ଗୁରୁବାର ଦିନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚ୍ଚର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି ଓ ପୂର୍ଣ୍ଣାହୂତି କରାଯାଇ ଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରମୁଣ୍ଡାର ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ତଥା ମା' ସନ୍ତୋଷୀ ଦେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜସେବୀ ନେହେରୁ ସେନାପତି, ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀ ନଗରର ତୁଳସୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆଶା ମୁକୁଲ ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତି ପ୍ରକାଶ ମିଶ୍ର, ରତିକାନ୍ତ ତ୍ରିପାଠୀ, ରଚନା ମିଶ୍ର ଓ ଅନିମେସ ଅନୁପମ ଭଜନ ପରିବେଷଣ କରିଥିଲେ। ଅକ୍ଟୋପ୍ୟାଡ଼ରେ ଅନିଲ କୁମାର ଓ ତବଲାରେ ସନ୍ଦୀପ ବାରିକ ସହଯୋଗ କରିଥିଲେ। ମା' ସନ୍ତୋଷୀ ଦେବୀଙ୍କ ପୂଜକ ଆଦିତ୍ୟ କୁମାର ସ୍ୱାଇଁ, ସୁଦର୍ଶନ ବାରିକ, ସୁରେନ୍ଦ୍ର କୁମାର ବିଶ୍ୱାଳ, ହାଓ୍ୱା ସ୍ୱାଇଁ, ସରୋଜ କୁମାର ସାହୁ, ସଞ୍ଜୀବ କୁମାର ବିଶ୍ୱାଳ, ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

## ଡ଼ାବୁଗାଁ'ରେ ମା ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଡ଼ାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ସଦର ନୂଆଗୁଡା ଠାରେ ଆଜି ମା ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଚାରିଦିନ ଧରି ଚାଲିବାକୁ ଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ଆଜି ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ସକାଳେ ନୂଆଗୁଡା ସ୍ଥିତ ମାଁ ମଙ୍ଗଳା ନୂତନ ମନ୍ଦିର ପରିସରରୁ ମହିଳା ମାନେ ବାଜା ମର୍ଦ୍ଦଳ ଓ ଆତସ ବାଜି ବଜାଇ ପ୍ରଥମେ କନ୍ୟାଶ୍ରମ ନିକଟ ଅଙ୍ଗିନଦିରୁ କଳସରେ ଜଳ ସଂଗ୍ରହ କରି କୃଷିଫାର୍ମ ପରିସରରେ ଥିବା ମା ଠାକୁରାଣୀଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ନୂଆଗୁଡା ସ୍ଥିତ ମାଁ ମଙ୍ଗଳାଙ୍କ ନୂତନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ କଳସ ସ୍ଥାପନ କରାଯାଇଥିଲା। ଗୁରୁବାରେ ଠାରୁ ଚାରିଦିନ ଧରି ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ କରାଯିବାକୁ ଥିବା ବେଳେ ମୁଖ୍ୟ ପୂଜକ ଯାମିନୀକାନ୍ତ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜକ ରଜନୀକାନ୍ତ ନନ୍ଦ, ଲୁଲେସ୍ୱର ପାତ୍ର ତଥା କର୍ତ୍ତା ଭାବେ ଦେବୀ ପ୍ରସାଦ ରଥ କାର୍ଯ୍ୟ ସମ୍ପାଦନ କରିବେ ଏଥିପାଇଁ ମନ୍ଦିର ପରିଚାଳନା କମିଟିର ବିନୋଦ ପଟ୍ଟନାୟକ, ମୋହନ ପରିଛା, ପ୍ରଦୀପ ପାଢ଼ୀ, ମୋହନ ଖିଲ, ଜିତେନ୍ଦ୍ର ମାଝୀ, ପି ସୁବୁଦ୍ଧି ରାଓ, ରମେଶ ପଟ୍ଟନାୟକ, ଦୂଲ୍ଲଭ ଗୌଡ଼, ସଞ୍ଜୟ ଶତପଥୀ, ଏ କାମେଶ୍ୱର୍ ରାଓ, ଶ୍ରୀଧର ପାଇକ, ରାମ ଜେନା ଓ ଯଶବନ୍ତ ପରିଛା ପ୍ରମୁଖ ସହଯୋଗ କରୁଛନ୍ତି। ଏହି କଳସ ଯାତ୍ରାରେ ବ୍ଲକ ଅଧକ୍ଷା ବୀଣା ମାଝୀ, ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଡ଼ାବୁଗାଁ ବ୍ଲକ ବ୍ରାହ୍ମଣ ସମାଜ ସଭାପତି ଶିବ ପ୍ରସାଦ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ ସହ ଅନ୍ୟମାନେ ସାମିଲ ଥିଲେ। ସୂଚନା ଥାଉ କି ଡ଼ାବୁଗାଁ'ରେ ମାଁ ମଙ୍ଗଳାଙ୍କ ସ୍ଥାୟୀ ମନ୍ଦିର ନ ଥିବାରୁ ନୂଆଗୁଡା ଠାରେ ଦୀର୍ଘ ବର୍ଷ ହେଲା ଏକ ଅସ୍ଥାୟୀ ଗୃହରେ ମାଁ ମଙ୍ଗଳା ପୂଜା ପାଇ ଆସୁଥିଲେ। ଯୋ ଦ୍ୱାରା ଭକ୍ତ ମାନଙ୍କୁ ପୂଜାବିଧି ସମୟରେ ସ୍ଥାନ ଅଭାବ ଯୋଗୁ ହୋଇରାଣ ହେଉଥିଲେ। ବିଶିଷ୍ଟ ସମାଜ ସେବୀ ତଥା ପୂର୍ବତନ ଡ଼ାବୁଗାଁ ଗ୍ରାମ ପଞ୍ଚାୟତ ସମ୍ପାଦକ ମୋହନ ପରିଛାଙ୍କ ପ୍ରଚେଷ୍ଟାରେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ନୁଆ ଗୁଡା ବାସି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଆସନ୍ତା ରବିବାର ଦିନ ପୂର୍ଣ୍ଣାହୁତି ହେବା ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହେବ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

## ଏମଜିଏନଆରଇଜିଏସରେ ଅନିୟମିତତା ଅଭିଯୋଗ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତର ବଡ଼ନାଳ ଖୋଳାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୁରୁବାର ବାସନ୍ତୀ ଜେନା, ମଧୁସୂଦନ ଜେନା, ସତ୍ୟବ୍ରତ ବାରିକ, ଝୁନୁଲତା ଦାସ, ପ୍ରଦୋଷ ଜେନା, ସୁରେଶ ଜେନା, ଗୌରହରି ଜେନା, ବିଜୟ ନାୟକ, ପଞ୍ଚାନନ ଜେନା, ପ୍ରମିଳା ଜେନା, ଶରତ ଜେନା ପ୍ରମୁଖ ଗ୍ରାମବାସୀ ବିଡିଓଙ୍କୁ ଭେଟି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ତାଳପଦା ପଞ୍ଚାୟତବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୨୦୨୫-୨୬ଆର୍ଥିକ ବର୍ଷରେ ଏମଜିଏନଆରଇଜିଏସରେ ତାଳପଦା ବଡ଼ନାଳ ଖନନ ପଞ୍ଚାୟତ ପ୍ରକଳ୍ପ ଅନୁମୋଦିତ ହୋଇ କାର୍ଯ୍ୟ କରାଯାଇଥିଲା। ତେବେ ସେହି ନାଳର ୩ଶହ ମିଟର ଖୋଳାଯାଇଥିବା ବେଳେ ଅବଶିଷ୍ଟ ପରେ ଖୋଳାହେବାକୁ ସ୍ଥିର ହୋଇଥିଲା। ସେହି ନାଳର ୩ଟି ଶାଖାନାଳ ରହିଛି। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ଏମଜିଏନଆରଇଜିଏସରେ ବଡ଼ନାଳ ଠାରୁ ମାଲୁଅ ପର୍ଯ୍ୟନ୍ତ ଖନନ ପ୍ରକଳ୍ପ ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପ ପଞ୍ଚାୟତ ଗ୍ରାମସଭା ତାଲିକାରେ ନାହିଁ। ତେବେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ ନକରି ପଞ୍ଚାୟତ ପକ୍ଷରୁ ଖୋଳାଯାଇଥିବା ନାଳରେ କେବଳ କୋଦାଳ ମାରି ଅର୍ଥ ହଡ଼ପ ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଡିଓ ନିରଂଜନ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ।

## ୨୦ଟଙ୍କା କମ୍ ଦେବାରୁ ଗ୍ରାହକଙ୍କ ମୁଣ୍ଡ ଫଟାଇଲେ ଦୋକାନୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମା ମୁଖ୍ୟ ବଜାର ନିକଟ ଏକ ଫାଷ୍ଟଫୁଡ୍ ଦୋକାନରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୁବାଷ ଛକ, ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ଲାଗି ଏକ ଫାଷ୍ଟଫୁଡ୍ ଦୋକାନରେ ଜଣେ ଗ୍ରାହକ ୨୦ ଟଙ୍କା ଦେଇ ପାରି ନଥିବାରୁ ମାଲିକ ଏକ ଲୁହା ରଡ୍ରେ ଗ୍ରାହକଙ୍କ ମୁଣ୍ଡ ଫଟାଇ ଦେଲେ। ତଥ୍ୟ ଅନୁଯାୟୀ ମାଲକାନଗିରି ସଦର ମହକୁମା ଭାଟିଶାଳଗୁଡା ନିବାସୀ ସୁନାଧର ଗାଦବା ସନ୍ଧ୍ୟା ସମୟରେ ଫାଷ୍ଟଫୁଡ୍ ଦୋକାନରେ ଚିକେନ ପକୋଡା ଖାଇଲା ପରେ ତାଙ୍କ ନିକଟରେ ୨୦ ଟଙ୍କା କମ୍ ପଡିବାରୁ ପରେ ଦେବି ବୋଲି ଦୋକାନ ମାଲିକ ଗନ୍ଧର୍ବ ରାଉତଙ୍କୁ କହିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଗନ୍ଧର୍ବ ରାଗିଯାଇ ନିକଟରେ ଥିବା ଏକ ଲୁହା ରଡରେ ସୁନାଧରଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ସୁନାଧର ଗୁରୁତର ଆହତ ହୋଇଥିଲା ବେଳେ ସ୍ଥାନୀୟ ଲୋକ ତୁରନ୍ତ ମାଲକାନଗିରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ବନ୍ଧରେ ସୁନାଧରଙ୍କ ଭାଇ ସୁକଦାସ ଗାଦବା ମାଲକାନଗିରି ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ମାଲକାନଗିରି ପୋଲିସ ଘଟଣାର ତଦନ୍ତ କରି ଗନ୍ଧର୍ବଙ୍କ ନାମରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଗନ୍ଧର୍ବ ଫେରାର ଥିବାବେଳେ ପୋଲିସ ତରଫରୁ ଫାଷ୍ଟ ଫୁଡ୍ ଦୋକାନକୁ ସିଲ୍ କରି ଦିଆ ଯାଇଛି।

## ୨୦ ଫୁଟ୍ ଗଭୀର କୂଅରେ ଫସିଥିବା ଷଣ୍ଢ ଉଦ୍ଧାର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବଲଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଦାସ ସାହି ଗ୍ରାମରେ ଥିବା ଏକ କୂଅ ଭିତରେ ବୁଧବାର ରାତିରୁ ଫସି ରହିଥିବା ଏକ ଷଣ୍ଢକୁ ଗୁରୁବାର ଦିନ ଅଗ୍ନିଶମ ବାହିନୀ ଗ୍ରାମବାସୀଙ୍କ ସହଯୋଗରେ କୂଅରୁ ଉଦ୍ଧାର କରିଛି। ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ୨ଟି ଷଣ୍ଢ ମଧ୍ୟରେ ଲଢ଼ାଲଢ଼ି ହେବାରୁ ଗୋଟିଏ ଷଣ୍ଢ କୂଅ ଭିତରକୁ ଖସି ପଡ଼ିଥିଲା। ଗୁରୁବାର ସକାଳେ ଗ୍ରାମର କେତେକ ମହିଳା କୂଅରୁ ପାଣି ଆଣିବାକୁ ଗଲା ବେଳେ ଷଣ୍ଢଟି ଉପରକୁ ମୁହଁ କରି ରହିଥିବା ଦେଖି ଗ୍ରାମବାସୀଙ୍କୁ ଡ଼ାକ ପକାଇଥିଲେ। ଷଣ୍ଢଟି ୨୦ ଫୁଟ୍ ତଳେ ରହିଥିବା ଦେଖି ଗ୍ରାମବାସୀମାନେ ପିପିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଦୀର୍ଘ ୨ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ଷଣ୍ଢକୁ କୂଅ ଭିତରୁ ଉଦ୍ଧାର କରିଥିଲେ।

## କୁଶିଆପାଳ ପ୍ରାଥମିକ ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କୁଶିଆପାଳ ପଂଚାୟତ ଅନ୍ତର୍ଗତ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାର୍କଫେଡ଼ ଏରିଆ ଅଫିସର ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଏହି ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରାଉତ ଯୋଗଦେଇ ବ୍ଲକ ଅଂଚଳର ଚାଷୀମାନେ ଏହି ମଣ୍ଡିରେ ସେମାନଙ୍କ ଉତ୍ପାଦିତ ରବି ଫସଲ ମୁଗ ଓ ବିରି ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିବାର ସୁବିଧା ନେଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାସ ଚାଷୀମାନେ ଏହି ସମିତିରେ ଚାଷୀ ମାନେ ରବି ଫସଲ ଯଥା ମୁଗ ଓ ବିକ୍ରି କଲେ ସରକାରୀ ଭାବେ ମୁଗ କ୍ୱିଣ୍ଟାଲ ପ୍ରତି ୮୬୮୨ ଟଙ୍କା ଓ ବିରି କ୍ୟୁଟାଲ ପ୍ରତି ୭୪୦୦ ଟଙ୍କା ପାଇବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡାଇରେକ୍ଟର ଫଗୁଚରଣ ସାହୁ, ନିର୍ମଳ ସେଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସହ-ସମ୍ପାଦକ ମାନସ କୁମାର ସ୍ୱାଇଁ, ଡିଇଓ ଧ୍ରୁବ ଚରଣ ନାୟକ, ଚିନ୍ମୟ ଚିତରଞ୍ଜନ ସାହୁ, କୈଳାସ ଚନ୍ଦ୍ର ସାହୁ, କୁଳମଣି କର ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ନାୟକ, କରୁଣାକର ସାହୁ, ପିତାମ୍ବର ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ଜିଲ୍ଲାରେ ବେଆଇନ ଗୁଟ୍‌ଖା, ଖଇନି କାରବାର ବଢୁଛି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗୁଟ୍‌ଖା, ପାନ, ଖଇନି, ବିଡ଼ି, ସିଗାରେଟ ପରି ଦ୍ରବ୍ୟ ବ୍ୟବହାର କଲେ କ୍ୟାନସର ଜନିତ ରୋଗରେ ପୀଡ଼ିତ ହେବା ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଘୋଷଣା ପରେ ଦେଶର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସବୁ ଦ୍ରବ୍ୟ ଉପରେ କଟକଣା ଲଗାଇଛନ୍ତି। ଏହାର ବେଆଇନ ବିକ୍ରି ଉପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଉଛି। ଛୋଟ ବଡ଼ ବ୍ୟବସାୟୀ ଦୋକାନ ଓ ଗୋଦାମ ଗୃହ ଉପରେ ଚଢ଼ଉ କରି ବହୁ ପରିମାଣର ଗୁଟୁଖା, ଖଇନି ଓ ଅନ୍ୟ ଜର୍ଦ୍ଦା ଗୁଡିକ ଜବତ କରିବା ସହିତ ଅନେକ ବ୍ୟବସାୟୀଙ୍କ ଉପରେ ମୋଟା ଅଙ୍କର ଜୋରିମାନା କରୁଛି ପ୍ରଶାସନ। କିନ୍ତୁ ଏସବୁ ସତ୍ତ୍ୱେ ବ୍ୟବସାୟୀ ମାନେ ଲୁଚା ଛପାରେ ବିକ୍ରି କରିବା ସହିତ କଳା ବଜାରୀ ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ଲୋକେ ନିଶାରେ ପଡ଼ି ଏହାକୁ କିଣୁଥିବା ବେଳେ ବେପାରୀମାନେ ମାଲାମାଲ ହେଉଛନ୍ତି। ଉପାନ୍ତ ମାଲକାନଗିରି ଜିଲ୍ଲାର ବିଭିନ୍ନ ବଜାରରେ ଏହାର ବିକ୍ରି ବହୁ ପରିମାଣରେ ଚାଲିଛି। କଳାବଜାର କରି ଧାର୍ଯ୍ୟ ମୂଲ୍ୟ ଠାରୁ ଚଢ଼ାଦରରେ ଗୁଟ୍‌ଖା, ଖଇନି ଓ ଅନ୍ୟ ଦ୍ରବ୍ୟ ବେଧଡ଼କ ବିକ୍ରି ଚାଲିଛି। ଏଥିରେ ହୋଲସେଲ୍ ବେପାରୀମାନେ ଚଢ଼ା ଦରରେ ଖୁଚୁରା ବେପାରୀଙ୍କୁ ଦେଉଛନ୍ତି। ତେଣୁ ଛୋଟ ଛୋଟ ବ୍ୟବସାୟୀ ମାନେ ବାଧ୍ୟ ହୋଇ ଅଧିକ ଦାମରେ ବିକ୍ରି କରୁଛନ୍ତି। ଯେଉଁ ଗୁଟୁଖାର ଧାର୍ଯ୍ୟ ଦାମ ଏକ ଟଙ୍କା ରହିଛି ତାହା ବଜାରରେ ୨.୫୦ ପଇସାରେ ବିକ୍ରି ହେଉଛି। ସେହିପରି ୪ ଟଙ୍କା ଜାଗାରେ ୫ ଟଙ୍କା ଓ ୫ ଟଙ୍କା ସ୍ଥାନରେ ୭ଟଙ୍କା ବିକ୍ରି ହେଉଛି। ଏହି ଦ୍ରବ୍ୟ ଉପରେ ପ୍ରଶାସନ ତରଫରୁ କୌଣସି ପ୍ରକାର କଟକଣା ଲାଗୁ ହେଉନାହିଁ ବୋଲି କଳା ବଜାରୀ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନେଇ କଳା ବଜାରୀ କରୁଥିବା ହୋଲସେଲ ଗୁଟ୍‌ଖା ବ୍ୟାପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଝାଡାବାନ୍ତି ଯୋଗୁଁ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମରେ ୨ଦିନ ଧରି ଝାଡା ବାନ୍ତି ବ୍ୟାପିଛି। ଏଥିରେ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ବୁଧବାର ୩୧ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଗୁରୁବାର ଦିନ ୧୧ଜଣ ଆକ୍ରାନ୍ତ ହୋଇଥିବା ଜଣାଯାଏ। ସେଥିମଧ୍ୟରୁ କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଚିକତ୍ସା ହେଉଥିବା ବେଳେ ଖମାର ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୧ଜଣ ରେଙ୍ଗାଳି ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣ ଚିକତ୍ସାଧୀନ ଅଛନ୍ତି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁମନ୍ତ କୁମାର ପଟେଲ ତତ୍ତ୍ୱାବଧାନରେ ଏକ ସତ୍ୱନ୍ତ୍ର ଡାକ୍ତର ଟିମ ପୋଡ଼ାଗଡ଼ ଗ୍ରାମକୁ ବିଭିନ୍ନ ଔଷଧ ସହିତ ଆସୁ ଚିକତ୍ସା ସାମଗ୍ରୀ ନେଇ ଗ୍ରାମରେ ଆଜି ପହଞ୍ଚିଛନ୍ତି। ଏଥିପାଇଁ ବଜ୍ରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରିତମ ସେଠିଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ତାଙ୍କ ଅଧୀନରେ ସ୍ୱାସ୍ଥ୍ୟ କର୍ମୀ ଆଶା ଅଙ୍ଗାଓ୍ୱାଡି କର୍ମୀ ସାମିଲ ହୋଇଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ପହଞ୍ଚି ଲୋକଙ୍କୁ ଓଆରଏସ ଔଷଧ ବଣ୍ଟନ କରିଥିଲେ। ଗ୍ରାମରେ ବସୁଧା ଯୋଜନାରେ ହୋଇଥିବା ପାନୀୟ ଜଳ ଯୋଗାଣ ପାଣି ଟାଙ୍କିର ଦୂଷିତ ପାଣି ଯୋଗୁଁ ଝାଡାବାନ୍ତି ହେଉଥିବା ସନ୍ଦେହ କରାଯାଉଛି। ଏଭଳି ସଂକ୍ରମଣ ହେବାର ମୁଖ୍ୟ କାରଣ ହେଉଛି ଦୂଷିତ ପାଣି ଓ ପରିବେଶ। ଗୁରୁବାର ଅପରାହ୍ନରେ କଣିହାଁର ଜଳ ଯୋଗାଣ ତରଫରୁ ବ୍ଲେଚିଂ ପାଉଡର ନେଇ ଦୂଷିତ ପରିବେଶ ଓ ଜଳ ଯୋଗାଣ ପାଇପରେ ପକାଇ ଥିବାର ଜଣାପଡିଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକରପୁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସ୍ୱାଇଁଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱାଇଁ ଦୀର୍ଘଦିନ ଧରି କଣିପଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଅଂଚଳରେ ବେଶ୍ ପରିଚିତ ରହିଥିଲେ। ତେବେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମରଶରୀର ତିଳକପୁର ଗ୍ରାମକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀକୁ ଗ୍ରାମ ପରିକ୍ରମା କରାଯିବା ସହିତ ଡେରାବିଶ କଲେଜ ପରିସରକୁ ନିଆଯାଇ ଥିଲା। ସେଠରେ ତାଙ୍କୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱାଇଁ ଦଧିବାମନଜୀଉ ମନ୍ଦିରର ପୂର୍ବତନ ଟ୍ରଷ୍ଟୀ ରହିଥିବା ବେଳେ ଡେରାବିଶ କଲେଜର ମଧ୍ୟ ପ୍ରତିଷ୍ଠାତା ସଦସ୍ୟ ରହିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ପୁଅ ଦିଲ୍ଲିପ ମୁଖାଗ୍ନି ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କ ଜରିଆରେ ଦାବୀପତ୍ର

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ୯ ଦଫା ଦାବି ନେଇ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ଜଳେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଓ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମାସିକ ଚିକିତ୍ସା ଭତ୍ତା ପ୍ରଦାନ, ଅତିରିକ୍ତ ପେନ୍‌ସନ୍ ୮୦ ବର୍ଷ ଦେବା ପରିବର୍ତ୍ତେ ୬୫ବର୍ଷରେ ପ୍ରଦାନ, ପେନସନଧାରୀଙ୍କୁ ଯାତାୟାତରେ ରିହାତି ପ୍ରଦାନ, କରୋନା ସମୟରେ ୧୮ ମାସର ମହଙ୍ଗା ଭତ୍ତା ଓ ପରିଚୟପତ୍ର ପ୍ରଦାନ, ଚିକିତ୍ସାଳୟ ଓ ବ୍ୟାଙ୍କରେ ପେନ୍‌ସନ୍‌ନଧାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଏନ୍‌ପିଏସ୍ ଓ ୟୁପିଏସ୍ ବଦଳରେ ପୁରୁଣା ପେନ୍‌ସନ୍ ଲାଗୁ କରିବା, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ପୁନଃ ପ୍ରତିଷ୍ଠା ଆଦି ଦାବି ରହିଛି। ଉକ୍ତ ସ୍ମାରକପତ୍ର ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପ୍ରଦାନ କରା ଯାଇଥିବା ବେଳେ ଏହି ସମୟରେ ଜଳେଶ୍ୱର ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁ, ସମ୍ପାଦକ କପିଳେଶ୍ୱର ମହାନ୍ତି ଉପସ୍ଥିତ ଥିଲେ।




ନିଆଳି(ଭାସ୍କର ନ୍ୟୁଜ): ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତଃ ବିଜୟରାମ ଆଚାର୍ଯ୍ୟ ଜନ୍ମ ଶତବାର୍ଷିକ ପାଳନ କରାଯାଇଛି। ଏହି ଉତ୍ସବରେ କଲେଜର ପୂର୍ବତନ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ଶ୍ରୀ ଆଚାର୍ଯ୍ୟଙ୍କ ତ୍ୟାଗପୂତ ଜୀବନ ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ଭାବେ କଲେଜର ଅଧ୍ୟକ୍ଷ ମାର୍କେଣ୍ଡେଶ୍ୱର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସୌଦାମିନୀ ମହାପାତ୍ର, ସରପଞ୍ଚ ନିରଞ୍ଜନ ବେହେରା ଯୋଗ ଦେଇଥିଲେ।ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ଅଧ୍ୟାପକ ଗୋପୀନାଥ କର, ଡା. ଧରଣୀଧର ଖୁଣ୍ଟିଆ, କୈଳାସ ଚନ୍ଦ୍ର ଓଝା, ବିଷ୍ଣୁ ଚରଣ ମିଶ୍ର, ଡା. ଚରଣ ଦାଶ, ପ୍ରଭାକର ମିଶ୍ର, ଚିନ୍ମୟୀ କୁମାର ଦାଶ, ଯତୀନ୍ଦ୍ର କୁମାର ମିଶ୍ର, ବିଶ୍ୱଜିତ ରାୟ, ମାନିଲାତା ଦେଇ, ବିଜୟ କୁମର ତ୍ରିପାଠୀ, ଡା. ରାମଚନ୍ଦ୍ର ପାଢ଼ୀ, ପ୍ରଭାକର ସାହୁ, କୈଳାସ ନାଥ ଦାଶ, ଡା ଯୁଷ୍ମାନ ଖାନ, ଗିରିଧାରୀ ଜେନାଙ୍କ ସମେତ ଅନେକ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଏହି ମହାବିଦ୍ୟାଳୟ ର ପ୍ରାଣ ପ୍ରତିଷ୍ଠାଙ୍କ ଗୁଣ ଗାନ କରିଛନ୍ତି।



## ଭାରସାମ୍ୟ ହରାଇ ଓଲଟିଲା ସ୍କର୍ପିଓ; ଗୁରୁତରଙ୍କୁ ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗରୁ ବିଶାଖାପାଟଣା ଅଭିମୁଖେ ଏକ ସ୍କର୍ପିଓ ଦ୍ରୁତଗତିରେ ଯାଉଥିବାବେଳେ ଜାତୀୟ ରାଜପଥ ୬୦ର ଜଳେଶ୍ୱର ନିକଟ ନଦିକା ବାଇପାସ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏପି୪୦ଏଭି-୪୧୨୫ ସ୍କର୍ପିଓରେ ଚାଳକ ତଥା ମାଲିକ ସଂଜୟ ବଂଶଲ, ତାଙ୍କ ସ୍ତ୍ରୀ ଓ ପୁତ୍ର ଏଥିରେ ବସିଥିବା ବେଳେ କାରଟି ରାସ୍ତା ପାର୍ଶ୍ୱରେ ୨୦ଫୁଟ ତଳ ନୟନଯୋଡିକୁ ଖସିପଡିଥିଲା। ବୁଧବାର ସକାଳ ୮ଟା ସମୟରେ ଏପରି ଘଟଣା ଘଟିଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ପୋଲିସ୍‌କୁ ଖବର



ଦେବାପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତରମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଚାଳକଙ୍କ ଆଖିଲାଗିଯାଇଥିବାରୁ ଏପରି ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାଯାଇଛି।

# ଅପାରଗ ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ଅଧିକ୍ଷଣ ଯନ୍ତ୍ରୀ

### ବାଇପାସ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

ଗୋପ(ଭାସ୍କର ନ୍ୟୁଜ): ଅପାରଗ ଯନ୍ତ୍ରୀ ଓ ଅସାଧୁ ଠିକାଦାରଙ୍କ କାରନାମା, ରାସ୍ତା ସଂପ୍ରସାରଣ ନାମରେ କେନାଲ ପୋତିଦେଲେ, ସମ୍ପର୍କୀତ ଖବର ପ୍ରକାଶ ପାଇବା ପରେ ନିମାପଡା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଓ ବିବାଦୀୟ ଯନ୍ତ୍ରୀ ମହେଶ୍ୱର ବେହେରା ଉପସ୍ଥିତ ରହିଥିଲେ। କେନାଲ ଶଯ୍ୟା ୪ ଫୁଟ ଖୋଳିବା ଏବଂ ଉକ୍ତ ମାଟିରେ କେନାଲ ବନ୍ଧ ଉପରେ ରାସ୍ତା ନିର୍ମାଣ କରିବାକୁ ନେଇ ଯେଉଁ ଅଭିଯୋଗ ଉଠିଥିଲା ତାହାକୁ ଅଧିକ୍ଷଣ ଯନ୍ତ୍ରୀ ତନ୍ନତନ୍ନ କରି ଦେଖିବା ସହିତ ଦାୟିତ୍ୱରେ ଥିବା ଅପାରଗ ତଥା ବିବାଦୀୟ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କ ଉପରେ ବର୍ଷିଥିଲେ। ଏପରି କିପରି ହେଲା ? କେନାଲ ଶର୍ଯ୍ୟାର ପ୍ରସ୍ଥ ଓ ଉଚ୍ଚତା କେତେ ରହିବା କଥା କେତେ ଅଛି ? ଏହି ମାଟି ପକାଇ ତୁରନ୍ତ ଏହା ଉପରେ କାହିଁକି ରାସ୍ତା ନିର୍ମାଣ କରାଗଲା ? ତରବର ଭାବେ ଏହି କାର୍ଯ୍ୟ କାହିଁକି କରୁଛ ? ଏପରି ଭାବେ ଅପାରଗ ଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ ଅଧିକ୍ଷଣ ଯନ୍ତ୍ରୀ। ଏପରି ପ୍ରଶ୍ନବାଣରେ ଚୁପ୍ ରହିଥିଲେ ଯନ୍ତ୍ରୀ ଜଣକ ଓ ତାହାର ଉତ୍ତର ଦେଇପାରିନଥିଲେ ସମ୍ପୃକ୍ତ ଯନ୍ତ୍ରୀ ଠିକ୍ ଯେପରି ତିନିମୁହାଣି ନିକଟରେ ଚାଲିଥିବା ଟଫଓ୍ୱାଲ କାର୍ଯ୍ୟରୁ ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ଉକ୍ତ କାର୍ଯ୍ୟରୁ ତାଙ୍କୁ ହଟାଇ ଦେଇ ଅନ୍ୟ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେହିପରି ଭାବେ ଆଜି ଅଧିକ୍ଷଣ ଯନ୍ତ୍ରୀ ଏହି ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ନଜର ପକାଇବା



ସହିତ ଉକ୍ତ କାର୍ଯ୍ୟରେ ହୋଇଥିବା ତ୍ରୁଟିକୁ ସୁଧାରିବାକୁ ଉପସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଉକ୍ତ ଯନ୍ତ୍ରୀ ଜଣକ ବାରମ୍ବାର ଅପାରଗ ବୋଲି ପ୍ରମାଣିତ ହେଉଛି କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଗୋପ ପଂଚାୟତର ସମିତି ସଭ୍ୟଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଦାସ। ଅପରପକ୍ଷରେ ଯଦି ଉକ୍ତ ବିବାଦୀୟ ଓ ଅପରାଗ ଯନ୍ତ୍ରୀଙ୍କୁ ଏଠାରୁ ବିଦା ନକରାଯାଏ ତେବେ ଆସନ୍ତା ସପ୍ତାହରେ ଆମେ ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ। ସୂଚନାଯୋଗ୍ୟ ଯେ, ଅପାରଗ ଯନ୍ତ୍ରୀଙ୍କୁ କୋଟି କୋଟି ଟଙ୍କାର କାର୍ଯ୍ୟଭାର ଦେଇ ବିଭାଗ ଏବେ ଅପନିନ୍ଦା ମୁଣ୍ଡାଇବାକୁ ବସିଛି। ଉକ୍ତ ଯନ୍ତ୍ରୀଙ୍କ ସହିତ ଅସାଧୁ ଠିକାଦାର ଜଣକ ଏଥିରେ ସାମିଲ ହୋଇ କେନାଲ ଶଯ୍ୟାକୁ ୫ଫୁଟ ଖୋଳି ଉକ୍ତ କେନାଲ ମାଟିରେ ରାସ୍ତା ସଂପ୍ରସାରିତ କରିଛି ଯେଉଁଥିପାଇଁ ଉକ୍ତ ସ୍ଥାନରେ କେନାଲ ସଙ୍କୁଚିତ ହୋଇଛି। ଆଗାମୀ ଦିନରେ କେନାଲ ପାଣି ପ୍ରବାହିତ ହେବା ସମୟରେ ନିଶ୍ଚିତ ଭାବେ ବାଧା ସୃଷ୍ଟି ହେବ ଯାହା ତଳମୁଣ୍ଡରେ ପାଣି ପହଂଚିବା ନେଇ ସଂଶୟ ସୃଷ୍ଟି ହୋଇଛି। ମାତ୍ର ବିଭାଗ ତରଫରୁ ସମ୍ପୃକ୍ତ ଠିକାଦାର ବିରୋଧରେ ଏତଲା ଦେବା ବଦଳରେ ତାକୁ ଚାପି ଦିଆଯାଇଛି। ଏ ନେଇ ନିମାପଡା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଳ କହିଛନ୍ତିଯେ ଖବର ପ୍ରକାଶ ପାଇବା ପରେ ମୁଁ ସରଜମିନ ତଦନ୍ତ କରିଛି ଯାହା କିଛି ତ୍ରୁଟି ମିଳିଛି ତାହାର ନିରାକରଣ ଖୁବ୍‌ଶୀଘ୍ର କରାଯିବ। ଯଦି ସମ୍ପୃକ୍ତ ଯନ୍ତ୍ରୀ ଜଣକ କାର୍ଯ୍ୟ ଆଜି ଠାରୁ ସୂଚାରୁ ରୂପେ ନତୁଲାଇବେ ତେବେ ମୁଁ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

## ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଓ ତ୍ରିରଙ୍ଗା ଶୋଭାଯାତ୍ରା



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଠାରୁ ବସୋଇ ଦେଇ କର୍କିଳି ପୂର୍ତ୍ତ ବିଭାଗ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଓ ଦେଶର ଯବାନଙ୍କ ସାହସ ଓ ବୀରତ୍ୱ ପରାକ୍ରମକୁ ନେଇ ଏକ ବିଶାଳ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବସୋଇ ଠାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ,ବାରିହାପୁର ସରପଞ୍ଚ ସସ୍ମିତା ସାହୁ, ବସୋଇ ସରପଞ୍ଚ ଯୁଗଳେଶ୍ୱର ସାହୁ, ବରିହାପୁର ସମିତିସଭ୍ୟ ବିନୟ କୁମାର ସାହୁ,ବସୋଇ ସମିତିସଭ୍ୟା ବିମଳା ବେହେରା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ଶୁଭ ଦେଇଥିଲେ। ଏହାପରେ ବସୋଇ ଠାରେ ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ସାହୁଙ୍କ ମଞ୍ଚ ସଂଚାଳନରେ ଏକ ସଭାକାର୍ଯ୍ୟ କରାଯାଇ ଗ୍ରାମର ସହିଦ ହୋଇଥିବା ଯବାନ ଅବନୀ କୁମାର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶତାଧିକ ବିଜେପି କର୍ମୀ ବାଇକ ରାଲିରେ ଶୋଭାଯାତ୍ରା କରି ମୁକ୍ତାପସୀ ଓ ବରିହାପୁର ହୋଇ ପରଜଙ୍ଗ ଅଭିମୁଖେ ୫୩ନଂ ଜାତୀୟ ରାଜପଥ ରେ ଯାଇ ପରଜଙ୍ଗ ବଜାର ସ୍ଥିତ ସହିଦ ସ୍ୱାଧୀନତା ସଂଗ୍ରାମୀ ମହେଶଚନ୍ଦ୍ର ସୁବାହୁ ସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରଜଙ୍ଗର ତିନି ଜୋନର ବିଜେପି ମଣ୍ଡଳ ସଭାପତିଙ୍କ ସମେତ ଦଳର ପ୍ରାକ୍ତନ ଓ ବର୍ତ୍ତମାନ ର ପଦପଦବୀଧାରୀ, ବରିଷ୍ଠ ଓ ଯୁବ ଛାମୁଆ କାର୍ଯ୍ୟକର୍ତ୍ତା, ମହିଳା ମିଶନ ଶକ୍ତି ମାନେ ସାମିଲ ହୋଇଥିଲେ।

## ଗଛରୁ ପଡି ଯୁବକ ମୃତ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଣେ ପଣସ ବ୍ୟବସାୟୀ ଗଛକୁ ଚଢି ପଣସ ତୋଳୁଥିବା ବେଳେ ଗଛରୁ ପଡି ମୃତ୍ୟୁ ବରଣ କରିଛନ୍ତି। ଘଟଣାରୁ ପ୍ରକାଶ ଜଳେଶ୍ୱର ମ୍ୟୁନିସିପାଲଟିର ୧୪ନଂ ଓ୍ୱାର୍ଡ ଚୁଡାମଣିପୁର ଗାଁର ଶିବନାରାୟଣ ଦତ୍ତଙ୍କ ଏକମାତ୍ର ପୁତ୍ର ଅଶୋକ ଦତ୍ତ (ବାବୁ)(୪୩) ବିଭିନ୍ନ ସ୍ଥାନରୁ ପଣସ ଆଣି ଜଳେଶ୍ୱର ମାର୍କେଟରେ ବିକ୍ରି କରିଥାନ୍ତି। ସେ ପ୍ରତିଦିନ ବିଭିନ୍ନ ଗାଁରୁ ଆମ୍ବ, ପଣସ ସଂଗ୍ରହ କରି ସେ ସବୁକୁ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ଆଜି ସକାଳ ୮ଟା ସମୟରେ ନୂଆବଜାର ଡା. ମୁରଲୀ ଦାସଙ୍କ ବାଡିରେ ଥିବା ପଣସ ଗଛରୁ ପଣସ ନେବାଲାଗି ଗଛରେ ଚଢିଥିଲେ। ମାତ୍ର ଉଚ୍ଚ ଗଛରୁ ସେ ଖସିପଡିବାରୁ ତଳେପଡି ସଂଜ୍ଞାହୀନ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିକେଭଟ୍ଟର ହସ୍ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଭଦ୍ରକ ନିକଟରେ ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ମରଶରୀର ଭଦ୍ରକ ହସ୍ପିଟାଲ ନିଆଯାଇ ଶବ ବ୍ୟବଚ୍ଛେଦ ହୋଇଥିବା ପରିବାର ସୂତ୍ରରୁ ଜଣାଯାଇଛି। ତାର ୨ ନାବାଳିକ ପୁତ୍ର ଓ ବିଧବା ପତ୍ନୀଙ୍କୁ ସରକାରୀ ସହାୟତା ଯୋଗାଇବାକୁ କାଉନ୍‌ସିଲର ସତ୍ୟବତୀ ଗିରି, ଦିଲ୍ଲିପ ଗିରି, ବରେନ୍ଦ୍ର ପରିଡା, ଭବେଶ ସାମଲ, ଆଦିତ୍ୟ ଦତ୍ତ ପ୍ରମୁଖ ଦାବି କରିଛନ୍ତି।

## କାର୍ଯ୍ୟରତ ଓଡ଼ିଆ ବିଏସ୍‌ଏଫ୍ ଯବାନ ସହିଦ

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଆଳି (ଭାସ୍କର ନ୍ୟୁଜ) ଆଳି ଥାନା ଅନ୍ତର୍ଗତ ଦେମାଳ ପଞ୍ଚାୟତ ଦେମାଳ ଗ୍ରାମର ଜଣେ କାର୍ଯ୍ୟରତ ଓଡ଼ିଆ ଯବାନ ସହିଦ ହୋଇଛନ୍ତି। ସୂଚନା ସୂତ୍ରରୁ ପ୍ରକାଶ ଆଳି ଥାନା ଦେମାଳ ଗ୍ରାମ ର ରାଜକିଶୋର ମହାଳିକ (୫୨) ଭାରତୀୟ ସୀମା ସୁରକ୍ଷା ବଳ (ବିଏସଏଫ) ରେ କଲିକତା ଠାରେ କାର୍ଯ୍ୟରତ ଯବାନ ଭାବେ କାର୍ଯ୍ୟ କରି ଆସୁଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ଖବର ଆଳି ଅଞ୍ଚଳରେ ପ୍ରଘଟ ହେବା ପରେ ଶୋକର ଛାୟା ଖେଳିଯାଇଥିଲା। ଆଜି ପୂର୍ବାହ୍ନ ୧୧ ଘଟିକା ସମୟ ରେ ତାଙ୍କ ମରଶରୀର ତାଙ୍କ ଭିଟାମାଟି ଆଳିରେ ପହଞ୍ଚିବା ପରେ ତାଙ୍କ ମରଶରୀରକୁ ସସମ୍ମାନେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଭାରତୀୟ ସୀମା ସୁରକ୍ଷା



ବଳ ରୁ ଆସିଥିବା ଟିମ ତାଙ୍କୁ ଗାର୍ଡ ଅଫ ଅନର ଦେଇଥିଲେ। ପରେ ପରେ ତାଙ୍କ ଏକମାତ୍ର ପୁଅ ଅବିନାଶ ମହାଳିକ ତାଙ୍କୁ ମୁଖାଗ୍ନି ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ରାଜକିଶୋରଙ୍କ ଶେଷ ଯାତ୍ରାରେ ଶତାଧିକ ଲୋକେ ଉପସ୍ଥିତ ଥିଲେ ତାଙ୍କ ଦେହାନ୍ତରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଜେପି ବିଧାୟକ ପାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସ ବିଧାୟିକା ପ୍ରାର୍ଥୀ ଦେବସ୍ମିତା ଶର୍ମା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପାଦକ୍ଷ ଭୀଷ୍ମ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ। ଶବ ଶୋଭାଯାତ୍ରା ରେ ଆଳି ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସାଲାମୀ ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବାଦିପାଲା ମହୋତ୍ସବ ଉଦ୍‌ଯାପିତ



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ ନାସିକେଶ୍ୱର ଗ୍ରାମ ପଞ୍ଚାୟତ ନିକଟସ୍ଥ ବଙ୍କୁରୀ ଗ୍ରାମର ମା ' ନାରାୟଣୀ ପାଲା ଅନୁଷ୍ଠାନର ପଞ୍ଚ ଦିବସୀୟ ବାଦିପାଲା ମହୋତ୍ସବ ଉଦଯାପିତ ହୋଇଯାଇଛି। ଆୟୋଜିତ ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ବୁଦ୍ଧେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପାଲା ଗାୟକ ପରିଷଦର ନିର୍ଦ୍ଦେଶକ ଅମୀୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ, ଅଧ୍ୟାପକ ମନୋଜ କୁମାର ସାହୁ ମୁଖ୍ୟବକ୍ତା, ନିଖିଳୋତ୍କଳ ଶାକଦ୍ୱୀପ ବ୍ରାହ୍ମଣ ସଙ୍ଘର ସଂଗଠନ ସମ୍ପାଦକ ଜ୍ୟୋତିରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ଆଚାର୍ଯ୍ୟ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ' ପାଲା ମଞ୍ଚ ବଞ୍ଚିଲେ ସଂସ୍କୃତି ବଞ୍ଚିବ' ବୋଲି ବକ୍ତବ୍ୟ ଦେଇଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଦାଶ, ଆଇନଜୀବି ହରେକୃଷ୍ଣ ସ୍ୱାଇଁ ମୁଖ୍ୟ ବକ୍ତା, ଡେପୁଟି ମ୍ୟାନେଜର ନାଲକୋ ବିଜୟକୁମାର ମଳିକ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମଳିକ, ସମାଜସେବୀ ସୂର୍ଯ୍ୟକାନ୍ତ ଦଳାଇ, ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍କଳର ପାଲା ଗାୟକମାନଙ୍କୁ ସାହିତ୍ୟ ଓ ସଂସ୍କୃତିର ରକ୍ଷକ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଖଣ୍ଡ ପୁରୀଜିଲ୍ଲାର ସାଂସ୍କୃତିକ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଇତ୍ୟବସରରେ ଗାୟକ ବ୍ୟାସ ଲକ୍ଷ୍ମୀଧର ଓ ଗାୟକ ବାଚସ୍ପତି ବନବିହାରୀ ଗୃହାଚାର୍ଯ୍ୟ ଏବଂ ସାଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ କମିଟି ର ସମ୍ପାଦକ କୈଳାଶ ଚନ୍ଦ୍ର ମଳିକ, ଶରତ ଚନ୍ଦ୍ର ଖଟୋଇ, ଅଲେଖ ସାହୁ, ପ୍ରଭାକର ବାରିକ, ବିଜୟ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଦୁଃଶାସନ ମହାରଣା,ଝାଟୁ ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ, କୁଳମଣି ବିଶ୍ୱାଳ, ଧୋବେଇ ନାୟକ ପ୍ରମୁଖ ସଭ୍ୟ ମାନେ ଯୋଗଦେଇ ଉତ୍ସବ କୁ ପରିଚାଳନା କରିଥିଲେ। ସର୍ବଶେଷରେ ଗ୍ରାମ୍ୟକମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗ୍ରାମବାସୀ ଓ ଦୁଇ ପାଲାକାର ସହକର୍ମୀ ମାନଙ୍କୁ ସାଧୁବାଦ ଦେଇଥିଲେ। ସମ୍ପାଦକ ଶ୍ରୀ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୭ ଏସ୍‌ଏଚ୍‌ଜିଙ୍କୁ ଋଣ ବଣ୍ଟନ



ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ସଂସ୍କୃତି ଭବନ ଠାରେ ଉଦ୍ୟୋଗୀ ହେବା ପାଇଁ ଏସଏଚଜି ମାନଙ୍କୁ ଋଣ ବଂଟନ ଲାଗି ଏକ ମେଗା ଶିବିର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ଛତ୍ରପୁର ଓ ପିତଳ ଶାଖା ପକ୍ଷରୁ ୪୭ ଟି ଏସଏଚଜି ଗ୍ରୁପକୁ ୩ କୋଟି ଟଙ୍କାର ଋଣ ବଂଟନ କରାଯାଇଛି। ଏଥିସହ ବ୍ରହ୍ମପୁର ଖଲିକୋଟ କଲେଜ ଶାଖା ପକ୍ଷରୁ ମଧ ଜଣେ ମହିଳା ଉଦ୍ୟୋଗୀଙ୍କୁ ଗୋପାଳପୁର ଠାରେ ହୋଟେଲ ଶିଳ୍ପ ପ୍ରତିଷ୍ଠା ପାଇଁ ୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏସଏଚଜି ସଦସ୍ୟାଙ୍କୁ ଲକ୍ଷପତି ଦିଦି କରିବା ଲକ୍ଷ୍ୟ ନେଇ ଏହି ବ୍ୟବସ୍ଥା ସରକାରଙ୍କ ଆନୁକୁଲ୍ୟ ରେ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କର ଆଂଚଳିକ ମୁଖ୍ୟ ପଙ୍କଜ କୁମାର ଏହି ଋଣ ବଂଟନ କରିଥିଲେ।

## ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଦୀର୍ଘ ୪୦ ବର୍ଷ ଧରି କାମ କରୁଥିବା ସଦସ୍ୟା କମଳା ଶତପଥିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।



ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଗୁରୁମା ଡ଼ଃ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମହେଶ୍ୱର ବଳ, ରାମଚନ୍ଦ୍ର ସାମଲ, ଇଶ୍ୱର ଚନ୍ଦ୍ର ଦାସ, ଅଭିଯାନ ପ୍ରତିଷ୍ଠାତା ମଧୁସୁଦନ ଦାସ, ଶିକ୍ଷାବିତ୍ ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇ କମଳା ଶତପଥିଙ୍କର ଉତ୍ସର୍ଗିକୃତ ଜୀବନର ତ୍ୟାଗ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। କରୁଣାକର ରଣା, ସମାଜବିଜ୍ଞାନୀ ନିରାକାର ଭାଇ, ଆଇନଜୀବୀ ବିଜୟ କୁମାର, ବ୍ରହ୍ମପୁରରୁ ଦେବୀପଦ, କରୁଣାକର ପ୍ରଧାନ, ଭବାନୀ ପାଟଣାରୁ ତୁଳସୀରାମ ଜଗତ, ଅକ୍ଷୟ ମହାନ୍ତି, ସାଧୁସାଧନ, ନିଗମାନନ୍ଦ, ଇଂ.ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଡ଼ଃ.ବନଲତା ଦେବୀ, ମମତା ଗୁରୁମା, କେଦାର ଗୁରୁମା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'କମଳା ମା' ଉନ୍ମୋଚନ ହେବା ସହ ତାଙ୍କ ସ୍ମୃତିକୁ ଉଜ୍ଜୀବୀତ କରିବା ପାଇଁ କମଳା ରୋଷଶାଳା ନାମରେ ଏକ ରୋଷଶାଳା ଉଦ୍‌ଘାଟନ କରାଯାଇଥିଲା। ମିନତୀ ଦେବୀ, ବରଦା ଗୁରୁମା, ମନୋରମା ଦେବୀ, ଗିତାଞ୍ଜଳି ସ୍ୱାଇଁ, ଉର୍ମିଳା ଗୁରୁମା ପ୍ରମୁଖ କମଳା ଶତପଥିଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଚୋରାମାଟି ଓ ଚୋରା ମୋରମରେ ଚାଲିଛି ହରିଦାସପୁର-ଧାନମଣ୍ଡଳ ଲୁପ ରେଳଲାଇନ କାର୍ଯ୍ୟ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲ୍ଲାର ହରିଦାସପୁର ଠାରୁ ଧାନମଣ୍ଡଳ ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ଲୁପ ଲାଇନ କାର୍ଯ୍ୟରେ ବ୍ୟାପକଭାବେ ଚୋରାମାଟି ଓ ଚୋରା ମୋରମ ବ୍ୟବହାର ହେଉଥିବା ଦେଖାଯାଇଛି। ଯେକୌଣସି ସରକାରୀ ନିର୍ମାଣ କାର୍ଯ୍ୟରେ ବିନା ଟ୍ରାଞ୍ଜିଟ ପାସରେ (ଟିପିରେ) ମାଟି ଓ ମୋରମ ପରି ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାରକୁ ବାରଣ କରାଯାଇଥିଲା ବେଳେ ଏଠାରେ ଚାଲିଥିବା ରେଲଲାଇନ ନିର୍ମାଣରେ ଦୈନିକ ଶହଶହ ଟ୍ରିପ ଚୋରା ମାଟି ଓ ମୋରମ ବ୍ୟବହାର ହେଉଥିବା ଅଭିଯୋଗ



ହୋଇଛି। କେତେକ ମାଫିଆ ପ୍ରତ୍ୟେହ ରାତିରେ ସରକାରୀ ଆନାବାଦୀ, ଗୋଚର ଓ ଜଙ୍ଗଲ କିସମ ଜମିରୁ ବଡବଡ ମେସିନ ଲଗାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ମାଟି ଓ ମୋରମ ଖନନକରି ଶତାଧିକ ହାଇୱା ଟ୍ରକଯୋଗେ ନିର୍ମାଣଧିନ ରେଳଲାଇନ କାର୍ଯ୍ୟକୁ ପରିବହନ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ ରେଳବାଇ ଅଧିକାରୀ କୌଣସି ଯାଞ୍ଚ ନକରି ଏହି ଚୋରା ମୋରମ ଓ ମାଟିକୁ ନିର୍ମାଣ କାର୍ଯ୍ୟରେ ଲଗାଉଥିବା ଦେଖାଯାଉଛି। ଏହି ଲଘୁଖଣିଜ ଚୋରି ଯୋଗୁ ରାଜ୍ୟ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିଲା ବେଳେ ମାଫିଆମାନେ ମାଲାମାଲ ହେଉଥିବା ଅନୁସଂଧାନରୁ ଜଣାପଡିଛି। ଗୋଟିଏ ଟ୍ରକ ମାଟି ଓ ମୋରମକୁ ମାଫିଆମାନେ ୫ରୁ୭ ହଜାର ଟଙ୍କାରେ ବିକ୍ରି କରୁଥିବା ବେଳେ ଦିନକୁ ଦୁଇରୁ ତିନିଶହ ଟ୍ରିପ ରେଳଲାଇନ ନିର୍ମାଣ କାମକୁ ଚାଲାଣ କରୁଛନ୍ତି। ଏହି ହିସାବରେ ସରକାର ଦୈନିକ ଦୁଇରୁ ଅଢେଇ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ଆକଳନ କରାଯାଉଛି। ଦୀର୍ଘଦିନ ହେବ ଖୋଲାମେଲାରେ ଏହି ଚୋରା କାରବାର ଚାଲିଥିଲା ବେଳେ ଦୁଇଜଣ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ ତାଙ୍କ ଦ୍ୱାରା ନିଯୁକ୍ତ ଚୋରମାନେ ଏହ କାର୍ଯ୍ୟ କରୁଥିବା ଆଲୋଚନା ହେଉଛି। ଧର୍ମଶାଳା ତହସିଲ ଅଞ୍ଚଳର ପାଖର,ମାଣ୍ଡିଆ ଓ ଖୋସାଲିପୁର ନିକଟସ୍ଥ କେତେକ ନିଷିଦ୍ଧ ସ୍ଥାନରୁ ଏହି ମାଟି ଓ ମୋରମ ରାତି ଅଧରେ ଖୋଳାଯାଇ ଟ୍ରକ ଯୋଗେ ବଡଚଣା ଥାନା ତଥା ଧାନମଣ୍ଡଳ ଫାଣ୍ଡି ଅଧିନରେ ଚାଲିଥିବା ଉକ୍ତ ରେଳ ଲୁପଲାଇନର ନିର୍ମାଣ ସ୍ଥାନକୁ ଚୋରା ଚାଲାଣ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଏହି ଲୁଟପାଟ ବନ୍ଦକରିବାକୁ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ), ଧର୍ମଶାଳା ଓ ଦର୍ପଣ ତହସିଲଦାରଙ୍କ ସହ ବଡଚଣା ଓ ଧର୍ମଶାଳା ଥାନା ପୋଲିସ ନିକଟରେ ବାରମ୍ବାର ଫେରାଦ ହେଉଥିଲେ ମଧ ସବୁ ଜାଣି ସବୁ ଦେଖି ସଂପୃକ୍ତ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଏହି ଚୋରା କାରବାର ଯୋଗୁ ବ୍ୟାପକ ସରକାରୀ ରାଜସ୍ୱ ଆତ୍ମସାତ ହେବା ସହିତ ପରିବେଶ ଧ୍ୱଂସ ହେଉଥିଲେ ମଧ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ କାହିଁକି ନିଦା ବିଷ୍ଣୁ ସାଜିଛନ୍ତି ତାହା ସାଧାରଣରେ ପ୍ରଶ୍ନ ହୋଇଛି।

## ବଡ ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ଆତଙ୍କ

### ପରୀକ୍ଷା ଲାଗି ପଠାଗଲା ୨୨ ପୀଡ଼ିତଙ୍କ ରକ୍ତ ନମୂନା

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଆର୍ଯ୍ୟପଲୀ ପଂଚାୟତ ଅଧିନ ବଡ ଆର୍ଯ୍ୟପଲୀ ଗାଁରେ ଡେଙ୍ଗୁ ଆତଙ୍କ ଲାଗିଛି। ବୁଧବାର ଉକ୍ତ ଗାଁରେ ଏକ ମେଡିକାଲ ଟିମ ପଂହଚି ଘରକୁ ଘର ଯାଇ ଜ୍ୱରରେ ପୀଡ଼ିତଙ୍କ ରକ୍ତର ନମୁନା ସଂଗ୍ରହ କରିଥିଲେ। ଗାଁର ୩୨ ଜଣ ଜ୍ୱରରେ ପୀଡ଼ିତଙ୍କ ରକ୍ତର ନମୁନା ସଂଗ୍ରହ କରାଯାଇଥିଲା ଏବଂ ସେଥିରୁ ୨୨ ଜଣଙ୍କ ରକ୍ତର ନମୁନା ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଥିବା ମୁନସି ପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧିନ ରଥ ସୂଚନା ଦେଇଛନ୍ତି। ଏଥିସହ ଗାଁରେ ଏକ ଡେଙ୍ଗୁ ବିଶେଷଜ୍ଞ ଓ ସାଇଣ୍ଟିଫିକ୍ ଟିମ୍ ପଂହଚି ପାଣି ଜମିଥିବା ସ୍ଥାନ ମାନଙ୍କୁ ବୁଲି ମଶା ଓ ଲାର୍ଭା ର ଯାଂଚ କରି ଅନୁଧ୍ୟାନ କରିଥିଲେ। ଏଥିସହ ଲାଭାର ଯାଂଚ ପାଇଁ ନମୂନା ସଂଗ୍ରହ କରି ଲ୍ୟାବକୁ ପଠାଯାଇଛି। ଅଙ୍ଗନଓ୍ୱାଡି କର୍ମୀ ଓ ଆଶାକର୍ମୀ ମାନେ ମଧ ଗାଁରେ ଥିବା ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ତାଲିକା ସଂଗ୍ରହ ସହ ଆକ୍‌ସେପ୍ଟ ସମ୍ବନ୍ଧୀୟ ସଚେତନତା ପ୍ରଚାରପତ୍ର ବଂଟନ କରିଥିଲେ। ଗାଁର ବିଭିନ୍ନ ଛକରେ ଡେଙ୍ଗୁ ସମ୍ବନ୍ଧୀୟ ସଚେତନତା ପୋଷ୍ଟର ମରାଯାଇଥିଲା। ଡେଙ୍ଗୁରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଡେଙ୍ଗୁ ପଜିଟିଭ ହୋଇଛନ୍ତି। ଗଂଜାମ ଜିଲାରେ କେହି ବି ଜଣେ ଡେଙ୍ଗୁ ପଜିଟିଭ ନଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

## ୩୨ ଦୁଗ୍ଧ ଚାଷୀଙ୍କୁ ଗାଈ ବଣ୍ଟନ କଲେ ମନ୍ତ୍ରୀ

କରଞ୍ଜିଆ(ଭାସ୍କର ନ୍ୟୁଜ): ଦେଶର ମହାମହିମ ରାଷ୍ଟ୍ରପତି ଭାବେ ମୟୂରଭଞ୍ଜ ଜିଲ୍ଲାର ଝିଅ ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ କରିବାପରେ ମୟୂରଭଞ୍ଜ ଜିଲ୍ଲାର ଦୁଗ୍ଧ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଦେଶ ଭିତରେ ପ୍ରଥମେ ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆନୁକୂଲ୍ୟରେ ଉନ୍ନତ କିସମର ଗାଈ ବଣ୍ଟନ କରାଯାଉଛି।ମଙ୍ଗଳବାର ଦିନ ଦ୍ୱିତୀୟ ପର୍ଯ୍ୟାୟର ବଣ୍ଟନ କାର୍ଯ୍ୟକ୍ରମ କରଞ୍ଜିଆ ବ୍ଲକ କୁରୁଳିଆ ଠାରେ ଥିବା ପ୍ରତିପାଳନ ପଡ଼ିଆ ଠାରେ ଅନୁଷ୍ଠିତ ହେଇଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ,ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବୀମା ବିଭାଗ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦାନ କରିଥିଲେ। ପ୍ରଥମେ ମନ୍ତ୍ରୀଙ୍କ ଦ୍ୱାରା ଗୋ ମାତା ମାନଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆଞ୍ଚଳିକ ମୁଖ୍ୟ (ଦକ୍ଷିଣ) ଡ ହରିଶଙ୍କର ଓ ରାଜ୍ୟ ମୁଖ୍ୟ ଡ ଶ୍ୟାମସୁନ୍ଦର ତ୍ରିପାଠୀ,ଗୋକୁଳ ମିଶନ ଯୋଜନା ସଂଯୋଜକ ଡ ଲିଙ୍ଗରାଜ ମହାନ୍ତ ଓ ଡ କୃଷ୍ଣଚନ୍ଦ୍ର ଟୁଡୁ, ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଜିଲ୍ଲା ସଂଯୋଜକ ପ୍ରକାଶ ଦେବତା,ବଳା ପଞ୍ଚାୟତ ସରପଞ୍ଚ ସ୍ମିତା ନାଏକ,ସାଂସଦ ପ୍ରତିନିଧି ଆଶିଷ ରଂଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଆଜି ଉପଖଣ୍ଡର ୩୨ ଜଣ ଦୁଗ୍ଧ ଚାଷୀଙ୍କୁ ଗୁଜୁରାଟର ଆନନ୍ଦ ସହରରୁ ଆସିଥିବା ଉନ୍ନତ କିସମର ଗାଈ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଚାଷୀମାନଙ୍କୁ ଏହି ଗୋମାତା ମାନଙ୍କ ଉପଯୁକ୍ତ ଭାବେ ଲାଳନ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ



ଯେ ଏହି ଯୋଜନାରେ ଉପଖଣ୍ଡରେ ୫୦୦ ଜଣ ଦୁଗ୍ଧ ଚାଷୀଙ୍କୁ ଗୁଜୁରାଟର ଆନନ୍ଦ ସହରରୁ ଆସିଥିବା ଉନ୍ନତ ପ୍ରଜାତୀର ଗିର ଓ ସାଇଓ୍ୱନ ଗାଈ ବଣ୍ଟନ କରାଯିବ। କରଞ୍ଜିଆ ବ୍ଲକ ପାଇଁ ୧୫୦, ଠାକୁରମୁଣ୍ଡା ବ୍ଲକ ପାଇଁ ୧୦୦, ଯଶିପୁର ବ୍ଲକ ପାଇଁ ୧୦୦, ରରୁଆଁ ବ୍ଲକ ପାଇଁ ୧୦୦ ଓ ଶୁକୁଳି ବ୍ଲକ ପାଇଁ ୫୦ ଜଣ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଗାଈ ପାଇବେ। ପ୍ରଥମ ପର୍ଯ୍ୟାୟରେ ୨୫ ଗୋଟି ଗାଈ ବଣ୍ଟନ କରାଯାଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୨ ଗୋଟି ଗାଈ ବଣ୍ଟନ କରାଯାଇଛି।

## ୩୫ ଲିଟର ଦେଶୀ ମଦ ଜବତ

### ଅଭିଯୁକ୍ତ ଗିରଫ

ବୋଲଗଡ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଓ ବେଗୁନିଆ ଅବକାରୀ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ୩୫ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ହୋଇଛି। ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା



ମାରାଣ୍ଡିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ମାନେ ହେଲେ ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମର ଅନନ୍ତ କୁମାର ନାୟକ ଓ ବେଗୁନିଆର ଲଳିତା ସାହୁ।



# ଆମ କଳାହାଣ୍ଡି




## ଖାଉଟି ଅଦାଲତରେ ଏସ୍‌ବିଆଇ ଦଣ୍ଡିତ
# ଗ୍ରାହକଙ୍କୁ ୨୫ ହଜାର ଟଙ୍କା କ୍ଷତିପୂରଣ ଗଣିବ ବ୍ୟାଙ୍କ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଥିବା ବିଭିନ୍ନ ବ୍ୟାଙ୍କ ଗୁଡିକରେ ଅନେକ ସମୟରେ କିଛି ଅସାମାଜିକ ଲୋକ ମିଛ ଗ୍ରାହକ ସାଜି ଟଙ୍କା ଲୁଟିବା, ଟଙ୍କା ଉଠାଣ ଚେକ୍‌ରେ ନକଲି ଦସ୍ତଖତ କରି ଟଙ୍କା ଉଠାଇବା ତଥା ଏଟିଏମ୍‌ରୁ ଅସାଧୁ ଉପାୟରେ ଟଙ୍କା ଲୁଟ୍ କରି ଆଇନ ଅନୁସାରେ ଦଣ୍ଡ ପାଉଥିବା ବେଳେ ସଂପ୍ରତି ଜଣେ ଗ୍ରାହକଙ୍କ ଜମା ଖାତାକୁ ଜବରଦସ୍ତ ଅସ୍ଥାୟୀ ଭାବେ ବନ୍ଦ କରିଦେଇ ଥିବା ଅଭିଯୋଗରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜିଲ୍ଲା ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଭବାନୀପାଟଣାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖାରେ ଭବାନୀପାଟଣା ସହରର ଦେଓ୍ୱାନ୍ ସାହେବ ପଡାର ସ୍ୱର୍ଗତ ଜଳେଶ୍ୱର ଧଙ୍ଗଡାମାଝୀଙ୍କ ସ୍ତ୍ରୀ ରିତାଞ୍ଜଳି ଧଙ୍ଗଡାମାଝୀଙ୍କର ଏକ ସଞ୍ଚୟ ଜମାଖାତା ରହିଛି। ତାଙ୍କ ସ୍ୱାମୀଙ୍କ ଋଣକୁ କେନ୍ଦ୍ର କରି ଏସ୍‌ବିଆଇ କର୍ତ୍ତୃପକ୍ଷ ରିତାଞ୍ଜଳିଙ୍କ ଜମାଖାତାକୁ ଅସ୍ଥାୟୀ ଭାବେ ବନ୍ଦ କରି ରଖିଥିଲେ। ବ୍ୟାଙ୍କର ଏହି କଟକଣା ଯୋଗୁଁ ରିତାଞ୍ଜଳି ସେହି ଜମା ଖାତାରୁ ଜମା ହେଉଥିବା ପେନସନ୍ ଟଙ୍କା ଉଠାଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ସେ କଳାହାଣ୍ଡି ଜିଲ୍ଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇ ବ୍ୟାଙ୍କ ନାମରେ ଅଭିଯୋଗ କରିଥିଲେ। ଜିଲ୍ଲା ଖାଉଟି ଅଦାଲତ ଉକ୍ତ ଜମାଖାତା ଉପରୁ ସ୍ଥଗିତାଦେଶ ଉଠାଇ ଏକାଉଣ୍ଟକୁ ନିୟମିତ କରିବା ପାଇଁ ଏସ୍‌ବିଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ରିତାଞ୍ଜଳିଙ୍କୁ ବ୍ୟାଙ୍କ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ଷତିପୂରଣ ରାଶି ୪୫ ଦିନ ମଧ୍ୟରେ ନ ଦେଲେ ଦୈନିକ ୨୦୦ ଟଙ୍କା ଲେଖାଏଁ କ୍ଷତି ପୂରଣ ଦେବାପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ମାମଲାକୁ ଜିଲ୍ଲା ଖାଉଟି ଅଦାଲତର ସଭାପତି ଅଶ୍ୱିନୀ ପାତ୍ର ଓ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ମିଶ୍ର ଶୁଣାଣି କରିଥିଲେ।

# କେହି ଶୁଣିଲେଣି, ନିଜ ଉଦ୍ୟମରେ କଲେ ରାସ୍ତା ମରାମତି

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଦରଖାସ୍ତ ଉପରେ ଦରଖାସ୍ତ। ଅଭିଯୋଗ ଉପରେ ଅଭିଯୋଗ। ହେଲେ ଶୁଣିଲେନି ପ୍ରଶାସନ କିମ୍ବା ନେତା। ନିରାଶ ହୋଇ ଭାଙ୍ଗି ପଡିଥିଲେ ଅଞ୍ଚଳବାସୀ। ହେଲେ ଜଣେ ସମାଜସେବୀ ଯୁବକଙ୍କ ଦୃଢ ମନୋବଳ ଯୋଗୁଁ ସମସ୍ୟା ସମାଧାନ ହୋଇପାରିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ନନ୍ଦ ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା। ବ୍ଲକର ନନ୍ଦଗାଁ ପଞ୍ଚାୟତର ମାଲପଡା ଗାଁର ଯୁବକ ଭବାନୀଶଙ୍କର ବଣିଆ ପଣ୍ଡରା ମାଳି ଯୁବବାହିନୀ ସଭାପତି ନିଜ ଅର୍ଥରୁ ରାସ୍ତା ମରାମତି କରି ଏବେ ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ନନ୍ଦଗାଁ ପଞ୍ଚାୟତ ମଝେନପଦର ଗାଁ ଠାରୁ ମଣ୍ଡି ଦେଇ ଭାଲୁଡୋବା ରାସ୍ତା ଯାଇଛି। ଏହି ରାସ୍ତାରେ ତିନୋଟି ଗାଁର ଲୋକେ ଯାତାୟାତ



କରିଥାଆନ୍ତି। ମୁଖ୍ୟତଃ ଏହି ରାସ୍ତା ଉପରେ ପ୍ରାୟ ୧୦୪୦ ଜଣ ଚାଷୀ ନିର୍ଭରଶୀଳ। ଧାନ ମଣ୍ଡିକୁ ଯିବାକୁ ହେଲେ ଏକ ମାତ୍ର ଭରସା ପାଲଟିଛି ଏହି ରାସ୍ତା। ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଶୋଚନୀୟ ହୋଇପଡିଛି ରାସ୍ତାର ଅବସ୍ଥା। ପୂର୍ବ ସରକାର ସମୟରେ ରାସ୍ତାର ନିର୍ମାଣ ହୋଇଥିଲା। ଦୀର୍ଘ ଦିନ ପରେ ରାସ୍ତାଟି ଏବେ ବିପଦ ସୃଷ୍ଟି କରୁଛି। ସହଜେ ମଣିଷ ଚାଲିବାକୁ ବି ସାହସ ଜୁଟାଇ ପାରୁନାହାନ୍ତି।ଯାନବାହନ କଥା ଛାଡ ବୋଲି ଲୋକେ କ୍ଷୁବ୍ଧ ସହ ପ୍ରକାଶ କରନ୍ତି। ଦୀର୍ଘ ଦିନ ଧରି ମରଣ ଜନ୍ତା ପାଲଟିଥିବା ରାସ୍ତା ମରାମତି କୁ ନେଇ ଅଞ୍ଚଳ ବାସୀ ପ୍ରଶାସନ ଓ ନେତା ମନ୍ତ୍ରୀ ଙ୍କୁ କହି କହି ଥକି ଗଲେଣି ବୋଲି ଅନେକ ଲୋକ କହନ୍ତି କ୍ଷ ଅଫିସର ନେତା ମନ୍ତ୍ରୀ ଗ୍ରାମବାସୀ ଙ୍କ କଥା ନଶୁଣିବାରୁ ଭାଙ୍ଗିପଡିଥିଲେ ଲୋକେ।ଠିକ ଏତିକି ବେଳ କୁ ଅଞ୍ଚଳ ସମାଜ ସେବୀ ଯୁବନେତା ଭବାନୀ ଶଙ୍କର ସହାୟତା ର ହାତ ବଢ଼େଇ ଥିଲେ।ନିଜ ହାତ ଖର୍ଚ୍ଚରେ ରାସ୍ତା ମରାମତି କରି ଏବେ ଉଦାହରଣ ପାଲଟିଛନ୍ତି।ତାଙ୍କ ଏହି ମହାନତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରସଂସା ସୁଅ ଛୁଟୁଥିବା ଜଣାପଡେ।ବର୍ତ୍ତମାନ ରାସ୍ତା ମରାମତି ହେବା ଫଳରେ ସାଧାରଣ ଭାବେ ଲୋକେ ଯାତାୟାତ କରୁଥିବା ଜଣାପଡେ।ଏପରିକି ଏହି ରାସ୍ତା ଦେଇ ସ୍ଥାନୀୟ ଚାଷୀ ମାନେ ସ୍ୱାଭାବିକ ଭାବେ ମଣ୍ଡି କୁ ଧାନ କ୍ରୟ କରିବାକୁ ଆଣୁଥିବା ଦେଖିବାକୁ ମିଳେ।ଏଭଳି ମହାନତା କାମ କରିଥିବା ଶ୍ରୀ ବଣିଆ ଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଦେବା ସହ ଧନ୍ୟବାଦ ଜଣାଇଛନ୍ତି।

# ତୁଳେଶ୍ୱର ହେଲେ ପିସିସି ସମ୍ପାଦକ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କିଛି ଦିନ ତଳେ ରାଜ୍ୟ କଂଗ୍ରେସ କମିଟି ଗଠନ ହୋଇଥିବା ବେଳେ ଗୋଲାମୁଣ୍ଡା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଯାହାକୁ ନେଇ ଜିଲ୍ଲା କଂଗ୍ରେସ ମହଲରେ ଖୁସିର ଲହରୀ ଦେଖା ଦେଇଛି। ଇତି ପୂର୍ବରୁ ଶ୍ରୀ ନାଏକ ରାଜନୀତି କ୍ଷେତ୍ରରେ ୨୦୦୨ମସିହାରେ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ରାଜନୀତି ରେ ପାଦ ଥାପି ଥିଲେ। ପରେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବ୍ଲକ ଅଧକ୍ଷ ଭାବରେ ରହିଥିଲେ। ଇତି ପୂର୍ବରୁ କଳାହାଣ୍ଡି ଲୋକ ସଭା ଯୁବ କଂଗ୍ରେସ ସଭାପତି, ଜିଲ୍ଲା କିସାନ କଂଗ୍ରେସ କମିଟିର ସଭାପତି ଦାୟିତ୍ୱରେ କାର୍ଯ୍ୟ ତୁଲାଇ ଆସୁଥିଲେ। ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବରେ ମନୋନୀତ କରି ଚାରୋଟି ଜିଲ୍ଲାରେ କଂଗ୍ରେସକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ପାଇଁ ଦାୟିତ୍ୱ ଅର୍ପଣ କରିଛନ୍ତି। ଗଞ୍ଜାମ ଇଷ୍ଟ, ଗଞ୍ଜାମ ଓ୍ୱେଷ୍ଟ, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାର କଂଗ୍ରେସକୁ ସୁଦୃଢ କରିବା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁ ଆସ୍ଥା ପ୍ରକଟ କରି ସଂଗଠନକୁ ସୁଦୃଢ କରିବା ପାଇଁ ପ୍ରଭାରୀ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଓ ଚାରିଟି ଜିଲ୍ଲାର ପ୍ରଭାରୀ ମନୋନୀତ ହେଲା ପରେ ଶ୍ରୀ ନାଏକ ଏଆଇସିସି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, କେସି ବେନୁଗୋପାଳ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଭରତ ବେମାଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତଙ୍କୁ ନେଇ କଂଗ୍ରେସ ସଂଗଠନକୁ ମଜଭୁତ କରିବା ହିଁ ମୋର ଏକମାତ୍ର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ।

## ଭାରତୀୟ ପ୍ରେସ ପରିଷଦ ନାମ ବ୍ୟବହାରକୁ ବାରଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ପ୍ରେସ କାଉନସିଲ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକ ଅଙ୍ଗ ଅଟେ ଯାହାକି ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ। ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସର ସ୍ୱାଧୀନତାକୁ ସୁରକ୍ଷିତ କରିବା ଓ ଭାରତର ସମ୍ବାଦ ପତ୍ର ଓ ସମ୍ବାଦ ପତ୍ରମାନଙ୍କର ମାନଦଣ୍ଡକୁ ରକ୍ଷା କରିବା। ନୂଆଦିଲ୍ଲୀସ୍ଥିତ ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଦୀ ରୋଡ଼ ଠାରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ରାଜ୍ୟ ଶାଖା ନାହିଁ। କିମ୍ବା ଏହି ନାମରେ ନାମିତ ପ୍ରାଧିକୃତ ଅଙ୍ଗ କୌଣସି ସ୍ଥାନରେ କାର୍ଯ୍ୟ କରେ ନାହିଁ। ମାତ୍ର ସମ୍ପ୍ରତି ଏହି ପ୍ରେସ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ ସଂଗଠନ ମାନଙ୍କ ଦ୍ୱାରା ବ୍ୟବହାର ହେବାର ମନ୍ତ୍ରଣାଳୟ ଦ୍ୱାରା ଦୃଷ୍ଟିଗୋଚର ହୋଇଛି। ଯାହାଦ୍ୱାରା ଏହା ଯେ ପ୍ରେସ କାଉନସିଲ ଅଫ ଇଣ୍ଡିଆର ଅସ୍ତିତ୍ୱ ଓ ମର୍ଯ୍ୟାଦା କ୍ଷତି କରୁଛି ତାହା ନୁହେଁ ବରଂ ଏହାର ବୈଶ୍ୟଷ୍ଟପୂର୍ଣ୍ଣ ନାମ ଓ ଅଦ୍ୱିତ୍ୟ ଶକ୍ତି ଉପରେ ପ୍ରଭାବ ପକାଉଛି। ଏଣୁ ବିଧି ମାମଲା ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଏହି ଶବ୍ଦକୁ ବ୍ୟବହାର କରିବା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ଚିହ୍ନ ଓ ନାମର ଅନୁଚିତ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସଂଘଠନ ମାନଙ୍କ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ ଭାରତୀୟ ପ୍ରେସ ପରିଷଦ ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଉଛି। ଏହାର ଉଲଂଘନ ବିଧି ବ୍ୟବସ୍ଥା ଅନୁଯାୟୀ ଉଲଂଘନ କାରୀ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ, ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି ।

## ଅଶ୍ଳୀଳ ଭିଡିଓ ବନେଇ ବ୍ଲାକିମେଲିଂ ଘଟଣା
# ଯୁବକକୁ କୋର୍ଟଚାଲାଣ ପରେ ଜାମିନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପଡୋଶୀ ଘରର ବାଥରୁମରେ ଗାଧୋଉ ଥିବା ମାଇଁଙ୍କ ଭିଡିଓ ନିଜ ମୋବାଇଲରେ କଏଦ ରଖୁଥିଲା ଭଣଜା। ଏପରିକି ଭିଡ଼ିଓ ରଖି କରୁଥିଲେ ବ୍ଲାକମେଲିଂ। ଏଭଳି ଏକ ଘଟଣା ଗୋଲାମୁଣ୍ଡା ଥାନା ଲିମସେର ଗାଁରେ ଦେଖିବାକୁ ମିଳିଛି। ସୂଚନାମତେ ଲିମସେର ଗାଁର ଜଣେ ଯୁବକ ସମ୍ପର୍କୀୟ ନିଜ ମାଇଁଙ୍କ ଘରର ବାଥରୁମରେ ଗାଧୁଆ ବେଳର ଦୃଶ୍ୟକୁ ଏକ ମୋବାଇଲ ସାହାଯ୍ୟରେ କଏଦ କରିଥିଲା। ଭିଡ଼ିଓଟିକୁ ରଖି ମାଇଁ ଘରର ସଦସ୍ୟ ମାନଙ୍କୁ ହ୍ୱାଟ୍ସଆପ ମାଧ୍ୟମରେ ବାରମ୍ବାର ପଠାଉଥିଲା। ଏପରିକି ଭିଡ଼ିଓଟିକୁ ସୋସିଆଲ ମେଡିଆରେ ଭାଇରାଲ କରିବାର ଭୟ ଦେଖାଉଥିଲା। ଭାଇରାଲ କରିବା ଆଳରେ କେତେବେଳେ ସୁନା ଅଳଙ୍କାର ମାଗୁଥିଲା ତ ଆଉ କେତେବେଳେ ଟଙ୍କା। ଏଭଳି ନିର୍ଯ୍ୟାତନା ବାରମ୍ବାର ନିଜ ମାଇଁ ଘରକୁ ଦେଇ ଆସୁଥିଲା ଯୁବକ। ଏନେଇ ଯୁବକର ମାଇଁ ଘର ଲୋକେ ଗୋଲାମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସର ଛାନ ଭିନ ପରେ ପୋଲିସକୁ ମିଳିଥିଲା ସାଂଘାତିକ ତଥ୍ୟ। ଏହି ତଥ୍ୟକୁ ଆଧାର କରି ଜଣେ ଯୁବକକୁ ପୋଲିସ ଗିରଫ କରିଛି। ଯୁବକ ଜଣକ ହେଲେ ଗୋଲାମୁଣ୍ଡା ଥାନା ଲିମସେର ଗାଁର ପ୍ରେମାନନ୍ଦ ମେହେର ବୋଲି ଜଣାପଡିଛି। ଏନେଇ ଗୋଲାମୁଣ୍ଡା ଥାନାରେ ୮୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବୁଧବାର ଦିନ ଯୁବକ ଜଣକକୁ କୋର୍ଟ ଚାଲାଣ କରାଯାଇଥିବା ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି ପ୍ରକାଶ କରିଛନ୍ତି। ତେବେ ମାନ୍ୟବର କୋର୍ଟଙ୍କ ଜାମିନ ମଞ୍ଜୁରୀ କରିଥିବା ଯୋଗୁଁ ଖଲାସ ହୋଇ ଥିବା ସୂଚନା ମିଳେ।

# ସିଉନୀ ବେହେରାପଡ଼ା ରାସ୍ତା ଶୋଚନୀୟ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡ଼ଙ୍ଗା ଗ୍ରାମ ପଞ୍ଚାୟତ ସିଉନୀ ଗ୍ରାମର ବେହେରାପଡା ଯିବା ରାସ୍ତା ସାମାନ୍ୟ ବର୍ଷା ହେଲେ କାଦୁଅ ଜମି ଶୋଚନୀୟ ହୋଇପଡୁଛି। ଫଳରେ ପଡାବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏହି ରାସ୍ତାଟି ୨୬ ନମ୍ବର ଜାତୀୟ ରାଜପଥରୁ ବେହେରାପଡାକୁ ସଂଯୋଗ ରହିଛି। ଦିର୍ଘ ୮ ବର୍ଷରୁ ଅଧିକ ହେବ ଶୋଚନୀୟ ହୋଇପଡ଼ିଛି। ବର୍ଷା ସମୟରେ ସିଉନୀ ଗ୍ରାମର ସମସ୍ତ ପଡ଼ାରୁ ପାଣି ବୋହି ଆସି ଉକ୍ତ ରାସ୍ତାରେ ଜମି ରହୁଛି। ପାଣି ଜମି ରହିବା ଫଳରେ କାଦୁଅ ହୋଇ ରାସ୍ତା ବେହାଲ ହୋଇ ପଡୁଛି। ଯାହା ଫଳରେ ଲୋକେ ଘରୁ ପଦାକୁ ବାହାରିବା ସମୟରେ ଅନେକ ହଟହଟା ହେଉଛନ୍ତି। ଏମିତି କି କାଦୁଅ ଯୋଗୁଁ ଗୋଡ଼ ଖସି ଅନେକ ଲୋକ ଖଣ୍ଡିଆ ଖାବରା ମଧ ହେଉଥିବା କହିଛନ୍ତି। ଅନ୍ୟପଟେ ଉକ୍ତ ରାସ୍ତା ନିମନ୍ତେ ପଞ୍ଚାୟତ ଅନୁଦାନରେ ଲକ୍ଷେ ଟଙ୍କା ଆସିଥିଲେ ମଧ କାମ ହେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ଦିନ ରହିଥିବାବେଳେ ୮ଦିନ ମଧ୍ୟରେ କାମ ଆରମ୍ଭ କରା ନ ଗଲେ ପ୍ରଶାସନର ଦ୍ୱାରସ୍ଥ ହୋଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି ପଡାବାସୀ। ଏନେଇ ବରାଡଙ୍ଗା ସରପଞ୍ଚ ନିରୁପମା ସେଠୀଙ୍କୁ ପଚାରିବାରୁ ପେଭର୍ ବ୍ଲକ୍ ପାଇଁ ଅନୁଦାନ ଆସିଛି, ହେଲେ ତାହାକୁ ସଂଶୋଧନ କରାଯାଇଛି ଅଳ୍ପ ଦିନ ଭିତରେ କଂକ୍ରିଟ ରାସ୍ତା କରାଯିବ ବୋଲି କହିଛନ୍ତି।

# ରବି ଧାନ ମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ରିଞ୍ଜାଠାରେ ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ଆଦିବାସୀ ଯୁବନେତା ତଥା ଅଗ୍ରଣୀ ଚାଷୀ ନନ୍ଦୀ କିଶୋର ଭୋଇ ମୁଖ୍ୟଅତିଥି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ସାହୁ, ସମବାୟ ସମିତି ନିର୍ଦ୍ଦେଶକ ଭରତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମବାୟ ସମିତି ଜରିଆରେ ସ. ମାଲପଡା ଉପମଣ୍ଡିରେ ୨୫୯ ଜଣ ଚାଷୀଙ୍କ ୮ହଜାର କୁଇଣ୍ଟାଲ ଓ ରିଞ୍ଜା ଉପମଣ୍ଡିରେ ୬୪ ଚାଷୀଙ୍କ ୪ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଥିବା ସମବାୟ ସମିତି ପକ୍ଷରୁ କୁହାଯାଇଛି। ପ୍ରଥମ ଦିବସରେ ଦେଓଗାଁ ଚାଷୀ ପ୍ରମୋଦ ସାହୁଙ୍କ ୭୦ କୁଇଣ୍ଟାଲ ୩୨ କେଜି ଧାନ କ୍ରୟ ହୋଇଥିଲା।

## ଅଦିନିଆ ବର୍ଷାରେ ଗଜା ହେଲା ଧାନ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ କିଛି ଦିନ ଧରି ଲାଗି ରହିଥିବା ଲଘୁ ଚାପଜନିତ ବର୍ଷାରେ ଚାଷୀଙ୍କ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ପାଚିଲା ଧାନ ଚାଷ ରେ ପାଣି ଜମି ଗଜା ବାହାରି ଥିବା ଭଳି ଅଭିଯୋଗ ହେଉଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଯାଇଛି। ଏପରି କଳାହାଣ୍ଡି ଜିଲ୍ଲା, କୋକସରା ବ୍ଲକ, ଖୁଣ୍ଟିଆ ଗ୍ରାମର ଚାଷୀ ବିଷ୍ଣୁ ପ୍ରସାଦ ସୁନାନୀ, ବାରବଖରାରେ ଥିବା ନିଜ ପାଞ୍ଚ ଏକର ଜମିରେ ଋଣ କରଜ କରି ଧାନ ଚାଷ କରିଥିଲେ। ଚାଷ ମଧ୍ୟ ଭଲ ହୋଇଥିଲା। କିନ୍ତୁ ଧାନ ଫସଲ ଅମଳ କରିବା ସମୟରେ ଦାଉ ସାଧିଲା ଲଘୁଚାପ ଜନିତ ବର୍ଷା। ଦୁଇ ଦିନ ଧରି ଲଗାଣ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷ ଜମିରେ ପାଣି ଜମିବାରୁ ପାଚିଲା ଧାନ ପାଣିରେ ଭିଜି ଗଜା ହୋଇ ଯାଇଛି। ପାଞ୍ଚ ଏକର ଜମିରେ କରିଥିବା ଚାଷରୁ ପ୍ରାୟ ତିନି ଚାରି ଏକର ଜମିରେ ଥିବା ପାଚିଲା ଧାନ ପାଣିରେ ଭିଜି ଗଜା ହୋଇ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଲା ପରେ ସେ ଚିନ୍ତାରେ ପଡ଼ି ଯାଇଛନ୍ତି। ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ତାଙ୍କ ପରିବାର। ଚାଷ ଉପରେ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବାରୁ ପରିବାର ପ୍ରତିପୋଷଣ କରିବେ କିପରି ଏବଂ କରିଥିବା ଋଣ କରଜ ଶୁଝିବେ କିପରି ତାହା ତାଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଣୁ ପ୍ରଶାସନ ପକ୍ଷରୁ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସେ ବିନମ୍ର ନିବେଦନ କରିଛନ୍ତି।

## ଲଘୁଚାପ ଜନିତ ବର୍ଷାରେ ରବି ଧାନ ନଷ୍ଟ
# ଚାଷୀଙ୍କ ସର୍ବନାଶ ବେଳେ ଧାନ ଦଲାଲ ମାଲାମାଲ



ଜୁନାଗଡ଼, (ଭାସ୍କର ନ୍ୟୁଜ):କଳାହାଣ୍ଡି ଜୁନାଗଡ଼ ବ୍ଲକ ଅଞ୍ଚଳରେ ଅଦିନିଆ ଲଘୁଚାପ ବର୍ଷା ଫଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ତ୍ତମାନ ବ୍ଲକରେ ରବି ଧାନ ଅମଳ ସମୟ ହୋଇଥିବା ବେଳେ ୫୦ ପ୍ରତିଶତ ପାଚିଲା ଧାନ ଏବେ ବିଲରେ ଆଉ ଖଳାରେ ରହିଛି। ୩ ଦିନ ହେବ ବର୍ଷା ମାଡ଼ ଖାଇ ଧାନ ତଳେ ପଡ଼ିଯାଇଛି ୪୦ ପ୍ରତିଶତ ଚାଷୀ ଧାନ କାଟି ସାରିଛନ୍ତି। ଖଳାରେ ଆଉ ଘରେ ରଖିଥିବା ଧାନ କିଛି ମାତ୍ରାରେ ଗଜା ହେବାକୁ ବସିଲାଣି। ବ୍ଲକରେ ୪୧ଟି ମଣ୍ଡି ରହିଥିବା ବେଳେ ୧୨ଟି ମଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀ କିଣୁ ଥିବା ବେଳେ ୨୯ ଟି ମଣ୍ଡିରେ ପେକ୍ସ ଧାନ କିଣୁଥିବା ଜଣା ପଡ଼ିଛି।ଅନ୍ୟ ପକ୍ଷରେ ଅଦିନିଆ ଲଘୁଚାପ ସହ ଆଗୁଆ ମୌସୁମିର ଆଗମନ ଫଳରେ ଆଗକୁ ୩୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସଂଭାବନା ରହିଛି। ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ମୁଣ୍ଡରେ ଏବେ ଘୋର ଚିନ୍ତା ପଶିଛି। ନିଜର କଷ୍ଟ ଉପାର୍ଜିତ ଧାନ ବିକିବା ପାଇଁ ଚାଷୀଙ୍କ ନିଦ ହଜିଯାଇଛି। ଠିକ ଧାନ କାଟି ସଂଗ୍ରହ କରି ବିକ୍ରି କରିବା ସମୟରେ ଅଦିନିଆ ବର୍ଷା ସବୁ ସପ୍ନକୁ ଧୂଳିସାତ କରିବାକୁ ବସିଲାଣି। କିଏ ବାହାଘର, କିଏ ପାଠପଢା, କିଏ ଦୈନନ୍ଦିନ ଜୀବନରେ ଚଳଣି ପାଇଁ ବହୁ ପରିଶ୍ରମ କରି ଧାନ ଫସଲ କରିଥିଲା। ହେଲେ ଅମଳ ପୂର୍ବରୁ ହିଁ ଦାଉ ସାଧୁଛି ଦଇବ। ଚାଷୀଙ୍କର ଏହି ସ୍ଥିତିକୁ ଦେଖି ସକ୍ରିୟ ହେଲେଣି ଦଲାଲ।ଧାନର ଆଦ୍ରତା ମାନ, ଡିସକଲର, ଗଜା ଆଦି ବାହାନା କରି ଏବେ ଚାଷୀଙ୍କୁ ଲୁଟିବାର ସବୁ ପ୍ରକ୍ରିୟା ଆରମ୍ଭ କରିଲେଣି ଦଲାଲ। ନିଜର ରାଜନୈତିକ ବାହାବା ନେବା ପାଇଁ ଏବେ ସବୁଦଳ ବିଭିନ୍ନ ଢଙ୍ଗରେ ପାରିବା ପଣିଆ ଦେଖେଇ ଲୋକଙ୍କୁ ଭକୁଆ ବନେଇବା ଚେଷ୍ଟା କରୁଥିବା ବେଳେ, ଦେଶର ମେରୁଦଣ୍ଡ କୁହାଯାଉଥିବା ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନେତା ଗଲେ କୁଆଡ଼େ ? କଳାହାଣ୍ଡି ଜିଲ୍ଲାର ନିର୍ବାଚିତ ପ୍ରତିନିଧି ମାନେ ସମ୍ବେଦନଶୀଳ ହୋଇ ଚାଷୀଙ୍କ ହିତ ଦୃଷ୍ଟିକୁ ଧ୍ୟାନ ଦେବା ପାଇଁ ଚାଷୀ ଆଶା ବାନ୍ଧିଛନ୍ତି।ଗତକାଲି କେନ୍ଦ୍ର କେବିନେଟରେ ଧାନ ଉପରେ ଅଣସ୍ତରୀ ଟଙ୍କା ବୃଦ୍ଧିକୁ ନେଇ ବାହା ବାହା ହେବାକୁ ଚେଷ୍ଟା କରୁଥିବା ନିର୍ବାଚିତ ପ୍ରତିନିଧି ଚାଷୀଙ୍କ ଏହି ଦୁଃଖଦ ସମୟରେ ଏକ ସ୍ୱତନ୍ତ୍ର ନୀତି ରାଜ୍ୟ ସରକାର ଘୋଷଣା କରିବା ପାଇଁ ଦାବି କରୁଛନ୍ତି।ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ସ୍ୱାମୀଙ୍କ ଦଶାହରେ ଆଖି ବୁଜିଲେ ସ୍ତ୍ରୀ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କୁହାଯାଏ ପରିଣତ ବୟସରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲପାଇବା ଗଭୀର ଥାଏ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ସ୍ୱାମୀଙ୍କ ସୁଖ ଦୁଃଖରେ ସାଥି ହୋଇ ଚାଲିବାକୁ କଥା ଦେଇଥିଲେ। ସ୍ୱାମୀ ଆଗେ ଆରପାରିକୁ ଚାଲିଗଲେ। ସ୍ତ୍ରୀଙ୍କୁ ଏହା କିଭଳି ସହ୍ୟ ହୋଇଥାନ୍ତା। ସ୍ୱାମୀଙ୍କ ଦଶାହରେ ଆଖି ବୁଜିଲେ ସ୍ତ୍ରୀ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତର ସାନଚେରଗାଁ ଗ୍ରାମରେ। ପ୍ରକାଶ ଯେ, ଗ୍ରାମର ବାଶୁରାମ ଦାସ(୯୦)ଙ୍କ ଗତ ସୋମବାର ଅର୍ଥାତ ୧୯ତାରିଖ ଦିନ ମୃତ୍ୟୁ ହୋଇଥିଲା। ମାତ୍ର ସ୍ତ୍ରୀ ଖୀରାନ୍ଦ୍ରୀ ଦାସ (୮୦)ଙ୍କ ସ୍ୱାମୀଙ୍କ ଦଶାହ ଅର୍ଥାତ ବୁଧବାର ଦିନ ମୃତ୍ୟୁ ହୋଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଚିନ୍ତାରେ ରକ୍ତଚାପ ଓ ହୃତଘାତ ବଢ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ସାନଚେରଗାଁ ଗ୍ରାମରେ ଦାସ ପରିବାର ମଧ୍ୟରେ ଶୋକର ଛାଇ ଖେଳିଯାଇଛି। ସ୍ୱାମୀଙ୍କ ଦଶାହ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସମ୍ପର୍କୀୟ ଯୋଗଦେଇଥିଲେ। ଖୀରାନ୍ଦ୍ରୀଙ୍କ ମୃତ୍ୟୁ ହେବା ପରେ ତାଙ୍କୁ ସ୍ମଶାନକୁ ନେଇ ଶବ ସତ୍କାର କରିଛନ୍ତି ପରିବାରବର୍ଗ।

**AFFIDAVIT**

By virtue of an affidavit before the Notary public, Bhawanipatna, on 23.5.2025 I Bijay Kumar Sahu,aged about 62 years, S/o- Hema Chandra Sahu, At-Ward no.04, Bhawanipatna,Po/PS-BhawanipatnaTown, Dist. Kalahandi, Odisha, do hereby solemnly affirm and state on oath That on 22.5.25 at about 10 AM while I was going to Tahasil Office in my motorcycle at that time on the way my Original Regd. Sale Deed vide no.1555/1983 was lost somewhere And despite of my best efforts, I was unable to traced out the same.I swear this Affidavit is to produce before the IIC, Town Police Station, Bhawanipatna for registration of Station Diary Entry.

sd/-
**Bijay kumar Sahu**

# ରାଶିଫଳ


**ଶୁକ୍ରବାର, ୩୦ ମଇ ୨୦୨୫**



**ମେଷ:** ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଉପକୃତ ହେବ। ଭାଗ୍ୟ ଅନୁକୂଳ ହେବ। ଲାଭ ସୁଯୋଗ ଆସିବ। ପ୍ରଲୋଭିତ ହୁଅ ନାହିଁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଗୁରୁ ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯